# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ' ୨୬/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, May 26/2023 | Page 16 | ₹ 7.00

୪୯ଶ ଭାଗ ୧୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 180 | ମୂଲ୍ୟ ₹୭/-





## ସଂକ୍ଷେପରେ

### ମାର୍ଚ୍ଚ ସୁଦ୍ଧା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ୩ ଭର୍ସନ

**ଡେରାଡୁନ୍, ୨୫।୫:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦିଲ୍ଲୀ-ଡେରାଡୁନ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ପତାକା ଦେଖାଇ ଚଳାଚଳ ଶୁଭାରମ୍ଭ କରିଛନ୍ତି। ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚ ସୁଦ୍ଧା ଏହି ସେମି ସ୍ପିଡ୍ ଟ୍ରେନ୍‌ର ୩ ଭର୍ସନ ଆସିବ ବୋଲି ଗୁରୁବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଚେନ୍ନାଇର କୋଚ୍ ଫ୍ୟାକ୍ଟ୍ରିରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବନ୍ଦେ ଭାରତ ଏକ୍ସପ୍ରେସ୍ ଶତାବ୍ଦୀ, ରାଜଧାନୀ ଓ ଅନ୍ୟ ଟ୍ରେନ୍‌ର ସ୍ଥାନ ନେବାକୁ ଯାଉଛି। ଏହାର ୩ଟି ଭର୍ସନ ବନ୍ଦେ ଚେୟାର କାର୍, ବନ୍ଦେ ମେଟ୍ରୋ ଏବଂ ବନ୍ଦେ ସ୍ଲିପର ଉପଲବ୍ଧ ହେବାକୁ ଯାଉଛି। ୧୬୦ କିଲୋମିଟର ବେଗରେ ଗତି କରିବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ପାଇଁ ଆଗାମୀ ୩/୪ ବର୍ଷ ମଧ୍ୟରେ ରେଳ ଟ୍ରାକ୍‌ଗୁଡ଼ିକୁ ବିକଶିତ କରାଯିବ। ବନ୍ଦେ ମେଟ୍ରୋ ୧୦୦ କିଲୋମିଟରରୁ କମ୍ ବେଗରେ ଯାତ୍ରା କରିବାକୁ ଥିବାବେଳେ ବନ୍ଦେ ଚେୟାର କାରର ବେଗ ୧୦୦ରୁ ୫୫୦ କିଲୋମିଟର ଏବଂ ବନ୍ଦେ ସ୍ଲିପରର ବେଗ ୫୫୦ କିଲୋମିଟରରୁ ଅଧିକ ରହିବ ବୋଲି ଅଶ୍ୱିନୀ କହିଛନ୍ତି।

### ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା

**ନୂଆଦିଲ୍ଲୀ, ୨୫।୫:** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କୁ କେନ୍ଦ୍ର ସରକାର ଜେଡ୍-ପ୍ଲସ୍ ସୁରକ୍ଷା ଯୋଗାଇଦେଇଛନ୍ତି। ଦେଶ



ତଥା ବିଦେଶରୁ ତାଙ୍କୁ ହତ୍ୟା ଧମକ ମିଳୁଥିବାରୁ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଏଣିକି ତାଙ୍କୁ ସିଆର୍‌ପିଏଫ୍‌ର ୫୫ ଜଣିଆ ସ୍କ୍ୱାଡ୍ ୨୪ ଘଣ୍ଟା ସୁରକ୍ଷା ଯୋଗାଇବେ। ମାନ୍‌ଙ୍କ ସମେତ ତାଙ୍କ ଘର ଓ ପରିବାର ସଦସ୍ୟଙ୍କୁ ମଧ୍ୟ ଏହି ସୁରକ୍ଷା ଯୋଗାଇଦିଆଯିବ। କେନ୍ଦ୍ରୀୟ ଗୋଇନ୍ଦା ଏବଂ ସୁରକ୍ଷା ସଂସ୍ଥାର ସୁପାରିସ କ୍ରମେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମାନ୍‌ଙ୍କ ଜେଡ୍ ପ୍ଲସ୍ ସୁରକ୍ଷାକୁ ମଞ୍ଜୁରୀ ପ୍ରଦାନ କରିଛି।

### ଜେଲ ବାଥ୍‌ରୁମ୍‌ରେ ପଡ଼ି ସତ୍ୟେନ୍ଦ୍ର ଜୈନ ଆହତ

**ନୂଆଦିଲ୍ଲୀ, ୨୫।୫:** ତିହାର ଜେଲରେ ଥିବା ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ତଥା ଏଏପି ନେତା ସତ୍ୟେନ୍ଦ୍ର ଜୈନ ବୁଧବାର ରାତିରେ ବାଥ୍‌ରୁମ୍‌ରେ ପଡ଼ିଯାଇ ଆହତ ହୋଇଛନ୍ତି। ତାଙ୍କୁ ଦୀନ ଦୟାଲ ଉପାଧ୍ୟାୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମନି ଲଣ୍ଡରିଂ ମାମଲାରେ ୨୦୨୨ ମେ'ରୁ ସତ୍ୟେନ୍ଦ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ଜେଲରେ ରହିଛନ୍ତି। ଗତ ମାସରେ ତାଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଥିଲେ।

### ପାକିସ୍ତାନରେ ଅଘୋଷିତ ସାମରିକ ଆଇନ: ଇମ୍ରାନ

**ଇସ୍‌ଲାମାବାଦ, ୨୫।୫:** ପାକିସ୍ତାନର ବିଭିନ୍ ପ୍ରଦେଶରେ ଅନୁଚ୍ଛେଦ ୨୪୫ ଲାଗୁ ହୋଇଥିବା ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପାକ୍ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଛନ୍ତି। ଏହା ଅଘୋଷିତ ସାମରିକ ଆଇନ ବୋଲି ସେ କହିଛନ୍ତି। ପାକିସ୍ତାନ ସମ୍ବିଧାନର ଅନୁଚ୍ଛେଦ ୨୪୫ ଅନୁଯାୟୀ ଦେଶର ସୁରକ୍ଷାରେ ପ୍ରଶାସନକୁ ସହାୟତା କରିବା ଲାଗି ସେନାକୁ ଡକାଯାଇପାରିବ। ପଞ୍ଜାବ, ଖାଇବର ପଖ୍‌ତୁନ୍‌ଖ୍ୱା, ବେଲୁଚିସ୍ତାନ ଏବଂ ଇସ୍‌ଲାମାବାଦରେ ଲାଗୁ ହୋଇଥିବା ଅନୁଚ୍ଛେଦ ୨୪୫କୁ ଇମ୍ରାନ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସେନା ଆଇନ ଅନୁଯାୟୀ ନାଗରିକଙ୍କୁ ଗିରଫ ଓ ବିଚାର କରିବା ଅସାମ୍ବିଧାନିକ ବୋଲି ଇମ୍ରାନ କହିଛନ୍ତି।



ଆଣବିକ ଅସ୍ତ୍ରକୁ ନେଇ ତେହେରାନ ଓ ୱାଶିଂଟନ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଇରାନର ଏକ ଅଜ୍ଞାତ ସ୍ଥାନରେ ଖୋରାମଶାହର-୪ ଦୂରଗାମୀ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରାଯାଇଛି। ଇରାନର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏହି ଫଟୋ ଜାରି କରାଯାଇଛି।

# ଜର୍ମାନୀରେ ମାନ୍ଦାବସ୍ଥା

## ଜାନୁୟାରୀରୁ ମାର୍ଚ୍ଚ ୦.୩% ଖସିଲା ଜିଡିପି

**ବର୍ଲିନ,୨୫।୫**

ବିଶ୍ୱର ଚତୁର୍ଥ ବୃହତ୍ ରାଷ୍ଟ୍ର ଜର୍ମାନୀରେ ମାନ୍ଦାବସ୍ଥା ଦେଖାଦେଇଛି। ଏହି ୟୁରୋପୀୟ ଦେଶର ଅର୍ଥନୀତି ୨୦୨୨ର ଚତୁର୍ଥ କ୍ୱାର୍ଟରରେ ଅପ୍ରତ୍ୟାଶିତ ଭାବେ ନକାରାତ୍ମକ ଅଭିବୃଦ୍ଧି ଦେଖାଇବା ପରେ ଚଳିତ ବର୍ଷର ପ୍ରଥମ ତ୍ରୈମାସିକରେ ସଙ୍କୁଚିତ ହୋଇଯାଇଛି।

ୟୁରୋପର ସର୍ବବୃହତ୍ ଅର୍ଥନୀତି ମାନ୍ଦାବସ୍ଥାକୁ ଚାଲିଯାଇଥିବା ଗୁରୁବାର ସ୍ପଷ୍ଟ ହେବା ପରେ ୟୁରୋ ମୂଲ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି। ଫେଡେରାଲ ଷ୍ଟାଟିଷ୍ଟିକାଲ୍ ଅଫିସ୍ ପକ୍ଷରୁ ଗୁରୁବାର ଜାରି ତଥ୍ୟାନୁସାରେ ଜର୍ମାନୀର ମୋଟ ଘରୋଇ ଉତ୍ପାଦ (ଜିଡିପି) ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ୦.୩% ହ୍ରାସ ପାଇଛି। ଏହା ପୂର୍ବରୁ ୨୦୨୨ ଶେଷ କ୍ୱାର୍ଟରରେ




ଦେଶର ଅର୍ଥନୀତି ୦.୫% ସଙ୍କୁଚିତ ହୋଇଥିଲା। ଲଗାତର ଦୁଇଟି କ୍ୱାର୍ଟରରେ ଏପରି ଅସ୍ୱାଭାବିକ ହ୍ରାସ ଆନୁଷ୍ଠାନିକ ଭାବେ ମାନ୍ଦାବସ୍ଥା ଆଗମନର ସଙ୍କେତ ଦେଇଛି। ଏହା ଗତ ମାସରେ ଚଳିତ ବର୍ଷ ପାଇଁ ନିଜ ଅଭିବୃଦ୍ଧିକୁ ଦୁଇଗୁଣା ଦର୍ଶାଇଥିବା ଜର୍ମାନୀ ସରକାରଙ୍କୁ ଝଟ୍‌କା ଦେଇଛି। ଜିଡିପି ଅଭିବୃଦ୍ଧି ୦.୨% ଥିବାବେଳେ ଏହା ୦.୪%ରେ ପହଞ୍ଚିବା ନେଇ ଗତ ଜାନୁୟାରୀ ଶେଷରେ ସରକାର ଆକଳନ କରିଥିଲେ। ଏବେ ନୂଆ ଡେଟା ଆସିବା ପରେ ଏହି ଅନୁମାନକୁ ଅପ୍‌ଡେଟ୍ କରିବାକୁ ପଡ଼ିବ। ଉଚ୍ଚ ମୁଦ୍ରାସ୍ଫୀତି ଉପଭୋକ୍ତାଙ୍କ ଖର୍ଚ୍ଚ କରିବା କ୍ଷମତାକୁ ପ୍ରଭାବିତ କରିଥିବାରୁ ଏପ୍ରିଲରେ ଏହା ୭.୨% ରହିଥିବା ଅର୍ଥନୀତିଜ୍ଞମାନେ କହିଛନ୍ତି। ଜର୍ମାନୀର ଖବରକାଗଜ ବିଲ୍ଡ ଅନୁସାରେ ୨୦୨୨ ଡିସେମ୍ବର କ୍ୱାର୍ଟରରେ ଦେଶର ଅର୍ଥନୀତି ୦.୫% ଖସିବା ସହ ଭୁଶୁଡ଼ି ପଡ଼ିଥିଲା। ଏକ ଦେଶରେ ଉତ୍ପାଦିତ ସାମଗ୍ରୀ ଓ ସେବାରୁ ଜିଡିପି ପ୍ରତିଫଳିତ ହୋଇଥାଏ। କେବଳ ଏହି ଅଙ୍କ ଆର୍ଥିକ ସମୃଦ୍ଧିର ଏକ ଉପଯୋଗୀ ସୂଚକାଙ୍କ କି ବୋଲି ଅର୍ଥନୀତିଜ୍ଞମାନେ ପ୍ରଶ୍ନ କରିଛନ୍ତି।



ଫ୍ରାନ୍ସର କାନ୍ସରେ ଅନୁଷ୍ଠିତ ୭୬ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଯୋଗଦେଇଥିବା 'କେନେଡି' ଫିଲ୍ମ ନିର୍ଦ୍ଦେଶକ ଅନୁରାଗ କଶ୍ୟପଙ୍କ ସହ ଅଭିନେତ୍ରୀ ସନି ଲିଓନ ଓ ଅଭିନେତା ରାହୁଲ ଭଟ୍ଟ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

## ଓଟିଟିରେ ପ୍ରସାରିତ ହେବ ତମାଖୁ ସତର୍କ ସୂଚନା

**ନୂଆଦିଲ୍ଲୀ, ୨୫।୫**

ଚଳଚ୍ଚିତ୍ର ଏବଂ ଟେଲିଭିଜନ ପ୍ରୋଗ୍ରାମ ଭଳି ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକରେ ଖୁବ୍‌ଶୀଘ୍ର ତମାଖୁ ନିରୋଧୀ ସତର୍କ ସୂଚନା ପ୍ରସାରଣ କରାଯିବ। ଏଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆନୁଷଙ୍ଗିକ ନିୟମାବଳୀରେ ସଂଶୋଧନ କରିବାକୁ ଯାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସିଗାରେଟ୍ ଓ ଅନ୍ୟାନ୍ୟ ତମାଖୁ ସାମଗ୍ରୀ ( ଉତ୍ପାଦନ, ବ୍ୟବସାୟ ଓ ଯୋଗାଣ ନିୟମାବଳୀ ଓ ବିଜ୍ଞାପନ ନିଷେଧ) ନିୟମ, ୨୦୦୪ର ସଂଶୋଧନ ପାଇଁ ମନ୍ତ୍ରଣାଳୟ ବିଚାର କରୁଛି। ଏନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇପାରେ। ଚିଠା ବିଜ୍ଞପ୍ତି ଅନୁଯାୟୀ ତମାଖୁ ସାମଗ୍ରୀ କିମ୍ବା ତାହାର ବ୍ୟବହାର ସମ୍ପର୍କରେ ଅନ୍‌ଲାଇନ୍‌ରେ ପ୍ରସାର କରୁଥିବା ପ୍ରକାଶକମାନେ ଏହାର କ୍ଷତିକାରକ ପ୍ରଭାବ ସମ୍ପର୍କରେ କାର୍ଯ୍ୟକ୍ରମ ଆରମ୍ଭରୁ ଏବଂ ମଝିରେ ୩୦ ସେକେଣ୍ଡ ଲେଖାଏ ଦେଖାଇବେ। ଏଥିସହ ତମାଖୁ ବିରୋଧୀ ସ୍ୱାସ୍ଥ୍ୟ ସଚେତନତା ସ୍କ୍ରିନ୍‌ର ତଳଭାଗରେ ସ୍ପଷ୍ଟ ଭାବରେ ଲେଖିବା ଲାଗି କୁହାଯିବ। ସେହିପରି ତମାଖୁ ସେବନ ନ କରିବା ପାଇଁ ଅନ୍ୟୂନ ୨୦ ସେକେଣ୍ଡର ଏକ ଅଡିଓ ଭିଜୁଆଲ୍ ମଧ୍ୟ ପ୍ରୋଗ୍ରାମ ଆରମ୍ଭ ଓ ମଝିରେ ପ୍ରଦର୍ଶନ କରାଯିବ।

## ବେଲାରୁଷରେ ଆଣବିକ ଅସ୍ତ୍ର ମୁତୟନ ପାଇଁ ରୁଷିଆର ଡିଲ୍

**ଟଲିନ,୨୫।୫:** ରୁଷିଆ ଓ ବେଲାରୁଷ ମଧ୍ୟରେ ଗୁରୁବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଡିଲ୍ ବଳରେ ରୁଷିଆ ନିଜ ସହଯୋଗୀ ରାଷ୍ଟ୍ରର ଭୂଖଣ୍ଡରେ ଆଣବିକ ଅସ୍ତ୍ର ମୁତୟନ କରିପାରିବ। ଅସ୍ତ୍ରଗୁଡ଼ିକର ନିୟନ୍ତ୍ରଣ କ୍ରେମଲିନ୍ ହାତରେ ରହିବ। ଏହା ପୂର୍ବରୁ ୟୁକ୍ରେନୀୟ ସୈନ୍ୟଙ୍କ ମୁକାବିଲା ପାଇଁ ବେଲାରୁଷରେ ସ୍ୱଳ୍ପଗାମୀ କ୍ଷେପଣାସ୍ତ୍ର ମୁତୟନ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ। ୟୁକ୍ରେନ୍‌କୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି।

# କ୍ୟାମ୍ପସ୍‌ରେ ଛାତ୍ରୀଙ୍କୁ ହତ୍ୟା ପରେ ସହପାଠୀଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ, ୨୫।୫**

## ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନାଁରେ ଏତଲା

ଉତ୍ତରପ୍ରଦେଶ ନୋଏଡ଼ାସ୍ଥିତ ଶିବ ନାଦର ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଚଳିତ ମାସରେ ଦୁଇ ଛାତ୍ରୀଛାତ୍ରଙ୍କ ଜୀବନ ଗଲାଣି। ୨୨ ବର୍ଷୀୟ ଅନୁଜ ଜୈନ୍ ଗତ ୧୮ ତାରିଖରେ ତାଙ୍କ ସହପାଠୀ ସ୍ନେହ ଚୌରାସିଆଙ୍କୁ ଗୁଳିକରି ହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍‌ରୁ ଏହି ହତ୍ୟାକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି। ଏହାର କିଛି ଘଣ୍ଟା ପରେ ଅନୁଜ ଆତ୍ମହତ୍ୟା କରିଥିଲେ। ସେ ଛାଡ଼ିଯାଇଥିବା ଇମେଲ୍‌ରେ ହତ୍ୟାକାଣ୍ଡ ଓ ଆତ୍ମହତ୍ୟାର କାରଣ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଛାତ୍ରୀ ସ୍ନେହାଙ୍କୁ ଅନୁଜ ହଇରାଣ କରିବା ସହ ୪ ମାସ ମଧ୍ୟରେ ୨ ଥର ଆକ୍ରମଣ କରିଥିବା ନେଇ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଜଣାଇଥିଲେ



ସ୍ନେହ ଚୌରାସିଆ

ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। କ୍ୟାମ୍ପସ୍ ଭିତରେ ଅନୁଜ ଚୋରାରେ ବନ୍ଧୁକ ରଖିଥିବାରୁ ଏଥିପାଇଁ କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯାଇଛି। ନୋଏଡ଼ା ପୋଲିସ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ଦାଏର କରିଛି।

# ଟିପୁ ସୁଲତାନଙ୍କ ଖଣ୍ଡା ୧୪ ନିୟୁତ ପାଉଣ୍ଡରେ ନିଲାମ

**ଲଣ୍ଡନ,୨୫।୫**

ଅଷ୍ଟାଦଶ ଶତାବ୍ଦୀର ମହୀଶୂର ଶାସକ ଟିପୁ ସୁଲତାନଙ୍କ ବ୍ୟକ୍ତିଗତ ଶୟନକକ୍ଷରୁ ମିଳିଥିବା ଏକ ଖଣ୍ଡା ସବୁ ରେକର୍ଡ ଭାଙ୍ଗିଦେଇଛି। ଲଣ୍ଡନର ବୋନ୍‌ହାମ୍ସରେ ଏହା



୧୪ ନିୟୁତ ପାଉଣ୍ଡରେ ନିଲାମ ହୋଇଛି। ୧୭୮୨ରୁ ୧୭୯୯ ପର୍ଯ୍ୟନ୍ତ ମହୀଶୂରକୁ ଶାସନ କରିଥିବା ମହୀଶୂରର ବାଘ ନାମରେ ପରିଚିତ ଟିପୁଙ୍କ ଶୌର୍ଯ୍ୟର ପ୍ରତୀକ ଏହି ଖଣ୍ଡା ତାଙ୍କର ଏକ ବ୍ୟକ୍ତିଗତ କଠୋରିରୁ ମିଳିଥିଲା। ଇଷ୍ଟ ଇଣ୍ଡିଆ କମ୍ପାନୀ ଏହାକୁ ମେଜର ଜେନେରାଲ ଡାଭିଡ୍ ବାଇର୍ଡଙ୍କୁ ଉପହାର ଦେଇଥିଲା। ଏହାର ଅସାଧାରଣ ଇତିହାସ ପାଇଁ ଏତେ ମୂଲ୍ୟରେ ନିଲାମ ହୋଇପାରିଛି ବୋଲି ଇସ୍‌ଲାମିକ୍ ଆଣ୍ଡ୍ ଇଣ୍ଡିଆନ୍ ଆର୍ଟ ଗ୍ରୁପ୍ ହେଡ୍ ନିମା ସଘାରଚୀ ସୂଚନା ଦେଇଛନ୍ତି।

# ୨୦୧୮ ଭିଡ଼ହିଂସା ମାମଲାରେ ୪ ଜଣଙ୍କୁ ୭ ବର୍ଷ ଜେଲ

**ଜୟପୁର, ୨୫।୫**

୨୦୧୮ରେ ରାକବର ଖାନ୍‌ଙ୍କୁ ପିଟି ମାରିଦେବା ଘଟଣାରେ ୫ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କୁ ରାଜସ୍ଥାନ ଅଲୱର ଜିଲାର ଏକ ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରମାଣ ଅଭାବରୁ ଅନ୍ୟ ଜଣକୁ ଦୋଷମୁକ୍ତ କରାଯାଇଛି। ଆଇପିସିର ଧାରା ୩୦୪ ଏବଂ ୩୪୧ ଅନୁଯାୟୀ ଧର୍ମେନ୍ଦ୍ର ଯାଦବ, ପରମଜିତ୍, ବିଜୟ କୁମାର ଏବଂ ନରେଶଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଅଶୋକ ଶର୍ମା କହିଛନ୍ତି। ନୱାଲ କିଶୋରଙ୍କୁ ପ୍ରମାଣ ଅଭାବରୁ ମୁକ୍ତ କରାଯାଇଛି। ଦଣ୍ଡ ଶୁଣାଣିବେଳେ କୋର୍ଟ ବାହାର ପ୍ରବଳ ଜନସମାଗମ ହୋଇଥିବାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୧୮ ଜୁଲାଇ ୨୦ ରାତିରେ ରାମଗଡ଼ର ଲାଲାୱାଣ୍ଡି ଗ୍ରାମ ନିକଟରେ ଗାଈ ନେଇଯାଉଥିବା ହରିୟାଣାର ରାକବର ଓରଫ ଆକବରଙ୍କୁ ଗ୍ରାମବାସୀ ଘେରିଯାଇ ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

# ମଣିପୁରରେ ଶାନ୍ତି ରକ୍ଷା ପାଇଁ ଶାହାଙ୍କ ଆହ୍ୱାନ

## ହିଂସାଗ୍ରସ୍ତ ରାଜ୍ୟ ଗସ୍ତ ନ କରିବାରୁ କଂଗ୍ରେସର ସମାଲୋଚନା

**ଗୁଆହାଟୀ, ୨୫।୫**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ଆସାମ ଗସ୍ତରେ ଯାଇ ହିଂସାଗ୍ରସ୍ତ ମଣିପୁରରେ ଶାନ୍ତିରକ୍ଷା ପାଇଁ ନିବେଦନ କରିଛନ୍ତି। ସେ ଖୁବ୍‌ଶୀଘ୍ର ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟକୁ ଗସ୍ତରେ ଯାଇ ହିଂସାରେ ସମ୍ପୃକ୍ତ ଉଭୟ ସମ୍ପ୍ରଦାୟର ଜନସାଧାରଣଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ୨୨ ଦିନ ହେଲା ମଣିପୁର ଜଳୁଥିବାବେଳେ ଆସାମ ଗସ୍ତରେ ଥିବା ଶାହା ସେଠାକୁ ଯାଇ ନ ଥିବାରୁ କଂଗ୍ରେସ ଏହାର ସମାଲୋଚନା କରିଛି। ଆସାମରେ ହିମନ୍ତ ବିଶ୍ୱ ଶର୍ମା ନେତୃତ୍ୱାଧୀନ ଭାଜପା ସରକାରଙ୍କର ଦୁଇବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ଶାହା ସେଠାକୁ ଯାଇ ୩ଟି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଥଚ ୨୨ ଦିନ ହେଲା ଜଳୁଥିବା ମଣିପୁର ଯିବାକୁ ସେ ଉପଯୁକ୍ତ ମଣିଲେ ନାହିଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସମାଲୋଚନା କରିଛନ୍ତି।



କୋର୍ଟଙ୍କ ରାୟ ପରେ ମଣିପୁରରେ ସଂଘର୍ଷ ଘଟି ୭୧ ଜଣଙ୍କ ଜୀବନ ଯିବା ସହ ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ହିଂସାକାଣ୍ଡରେ ୨,୦୦୦ ଘର ଜାଳିଦିଆଯାଇଛି। ବୁଧବାର ପାର୍ବତ୍ୟ ଜିଲା ଚୁରାଚାନ୍ଦପୁର ସଂଲଗ୍ନ ବିଷ୍ଣୁପୁରରେ ପୁଣି ହିଂସା ଘଟିଛି। ଉପଦ୍ରବୀମାନେ କେତେଜଣଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି। ମୋଇରାଙ୍ଗ ରିଲିଫ୍ କ୍ୟାମ୍ପରେ ରହୁଥିବା ତୋଇଜାମ ଚନ୍ଦ୍ରମଣି ଗୁଳିମାଡ଼ରେ ନିହତ ହୋଇଛନ୍ତି। ମଣିପୁରର ସଂଖ୍ୟାଲଘୁ ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜାତି ମାନ୍ୟତା ପ୍ରଦାନ ଲାଗି ଅଦାଲତଙ୍କ ରାୟ ପରେ କୁକି ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସଂଘର୍ଷର ରୂପ ନେଇଥିଲା। ହିଂସାକାଣ୍ଡ ଓ ଉତ୍ତେଜନା ଲାଗିରହିଥିବାରୁ ପେଟ୍ରୋଲ, ରନ୍ଧନ ଗ୍ୟାସ୍ ସମେତ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ଆକାଶଛୁଆଁ ହୋଇଛି। ସେଠାରେ ଏଲ୍‌ପିଜି ସିଲିଣ୍ଡର ଦାମ୍ ୨,୦୦୦ ଟଙ୍କାରେ ପହଞ୍ଚିଥିବାବେଳେ ପେଟ୍ରୋଲ ଲିଟର ୨୫୦ ଟଙ୍କାରେ ବିକ୍ରି ହେଉଛି।

# ବ୍ରିଟେନ୍‌ରେ ଭାରତୀୟଙ୍କୁ ସର୍ବାଧିକ ଭିଜା

**ଲଣ୍ଡନ, ୨୫।୫**

ବ୍ରିଟେନରେ କୁଶଳୀ କର୍ମଚାରୀ ଏବଂ ଛାତ୍ର ଭିଜା ଇସ୍ୟୁରେ ଭାରତୀୟମାନେ ସର୍ବାଗ୍ରେ ରହିଛନ୍ତି। ଗୁରୁବାର ପ୍ରକାଶିତ ଲଣ୍ଡନସ୍ଥିତ ଇମିଗ୍ରେଶନ ଷ୍ଟାଟିଷ୍ଟିକ୍ସ ରିପୋର୍ଟ ଅନୁଯାୟୀ ନୂଆ ଗ୍ରାଜୁଏଶନ ପରବର୍ତ୍ତୀ ଶିକ୍ଷାଗ୍ରହଣ ଲାଗି ଦିଆଯାଇଥିବା ଭିଜାରୁ ୪୧ ପ୍ରତିଶତ ଭାରତୀୟ ଛାତ୍ରୀଛାତ୍ରଙ୍କୁ ମିଳିଛି। ସେହିପରି କର୍ମଚାରୀ ଭିଜାରେ ଭାରତୀୟମାନଙ୍କୁ ୩୩ ପ୍ରତିଶତ ମିଳିଛି। ୨୦୨୩ ମାର୍ଚ୍ଚରେ ଶେଷ ହୋଇଥିବା ବର୍ଷରେ ଗ୍ରାଜୁଏଶନ ପରବର୍ତ୍ତୀ ଶିକ୍ଷା ପାଇଁ ମୋଟ ୯୨,୯୫୧ ଭିଜା ଇସ୍ୟୁ ହୋଇଥିବାବେଳେ ସେଥିରେ ସର୍ବାଧିକ ୪୧ ପ୍ରତିଶତ ଥିଲେ ଭାରତୀୟ। ଭାରତୀୟ କୁଶଳୀ କର୍ମଚାରୀଙ୍କୁ ୨୦୨୧-୨୨ରେ ୧୩,୩୯୦ ଭିଜା ଇସ୍ୟୁ



ହୋଇଥିବାବେଳେ ୨୦୨୨-୨୩ରେ ୨୧,୮୩୭ ଇସ୍ୟୁ କରାଯାଇଛି, ଅର୍ଥାତ୍ ବର୍ଷକ ମଧ୍ୟରେ ୬୩ ପ୍ରତିଶତ ବଢ଼ିଛି। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ର ଲାଗି ଭାରତୀୟଙ୍କୁ ଦିଆଯାଇଥିବା ଭିଜା ସଂଖ୍ୟା ପୂର୍ବ ବର୍ଷ ତୁଳନାରେ ୧୦୫ ପ୍ରତିଶତ ବଢ଼ିଛି। ୨୦୨୧-୨୨ରେ ୧୪,୪୮୫ ଭିଜା ମିଳିଥିବାବେଳେ ୨୦୨୨-୨୩ରେ ୨୯,୭୨୬ ଭିଜା ଇସ୍ୟୁ ହୋଇଛି।

# କୁନୋରେ ଆଉ ୨ ଚିତା ଶାବକଙ୍କ ମୃତ୍ୟୁ

**ଭୋପାଳ, ୨୫।୫**

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଗୁରୁବାର ଆଉ ଦୁଇଟି ଚିତା ଶାବକଙ୍କ ମୃତ୍ୟୁ ଘଟିଛି। ପ୍ରଚଣ୍ଡ ଗ୍ରୀଷ୍ମ ଏବଂ ଶରୀରରୁ ଜଳୀୟ ଅଂଶ ହ୍ରାସ ଯୋଗୁ ସେମାନଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଗତ ମାର୍ଚ୍ଚରେ ମାଈ ଚିତା 'ଜ୍ୱାଲା' ଜାତୀୟ ଉଦ୍ୟାନରେ ୪ ଶାବକଙ୍କୁ ଜନ୍ମ ଦେଇଥିଲା। ଦୁଇ ଦିନରେ ସେଥିରୁ ୩ ଶାବକ ପ୍ରାଣ ହରାଇଲେଣି। ମଙ୍ଗଳବାର ଅନ୍ୟଏକ ଛୁଆ ଅତ୍ୟଧିକ ଦୁର୍ବଳ କାରଣରୁ ପ୍ରାଣ ହରାଇଥିଲା। ଚତୁର୍ଥ ଶାବକକୁ ପାଲପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅଧିକ ଚିକିତ୍ସା ପାଇଁ ନାମିବ୍ୟା ଏବଂ ଦକ୍ଷିଣ ଆଫ୍ରିକାର ବିଶେଷଜ୍ଞମାନଙ୍କ ସହ ଯୋଗାଯୋଗ କରାଯାଇଛି।

ଦକ୍ଷିଣ ଆଫ୍ରିକା ଏବଂ ନାମିବ୍ୟାରୁ ଚିତାଗୁଡ଼ିକୁ ଅଣାଯାଇ ମଧ୍ୟପ୍ରଦେଶର ଜାତୀୟ ଉଦ୍ୟାନରେ ଛଡ଼ାଯାଇଥିବାବେଳେ ଦୁଇମାସରୁ କମ୍ ସମୟ ମଧ୍ୟରେ ୩ ଚିତାଙ୍କ ମୃତ୍ୟୁ ଘଟିଲାଣି। ମାର୍ଚ୍ଚ ୨୭ରେ ସାଶା ନାମ୍ନୀ ମାଈ ଚିତା କିଡ୍‌ନୀ ସମସ୍ୟା ଯୋଗୁ ମୃତ୍ୟୁମୁଖରେ ପଡ଼ିଥିଲା। କାର୍ଡିଓ-ପୁଲମୋନାରୀ କାମ ନ କରିବାରୁ ଏପ୍ରିଲ ୨୩ରେ ଉଦୟ ନାମକ ଚିତାର ମୃତ୍ୟୁ ଘଟିଥିଲା। ସେହିପରି ମେ' ୯ରେ ଦକ୍ଷ ନାମ୍ନୀ ମାଈ ଚିତା ଏକ ପୁରୁଷ ଚିତା ଆକ୍ରମଣରେ ପ୍ରାଣ ହରାଇଥିଲା। ଏହାକୁ ନେଇ ଗତ



ସପ୍ତାହରେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। କୁନୋ ଉଦ୍ୟାନ ଏତେ ସଂଖ୍ୟକ ଚିତାଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଥିବାରୁ ଅନ୍ୟ ଚିତାମାନଙ୍କୁ ରାଜସ୍ଥାନକୁ ସ୍ଥାନାନ୍ତର କରିବାକୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଥିଲେ। ରାଜସ୍ଥାନରେ ବିରୋଧୀ ଦଳ ଶାସନରେ ଥିବାରୁ ସେଠାକୁ ଚିତା ସ୍ଥାନାନ୍ତର କରିବାକୁ କେନ୍ଦ୍ର ସରକାର ଚାହୁଁ ନାହାନ୍ତି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଆଗାମୀ ଦିନରେ ଅଧିକ ଚିତାଙ୍କ ମୃତ୍ୟୁ ଘଟିପାରେ ବୋଲି ଦକ୍ଷିଣ ଆଫ୍ରିକୀୟ ବନ୍ୟପ୍ରାଣୀ ବିଶେଷଜ୍ଞ ଭିନ୍‌ସେଣ୍ଟ ଭାନ୍‌ଡେର ମେରୱେ କହିଛନ୍ତି। କାରଣ ଚିତାମାନେ ନିଜ ଇଲାକା ପ୍ରତିଷ୍ଠା କରିବାକୁ ଉଦ୍ୟମ କଲାବେଳେ ଜାତୀୟ ଉଦ୍ୟାନରେ ମହାବଳ ଓ କଲରାପତରିଆ ବାଘଙ୍କ ସହ ସଂଘର୍ଷ ଘଟିବ ବୋଲି ସେ କହିଛନ୍ତି। ଭାରତୀୟ ଜଳବାୟୁ ଆଫ୍ରିକୀୟ ଚିତାଙ୍କ ପାଇଁ ଅନୁକୂଳ ହେଉନାହିଁ। ଅନ୍ୟୂନ ୨ କିମ୍ବା ୩ଟି ଚିତା ବାସସ୍ଥାନକୁ ଆବଦ୍ଧ କରି ରଖିବା ଲାଗି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୨୬/୨୦୨୩ | Bhubaneswar, Friday, May 26/2023 | ପୃଷ୍ଠା-୧



## ଅଟୋରେ ଘରକୁ ଫେରିଲେ ସାରା

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲି ଖାନ୍ ଏକ ଇଭେଣ୍ଟରେ ଯୋଗଦେବା ପରେ ଠିକ୍ ସମୟରେ ତାଙ୍କ କାର୍ ନ ଆସିବାରୁ ସେ ଅଟୋରେ ଫେରିଥିଲେ।

୧୧

୧୨

## ସିନ୍ଧୁ କ୍ୱାର୍ଟରଫାଇନାଲରେ

ପି.ଭି. ସିନ୍ଧୁ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।





ପୁରୀରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ଝଡ଼ବର୍ଷା ପରେ ସନ୍ଧ୍ୟା ସମୟରେ ଲୋହିତବର୍ଣ୍ଣ ଧାରଣ କରିଥିବା ଶ୍ରୀମନ୍ଦିର ଆକାଶ।

# ରାଷ୍ଟ୍ରପତିଙ୍କୁ ଅସମ୍ମାନ: ବିରୋଧୀ

## ମୋଦି ସରକାରଙ୍କ ଅହଂକାର ସଂସଦୀୟ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛି: ଖାର୍ଗେ

**ନୂଆଦିଲ୍ଲୀ, ୨୫।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ତେବେ ରାଷ୍ଟ୍ରପତି ଦେଶର ପ୍ରଥମ ନାଗରିକ ଏବଂ ସଂସଦୀୟ ବ୍ୟବସ୍ଥାର ମୁଖ୍ୟ ହୋଇଥିବାରୁ ସେ ହିଁ ଉଦ୍‌ଘାଟନ କରିବା ଉଚିତ ବୋଲି ବିରୋଧୀ ଦଳଗୁଡ଼ିକ ଅଡ଼ିବସିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନ ପୂର୍ବରୁ ଏହାର ପ୍ରତିବାଦରେ ୨୦ଟି ଦଳ ଉକ୍ତ କାର୍ଯ୍ୟକ୍ରମକୁ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ନ କରିବା ରାଷ୍ଟ୍ରମୁଖ୍ୟଙ୍କ ପ୍ରତି ଅସମ୍ମାନ ବୋଲି ବିରୋଧୀ କହିଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଜାଣି ରଖିବା ଉଚିତ ଯେ ପାର୍ଲାମେଣ୍ଟ ହେଉଛି ଲୋକଙ୍କ ଦ୍ୱାରା ପ୍ରତିଷ୍ଠିତ ଗଣତନ୍ତ୍ରର ମନ୍ଦିର। ରାଷ୍ଟ୍ରପତିଙ୍କ ଅଫିସ ହେଉଛି ପାର୍ଲାମେଣ୍ଟର ଅଗ୍ରଭାଗ। ମୋଦି ସରକାରଙ୍କ ଅହଂକାର ଭାରତର ସଂସଦୀୟ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛି ବୋଲି ଖାର୍ଗେ ହିନ୍ଦୀରେ ଟୁଇଟ୍ କରିଛନ୍ତି। ମୋଦି ରାଷ୍ଟ୍ରପତିଙ୍କ ଅଧିକାରକୁ କାହିଁକି ଛଡ଼ାଇନେଇଛନ୍ତି, ୧୪୦ କୋଟି ଭାରତୀୟ ତା'ର କାରଣ ଜାଣିବାକୁ ଚାହୁଁଛନ୍ତି ବୋଲି ଖାର୍ଗେ କହିଛନ୍ତି। କଂଗ୍ରେସ, ଡିଏମ୍‌କେ, ଏଏପି, ଶିବସେନା(ୟୁବିଟି), ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇଏମ୍, ☞ପୃଷ୍ଠା-୨

## ରାଷ୍ଟ୍ରପତି ଉଦ୍‌ଘାଟନ କରନ୍ତୁ: ସୁପ୍ରିମକୋର୍ଟରେ ଆବେଦନକାରୀ

**ନୂଆଦିଲ୍ଲୀ, ୨୫।୫**

ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରିକ ଏବଂ ସଂସଦୀୟ ପ୍ରତିଷ୍ଠାନର ମୁଖ୍ୟ। ତେଣୁ ପାର୍ଲାମେଣ୍ଟର ନୂଆ ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିବର୍ତ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟନ କରାଇବା ପାଇଁ ଲୋକ ସଭା ସେକ୍ରେଟାରିଏଟ୍‌କୁ ନିର୍ଦ୍ଦେଶ ଦେବା ନିମନ୍ତେ ଗୁରୁବାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ଆଇନଜୀବୀ ଜୟା ସୁକିନ ଏହି ଆବେଦନରେ ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ମେ' ୧୮ରେ ଜାରି ବିବୃତିକୁ ଉଲ୍ଲେଖ କରିବା ସହ ସଂସଦର ନୂଆ କୋଠା ଉଦ୍‌ଘାଟନକୁ ସମ୍ବିଧାନର ଉଲ୍ଲଂଘନ ବୋଲି ଅଭିହିତ କରିଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିମନ୍ତ୍ରଣକ୍ରମେ ☞ପୃଷ୍ଠା-୨

# କଲେଜ ଛାତ୍ରୀଛାତ୍ରଙ୍କୁ ମାଗଣା ୱାଇଫାଇ

**ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

**ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି: ମନ୍ତ୍ରୀ**

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**

ଆସନ୍ତା ଶିକ୍ଷାବର୍ଷରୁ ରାଜ୍ୟର ସବୁ କଲେଜ, ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମାଗଣା ୱାଇଫାଇ ଓ ୧ ଜିବି ଡାଟା ମିଳିବ। ଗୁରୁବାର ଉଚ୍ଚଶିକ୍ଷା ବିଭାଗର ସମୀକ୍ଷା ବୈଠକ ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏହା ଘୋଷଣା କରିଛନ୍ତି। ମାଗଣା ୧ ଜିବି ଡାଟା ଯୋଗାଇବା ପାଇଁ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ କାର୍ଯ୍ୟ କରିବ। ସେହିପରି ପଛୁଆ ବ୍ଲକରେ ବିଜ୍ଞାନ ଡିଗ୍ରୀ କଲେଜ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ଯୋଜନା କରୁଛନ୍ତି। ୨୦୦୦ ମସିହାରେ ରାଜ୍ୟରେ ମାତ୍ର ୫୪୮ ଯୁକ୍ତ୩ କଲେଜ ଥିଲା, ଏବେ ୧୦୨୪ରେ ପହଞ୍ଚିଛି। ସେହିପରି ବିଶ୍ୱବିଦ୍ୟାଳୟ ୬ରୁ ୨୫ରେ ପହଞ୍ଚିଛି। ୨୦୦୦ ମସିହାରେ ୩.୨ ଲକ୍ଷ ଛାତ୍ରୀଛାତ୍ର ଯୁକ୍ତ୩ରେ ନାଁ ଲେଖାଇ ଥିବାବେଳେ ୨୦୨୩ରେ ଏହା ୬.୫ ଲକ୍ଷ ହୋଇଛି। ଖୁବ୍ ଶୀଘ୍ର ଷ୍ଟୁଡେଣ୍ଟ ସ୍ପୋର୍ଟସ ପଲିସି ଓ ଷ୍ଟୁଡେଣ୍ଟ ଷ୍ଟାର୍ଟ ଅପ୍ ନୀତି ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସବୁ କଲେଜରେ ଅନ୍ତର୍ଜାତୀୟ ୟୁଥ୍ ଫେଷ୍ଟିଭାଲ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ଖବରଦାତାମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ☞ପୃଷ୍ଠା-୨

## ଗାୟିକା ଟିନା ଟର୍ନରଙ୍କ ପରଲୋକ



**ନ୍ୟୁୟର୍କ, ୨୫।୫:** 'କୁଇନ୍ ଅଫ୍ ରକ୍ ଏନ୍ ରୋଲ୍' ଭାବେ ପରିଚିତ ଆମେରିକା ଜନ୍ମିତ ସୁଇସ୍ ଗାୟିକା ଟିନା ଟର୍ନରଙ୍କର ତାଙ୍କ ଜୁରିଚ୍‌ସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ୬୦ ଓ ୭୦ ଦଶକରେ ସେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅଶାନ୍ତ ଦେଶ**

**କାଳବୈଶାଖୀ ତାଣ୍ଡବ**

**ଜିଲାପାଳଙ୍କୁ ରିପୋର୍ଟ ମାଗିଲେ ଏସ୍‌ଆର୍‌ସି**

ପୃଷ୍ଠା-୩









## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଡ଼ କିଣିଥିଲି ପଉଟିଏ,**
**ପୁଅ ବାହା କଲି, ଝିଅ ବାହା କଲି,**
**ଆହୁରି ବଳିଲା ପଉଟିଏ।**

ଅତି କୃପଣ, ଶାମୁକାଏ ଚିନିରେ ସମୁଦ୍ର ଯାକ ପଣା କଲା । ସାଧାରଣତଃ ପୁଅ ଝିଅଙ୍କ ବିବାହ କରାଇବାରେ ବ୍ୟକ୍ତିଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ । ଏପରିକି ସଞ୍ଚିତ କରାଯାଇଥିବା ଅର୍ଥ ବେଳେବେଳେ ନିଅଣ୍ଟ ପଡୁଥିବାର ମଧ୍ୟ ଲକ୍ଷ୍ୟ କରାଯାଇଥାଏ । ବିବାହ ନେଇ ଯୋଜନା କରାଯାଇଥିବା ଖର୍ଚ୍ଚରୁ ଆଉ କିଛି ଅର୍ଥ ବଳି ପଡ଼ିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଗଜ ମୂର୍ଖ ଚଲଣା ଚୋର,**
**ଅଣ୍ଟି ନ ପୂରିଲେ ଆହୁରି ତୋଳ।**

ସବୁ ଆତ୍ମସାତ୍ କରି ସୁଦ୍ଧା ଆହୁରି ନିଅଣ୍ଟ । କିଛି ବ୍ୟକ୍ତିଙ୍କ ମନରେ ଅଧିକ ପାଇବାକୁ ଲୋଭ ଏବଂ ଆଶା ରହିଥାଏ । ଯେତେ ପାଇଲେ ମଧ୍ୟ ସେମାନଙ୍କ ମନର ଆଶା କେବେହେଲେ ମେଣ୍ଟିପାରି ନ ଥାଏ । ଆଶାଠୁ ଅଧିକ ଲୋଭ କରୁଥିବା ମୂର୍ଖ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୪୯ତମ ଶ୍ରାଦ୍ଧୋତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନବୀନ ନିବାସଠାରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ।

# ସ୍ତ୍ରୀଙ୍କ ଗଳାକାଟି ହତ୍ୟା

## ଶ୍ୱଶୁରଘରେ ଜ୍ୱାଇଁଙ୍କ ବୀଭତ୍ସକାଣ୍ଡ

ଭଦ୍ରକ ଅଫିସ, ୨୫।୫

ଶଳା ବାହାଘର ପାଇଁ ଶ୍ୱଶୁର ଘରକୁ ଆସିଥିଲେ ଝିଅଜ୍ୱାଇଁ । ରାତିରେ ସ୍ୱାମୀ ସ୍ତ୍ରୀ ଖାଇପିଇ ଶୋଇଥିଲେ । କିନ୍ତୁ ରାତିରେ ସ୍ତ୍ରୀଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଛନ୍ତି ସ୍ୱାମୀ । ଏମିତି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ହଜାରୀ ସାହିରେ । ମୃତ ମହିଳା ହେଲେ ବିନୋଦ ସିଂହଙ୍କ ଝିଅ ଲକ୍ଷ୍ମୀପ୍ରିୟା । ଏହି ଘଟଣାରେ ପୋଲିସ ମୃତ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ସିଂହଙ୍କୁ ଗୁରୁବାର ଗିରଫ କରିଛି । ମୃତ ଲକ୍ଷ୍ମୀପ୍ରିୟାଙ୍କ ଭାଇ ରାଜେଶ କୁମାର ସିଂହଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା (ନଂ.୧୦୦/୨୩) ରୁଜୁ ହୋଇଛି ।

ଉତ୍ତରପ୍ରଦେଶ ଆଗ୍ରାର ରବୀନ୍ଦ୍ର ୧୮ବର୍ଷ ତଳେ ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ । ଦୁଇମାସ ତଳେ ଶଳା ବାହାଘର ପାଇଁ ସେ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଶ୍ୱଶୁରଘରକୁ ଆସିଥିଲେ । ବୁଧବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ସେ ଲକ୍ଷ୍ମୀପ୍ରିୟା ମୁହଁରେ ତକିଆ ପକାଇ ବେହୋସ କରିବା ପରେ ବେକ କାଟି ହତ୍ୟା କରିଥିଲେ । ସକାଳ ୫ଟାରେ ନିକଟସ୍ଥ ପୁରୁଷଣ୍ଡ ଗ୍ରାମରେ ରବୀନ୍ଦ୍ର ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ଶୁଭେନ୍ଦୁ ସିଂହ ନାମକ ବ୍ୟକ୍ତି ତାଙ୍କୁ ଦେଖି ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ । ଶୁଭେନ୍ଦୁ ତାଙ୍କୁ ଅଟକ ରଖି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଓ ବିଟିପୁର ସରପଞ୍ଚଙ୍କ ପ୍ରତିନିଧି ସପନ ସିଂହଙ୍କୁ ଜଣାଇଥିଲେ । ସେମାନଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ରବୀନ୍ଦ୍ରଙ୍କୁ ଥାନାକୁ ନେବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ଗିରଫ ସହ ସାଇଣ୍ଟିଫିକ ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯାଇଛି । ତେବେ ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହାକୁ କେନ୍ଦ୍ରକରି ରବୀନ୍ଦ୍ର ଏଭଳି କାଣ୍ଡ ଘଟାଇଥିବା ନେଇ ସ୍ୱୀକାର କରିଛନ୍ତି ବୋଲି ଆଗରପଡ଼ା ଥାନାଧିକାରୀ ମୋନାଲିସା କର ସୂଚନା ଦେଇଛନ୍ତି ।

# ଡାକ୍ତରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

ଚାନ୍ଦବାଲି,୨୫।୫(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ନର୍ସଙ୍କୁ ପ୍ରେମ ନିବେଦନ କରିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରଙ୍କୁ ମହଙ୍ଗା ପଡ଼ିଛି । ଗୁରୁବାର ଉକ୍ତ ନର୍ସ ଡାକ୍ତରଙ୍କ ବିରୋଧରେ ଯୌନ ନିର୍ଯାତନା ନେଇ ଚାନ୍ଦବାଲି ଥାନାରେ ଅଭିଯୋଗ କରିଛନ୍ତି । ମହିଳା ନର୍ସ ଜଣକ ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ଡାକ୍ତର ବହୁ ସମୟରେ ତାଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ଏକୁଟିଆ ପାଇଲେ ଟଣାଓଟରା କରିବା ଏବଂ ରାତିରେ ଫୋନ୍‌ରେ ପ୍ରେମ ନିବେଦନ କରନ୍ତି । ସେ ଏଥିରେ ରାଜି ନ ହେବାରୁ ତାଙ୍କୁ ଗାଳିଗୁଲଜ କରିବା ସହ କ୍ୱାର୍ଟର୍ସରେ ପଶି ବଳାତ୍କାର କରିବାକୁ ଧମକ ଦେଇଥିଲେ । ପୋଲିସ ଅଭିଯୋଗ ଅଧାରରେ ଏକ ମାମଲା (ନଂ.୧୬୭/୨୩) ରୁଜୁ କରିବା ସହ ନର୍ସଙ୍କ ୧୬୪ ବୟାନ ରେକର୍ଡ କରାଯାଇଛି । ଅପରପକ୍ଷେ ପୂର୍ବଶତ୍ରୁତା ପାଇଁ ନର୍ସ ଜଣକ ମିଥ୍ୟା ଅଭିଯୋଗ ଆଣିଛନ୍ତି ବୋଲି ଉକ୍ତ ଡାକ୍ତର କହିଛନ୍ତି ।

# ସନ୍ଦେହରେ ଜମିକୁ ଜଳସେଚନ ଲକ୍ଷ୍ୟ

## କାନପୁର ନଦୀବନ୍ଧ ଯୋଜନା

ଯୋଡ଼ା,୨୫।୫(ଡି.ଏନ୍.ଏ.)



ନିର୍ମାଣାଧୀନ କାନପୁର ନଦୀବନ୍ଧ ଯୋଜନା ।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ନିର୍ମାଣାଧୀନ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମାତ୍ର ଯୋଜନାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଡ୍ୟାମ୍ ପାଣି ଚାଷୀମାନଙ୍କ ପାଇଁ ଉପଯୋଗୀ ହେବ ନା ଶିଳ୍ପ ପାଇଁ ଲାଭଦାୟକ, ଏହାକୁ ନେଇ ଏବେଠୁ ଦ୍ୱନ୍ଦ୍ୱ ଉପୁଜିଲାଣି । କାରଣ ବୈତରଣୀ ନଦୀ ଉପରେ କାନପୁର ନଦୀବନ୍ଧ ଯୋଜନା ଦ୍ୱାରା ଚମ୍ପୁଆ, ଝୁମ୍ପୁରା, ପାଟଣା, କେନ୍ଦୁଝର ସଦର ସମେତ ଯୋଡ଼ା ବ୍ଲକ୍‌ର ୨୯, ୫୭୮ହେକ୍ଟର ଚାଷଜମି ଜଳସେଚିତ ହେବାର ଲକ୍ଷ୍ୟ ରହିଥିବାବେଳେ ବର୍ତ୍ତମାନ ବିଭିନ୍ନ ଶିଳ୍ପ କମ୍ପାନୀ ଜିଲାରେ ପ୍ରବାହିତ ନଦୀରୁ ପାଣି ନେବା ସହ ସ୍ଲରି ପାଇପ ମାଧ୍ୟମରେ ମାଲ ପରିବହନ କରୁଛନ୍ତି । ଏପରି କି କାନପୁର ନଦୀବନ୍ଧ ପ୍ରକଳ୍ପ ଶେଷ ହୋଇ ନ ଥିବାବେଳେ ଦୁଇ କମ୍ପାନୀ ଜଳ ନେବା ପାଇଁ ଅନୁମୋଦନ ପାଇଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏନ୍‌ଜିଟି ନିକଟରେ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ୨୬ ଇଞ୍ଚ ମୋଟେଇ ପାଇପ୍‌ରେ ୨୩ .୦ କ୍ୟୁସେକ ଜଳ ଓ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ କମ୍ପାନୀ ୩୨ ଇଞ୍ଚ ମୋଟେଇ ପାଇପ୍‌ରେ କାନପୁର ନଦୀବନ୍ଧରୁ ଜଳ ନେବା ପାଇଁ ଅନୁମୋଦନ ପାଇଛନ୍ତି । ଏହା କାର୍ଯ୍ୟକ୍ଷମ ହେବା ଅପେକ୍ଷାରେ ରହିଛି । ଅପରପକ୍ଷରେ ୨୦୧୩ରୁ ବିଆର୍‌ପିଏଲ୍ କମ୍ପାନୀ ୧୩ ଇଞ୍ଚ ମୋଟେଇ ପାଇପ୍ ଜରିଆରେ ୪.୭୦ କ୍ୟୁସେକ୍ ଜଳ କାନପୁର ବୈତରଣୀ ନଦୀରୁ ନେଉଛି । ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ୨୦୦୯ରୁ ବସନ୍ତପୁର ନିକଟ ବୈତରଣୀ ନଦୀ ଉପର ମୁଣ୍ଡରୁ ୨୦ ଇଞ୍ଚ ମୋଟେଇ ପାଇପ୍‌ରେ ୧୧.୭୭ କ୍ୟୁସେକ୍ ଜଳ ନେଉଛି । ଏତଦ୍ ବ୍ୟତୀତ ୪.୩ ମେଗାୱାଟ ଜଳବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେବାର ପ୍ରସ୍ତାବ ରହିଛି । କିନ୍ତୁ ଯଦି ନଦୀବନ୍ଧରୁ କମ୍ପାନୀଗୁଡ଼ିକୁ ଉପରୋକ୍ତ ପରିମାଣର ଜଳ ଦିଆଯାଏ, ତେବେ ଚାଷ ଜମିକୁ ଜଳ ନିଅଣ୍ଟ ପଡ଼ିବାର ସମ୍ଭାବନା ରହିଛି ବୋଲି ପରିବେଶବିତ୍ ମତ ଦେଉଛନ୍ତି । ଏଥିସହ ସ୍ଲରି ପାଇପ୍‌ରେ ମାଲ୍ ପରିବହନ ସମୟରେ ଏହା ଫାଟିବା ଦ୍ୱାରା ଜଳ ପ୍ରଦୂଷଣ ହେବାର ମଧ୍ୟ ଆଶଙ୍କା ରହିଛି । କାରଣ ୨୦୨୧ରେ ଏକ ସ୍ଲରି ପାଇପ୍‌ଲାଇନ ସୁନାନଦୀ ଉପରେ ଫାଟିଥିଲା । ଏ ନେଇ କାନପୁର ପ୍ରକଳ୍ପ ଯନ୍ତ୍ରୀ ପ୍ରସନ୍ନ କୁମାର ପାଣି କହିଛନ୍ତି, ପାଇପ୍ ଲାଇନରେ ପାଣି ଯିବା କଥା ମୁଁ କିଛି ଜାଣି ନାହିଁ, ଆପଣମାନେ ଏସବୁ ଖବର କେଉଁଠାରୁ ପାଉଛନ୍ତି । ଏ ପର୍ଯ୍ୟନ୍ତ କେଉଁଠି ଆପ୍ରୁଭାଲ ହୋଇନାହିଁ । ପାଣି ଯିବା ତ ବହୁ ଦୂରର କଥା, ଓଲଟା କେଉଁଠି ହେଲାଣି କି ବୋଲି ସେ ପ୍ରଶ୍ନ କରିଥିଲେ । ଏଥିସହ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ କ'ଣ ପାଣି ଦେଉଛି ବୋଲି ପ୍ରଶ୍ନ କରିବା ସହ ତଳ ମୁଣ୍ଡରୁ ପାଣି ନେଲେ କେନାଲ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସେ କହିଥିଲେ ।

ପ୍ରକାଶଯୋଗ୍ୟ, ୨୦୨୨ରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ଯୋଡ଼ାସ୍ଥିତ ସୁନାନଦୀର ପ୍ରଦୂଷଣ ସମ୍ପର୍କରେ ଏକ ଜନସ୍ୱାର୍ଥ ମାମଲା ଉପରେ ରାୟ ଶୁଣାଇଥିଲେ । ଏଥିରେ ସୁନାନଦୀ ଶଯ୍ୟାରେ ଖଣିଜ ସ୍ଲରି ପାଇପ୍‌ଲାଇନ ସଂଯୋଗୀକରଣ ହେଲେ ଏହାଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଇବ । ଏହାକୁ ଦୃଷ୍ଟିରେ ରଖି ୨୦୨୨ରେ ଜଏଣ୍ଟ କମିଟି ଦ୍ୱାରା ଏହାର ଅନୁସନ୍ଧାନ କରାଯାଇଥିଲା । ଏଥିରେ କେନ୍ଦୁଝରର ଏଡିଏମ୍ ଯଦୁମଣି ମହାଲା, ସିପିସିବି, କୋଲକାତାର ବୈଜ୍ଞାନିକ ଡ. ଜି.ପି. ସିଂ, ଭୁବନେଶ୍ୱର ଏମ୍‌ଓଇଏଫ୍‌ର ବୈଜ୍ଞାନିକ ସନ୍ଦୀପ ନନ୍ଦୀ, ବୈତରଣୀ ଇରିଗେଶନ ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପ୍ରଣବ ନାୟକ, କେନ୍ଦୁଝରର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିଜିଓନାଲ ଅଫିସର ପ୍ରଶାନ୍ତ କରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କମ୍ପାନୀ ଅଧିକାରୀ ସାମିଲ ଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି କଲ୍ୟାଣ ଚନ୍ଦ୍ର ହେତୁ ଯାହା କରିବେ ନିର୍ବିଘ୍ନରେ ଫଳପ୍ରଦ ହେବ । କିନ୍ତୁ ଚୁ -ନାମାକ୍ଷର ବ୍ୟକ୍ତିଙ୍କ ମାନସିକ ସ୍ଥିତି ଦୁର୍ବଳ ରହିବ । ପାରିବାରିକ ସମସ୍ୟା,ପରିବହନରେ ଝଗଡ଼ା, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷା କରିବା ଭଲ । କର୍ମକ୍ଷେତ୍ରସ୍ଥ ବିଶୃଙ୍ଖଳିତ ପରିସ୍ଥିତିରେ ପଡି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ ।

**ବୃଷ** - ଶ୍ରୀଚନ୍ଦ୍ର ବୈଷୟିକ ଅଭିବୃଦ୍ଧିରେ ସହାୟକ ହେବା ସହ ଅତ୍ୟଧିକ ଭାବପ୍ରବଣତା କ୍ଷତି ସାଧନ କରିପାରେ । ଓ -ନାମାକ୍ଷର ବିବାଦୀୟ ସ୍ଥିତିରେ ନିଜର ପ୍ରାମାଣସିଦ୍ଧ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ । ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ । ଶିଳ୍ପ, ବ୍ୟବସାୟ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ହେବାର ଆଶଙ୍କା ରହିଛି ।

**ମିଥୁନ** - ରାଶିରେ ଶୁକ୍ର ଏକାଧାରରେ ସୁଖ, ସମ୍ପଦ କରିବାରେ ସମର୍ଥ ହୋଇପାରିବ । ଘ-ନାମାକ୍ଷର ରାହୁଙ୍କ କୁପ୍ରଭାବରେ ସମସ୍ୟାଦେଇ ଚଳିବାକୁ ବାଧହେବେ । ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ସାଙ୍ଗକୁ ବନ୍ଧୁଙ୍କ ସାହାଯ୍ୟ ହେତୁ ପରିସ୍ଥିତିରେ ଉନ୍ନତି ଘଟିବ । ପ୍ରଶାସନ, ରାଜନୀତି ତଥା ଗଠନମୂଳକ କାର୍ଯ୍ୟରେ ଉତ୍ସାହିତ ହେବେ ।

**କର୍କଟ** - ଡ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ଆଜି ଦିନ ଭିତରେ ବିଶେଷ କିଛି ଅସୁବିଧା ହେବନି । ଅସୁସ୍ଥତାବଶତଃ ଅଶ୍ଳେଷା ନକ୍ଷତ୍ରର କେତେକ କାମ ସ୍ଥଗିତ ରହିଯାଇପାରେ । ପରିସ୍ଥିତିକୁ ସାମନା କରିବାକୁ ଯାଇ ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡିବ । ବନ୍ଧୁଙ୍କ ସହ ଦେଖା କରିବାର ସୁଯୋଗ ପାଇବେ ।

**ସିଂହ** - ମଘା ନକ୍ଷତ୍ର ବ୍ୟକ୍ତିଙ୍କର କର୍ମକ୍ଷେତ୍ରରେ ବିଭିନ୍ନ ଅଭିଯୋଗ ଆସିପାରେ କିନ୍ତୁ ନିଜର ପ୍ରାଧାନ୍ୟତା ପୂର୍ବପରି ଅକ୍ଷୁଣ୍ଣ ରହିବ । ଦାୟିତ୍ୱହୀନ ଭାବରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରି ସମାଲୋଚିତ ହୋଇପାରନ୍ତି । ପୁଞ୍ଜି କାରବାର,ପରିବହନ, ପ୍ରଶାସନ, ମାଲିମକଦ୍ଦମା କ୍ଷେତ୍ର ଉନ୍ନତ ରହିବ ।

**କନ୍ୟା** - ଆଜି ସକାଳୁ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ପୂ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ । ଯାନ୍ତ୍ରିକ ତଥାପି କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ । ନିଜ ପରିସରର ବ୍ୟକ୍ତିଙ୍କ ଅନୁରୋଧରେ ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି ।

**ତୁଳା** - ସକାଳୁ ସକାଳୁ ଶୁଭ ଖବର ପାଇ ମନ ଏକ ପ୍ରକାର ଖୁସି ହୋଇଯିବ । ତ-ନାମାକ୍ଷର ବ୍ୟକ୍ତିମାନଙ୍କ ସବୁ କାମ ବହୁ ଡେରିରେ ହେଉଥିବାରୁ ମନଟା ଭଲ ଲାଗିବ ନାହିଁ । ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ନିଜର ଅତି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯିବ । ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି ।

**ବିଛା** - ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିର ଫଳ ପାଇବା କାରଣରୁ ମନ ବିଚଳିତ ରହିବ । ମାତ୍ର, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲ କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ନୀ-ନାମାକ୍ଷର ବ୍ୟକ୍ତିମାନେ ଯାତ୍ରାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ । ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବିଶେଷ ବ୍ୟସ୍ତ ହୋଇପାରନ୍ତି ।

**ଧନୁ** - ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ବଢ଼ିବା କାରଣରୁ ମାନସିକ ସ୍ଥିତି ବିଗିଡି ଯିବ । ଭି-ନାମାକ୍ଷର ବ୍ୟକ୍ତିଙ୍କ ପାଇଁ ନିଜର ଲୋକଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସେହି ବ୍ୟକ୍ତି କାମ କରିବେ ନାହିଁ । ପରିବହନରେ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ । ବନ୍ଧୁଙ୍କ ମନୋରଞ୍ଜନ କାର୍ଯ୍ୟରେ ଅନୁରୋଧରେ ଅଂଶଗ୍ରହଣ କରିପାରନ୍ତି ।

**ମକର** - ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ । ବନ୍ଧୁଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି । ଖି-ନାମାକ୍ଷର ବ୍ୟକ୍ତିମାନଙ୍କୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ । ଉଚ୍ଚବର୍ଗଙ୍କ ସହାୟତା ପାଇବା ସହ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ ।

**କୁମ୍ଭ** - ଆଜି ବିନା ଆହ୍ୱାନରେ ଅନ୍ୟ ସକାଶେ ମଧ୍ୟସ୍ଥତା କରିବାକୁ ଯାଇ ଅପଦସ୍ଥ ହେବେ । ଯାତ୍ରା ଅଧାରୁ ଫେରି ଆସିବାକୁ ପଡ଼ିପାରେ । ଶିକ୍ଷା, ଗବେଷଣା, ବିଦେଶ ଯାତ୍ରା, କଳା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବ । ଘଟଣା ଚକ୍ରରେ ପଡି ମିଥ୍ୟା କହିବାକୁ ବାଧ ହେବେ ଓ ସମାଲୋଚିତ ହୋଇପାରନ୍ତି ।

**ମୀନ** - ଚ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ । ଅବଶ୍ୟ ବନ୍ଧୁଙ୍କଠାରୁ ସହାୟତା ପାଇ ସମସ୍ୟାର ମୁକାବିଲା କରିପାରିବେ । ଅଧସ୍ତନ କର୍ମଚାରୀଙ୍କୁ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡ଼ିବ । ଜମିଜମା କିମ୍ବା ପିଲାଙ୍କ ସମ୍ବନ୍ଧୀୟ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିପାରେ ।

ଆଜି ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ଶୁକ୍ରବାର, ମେ' ୨୬ ତାରିଖ, ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୬।୦୪ ଗତେ ଘ.୦୬।୫୬ ମଧ୍ୟେ, ଘ.୧୨।୦୯ ଗତେ ଘ.୦୨।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୦୫ ଗତେ ଘ.୧୧।୪୩ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ରାଷ୍ଟ୍ରପତିଙ୍କୁ ଅସମ୍ମାନ...

ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, କେରଳ କଂଗ୍ରେସ-ମଣି, ବିଦ୍ୟୁତ୍‌ହାଲାଇ ଚିରୁଥେଗାଲ କଚ୍‌ଚି, ରାଷ୍ଟ୍ରୀୟ ଲୋକ ଦଳ, ଟିଏମ୍‌ସି, ସଂଯୁକ୍ତ ଜନତା ଦଳ, ଏନ୍‌ସିପି, ଆର୍‌ଜେଡି, ଆଇୟୁଏମ୍ଏଲ୍, ନ୍ୟାଶନାଲ କନ୍‌ଫରେନ୍ସ, ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି ଏବଂ ମାରୁମାଲାର୍ଚି ଦ୍ରାବିଡ ମୁନେତ୍ରା କାଜାଗାମ୍ ବୁଧବାର ଏକାଠି ହୋଇ ଗଣତନ୍ତ୍ରର ଆତ୍ମାକୁ ଶୋଷିନିଆଯାଇଥିବା ସମାଲୋଚନା କରିଥିଲେ । ସେମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନୀ ଉତ୍ସବକୁ ବର୍ଜନ କରିବା ପାଇଁ ମିଳିତ ବିବୃତି ଜାରି କରିଥିବାବେଳେ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ଯଦି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପାର୍ଲାମେଣ୍ଟର ନୂଆ କୋଠାକୁ ଉଦ୍‌ଘାଟନ କରିବେ ନାହିଁ ତେବେ ତାଙ୍କ ଦଳ ଏହି କାର୍ଯ୍ୟକ୍ରମରେ ଯୋଗଦେବ ନାହିଁ । ଇତିମଧ୍ୟରେ ସାମାଜିକ ଗଣମାଧ୍ୟମରେ ୨୦ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ବର୍ଜନ ଆହ୍ୱାନ 'Boycott of #ParliamentBuilding opening' ଟ୍ରେଣ୍ଡ୍ କରିବାରେ ଲାଗିଛି । ରାଜ୍ୟ ସଭାର ଟିଏମ୍‌ସି ନେତା ଡେରେକ୍ ଓ'ବ୍ରାଏନ୍ କହିଛନ୍ତି, ଏକଚ୍ଛତ୍ରବାଦୀ ସରକାର ସଂସଦୀୟ ପରମ୍ପରାକୁ ଧ୍ୱସ୍ତବିଧ୍ୱସ୍ତ କରୁଥିବାବେଳେ ଏହି ବର୍ଜନ ଡାକରା ଭାରତୀୟ ବିବିଧତା ଓ ବହୁଳବାଦ ଏହାର ଜବାବ । ଏକଦା ବିଶାଳ ସମାବେଶୀ ଥିବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବେ କେବଳ ଭାଜପାରେ ସଙ୍କୁଚିତ ହୋଇଯାଇଛି । ସେହିପରି ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମଧ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ପାର୍ଲାମେଣ୍ଟର ନୂତନ କୋଠା ଉଦ୍‌ଘାଟନ କରାଯିବାର ଯଥାର୍ଥତା ସମ୍ପର୍କରେ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ସରକାର-କାର୍ଯ୍ୟପାଳିକାର ମୁଖ୍ୟ, ବ୍ୟବସ୍ଥାପିକାର ନୁହନ୍ତି । କିନ୍ତୁ ରାଷ୍ଟ୍ରପତି ଭାରତୀୟ ସାଧାରଣତନ୍ତ୍ର ଓ ପାର୍ଲାମେଣ୍ଟ ମୁଖ୍ୟ ବୋଲି ସେ କହିଛନ୍ତି । ଅଲ୍ ଇଣ୍ଡିଆ ଆଦିବାସୀ କଂଗ୍ରେସ ମୋଦି ସରକାର ଆଦିବାସୀଙ୍କୁ ଅପମାନିତ କରିଥିବା ଦର୍ଶାଇ ମେ' ୨୬ରେ ଦେଶବ୍ୟାପୀ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଛି । ସଙ୍ଗଠନର ମୁଖ୍ୟ ଶିବାଜୀ ରାଓ ମୋଘେ ଏଆଇସିସି ମୁଖ୍ୟାଳୟରେ ଖବରଦାତାଙ୍କୁ ସମ୍ବୋଧିତ କରି କହିଛନ୍ତି, ପ୍ରଥମ ଥର ପାଇଁ ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି ହୋଇଛନ୍ତି । ରାଷ୍ଟ୍ରପତିଙ୍କ ପରିବର୍ତ୍ତେ ମୋଦି ଉଦ୍‌ଘାଟନ କରିବା ଗଣତନ୍ତ୍ର ପାଇଁ ଅପମାନ । ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ରାଷ୍ଟ୍ରପତିଙ୍କୁ ଉଦ୍‌ଘାଟନ କରିବାକୁ କାହିଁକି ଦିଆଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି । ରାଜ୍ୟ ସଭା ସଦସ୍ୟ କପିଲ ସିବଲଙ୍କ ମତରେ ପାର୍ଲାମେଣ୍ଟ ହେଉଛି ଭାରତୀୟ ଗଣତନ୍ତ୍ରର ପ୍ରତୀକ । ଉକ୍ତ ଉତ୍ସବରେ ରାଷ୍ଟ୍ରପତିଙ୍କ ଅନୁପସ୍ଥିତି ଆମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ନ୍ୟୂନ କରିଦେବ ବୋଲି ସେ ଟୁଇଟ୍ କରିଛନ୍ତି । ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ବର୍ଜନ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅନୁରୋଧ କରିଛନ୍ତି । ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ଭାରତର ଗର୍ବ ଭାବେ ଅଭିହିତ କରି ଉକ୍ତ ଐତିହାସିକ କାର୍ଯ୍ୟକ୍ରମରେ ବିରୋଧୀ ଖୋଲା ହୃଦୟରେ ସାମିଲ ହେବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି । ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ତାଙ୍କ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏଥିରେ ସାମିଲ ହେବା ନେଇ ଘୋଷଣା କରିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ା କହିଛନ୍ତି, ପାର୍ଲାମେଣ୍ଟ ହେଉଛି ଦେଶର ସମ୍ପତ୍ତି, ଯାହାକି ଟିକସଦାତାଙ୍କ ଅର୍ଥରେ ନିର୍ମିତ । ସେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

## ରାଷ୍ଟ୍ରପତି ଉଦ୍‌ଘାଟନ...

ପ୍ରଧାନମନ୍ତ୍ରୀ ମୋଦି ନୂଆ ସଂସଦ ଭବନକୁ ଆସନ୍ତା ୨୮ରେ ଉଦ୍‌ଘାଟନ କରିବାକୁ ଯାଉଛନ୍ତି । ସମ୍ବିଧାନ ଅନୁସାରେ ପାର୍ଲାମେଣ୍ଟର ୩ ପ୍ରମୁଖ ଅଙ୍ଗ ହେଉଛନ୍ତି ଭାରତର ରାଷ୍ଟ୍ରପତି ଏବଂ ବ୍ୟବସ୍ଥାପିକାର ଦୁଇ ସର୍ବୋଚ୍ଚ ସଦନ ରାଜ୍ୟ ସଭା ଓ ଲୋକ ସଭା । ସମ୍ବିଧାନର ଅନୁଚ୍ଛେଦ ୮୭ ଅନୁସାରେ ସଂସଦର ପ୍ରତ୍ୟେକ ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଉଭୟ ଗୃହକୁ ସମ୍ବୋଧନ କରିଥାଆନ୍ତି । କିନ୍ତୁ ଉଭୟ ଲୋକ ସଭା ସେକ୍ରେଟାରିଏଟ୍ ଓ ଭାରତ ସରକାର ରାଷ୍ଟ୍ରପତିଙ୍କୁ ଉଦ୍‌ଘାଟନୀ ସମାରୋହକୁ ନିମନ୍ତ୍ରଣ ନ କରି ଅପମାନିତ କରିବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ଉକ୍ତ ପିଟିଶନରେ ଉଲ୍ଲେଖ କରାଯାଇଛି ।

## କଲେଜ ଛାତ୍ରୀଛାତ୍ରଙ୍କୁ...

ରାଜ୍ୟରେ ୨୦୧୬-୧୭ଠାରୁ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ୧ପ୍ରତିଶତ ସୁଧ ହାରରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଋଣ ଯୋଗାଇ ଦିଆଯାଉଛି ଏବଂ ବଳକା ସୁଧର ଭାର ସରକାର ବହନ କରୁଛନ୍ତି । ମନ୍ତ୍ରୀ କହିଛନ୍ତି, ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ମାଗଣା ଲାପ୍‌ଟପ ଯୋଗାଇଦେବା ନିମନ୍ତେ ମାର୍ଗଦର୍ଶିକାରେ ଥିବା ରାଜ୍ୟସ୍ତରୀୟକୁ ଜିଲା ଓ ମଣ୍ଡଳରେ ପରିବର୍ତ୍ତନ କରାଯାଇ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯାଇଛି । ସର୍ବଭାରତୀୟ ସେବା ପରୀକ୍ଷା ନିମନ୍ତେ ଓଡ଼ିଆ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ ନିମନ୍ତେ ସମସ୍ତ ବର୍ଗର ୨୦୦ ମେଧାବୀ ବେସାମରିକ ସେବା ଆଶାୟୀମାନଙ୍କ ପାଇଁ ମାଗଣାରେ ତାଲିମ ବ୍ୟବସ୍ଥା ସହ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଛି । ଶିକ୍ଷା କ୍ଷେତ୍ରରେ ପଛୁଆ ବ୍ଲକର ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ବିଶେଷ କରି ବିଜ୍ଞାନ ଡିଗ୍ରୀ ପାଠ୍ୟକ୍ରମରେ ପଢ଼ିବା ପାଇଁ ଆଶା ରଖିଥିବା ଛାତ୍ରୀଛାତ୍ରମାନଙ୍କ ଯତ୍ନ ନେବା ନିମନ୍ତେ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ୨୦୦୦ରେ ଉଚ୍ଚଶିକ୍ଷା ନିମନ୍ତେ ବଜେଟ ବ୍ୟବସ୍ଥା ୪୭୩ କୋଟି ଥିବାବେଳେ ୨୦୨୩ ରେ ଏହା ୩,୧୭୩ କୋଟିକୁ ବୃଦ୍ଧି କରାଯାଇଛି । ଓଡ଼ିଆ ଭାଷାକୁ ପ୍ରୋତ୍ସାହନ ଦେବା ପାଇଁ ୨୦୧୬-୧୭ ମସିହାରୁ ସରକାର ୨୦ ହଜାର ଟଙ୍କା(ଏକକାଳୀନ) ୧୨୦୦ ସ୍ନାତକ ଏବଂ ୩୦୦ ସ୍ନାତକୋତ୍ତର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରୁଛନ୍ତି । ଅନଗ୍ରସର ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସରକାର ୨୦୧୯-୨୦ ମସିହାରୁ ବାର୍ଷିକ ୨୦ ହଜାର ଟଙ୍କା ଗୋପବନ୍ଧୁ ସହାୟତା ଯୋଜନାରେ ଯୋଗାଇ ଦେଉଛନ୍ତି । ଏଥିପାଇଁ ବଜେଟରେ ପ୍ରତିବର୍ଷ ସରକାର ୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା ରଖିଛନ୍ତି । କଳିଙ୍ଗ ଶିକ୍ଷା ସହାୟତା ଯୋଜନା ଅଧୀନରେ ଶିକ୍ଷା ଋଣ ନେଇଥିବା ଛାତ୍ରୀଛାତ୍ରମାନେ ୧% ସୁଧ ଦେଉଥିଲା ବେଳେ ସୁଧ ବାବଦକୁ ବଳକା ଅର୍ଥ ସରକାର ବହନ କରୁଛନ୍ତି । ନିଯୋଜନ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ପ୍ରତ୍ୟେକ ବର୍ଷ ୫୦ ହଜାର ଛାତ୍ରୀଛାତ୍ରମାନଙ୍କୁ ଚାକିରି ମେଳା ମାଧ୍ୟମରେ ଇଣ୍ଟର୍ନଶିପ୍ ଓ ଦକ୍ଷତା ବିକାଶ ତାଲିମ ନିଗମ ଏବଂ ଶିଳ୍ପ ଚୟନକାରୀ ସଂସ୍ଥାମାନଙ୍କ ମିଳିତ ସହଯୋଗରେ ପ୍ରଦାନ କରିବା ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଗାୟିକା ଟିନା ଟର୍ନରଙ୍କ...

ଥିଲେ ସବୁଠୁ ଲୋକପ୍ରିୟ ଗାୟିକା । ଏସିଡ୍ କୁଇନ୍ ଭାବେ ସେ କେତେ ପିଢ଼ିଙ୍କ ପାଇଁ ସ୍ମରଣୀୟ ହୋଇ ରହିବେ । ୧୯୩୯ ନଭେମ୍ବର ୨୬ରେ ଜନ୍ମିତ ଟିନା ୧୯୫୭ରେ ଇକେ ଟର୍ନରଙ୍କ କିଙ୍ଗସ ଅଫ୍ ରାଇମ୍‌ରୁ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ । ୧୯୫୮ରେ ତାଙ୍କ ପ୍ରଥମ ରେକର୍ଡ 'ବକ୍ସଟପ୍' ପ୍ରକାଶ ପାଇଥିଲା । ଇକେଙ୍କ ସହ ଟିନା ଅନେକ ଗୀତ ଗାଇ ଖ୍ୟାତି ଅର୍ଜନ କରିଥିଲେ । ୧୯୬୦ରେ ତାଙ୍କ ଗୀତ 'ଏ ଫୁଲ୍ ଇନ୍ ଲଭ୍' ହିଟ୍ ହୋଇଥିଲା । ଏହା ପରେ ସେ ଅନେକ ହିଟ୍ ମ୍ୟୁଜିକ୍ ଆଲବମ୍ ଭେଟିଦେଇଛନ୍ତି । ୮୦ ଦଶକରେ ତାଙ୍କର ଅନେକ ଗୀତ ଶୀର୍ଷ ୪୦ ମଧ୍ୟରେ ସାମିଲ ହୋଇଥିଲା । ୧୯୮୮ରେ ତାଙ୍କର ଏକ ଷ୍ଟେଜ୍ ଶୋ'ରେ ୧ ଲକ୍ଷ ୮୦ ହଜାର ଦର୍ଶକ ଯୋଗ ଦେଇଥିଲେ । ସେ ଗୀତ ଗାଇବା ସହ କେତେକ ଚଳଚ୍ଚିତ୍ରରେ ଅଭିନୟ ମଧ୍ୟ କରିଥିଲେ । ସଙ୍ଗୀତ କ୍ୟାରିୟରରେ ସଫଳତାର ଶୀର୍ଷ ଛୁଇଁଥିବା ଏହି ଗାୟିକାଙ୍କର ବ୍ୟକ୍ତିଗତ ଜୀବନ ଦୁଃଖମୟ ଥିଲା । ତାଙ୍କର ପ୍ରଥମ ବୈବାହିକ ଜୀବନ ବେଶୀଦିନ ଟିକ୍ତି ନ ଥିଲା । ତାଙ୍କୁ ସ୍ୱାମୀ ଅକଥନୀୟ ନିର୍ଯାତନା ଦେଉଥିଲେ । ୨୦୧୩ରେ ସେ ଏର୍‌ୱିନ୍ ବାଚ୍‌କୁ ଦ୍ୱିତୀୟ ବିବାହ କରିଥିଲେ ।



ଗୁରୁବାର କାଳବୈଶାଖୀ ପ୍ରଭାବରେ ଆଠଗଡ଼ ବ୍ଲକର କଟକ-ସମ୍ବଲପୁର ରାସ୍ତାରେ ଗଛ ଡାଳ ଭାଙ୍ଗିପଡ଼ିଛି।

# ଦୁଗ୍ଧ, ଦୁଗ୍ଧଜାତ ଦ୍ରବ୍ୟର ମାନ ଯାଞ୍ଚ ହେବ

**ଭୁବନେଶ୍ୱର, ୨୫।୫ (ବ୍ୟୁରୋ)**

**ଦେଶବ୍ୟାପୀ ଯାଞ୍ଚ କରିବ ଏଫ୍‌ଏସ୍‌ଏସ୍‌ଏଆଇ**

- ଅପମିଶ୍ରଣକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ
- ନିଷ୍ପତ୍ତିକୁ ସ୍ୱାଗତକଲା ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ
- ଏମ୍‌ଏସ୍‌ପି ନିର୍ଦ୍ଧାରଣ ହେଉ, ଗୋଖାଦ୍ୟ ଓ ଔଷଧର ମୂଲ୍ୟବୃଦ୍ଧି ରୋକାଯାଉ

ସମଗ୍ର ଦେଶରେ ଦୁଗ୍ଧ ଏବଂ ଦୁଗ୍ଧଜାତ ସାମଗ୍ରୀର ମାନ ଯାଞ୍ଚ କରାଯିବ। ଭାରତ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସବୁଠାରୁ ଆଗରେ ଥିବାବେଳେ ଦୁଗ୍ଧରେ ଅପମିଶ୍ରଣ ଚିନ୍ତାର ବିଷୟ ପାଲଟିଛି। ତେଣୁ ଅପମିଶ୍ରଣ ରୋକିବା ପାଇଁ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ଦେଶବ୍ୟାପୀ ଏହି ଯାଞ୍ଚ ମିଶନ ମୋଡ୍‌ରେ ଆରମ୍ଭ କରାଯିବ। ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ଯଥା ଦହି, ପନିର, ଖୁଆ, ଛେନା, ଘିଅ, ଲହୁଣି ଆଦି ଦ୍ରବ୍ୟର ଗୁଣବତ୍ତା ପରୀକ୍ଷା କରାଯିବ। ଏପରିକି ଦୁଗ୍ଧ ବ୍ୟବହାର ହେଉଥିବା ଆଇସ୍‌କ୍ରିମ୍‌ର ମାନ ମଧ୍ୟ ପରଖାଯିବ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସବୁ ଜିଲାରୁ ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରୁ ନମୁନା ସଂଗ୍ରହ ହେବ। ଯାଞ୍ଚ ପରେ ଖାଦ୍ୟ ଅପମିଶ୍ରିତ ଥିବା ଜଣାପଡିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନେକ ସମୟରେ କ୍ଷୀରରେ ପାଣି, ଡିଟରଜେଣ୍ଟ ଓ ଅନ୍ୟ ଅଣଖାଦ୍ୟ ଅପମିଶ୍ରଣ କରାଯାଇ ବିକ୍ରି କରାଯାଉଥିବା ନଜରକୁ ଆସୁଛି। ସେହିପରି ଦୁଗ୍ଧଜାତ ସାମଗ୍ରୀରେ ନକଲି ସାମଗ୍ରୀ ମିଶାଯାଉଥିବା ଜଣାପଡିବା ପରେ ଏଫ୍‌ଏସ୍‌ଏସ୍‌ଏଆଇ ଏଭଳି ପଦକ୍ଷେପ ନେବାକୁ ଯାଉଛି।

ଜନସଂଖ୍ୟା ବୃଦ୍ଧି ସହ ଦିନକୁ ଦିନ ଦୁଗ୍ଧ ଏବଂ ଦୁଗ୍ଧଜାତ ସାମଗ୍ରୀର ଚାହିଦା ବୃଦ୍ଧି ପାଉଛି। ସେହିଭଳି ଶକ୍ତିବର୍ଦ୍ଧକ ଖାଦ୍ୟ ହୋଇଥିବାରୁ ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଏହାକୁ ଖାଇବା ପାଇଁ ଡାକ୍ତର ମଧ୍ୟ ପରାମର୍ଶ ଦେଇଥାନ୍ତି। ତେଣୁ ଲୋକଙ୍କ ଚାହିଦାକୁ ଦେଖି କିଛି ଅସାଧୁ ବ୍ୟବସାୟୀ ଏଥିରେ ଅପମିଶ୍ରଣ କରି ଆବଶ୍ୟକତା ମେଣ୍ଟାଇବାକୁ ଚେଷ୍ଟା କରୁଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ବ୍ୟବସାୟୀ ଲାଭବାନ୍ ହେଉଥିବାବେଳେ ଲୋକଙ୍କ ସ୍ୱାସ୍ଥ୍ୟକୁ ନେଇ ଖେଳ ଖେଳୁଛନ୍ତି। ତେଣୁ ଏହା ଉପରେ ରୋକ ଲଗାଇବା ପାଇଁ ବିଭିନ୍ନ ସମୟରେ ସର୍ଭେ କରାଯାଇଛି। ପୂର୍ବରୁ ୨୦୧୧, ୨୦୧୬, ୨୦୧୮, ୨୦୨୦ ଓ ୨୦୨୨ରେ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ସର୍ଭେ କରାଯାଇ ଦୁଗ୍ଧ ଏବଂ ଦୁଗ୍ଧଜାତ ସାମଗ୍ରୀର ମାନ ଯାଞ୍ଚ କରାଯାଇଥିଲା। ଚଳିତ ବର୍ଷ ପୁଣିଥରେ ଏଭଳି ପଦକ୍ଷେପ ନିଆଯାଉଥିବାରୁ ଦୁଗ୍ଧଚାଷୀଙ୍କଠାରୁ ଆରମ୍ଭ କରି ଗ୍ରାହକ ଓ ବ୍ୟବସାୟୀ ସମସ୍ତେ ଏହାକୁ ସ୍ୱାଗତ କରିଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଅଧ୍ୟକ୍ଷ ରବି ବେହେରା କହିଛନ୍ତି, ଏଫ୍‌ଏସ୍‌ଏସ୍‌ଏଆଇର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ମାନ ପରୀକ୍ଷଣ ଓ ଯାଞ୍ଚ ନାଁରେ ଫୁଡ୍ ସେଫ୍‌ଟି ଆଣ୍ଡ୍ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ଜୁଲମ୍ କରାଗଲେ ତାହାକୁ ବରଦାସ୍ତ କରାଯିବ ନାହିଁ। ଦୁଗ୍ଧ ଉତ୍ପାଦନରେ ଭାରତ ହେଉଛି ବିଶ୍ୱର ୧ ନମ୍ବର ଦେଶ। ମାତ୍ର ଏଠାରେ ମୁଣ୍ଡପିଛା ୨୧୫ ଗ୍ରାମ୍ ଦୁଗ୍ଧ ଆବଶ୍ୟକ ହେଉଥିବାବେଳେ ଜଣେ ବ୍ୟକ୍ତିକୁ ୧୬୦ ଗ୍ରାମ୍ ମିଳିପାରୁଛି। ଫଳରେ ବୟସ୍କ, ରୋଗୀ, ଗର୍ଭବତୀ ମହିଳା ଓ ଶିଶୁମାନେ ଦୁଗ୍ଧ ଅଭାବଜନିତ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ଥିବା ଗ୍ରାମାଞ୍ଚଳର ଅର୍ଦ୍ଧଶିକ୍ଷିତ ମହିଳା, ଚାଷୀ ଓ ଯୁବତୀଯୁବକ ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇପାରୁ ନାହାଁନ୍ତି। ସ୍ୱାଧୀନତାର ଏତେବର୍ଷ ପରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ନିର୍ଦ୍ଧାରଣ କରିବାରେ ବିଫଳ ହୋଇଛନ୍ତି। ଫଳରେ ଗ୍ରାମାଞ୍ଚଳର ଦୁଗ୍ଧଚାଷୀମାନେ ତାଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେବା ସହ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ମାନ ପରୀକ୍ଷଣ ପାଇଁ ତତ୍ପରତା ଦେଖାଇବା ସହ ଦୁଗ୍ଧଚାଷୀଙ୍କୁ ଉଚିତ ମୂଲ୍ୟ ଦେବା, ଗୋଖାଦ୍ୟ ସମେତ ଔଷଧ ଓ ଇଞ୍ଜେକ୍ସନର ଦର ବୃଦ୍ଧିକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବେହେରା ଦାବି କରିଛନ୍ତି।

# ଉପକୂଳ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**

**କାଳବୈଶାଖୀ ତାଣ୍ଡବ**

**ଜିଲାପାଳଙ୍କୁ ରିପୋର୍ଟ ମାଗିଲେ ଏସ୍‌ଆର୍‌ସି**

ସକାଳୁ ପାରଦ ଉପରମୁହାଁ ହେଲା। ପୂର୍ବାହ୍ନ ୧୧ଟା ୩୦ ବେଳକୁ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଛୁଇଁଲା। ଧୀରେ ଧୀରେ ଗ୍ରୀଷ୍ମର ପ୍ରକୋପ ବଢ଼ିଚାଲିଲା। ମଧ୍ୟାହ୍ନରେ ତାତି ୪୦ ଡିଗ୍ରୀ ଅତିକ୍ରମ କରିଗଲା। ତେବେ ଅପରାହ୍ନରେ ହଠାତ୍ ପାଗ ବଦଳିଲା। ପ୍ରାୟ ୨ଟା ୩୦ ବେଳକୁ ଘୋଟିଆସିଲା କଳାହାଣ୍ଡିଆ ମେଘ। ଆରମ୍ଭ ହୋଇଗଲା ତୁହାକୁ ତୁହା ବଜ୍ରପାତ। ୪୦ରୁ ୫୦ କି.ମି. ବେଗରେ ପବନ ବୋହିବା ସହ ମୂଷଳ ଧାରାରେ ବର୍ଷା ହେଲା। ଅସହ୍ୟ ଗୁଳୁଗୁଳି, ଗରମରେ ଆଉଟୁପାଉଟୁ ହେଉଥିବା ଲୋକେ ସାମାନ୍ୟ ଆଶ୍ୱସ୍ତ ହେଲେ। ତେବେ ଝଡ଼ତୋଫାନ ଉପକୂଳ ଓଡ଼ିଶାର ଚିତ୍ର ବଦଳାଇ ଦେଇଛି। ରାଜଧାନୀ ସମେତ କଟକ, ପୁରୀ, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼, କେନ୍ଦ୍ରାପଡ଼ା, ଯାଜପୁର ଓ କଟକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ସ୍ଥାନରେ ଟିଣଛପର ଉଡ଼ିଯାଇଥିବାବେଳେ ଗଛ ପଡ଼ି ରାସ୍ତା ଜାମ୍ ହୋଇଛି। କୁଆପଥର ମାଡ଼ରେ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତାର ଛିଣ୍ଡିବା, ଖୁଣ୍ଟ ଉପୁଡ଼ି ପଡ଼ିବା କାରଣରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍ ସରବରାହ ତୁରନ୍ତ ପୁନଃ ସଂଯୋଗ କରିବା, ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଗଛ କାଟି ରାସ୍ତା ସଫା କରିବା, ମୃତାହତଙ୍କ ସମ୍ପର୍କରେ ଠିକ୍ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

ଆଠଗଡ଼-ମୁଣ୍ଡଳୀ ରାସ୍ତାର ରାଜନଗର ଛକରେ ଝଡ଼ବର୍ଷାର ଭୟଙ୍କର ରୂପ ଦେଖିବାକୁ ମିଳିଛି। ଏଠାରେ ଥିବା ମହାରାଜା ହୋଟେଲରେ ଲୋକେ ବସି ଖାଉଥିବା ବେଳେ ଟିଣଛପର ୨୦୦ ମିଟର ଉଡ଼ିଯାଇଥିଲା। ଫଳରେ ହୋଟେଲର ସମସ୍ତ ଖାଦ୍ୟ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ପାଖରେ ଥିବା ଅଞ୍ଜଳି ହୋଟେଲର ପାଚେରି ମଧ୍ୟ ଭାଙ୍ଗିପଡ଼ିଛି। ରାଜା ଆଠଗଡ଼-ନରସିଂହପୁର ୬୫ନଂ. ରାଜ୍ୟ ରାଜପଥର ଗୋପୀନାଥପୁର ଓ ସେହି ବ୍ଲକର କଟକ-ସମ୍ବଲପୁର ରାସ୍ତାରେ ଗଛ ଭାଙ୍ଗିପଡ଼ିଛି। ଏଥିଯୋଗୁ ଯାନବାହନ ଚଳାଚଳ ସାମୟିକ ବାଧାପ୍ରାପ୍ତ ହୋଇଥିଲା। ପୁରୀ ଜିଲାର ବିଭିନ୍ନ ବ୍ଲକରେ ଝଡ଼ବର୍ଷାରେ ବହୁ ନଡ଼ିଆ, ଗୁଆ, କଦଳୀ, ଆମ୍ବ ଗଛ ଭାଙ୍ଗିଛି। ଚାଳଛପର ଓ ଆଜବେଷ୍ଟସ୍ ଛପର ଉଡ଼ିଯାଇଛି। ପିପିଲି ଦେଇ ଯାଇଥିବା ରାସ୍ତାରେ ବିଦ୍ୟୁତ୍ ତାର ଛିଣ୍ଡିପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଶତାଧିକ ଯାନବାହନ ଅଟକି ରହିଥିଲା। କାଳବୈଶାଖୀ ବେଳେ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ୨୪,୭୭୬ ଥର ବିଜୁଳି ମାରିଛି।

ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଜାରିରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ତେବେ କାଳବେଶାଖୀ ପ୍ରଭାବ ରହିଲେ ମଧ୍ୟ ତାତିରେ ବ୍ରେକ୍ ଲାଗିବାର ସମ୍ଭାବନା କ୍ଷୀଣ।

କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ଉପକୂଳ ଓଡ଼ିଶାକୁ ଶୀତଳ କରିଥିଲେ ମଧ୍ୟ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପ୍ରଚଣ୍ଡ ତାତିରୁ ନିସ୍ତାର ମିଳିନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ତାଳଚେରରେ ସର୍ବୋଚ୍ଚ ତାପମାତ୍ର ୪୨.୮ ଡିଗ୍ରୀ ଛୁଇଁଛି। ସେହିପରି ସମ୍ବଲପୁର ୪୨.୭, ନୂଆପଡ଼ା ୪୨.୪, ଝାରସୁଗୁଡ଼ା ୪୨.୨, ସୁନ୍ଦରଗଡ଼ ୪୨.୨, ବୌଦ୍ଧ ୪୧.୬, ସୋନପୁର ୪୧.୪, ବରଗଡ଼ ୪୧.୨, ଅନୁଗୋଳ ୪୧.୨, ବଲାଙ୍ଗୀର ୪୧.୧, ହୀରାକୁଦ ୪୧.୧ ଏବଂ ନୟାଗଡ଼ରେ ତାପମାତ୍ରା ୪୦.୫ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସମ୍ବଲପୁର, ବୌଦ୍ଧ, ସୋନପୁର, ନୂଆପଡ଼ା ଜିଲାରେ ପାରଦ ୪୦ରୁ ୪୪ ଡିଗ୍ରୀ ଯାଏ ପହଞ୍ଚିବା ସମ୍ଭାବନା ରହିଛି। ଅପରପକ୍ଷେ ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଜିଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ସମ୍ପୃକ୍ତ ସ୍ଥାନରେ ମଧ୍ୟାହ୍ନରେ ପାରଦ ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିବ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

# ୩ ବାଘ ଛାଲ ଜବତ, ଅଭିଯୁକ୍ତ ଗିରଫ

**ରାୟଗଡ଼ା ଅଫିସ,୨୫।୫**



ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଟିମ୍ ଦ୍ୱାରା ଗୁରୁବାର ରାୟଗଡ଼ାରୁ ୩ କଲରାପତରିଆ ବାଘ ଛାଲ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଡମ୍ବୁରୁଧର ମାଝିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ନାକଟିଗୁଡ଼ା ହୁଣ୍ଡିବର ଗ୍ରାମରେ ଅଭିଯୁକ୍ତ ଡମ୍ବୁରୁଧରଙ୍କ ଘର ବୋଲି ଜଣାପଡିଛି। ଏଥିସହ ଜବତ ବାଘଛାଲକୁ ପରୀକ୍ଷା ନିମନ୍ତେ ଡେରାଡୁନ୍‌ସ୍ଥିତ ବନ୍ୟଜନ୍ତୁ ପରୀକ୍ଷାଗାରକୁ ପଠାଯିବ ବୋଲି ଏସ୍‌ଟିଏଫ୍ ତରଫରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଏସ୍‌ଟିଏଫ୍ ଟିମ୍ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି, ଏକ ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଟିମ୍ ଗୁରୁବାର ୩୨୬ନମ୍ବର ଜାତୀୟ ରାଜପଥର ରାୟଗଡ଼ା ଜିଲା ସଦର ଥାନା ଅନ୍ତର୍ଗତ ଶିରିଗୁଡ଼ା ନିକଟସ୍ଥ ସ୍ୱର୍ଗଧାମ ଛକଠାରେ ଡମ୍ବୁରୁଧର ନାମକ ଅଭିଯୁକ୍ତ ଶୀକାର କରି ଆଣିଥିବା ବାଘ ଛାଲର ଡିଲ୍ କରୁଥିଲେ। ଏହି ସମୟରେ ଏସ୍‌ଟିଏଫ ଟିମ୍ ଅଚାନକ ଚଢ଼ାଉ କରି ଘଟଣାସ୍ଥଳରୁ ଡମ୍ବୁରୁଧରଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୩ଟି ବାଘ ଛାଲ ସହ ଅନ୍ୟ କିଛି ଆପରାଧିକ ସାମଗ୍ରୀ ଜବତ କରିଥିଲା। ଗିରଫ ପରେ ରାୟଗଡ଼ା ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଚାଲାଣ କରାଯାଇଥିଲା ।





# ବଜ୍ରକାପ୍ତା କାତି, ୪ ଦେଶୀ ବନ୍ଧୁକ ଜବତ | ୨ ଶିକାରୀ ଗିରଫ

**ବାରିପଦା ଅଫିସ/ଉଦଳା, ୨୫।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଶିକାରୀ ଗୁଳିରେ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ପରେ ବନବିଭାଗ ତତ୍ପର ହୋଇପଡ଼ିବା ସହ ଯାଞ୍ଚକୁ କଡ଼ାକଡ଼ି କରିଛି। ଗୁରୁବାର ବନବିଭାଗର କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭ କେ.ଜି. ବଜ୍ରକାପ୍ତା କାତି ସହିତ ୪ଟି ଦେଶୀ ବନ୍ଧୁକ ଜବତ କରିଛନ୍ତି। ଏହି ଘଟଣାରେ ୨ଶିକାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ବନ୍ୟଜନ୍ତୁ ମାଂସ, ଶିଂଗ ଓ ଫାଶ ପ୍ରଭୃତି ମଧ୍ୟ ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ କପ୍ତିପଦା ରେଞ୍ଜ ବଡ଼ଖମଣ ତାଳସାରୀ ଗ୍ରାମର ମଙ୍ଗଲ ସିଂ ଓ ଗାନସା ହୋ। ଶିମିଳିପାଳ ଅଭୟାରଣ୍ୟରେ ଶିକାରୀମାନେ ନିର୍ବିଘ୍ନରେ ବନ୍ଧୁକ ମୁନରେ ବନ୍ୟଜନ୍ତୁ ଶିକାର ଚଳାଇଛନ୍ତି। କୋର୍ ଅଞ୍ଚଳ ମଧ୍ୟରେ ପ୍ରବେଶ କରି ଶିକାର ପରେ ମାଂସ ବିକ୍ରି କରୁଥିବା ବେଳେ ଅବଶିଷ୍ଟ ଦେହାବଶେଷକୁ ବେପାରୀଙ୍କୁ ବିକ୍ରି କରୁଥିବା ଜଣାପଡ଼ିଛି। କେତେଜଣ ଅସାଧୁ ବନ କର୍ମଚାରୀଙ୍କୁ ହାତ ବାରିସୀ କରି ସେମାନେ ଏଭଳି ଶିକାର ଚଳାଉଥିବା ଅଭିଯୋଗ ହୋଇଛି। କିଛି ଦିନ ପୂର୍ବେ ବଜ୍ରକାପ୍ତା କାତି ବିକ୍ରି ନିମନ୍ତେ ଡିଲ୍ ଚାଲିଥିବା ବେଳେ କପ୍ତିପଦା ପୋଲିସ ଚଢ଼ାଉ କରି ଜଣେ ଫରେଷ୍ଟରଙ୍କ ସମେତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଭଳି ଘଟଣା ସମସ୍ତଙ୍କୁ ଚକିତ କରିଥିବା ବେଳେ ଶିମିଳିପାଳ ପାଦଦେଶରେ ଶିକାରୀମାନେ ସକ୍ରିୟ ହୋଇ ଉଠିଥିବା ପରିଲକ୍ଷିତ ହୋଇଛି। ବନବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଶିକାର ରୋକାଯାଇ ପାରିବ ବୋଲି ସାଧାରଣରେ ଦାବି ହେଉଛି ।

# ମାଲବାହୀ ଇଞ୍ଜିନ ଲାଇନଚ୍ୟୁତ



ଲାଇନଚ୍ୟୁତ ପରେ ମରାମତି କାର୍ଯ୍ୟ ଚାଲୁଛି।

**ଛତ୍ରପୁର,୨୫।୫(ଡି.ଏନ୍.ଏ)**

ଗଞ୍ଜାମ ଜିଲା ଛତ୍ରପୁର ଓ ଗଞ୍ଜାମ ଷ୍ଟେଶନ ମଧ୍ୟଭାଗରେ ଗୁରୁବାର ଏକ ମାଲ ବୋଝେଇ ଟ୍ରେନ୍‌ର ୨ଟି ଇଞ୍ଜିନ୍ ଲାଇନ୍‌ଚ୍ୟୁତ ହୋଇଥିଲା। ଏମଓଆଇଭି/ଏମ୍ ବକ୍ସ ଲୋଡ ଡାଉନ୍ ଟ୍ରେନ୍ ସାଉଥ ସେଣ୍ଟରରୁ ବଇରି ଅଭିମୁଖେ ଯାଉଥିବା ବେଳେ ଗୁରୁବାର ପୂର୍ବାହ୍ନ ୯ ଟା ୨୦ରେ ଛତ୍ରପୁର ଓ ଗଞ୍ଜାମ ଷ୍ଟେସନ ମଧ୍ୟଭାଗ ତଥା ବଡଶଙ୍ଖ ନିକଟ ମା' କନ୍ଧୁଣୀ ଦେବୀ ମନ୍ଦିର ସମ୍ମୁଖ ରେଳ ଟ୍ରାକ୍ ୫୭୪/୨୪-୨୬ ର ରାଇଟ୍‌ସାଇଡରେ ଟ୍ରେନର ସମ୍ମୁଖ ଦୁଇ ଇଞ୍ଜିନ୍ ଲାଇନଚ୍ୟୁତ ହୋଇଥିଲା। ଏଥିରେ କେହି ଆହତ ହୋଇନଥିଲେ। କେବଳ ଟ୍ରାକ୍‌ରେ ମାଲ ବୋଝେଇ ଟ୍ରେନ୍ ର ୬୯ଟି ବଗି ରହିଯାଇଥିଲା। ଫଳରେ ଗୋଟିଏ ଟ୍ରାକ୍‌ରେ ଟ୍ରେନ୍ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅନ୍ୟ ଟ୍ରାକ୍‌ରେ ଟ୍ରେନ୍ ଚଳାଚଳ କରୁଥିବାରୁ ବହୁ ଟ୍ରେନ୍ ବିଳମ୍ବରେ ଚାଲୁଥିଲା। ଦୀର୍ଘ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟ୍ରାକ ମରାମତି କରିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା । ଖବର ପାଇ ଖୋର୍ଦ୍ଧା ଡିଆରଏମ୍ ରିଙ୍କେଶ ରାୟଙ୍କ ସମେତ ରେଲୱେ ବିଭାଗର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ମନିଟରିଂ କରିଥିଲେ।

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। **–ଶ୍ରୀଅରବିନ୍ଦ**



# ଅଶାନ୍ତ ଦେଶ



ବ୍ରହ୍ମ ଚେଲ୍ଲାନି

ଆଫଗାନିସ୍ତାନ ଓ ପାକିସ୍ତାନ ଘୋର ଅବ୍ୟବସ୍ଥା ମଧ୍ୟକୁ ଫସିଯାଉଛନ୍ତି । ଆମେରିକା ହିଁ ଏହାର ମୁଖ୍ୟ କାରଣ। ଦୀର୍ଘ ସମସ୍ୟା ସହ ଜଡ଼ିତ ଏହି ଦୁଇ ଦେଶରେ ଯେପର୍ଯ୍ୟନ୍ତ ଅଶାନ୍ତି ରହିଥିବ ସେଯାଏ ଇସ୍‌ଲାମିକ ସନ୍ତ୍ରାସବାଦ ଲାଗିରହିବ ଏବଂ ଅନ୍ତର୍ଜାତୀୟ ସୁରକ୍ଷା ଉପରେ ଏହାର ଗମ୍ଭୀର ପ୍ରଭାବ ପଡ଼ିବ। ପ୍ରଥମେ ଆଫଗାନିସ୍ତାନ ସ୍ଥିତିକୁ ଲକ୍ଷ୍ୟ କରିବା। ଆମେରିକା ତାଲିବାନ୍ ମୌଳବାଦୀଙ୍କୁ ଆଫଗାନିସ୍ତାନ ଶାସନ ଭାର ଦେବା ପାଖାପାଖି ୨୨ ମାସ ହୋଇଗଲାଣି। ତା' ପରଠାରୁ ଏହା ଏକ ସନ୍ତ୍ରାସବାଦ ଗଡ଼ ଭାବେ ସାମ୍ନାକୁ ଆସିଛି। ଆଫଗାନ ଲୋକଙ୍କ ବିରୋଧରେ ନିର୍ଯାତନା ଦେବା ଏବଂ ମଧ୍ୟଯୁଗୀୟ ପରମ୍ପରାଗୁଡ଼ିକୁ ପୁନର୍ବାର ଲାଗୁକରିଛି। ଏହାବାଦ୍ ଆଫଗାନ୍ ମହିଳାଙ୍କ ଅଧିକାର କ୍ଷୁଣ୍ଣ କରିଛି। ଅନ୍ୟପକ୍ଷରେ ଅଲ୍‌କାଏଦା ଓ ଅନ୍ୟସବୁ ସନ୍ତ୍ରାସବାଦ ଗୋଷ୍ଠୀ ସହ ତାଲିବାନ୍ ନିବିଡ଼ ସମ୍ପର୍କ ରଖିଛି। ପେଣ୍ଟାଗନରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଅଲ୍‌କାଏଦା ଏବଂ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ପାଇଁ ଆଫଗାନିସ୍ତାନ ଏକ ସୁରକ୍ଷିତ ସ୍ଥାନ । ସେଠାରୁ ଏସିଆ, ୟୁରୋପ ଏବଂ ଆମେରିକା ଉପରେ ଆକ୍ରମଣ କରିବା ପାଇଁ ସେମାନେ ଯୋଜନା କରୁଛନ୍ତି। ବାସ୍ତବରେ ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କାରଣ ତାଲିବାନ୍ ସରକାର ତା' କ୍ୟାବିନେଟରେ ଅନ୍ତର୍ଜାତୀୟ ସନ୍ତ୍ରାସବାଦୀ ଓ ନିଶାଦ୍ରବ୍ୟ ଚୋରାଚାଲାଣ କରୁଥିବା ବ୍ୟକ୍ତିମାନଙ୍କୁ ସାମିଲ କରିଛି। ଗତବର୍ଷ କାବୁଲରେ ଆମେରିକାର ଡ୍ରୋନ୍ ଆକ୍ରମଣରେ ଅଲ୍‌କାଏଦା ନେତା ଆୟମାନ ଅଲ ଜୱାହିରିଙ୍କର ମୃତ୍ୟୁ ଘଟିଥିଲା ଏବଂ ତାଙ୍କୁ ଜାତିସଂଘ ଅନ୍ତଃରାଷ୍ଟ୍ରୀୟ ସନ୍ତ୍ରାସବାଦ ଭାବେ ଘୋଷଣା କରିଥିଲା।

ଇସ୍‌ଲାମିକ ଷ୍ଟେଟ୍ ଆଫଗାନିସ୍ତାନରୁ ଏହାର ସନ୍ତ୍ରାସବାଦ କାର୍ଯ୍ୟକଳାପ ସମ୍ପ୍ରସାରଣ କରିବାକୁ ଚେଷ୍ଟା କରିପାରେ। ତାଲିବାନ୍ ସହ ଏହାର ମେଣ୍ଟ ଯୋଗୁ ଅନ୍ତର୍ଜାତୀୟ ସ୍ତରରେ ଦୀର୍ଘମିଆଦୀ ଭୟଙ୍କର ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେତେବେଳେ ଆମେରିକା ଆଫଗାନିସ୍ତାନ ଛାଡ଼ିଲା ସେତେବେଳେ ତାହାର ସହଯୋଗୀ ମେଣ୍ଟକୁ ବି ଏକୁଟିଆ କରି ଚାଲିଆସିଲା। ଏହାବ୍ୟତୀତ ସେଠାରେ ବିଲିୟନ ଡଲାର ମୂଲ୍ୟର ଅତ୍ୟାଧୁନିକ ଆମେରିକୀୟ ସେନା ଉପକରଣ ଓ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଗ୍ରାମ୍ ଏୟାରବେସ୍ ସମେତ ଅନେକ ମିଲିଟାରି ବେସ୍ ଛାଡ଼ି ଆସିଲା। ଏଣୁ ବିଶ୍ୱର ଏକମାତ୍ର ସନ୍ତ୍ରାସବାଦୀ ଗୋଷ୍ଠୀ ଭାବେ ତାଲିବାନ୍ ପାଖରେ ଏବେ ତାହାର ନିଜସ୍ୱ ବାୟୁ ସେନା ଅଛି। ଗତ ମାସରେ ଜୋ ବାଇଡେନ ପ୍ରଶାସନ ଦ୍ୱାରା ୧୨ ପୃଷ୍ଠା ତଥ୍ୟ ସମ୍ବଳିତ ରିପୋର୍ଟ ଜାରି କରାଯାଇଥିଲା। ଏଥିରେ ଆଫଗାନିସ୍ତାନରେ ସମ୍ପୂର୍ଣ୍ଣ ବିଫଳତା ପାଇଁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଦୋଷ ଦେବାକୁ ପ୍ରୟାସ କରିଛି ବାଇଡେନ୍ ପ୍ରଶାସନ। କେବଳ ତାଙ୍କ ପୂର୍ବ ପ୍ରଶାସନ ଦ୍ୱାରା ସୃଷ୍ଟି କରାଯାଇଥିବା ସ୍ଥିତି ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର କରାଯିବା ଲାଗି ବାଇଡେନ ପ୍ରଶାସନକୁ ନିଷ୍ପତ୍ତି ନେବାକୁ ବାଧ କରିଥିଲା ବୋଲି ରିପୋର୍ଟ ଦାବି କରିଛି। କିନ୍ତୁ ଏହା ନିଃସନ୍ଦେହ ଯେ, ଟ୍ରମ୍ପ୍ ପ୍ରଶାସନ ତାଲିବାନ୍‌ଙ୍କ ସହ ଏକ ବିପଜ୍ଜନକ ଚୁକ୍ତିକୁ ବନ୍ଦ କରିଥିଲା। କିନ୍ତୁ ବାଇଡେନ ତାଙ୍କର ଶୀର୍ଷ ସେନାଧକ୍ଷମାନଙ୍କ ମତକୁ ନ ମାନି ସେଠାରୁ ସେନା ପ୍ରତ୍ୟାହର କରିବା ନିଷ୍ପତ୍ତି ନେଇଥିଲେ। ଫଳରେ ଆଫଗାନିସ୍ତାନରେ ସ୍ଥିତି ଖରାପ ହେବା ସହ ଅରାଜକତା ବଢ଼ିଗଲା ଏବଂ ତାଲିବାନ୍ ଶୀଘ୍ର କ୍ଷମତାକୁ ଫେରିବା ସହଜ ହୋଇଗଲା।




ଆମେରିକାର ନୀତି ପାକିସ୍ତାନକୁ ଭୁଲ୍ ବାଟରେ ନେଇଆସିଛି। ପାକିସ୍ତାନ ସହ ଆମେରିକାର ସମ୍ପର୍କ ଯୋଗୁ ପାକିସ୍ତାନର ମିଲିଟାରି ଏବଂ ଏହାର ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଏଜେନ୍ସି ପଡ଼ୋଶୀ ଦେଶଗୁଡ଼ିକ ବିରୋଧରେ ସନ୍ତ୍ରାସବାଦକୁ ଏକ ଅସ୍ତ୍ର ଭାବେ ପ୍ରୟୋଗ କରିବାରେ ସକ୍ଷମ ହୋଇଛନ୍ତି। ଟ୍ରମ୍ପ୍ ପ୍ରଶାସନ ଏହି ବିଷୟକୁ ଠିକ୍ ଜାଣିପାରିଥିଲା ଏବଂ ପାକିସ୍ତାନ ଯେ ପର୍ଯ୍ୟନ୍ତ ସନ୍ତ୍ରାସବାଦ ସଂଗଠନଗୁଡ଼ିକ ସହ ସମ୍ପର୍କ ଶେଷ ନ କରିଛି ସେଯାଏ ତା'ଠାରୁ ଦୂରେଇ ରହିବାକୁ ପ୍ରତିଶ୍ରୁତିବଦ୍ଧ ଥିଲା। କିନ୍ତୁ ବାଇଡେନ୍ ପ୍ରଶାସନ ଏହି ନୀତିକୁ ପୂରା ଓଲଟାଇଦେଲା। ଏପରି କି ପାକିସ୍ତାନ ୧୯୯୦ ଦଶନ୍ଧିରେ ତାଲିବାନ୍‌କୁ ଶକ୍ତିଶାଳୀ କରିବା ଫଳରେ ଆଇଏସ୍ଆଇ ସାହାଯ୍ୟରେ ତାହା ଆଫଗାନିସ୍ତାନରେ ଆମେରିକାକୁ ହରାଇପାରିଥିଲା। ଏହା ସତ୍ତ୍ୱେ ଗତବର୍ଷ ବାଇଡେନ୍ ପ୍ରଶାସନ ପାକିସ୍ତାନ ସରକାରକୁ ଋଣ ଖିଲାପ ସ୍ଥିତିକୁ ଟାଳିବାରେ ସାହାଯ୍ୟ କରିଥିଲା। ଏହାର ଠିକ୍ ପରେ ଏଫ୍-୧୬ ବିମାନର ଆଧୁନିକୀକରଣ ପାଇଁ ୪୫୦ ମିଲିୟନ ଡଲାର ଦେବା ଲାଗି ଚୁକ୍ତି କରିଥିଲା। ଏହା ପରେ ସନ୍ତ୍ରାସବାଦୀଙ୍କୁ ପାଣ୍ଠି ଯୋଗାଣ ବିରୋଧରେ ଲଢେଇ କରୁଥିବା ପ୍ୟାରିସ ସ୍ଥିତ ଆନ୍ତଃ ସରକାରୀ ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ ଦ୍ୱାରା କରାଯାଇଥିବା 'ଗ୍ରେ ଲିଷ୍ଟ'ରୁ ପାକିସ୍ତାନକୁ ବାହାର କରି ଆଣିବାରେ ଆମେରିକା ସାହାଯ୍ୟ କରିଥିଲା।

ପାକିସ୍ତାନ ଏବେ ଏକ ବଡ଼ ରାଜନୈତିକ ଅସ୍ଥିରତା ବା ଅଶାନ୍ତ ସ୍ଥିତିକୁ ସାମ୍ନା କରୁଛି। ବେସାମରିକ ଓ ସାମରିକ ମଧ୍ୟରେ ଥିବା ସମ୍ପର୍କରେ ହଠାତ୍ ପରିବର୍ତ୍ତନ ଯୋଗୁ ଏହା ଉପୁଜିଛି । ପାକିସ୍ତାନର ମିଲିଟାରି ପ୍ରତ୍ୟକ୍ଷ ଭାବେ ୩୩ ବର୍ଷ ଶାସନ କରିଛି। ଯେତେବେଳେ ଏହା କ୍ଷମତାରେ ନ ଥାଏ ସେତେବେଳେ ସହଜରେ ନିୟନ୍ତ୍ରିତ ହେଉଥିବା ନିର୍ବାଚିତ ସରକାର ଉପରେ ଏଭଳି ଚାପ ପକାଏ ଯେ, ତାହା ଜେନେରାଲଙ୍କ ବାସ୍ତବ ନେତୃତ୍ୱକୁ ସମର୍ଥନ କରେ। ଅନ୍ୟପକ୍ଷରେ ୨୦୧୭ ଠାରୁ ମିଲିଟାରିକୁ ସମର୍ଥନ କରିବାରେ ବିଫଳ ହୋଇ ଦୁଇ ଜଣ ପ୍ରଧାନମନ୍ତ୍ରୀ ତଡ଼ାଖାଇଛନ୍ତି। ସେହି ପ୍ରଧାନମନ୍ତ୍ରୀଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଇମ୍ରାନ ଖାନ୍। ପାକିସ୍ତାନ ପ୍ରତିଷ୍ଠା ହେବାର ୭୫ ବର୍ଷ ପରେ ପ୍ରଥମଥର ପାଇଁ ତାଙ୍କ ସମର୍ଥକମାନେ ମିଲିଟାରି କ୍ଷମତାକୁ ସିଧାସଳଖ ଆହ୍ୱାନ ଦେଇଛନ୍ତି। ଚଳିତ ମାସରେ ଦୁର୍ନୀତି ଅଭିଯୋଗରେ ଖାନ୍ ଗିରଫ ହେବା ପରେ ପାକିସ୍ତାନରେ ଗଣ ପ୍ରତିବାଦ ଦେଖାଯାଇଥିଲା। ପ୍ରତିବାଦକାରୀମାନେ ମିଲିଟାରି ହେଡ୍‌କ୍ୱାର୍ଟର୍ସ ଓ ଏକ ମୁଖ୍ୟ ଆଇଏସ୍ଆଇ କ୍ଷେତ୍ରରେ ପ୍ରବେଶ କରି କ୍ଷତି କରିବା ସହ ଜଣେ ଟପ୍ ସେନା କମାଣ୍ଡରଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ପୁନର୍ବାର ରାଜନୈତିକ ସଙ୍କଟ ପ୍ରକାଶ ପାଇଥିବାରୁ ପାକିସ୍ତାନ ଋଣ ପରିଶୋଧ ଖିଲାପର ଦ୍ୱାରଦେଶରେ ଦୋଦୁଲ୍ୟମାନ ସ୍ଥିତିରେ ରହିଛି। ସହଯୋଗୀଙ୍କ ସ୍ୱଳ୍ପମିଆଦୀ ଋଣଗୁଡ଼ିକ ଦ୍ୱାରା ଏହାକୁ ବଞ୍ଚାଇ ରଖାଯାଉଛି।

ବିଶେଷକରି ପାକିସ୍ତାନରେ ମିଲିଟାରି ବିରୋଧୀ ପ୍ରତିବାଦରୁ ଦେଖାଯାଉଛି ଯେ ସେଠାରେ କିଛି ଉନ୍ନତି ଘଟିଛି। ଏଭଳି ପ୍ରତିବାଦ ଏବେ ନାଗରିକ ଓ ମିଲିଟାରି ସମ୍ପର୍କର ପୁନଃ ସମନ୍ୱୟ ପ୍ରତିଷ୍ଠା ପାଇଁ ବାଧ କରିବାର ଅଧିକ ସମ୍ଭାବନା ରହିଛି। କିନ୍ତୁ ବିନା ଲଢ଼େଇରେ ମିଲିଟାରି ନରମିବ ନାହିଁ। ମିଲିଟାରି ଶାସନ ଏବେ ଗଣ ଗିରଫ ପାଇଁ ଧୀରେ ଧୀରେ ଆଗେଇଲାଣି। ଏହାସହ ଘଟିଥିବା ହିଂସାରେ ଗିରଫ ନାଗରିକମାନଙ୍କ ବିଚାର ମିଲିଟାରି ଆଇନ ଅନୁଯାୟୀ ହେବ ବୋଲି ସେନା ମୁଖ୍ୟ ଘୋଷଣା କରିଛନ୍ତି। ମିଲିଟାରି ଦେଶରେ ଜରୁରୀ ସ୍ଥିତି ଘୋଷଣା କରିପାରେ କିମ୍ବା ଏହା ଜବରଦସ୍ତ କ୍ଷମତା ଦଖଲ କରିପାରେ। ନାଗରିକ ଓ ମିଲିଟାରି ସଂଘର୍ଷରୁ ଗୃହଯୁଦ୍ଧର ସମ୍ଭାବନା ଅଛି। ଏଭଳି ସ୍ଥିତି ଅନ୍ତଃରାଷ୍ଟ୍ରୀୟ ସନ୍ତ୍ରାସବାଦୀ ଶକ୍ତିଗୁଡ଼ିକୁ ତିଷ୍ଠି ରହିବା ଲାଗି ସୁହାଇବ। ସମ୍ପ୍ରତି ପାକିସ୍ତାନ ଏକ ସନ୍ତ୍ରାସବାଦ କେନ୍ଦ୍ର ପାଲଟିଛି ଓ ଏହା ଆଫଗାନିସ୍ତାନରେ ଅସ୍ଥିରତା ସୃଷ୍ଟି କରୁଛି। ପାକିସ୍ତାନର ମିଲିଟାରି ଏବଂ ସନ୍ତ୍ରାସବାଦୀ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କ ଯେ ପର୍ଯ୍ୟନ୍ତ ନ କଟିଛି, ସେଯାଏ ଆଫଗାନିସ୍ତାନ ସ୍ଥିତିରେ କୌଣସି ଉନ୍ନତି ଆସିବ ନାହିଁ କି ଅନ୍ତଃରାଷ୍ଟ୍ରୀୟ ସନ୍ତ୍ରାସବାଦ ବିରୋଧୀ ଲଢେଇରେ ବିଜୟ ଲାଭ କରିହେବ ନାହିଁ।

**ପ୍ରାଧ୍ୟାପକ, ଷ୍ଟ୍ରାଟେଜିକ ଷ୍ଟଡ଼ିଜ,**
**ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

## ସବୁରି ମୂଳରେ 'ମୁଁ'



ଡ. ସୀତାକାନ୍ତ ତ୍ରିପାଠୀ

ଥରେ ଶ୍ରେଣୀ ଶିକ୍ଷକ ଜଣେ ଛାତ୍ରକୁ ଡାକି ଉପସ୍ଥିତ ଛାତ୍ର ସଂଖ୍ୟା ଗଣି ତାଙ୍କୁ ଜଣାଇବାକୁ କହିଲେ। ଛାତ୍ର ଜଣକ ମଧ୍ୟ ଆଗ୍ରହ ସହକାରେ ଗଣି ସାରିବା ପରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ଶିକ୍ଷକଙ୍କୁ କହିଲା। କିନ୍ତୁ ଶିକ୍ଷକଙ୍କର ସନ୍ଦେହ ହେଲା କାରଣ ପ୍ରାର୍ଥନା ସଭା ସମୟରେ ଉପସ୍ଥିତ ପିଲା ସଂଖ୍ୟାଠାରୁ ତାହା ୧ କମ୍ ଥିଲା। ତେବେ ଶ୍ରେଣୀର ଉପସ୍ଥିତ ପିଲା ସଂଖ୍ୟା ଅଧିକ ହେବ ସିନା କମ୍ ହେବାର ତ କୌଣସି କାରଣ ନାହିଁ। ତା'ଛଡ଼ା ଯଦି କୌଣସି କାରଣରୁ ପିଲାଟିଏ ବିଦ୍ୟାଳୟ ବାହାରକୁ ଯିବ ତାଙ୍କୁ ତ ନିଶ୍ଚୟ ଜଣାଇବ। ସନ୍ଦେହ ମୋଚନ ପାଇଁ ନିଜେ ଆସି ଗଣିଲେ ଏବଂ ତାଙ୍କର ସନ୍ଦେହ ମଧ୍ୟ ଠିକ୍ ଥିଲା। ଶେଷରେ ଜଣାପଡ଼ିଲା ଉକ୍ତ ଛାତ୍ରଜଣକ ଗଣିବା ଅବସରରେ ନିଜକୁ ସେଥିରେ ସାମିଲ କରିବା ପାଇଁ ଭୁଲି ଯାଇଛି। ସତେ ଯେପରି ସିଏ ଉକ୍ତ ଶ୍ରେଣୀର ଛାତ୍ର ନୁହେଁ।

ଏହା ଏକ ଗଳ୍ପ / ଉଦାହରଣ ହୋଇପାରେ କିନ୍ତୁ ଆମେ ସମସ୍ତେ ଏପରି ଅବସ୍ଥା ଦେଇ ଗତି କରୁଛନ୍ତି। ଆମେ କେତେବେଳେ ନିଜର ଉପସ୍ଥିତିକୁ ଭୁଲିଯାଉଛନ୍ତି ତ ଆଉ କେତେବେଳେ ନିଜ ଉପସ୍ଥିତି ଜାହିର କରିବା ପାଇଁ ଅନେକ ତୁମ୍ଭିତୋଫାନ ପରିସ୍ଥିତି ସୃଷ୍ଟି କରୁଛନ୍ତି। 'ମୁଁ' କୁ ନେଇ ମଣିଷର ଉଭୟ ସ୍ୱାଭିମାନ ଓ ଅହଂକାର ଆସେ ଏବଂ ଏହି ଅହଂକାରକୁ ନେଇ ଯାବତୀୟ ପାରିବାରିକ, ସାମାଜିକ ଓ ରାଜନୈତିକ ବିଶୃଙ୍ଖଳା। ସମାଜର ରୀତି, ନୀତି, ନିୟମ ସବୁ 'ମୁଁ' ର ଶୃଙ୍ଖଳରେ ବନ୍ଧା। ଅନେକ ସମୟରେ ଦେଖାଯାଏ ଅଧିକାର ଜାହିର କରିବା ସମୟରେ 'ମୁଁ' ର ସ୍ୱର ଯେମିତି ତେଜୀୟାନ ଓ ତୀକ୍ଷ୍ଣ ଥାଏ କର୍ତ୍ତବ୍ୟ ପାଳନ ବେଳକୁ ତାହା ସତେ ଯେପରି ନିଷ୍ପ୍ରଭ ହୋଇଆସେ।

ଯେଉଁମାନେ 'ମୁଁ'ର ଚେତନାରୁ ଊର୍ଦ୍ଧ୍ୱକୁ ଯାଇଛନ୍ତି ସେମାନେ ଅମରତ୍ୱ ଲାଭ କରିଛନ୍ତି। ନିଜକୁ ତ୍ୟାଗ ଓ ତିତିକ୍ଷାରେ ଅଭିମନ୍ତ୍ରିତ କରି ସମାଜରେ ପରମ ପୂଜ୍ୟ ହୋଇଛନ୍ତି। ରାଜା ପରିକ୍ଷିତ କ୍ଷଣିକ ଅହଂକାର ଓ କ୍ରୋଧର ବଶବର୍ତ୍ତୀ ହୋଇ ଋଷିଙ୍କ ଦେହରେ ମୃତ ସର୍ପ ପକାଇ ଦେବା ପରେ ଶାପଗ୍ରସ୍ତ ହୋଇଥିଲେ ଏବଂ ଉକ୍ତ ଶାପରୁ ମୁକ୍ତ ହେବା ପାଇଁ ତାଙ୍କୁ ଅନେକ ବାଟ ବତାଇଥିବା ବେଳେ ତାଙ୍କର ଉତ୍ତର ଥିଲା ସମ୍ପୂର୍ଣ୍ଣ ଭିନ୍ନ ; 'ମୋତେ ପଛକେ ତକ୍ଷ ଖାଉ, ମୋ ବଂଶ ବ୍ରହ୍ମ ଶାପ ନୋହୁ' ଅର୍ଥାତ୍ ମୁଁ ପଛେ ତକ୍ଷକ ଦଂଶନରେ ମରିଯାଏ କିନ୍ତୁ ମୋ ପାଇଁ ମୋର ବଂଶ ଅଭିଶପ୍ତ ନ ହେଉ। ଠିକ୍ ସେହିପରି ଆମ ସୀମାରେ ମୁତୟନ ଥିବା ବୀର ଯବାନମାନଙ୍କ ପାଖରେ 'ମୁଁ ଓ ମୋର ପରିବାର ଭାବନା ଦେଶର ସୁରକ୍ଷା ଆଗରେ ତୁଚ୍ଛ। ନ ହେଲେ କ୍ଷଣିକ ମଧ୍ୟରେ ସମଗ୍ର ଦେଶର ପରିସ୍ଥିତି କ'ଣ ହେବ ତାହା ଆମ ସମସ୍ତଙ୍କୁ ଅନୁମେୟ।

'ମଣିଷ ସ୍ୱାଭିମାନକୁ ନେଇ ବଞ୍ଚେ ଆଉ ସ୍ୱାଭିମାନକୁ ନେଇ ମରେ' ନ୍ୟାୟରେ ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡାରଙ୍କ ଠାରୁ ଯୁଦ୍ଧରେ ପରାଜିତ ହେବା ପରେ ମଧ୍ୟ ରାଜା ପୁରୁ ତାଙ୍କଠାରୁ ଜଣେ ରାଜାର ମର୍ଯ୍ୟାଦା ଓ ସମ୍ମାନ ଆଶା କରିଥିଲେ, ଯାହା ଇତିହାସରେ ଏକ ବିରଳ ଉଦାହରଣ। 'ମୁଁ ଓ 'ମୋର' ଅହଂକାରକୁ ନେଇ ଅନେକ ବଂଶ, ରାଜ ପରିବାର ଧ୍ୱଂସପ୍ରାପ୍ତ ହୋଇଥିବାର ଅନେକ ଗଳ୍ପ ଓ କିମ୍ବଦନ୍ତୀ ରହିଛି। ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀମନ୍ଦିର ସ୍ଥାପନା ପରେ ଚତୁର୍ଦ୍ଧା ମୂର୍ତ୍ତିକୁ ନୀଳକନ୍ଦରରେ ପ୍ରତିଷ୍ଠା କରି ସାରିବା ପରେ ତାଙ୍କୁ ଯେତେବେଳେ ବର ମାଗିବା ପାଇଁ କୁହାଯାଇଥିଲା ତାଙ୍କର ପ୍ରାର୍ଥନା ଥିଲା ସମ୍ପୂର୍ଣ୍ଣ ଭିନ୍ନ। ନିଜକୁ ନିର୍ବଂଶ କରିବା ପାଇଁ ସିଏ ଭଗବାନଙ୍କୁ ମାଗୁଣି କରିଥିଲେ। ତାଙ୍କର ଆଶଙ୍କା ଥିଲା ଯେ ଭବିଷ୍ୟତ ପିଢ଼ିଙ୍କ ପାଇଁ ଉକ୍ତ ମନ୍ଦିରକୁ ତାଙ୍କ ବଂଶଜଙ୍କ କରାମତି କହି ଗର୍ବ କରିବାକୁ ହୁଏତ ଅବସର ମିଳିବ। ବର୍ତ୍ତମାନ ପରିପ୍ରେକ୍ଷୀରେ ଆମେ ସମସ୍ତେ ଚାହୁଁ ଆମର ପିଲା ଶ୍ରେଷ୍ଠ ହେଉ। ବଂଶ, ଖାନଦାନି ଓ ବୁନିୟାଦି ନାଁରେ ବିଭିନ୍ନ କ୍ଷେତ୍ରରେ ସମସ୍ତେ ନିଜ ନିଜର ଗାଦି ମାଡ଼ି ବସି ଉତ୍ତର ପିଢ଼ିକୁ ସେଥିରେ ବସାଇବାରେ ବ୍ୟସ୍ତ ଓ ସେଥିପାଇଁ ସମସ୍ତ ନୀତି, ନିୟମ, ଆଇନ କାନୁନକୁ ଜଳାଞ୍ଜଳି ଦେବାପାଇଁ ମଧ୍ୟ ସେମାନେ ପ୍ରସ୍ତୁତ। ଆଉ କଥାରେ କଥାରେ କୁହନ୍ତି 'ଚାଟ ଘର ପିଲା ଚାଟ, ଭାଟ ଘର ପିଲା ଭାଟ'। କାହିଁକି, ଜଣେ ସାଧାରଣ ପିଲା ପାଖରେ କ'ଣ ପ୍ରତିଭା ନ ଥାଏ ? ବରଂ ପୃଷ୍ଠପୋଷକତା ଅଭାବରୁ ବଣମଲ୍ଲୀଟି ବଣରେ ଫୁଟି ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ବଣରେ ଝଡ଼ିଯାଏ ସିନା ତା' ବିଷୟରେ ଜନ ସମାଜ ପାଖରେ କୌଣସି ଖୋଜ ଖବର ନ ଥାଏ। 'ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ' ନ୍ୟାୟରେ ଯଦି ପ୍ରତି ମଣିଷ ମଧ୍ୟରେ ଥିବା ପ୍ରତିଭା ଖୋଜିବାର ପ୍ରୟାସ କରାଯାଇ ପାରନ୍ତା ତା'ହେଲେ ହୁଏତ 'ମୁଁ'ର ପରିଭାଷା ବଦଳି ପାରନ୍ତା।

**ଭଦ୍ରକ, ମୋ–୯୭୭୮୭୬୪୩୯୪**

## ଏଇ ଭାରତରେ

ବାର୍ଦ୍ଧକ୍ୟରେ ବିଭିନ୍ନ ଶାରୀରିକ ଅସୁସ୍ଥତା ଦେଖାଯାଏ। ମୁଖ୍ୟତଃ ପାର୍କିନସନ ଡିଜିଜ୍ ବୃଦ୍ଧାବସ୍ଥାରେ ବଡ଼ ସମସ୍ୟା ଭାବେ ଉଭା ହୁଏ। ଏହି ରୋଗୀମାନଙ୍କୁ କେତେକାଂଶରେ ଉପଶମ ଲାଗି ପୁଣେର ହୃଷୀକେଶ ପାୱାରଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ। ସେ ମାଗଣାରେ ପାର୍କିନସନ ରୋଗୀଙ୍କୁ ଡ୍ୟାନ୍ସ ଥେରାପି ଯୋଗାଇ ଦେଉଛନ୍ତି। ଶହେ କି ଦୁଇଶହ ନୁହେଁ, ହଜାର ହଜାର ରୋଗୀ ଏହି ସେବାର ସୁଯୋଗ ନେଉଛନ୍ତି। ହୃଷୀକେଶ ସେଣ୍ଟର ଫର୍ କଣ୍ଟେମ୍ପୋରାରି ଡ୍ୟାନ୍ସ ପ୍ରତିଷ୍ଠା କରି ସେଠାରେ ଥେରାପି ବ୍ୟବସ୍ଥା କରିଛନ୍ତି। ପୁଣେ ବ୍ୟତୀତ ବେଙ୍ଗାଲୁରୁ, ଚେନ୍ନାଇ ଏବଂ ମୁମ୍ବାଇ ସମେତ ଦେଶର ବିଭିନ୍ନ ସ୍ଥାନରୁ ବରିଷ୍ଠ ନାଗରିକମାନେ ଏଠାକୁ ଆସୁଛନ୍ତି। ମାତ୍ର ଅଳ୍ପ କେତେଜଣକୁ ନେଇ ସେ ୨୦୧୧ରେ ଡ୍ୟାନ୍ସ ଥେରାପି ଆରମ୍ଭ କରିଥିଲେ। ଏହି ଥେରାପିରେ ଏବେ ଅନେକ ହଜାର ବରିଷ୍ଠ ନାଗରିକ ଯୋଗ ଦେଉଛନ୍ତି। ପିଲାଦିନରୁ ହୃଷୀକେଶଙ୍କର ଡ୍ୟାନ୍ସ ପ୍ରତି ଆଗ୍ରହ ରହିଥିଲା। ଏଣୁ ସେ ଶିକ୍ଷା ଶେଷ କରି ୨୦୦୮ରେ ପ୍ରଥମେ ଏକ ଡ୍ୟାନ୍ସ କ୍ଲାସ୍ ଆରମ୍ଭ କରିଥିଲେ। କିନ୍ତୁ ପରେ ବରିଷ୍ଠ ନାଗରିକମାନଙ୍କ ପାର୍କିନସନ ସମସ୍ୟାକୁ ଲକ୍ଷ୍ୟ କରି ସେମାନଙ୍କ ପାଇଁ ଡ୍ୟାନ୍ସ ଥେରାପି ଆରମ୍ଭ କରିଥିଲେ। ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିଙ୍କଠାରୁ ପ୍ରାପ୍ତ ଦାନ ଅର୍ଥରେ ସେ ଏହି କାର୍ଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ମେ ୧୯୯୮**

- ଶ୍ରୀଲଙ୍କାରେ ତାମିଲ ଉଗ୍ରପନ୍ଥୀ ଓ ସୈନ୍ୟଙ୍କ ମଧ୍ୟରେ ସାନି ସଂଘର୍ଷ ଘଟି ୧୮ ଜଣ ବିଦ୍ରୋହୀ ଗେରିଲାଙ୍କ ସମେତ ୨୨ ନିହତ।
- ଅରୁଣାଚଳ ପ୍ରଦେଶର ଶାସକ ଅରୁଣାଚଳ କଂଗ୍ରେସ ପ୍ରାର୍ଥୀ ଚୌନା ମିନ୍ ବିନା ପ୍ରତିଦ୍ୱନ୍ଦ୍ୱିତାରେ ରାଜ୍ୟ ବିଧାନସଭା
- ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତଙ୍କ ୬୧ ବର୍ଷ ବୟସରେ ପରିଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | |
| | 9 | 3 | | | | | | |
| | | | 5 | 3 | | | | 2 |
| | 3 | | | | 9 | 1 | | 8 |
| | | 8 | 2 | | | | 6 | |
| | | | 4 | | 7 | | | |
| | 1 | | | | | | 8 | |
| 9 | | | | | | 6 | 2 | |
| | | 2 | | | | 3 | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 8 | 7 | 4 | 5 | 6 | 2 |
| 8 | 6 | 5 | 9 | 3 | 2 | 1 | 4 | 7 |
| 4 | 2 | 7 | 6 | 1 | 5 | 9 | 3 | 8 |
| 2 | 8 | 4 | 3 | 5 | 1 | 6 | 7 | 9 |
| 6 | 5 | 9 | 4 | 8 | 7 | 3 | 2 | 1 |
| 3 | 7 | 1 | 2 | 9 | 6 | 4 | 8 | 5 |
| 5 | 4 | 6 | 7 | 2 | 9 | 8 | 1 | 3 |
| 7 | 9 | 8 | 1 | 4 | 3 | 2 | 5 | 6 |
| 1 | 3 | 2 | 5 | 6 | 8 | 7 | 9 | 4 |

ଗତକାଲିର ଉତ୍ତର

# ସରକାରୀ ଆବଣ୍ଟନ କେନ୍ଦ୍ର



ଅଞ୍ଜନ ଚାନ୍ଦ

ସ୍କୁଲ୍‌ରେ ନୂଆ ଗେଟ୍ ତିଆରି ହୋଇଛି। ରଙ୍ଗକାମ ସରିଛି, ନାମ ଲେଖାଯାଇନାହିଁ। ଦିନେ ସକାଳେ ଦେଖିବାବେଳକୁ କିଏ ଜଣେ ଦୁର୍ବୃତ୍ତ ବଡ଼ ବଡ଼ କଳା ଅକ୍ଷରରେ ଲେଖିଦେଇଛି–'ସରକାରୀ ଆବଣ୍ଟନ କେନ୍ଦ୍ର।' ତଳେ ଛୋଟ ଅକ୍ଷରରେ–'ଏଠାରେ ପାଠକୁ ଛାଡ଼ି ଆଉସବୁ ବଣ୍ଟାଯାଏ।' ସେହି ବିଷୟକୁ ନେଇ ଆଜି ସବୁଠି ଚର୍ଚ୍ଚା ଏବଂ ଆଶ୍ଚର୍ଯ୍ୟ ଯେ, ରାତି ଅନ୍ଧାରରେ ଯେଉଁ ଅଜ୍ଞାତ ଲୋକଟି ଏହା ଲେଖିଛି ବୟସ୍କମାନେ ତାହାକୁ ଠିକ୍ ବୋଲି କହୁଛନ୍ତି। ଆମ ସମୟରେ ଗୁରୁ ସ୍କୁଲ୍‌ରେ ଶିକ୍ଷାଦାନ କରୁଥିଲେ, ଏବେ ମାଷ୍ଟରମାନେ ଅଣ୍ଡାଦାନ କରୁଛନ୍ତି।

ଆଜକୁ ପ୍ରାୟ ପଚିଶ ବର୍ଷ ତଳେ ସରକାରୀ ସ୍କୁଲ୍‌ଗୁଡ଼ିକ ପ୍ରତି ଜନସାଧାରଣଙ୍କ ଏପରି ହେୟଭାବ ନ ଥିଲା। ସେତେବେଳେ ସେହି ସ୍କୁଲ୍‌ରୁ ହିଁ ପ୍ରତିଭାବାନ୍ ବିଦ୍ୟାର୍ଥୀ ସୃଷ୍ଟି ହେଉଥିଲେ। ଅଭିଭାବକମାନେ ନିଜ ପିଲାମାନଙ୍କୁ ସେଠାରେ ପଢ଼ାଇବାକୁ ଆଗ୍ରହୀ ଥିଲେ। ଏପରିକି ସହରାଞ୍ଚଳ ପିଲାମାନେ ମଧ୍ୟ ଛାତ୍ରାବାସରେ ରହି ଗ୍ରାମାଞ୍ଚଳରେ ଥିବା ସରକାରୀ ସ୍କୁଲ୍‌ରେ ପାଠ ପଢୁଥିଲେ।

ନୂଆ ଶତାବ୍ଦୀର ଆରମ୍ଭବେଳକୁ ଦେଶର ଶିକ୍ଷାନୀତି ବଦଳିଲା। ସବୁ ପିଲାଙ୍କୁ ଶିକ୍ଷାଦେବାର ଉଦ୍ଦେଶ୍ୟ ରଖି 'ସର୍ବଶିକ୍ଷା' ନାମରେ ଯେଉଁ ଅଭିଯାନଟି ଆରମ୍ଭ ହେଲା, ସେହିଦିନରୁ ସ୍କୁଲ୍‌ଗୁଡ଼ିକ ଧୀରେ ଧୀରେ ସରକାରୀ ଆବଣ୍ଟନ କେନ୍ଦ୍ରରେ ପରିଣତ ହେଲା। ଗରିବ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ସ୍କୁଲ୍ ଅଭିମୁଖୀ କରାଇବା ପାଇଁ ଗୋଟିଏ ଗୋଟିଏ ଯୋଜନା ଏଥିରେ ଅନ୍ତର୍ଭୁକ୍ତ ହେଲା। ଚାଉଳଠାରୁ ଟଙ୍କା ପର୍ଯ୍ୟନ୍ତ ହରେକ୍ ରକମର ଜିନିଷ ଶିକ୍ଷକମାନେ ପିଲାମାନଙ୍କୁ ବାଣ୍ଟିଲେ। ଯାହା ବାଣ୍ଟିଲେ ତାହାର ଠିକ୍ ହିସାବ ଲେଖି ଉପର ଅଫିସ୍‌ରେ ଦାଖଲ କଲେ। ଏହି କାଗଜପତ୍ର କାମଗୁଡ଼ିକୁ ସେମାନଙ୍କଠାରୁ ଆଦାୟ କରିବା ପାଇଁ ଉପରୁ ଯେଉଁ ତାଗିଦା ଆସିଲା, ସେମାନେ ବୁଝିଲେ ଯେ ବରଂ କ୍ଲାସ୍‌ରେ ପାଠପଢ଼ା ନ ହେଲେ ଚଳିବ କିନ୍ତୁ ହିସାବ କାଗଜ ଠିକ୍ ସମୟରେ ଦାଖଲ ନ କଲେ ବିପଦ।

ଦୁଇ ଦଶନ୍ଧିରୁ ଅଧିକ ସମୟ ବିତିଯାଇଛି। ସର୍ବଶିକ୍ଷା ଏବେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ସହ ମିଶି 'ସମଗ୍ରଶିକ୍ଷା'ରେ ପରିଣତ ହୋଇଛି। ବାରମ୍ବାର ସର୍ଭେ କରାଯାଇଛି ଏବଂ ଏହାର ସଫଳତା ଓ ବିଫଳତା ବାବଦରେ ଶିକ୍ଷିତ ତଥା ସଚେତନ ଜନସାଧାରଣ ବେଶ୍ ଜାଣିଛନ୍ତି। ସଂଖ୍ୟାରେ କିଛି ପରିମାଣରେ ଉନ୍ନତି ହୋଇଥିବା ବେଳେ ଗୁଣାତ୍ମକ ମାନ ଏପରି ହ୍ରାସ ପାଇଛି ଯେ, ଓଡ଼ିଆ ଅକ୍ଷର ସମ୍ପୂର୍ଣ୍ଣ ଶିଖି ନ ଥିବା ପିଲା ମଧ୍ୟ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବସିଯାଉଛି। ସେଥିପାଇଁ ତ ସରକାରୀ ସ୍କୁଲ୍‌ରୁ ବହୁ ସାହାଯ୍ୟ ସୁବିଧା ମିଳୁଥିବା ସତ୍ତ୍ୱେ ଅଭିଭାବକମାନେ ଭାବୁଛନ୍ତି ମୋର ଯଦି ସାମର୍ଥ୍ୟ ଓ ସୁଯୋଗ ଥାଆନ୍ତା ମୁଁ ବି ମୋ ପିଲାକୁ ପ୍ରାଇଭେଟ୍ ସ୍କୁଲ୍‌ରେ ପଢ଼ାଇଥା'ନ୍ତି।

ଖବରକାଗଜରୁ ପଢ଼ିବାକୁ ମିଳେ ସୁପ୍ରିମ୍‌କୋର୍ଟ ଅର୍ଡର ଦେଇଛନ୍ତି ଶିକ୍ଷକମାନେ ସ୍କୁଲ୍‌ରେ କେବଳ ଶିକ୍ଷାଦାନ କରିବେ। ଏହା ବ୍ୟତୀତ ସେମାନଙ୍କୁ ଅନ୍ୟ କୌଣସି କାମରେ ବାଧ୍ୟକରି ନିଯୁକ୍ତ କରାଯାଇପାରିବ ନାହିଁ। ଖବରଟି ପଢ଼ିବାବେଳେ ମନେହୁଏ, ଏହା କ'ଣ ଏଇ ଦେଶର କଥା। ଶିକ୍ଷକମାନେ ଭାବନ୍ତି, ଯେଉଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏହି ନିର୍ଦ୍ଦେଶଟି ଦେଇଛନ୍ତି ସତରେ କ'ଣ ମୁଁ ସେହି ଦେଶର ନାଗରିକ!



ଅତଳ ପଙ୍କରେ ପଡ଼ିଥିବା ଲୋକଟି ଉପରକୁ ଉଠିବାକୁ ଯେତେ ଉଦ୍ୟମ କରେ ସେତେ ତଳକୁ ସେ ବୁଡ଼ି ବୁଡ଼ି ଯାଏ। ବର୍ତ୍ତମାନ ସରକାରୀ ଶିକ୍ଷାର ଅବସ୍ଥା ଠିକ୍ ସେହିପରି। ପିଲାମାନଙ୍କର ଉନ୍ନତି ପାଇଁ ଚେଷ୍ଟା ଚାଲିଛି। ଚିଠି ପରେ ଚିଠି। ନିର୍ଦ୍ଦେଶ ପରେ ନିର୍ଦ୍ଦେଶ। ଶିକ୍ଷା ବିଭାଗର କାର୍ଯ୍ୟ ବହୁତ ବଢ଼ିଯାଇଛି। କାର୍ଯ୍ୟାଳୟ ଓ ଅଧିକାରୀଙ୍କ ସଂଖ୍ୟା ମଧ୍ୟ ତଦନୁଯାୟୀ ବଢ଼ିଛି। ତଥାପି କାମ ଏତେ ବଳେଇ ପଡୁଛି ଯେ, ସିଆର୍‌ସିମାନେ ମଧ୍ୟ ପାଠ ପଢ଼ାଇବା କାମକୁ ଭୁଲି ସାନ ଅଫିସର ଭାବରେ ସ୍କୁଲ୍‌ରୁ ସ୍କୁଲ୍‌କୁ ଘୂରି ବୁଲୁଛନ୍ତି। ଶିକ୍ଷକମାନେ କାଗଜକଲମ ଗାରେଇ ଦିନକୁ ଦିନ କିରାଣି ହୋଇଯାଉଛନ୍ତି।

କଥାରେ ଅଛି, ଅର୍ଥରେ ଅନର୍ଥ। ଲକ୍ଷ୍ମୀ ଓ ସରସ୍ୱତୀଙ୍କ ବାସ ଏକତ୍ର ସମ୍ଭବ ନୁହେଁ। ଲକ୍ଷ୍ମୀ ପ୍ରବେଶ କଲେ ସରସ୍ୱତୀ ସ୍ୱତଃ ବିଦାୟ ନିଅନ୍ତି। ସରକାରୀ ସ୍କୁଲ୍‌ଗୁଡ଼ିକରେ ଏହାର ଉଦାହରଣ ଯଥେଷ୍ଟ। ବର୍ତ୍ତମାନ ସମୟରେ ଅର୍ଥରେ ଏମିତି ଯାଦୁ ରହିଛି ଯେ, ମଣିଷ ଭିତରେ ଭେଦଭାବ ନ ରଖି ସମସ୍ତଙ୍କ ମନରେ ତାହା ଲୋଭ ସୃଷ୍ଟି କରୁଛି। ଯେଉଁଠି ଲୋଭ, ସେଇଠି ପାପ। ଦୁର୍ନୀତି ଅଭିଯୋଗରେ ସ୍କୁଲ୍ ଭିତରକୁ ଗଣ୍ଡଗୋଳ ଓ ରାଜନୀତିର ଅନୁପ୍ରବେଶ ଘଟୁଛି। ତଥାପି ଏବେ ମଧ୍ୟ ବହୁ ଶିକ୍ଷକ ଅଛନ୍ତି, ଯେଉଁମାନେ ସ୍କୁଲ୍‌ରେ କେବଳ ପିଲାମାନଙ୍କୁ ପାଠ ପଢ଼ାଇବାକୁ ଚାହାନ୍ତି। ସେମାନଙ୍କର ଦକ୍ଷତା ଅନୁସାରେ କିପରି ସହଜରେ ଶିକ୍ଷାଦାନ କରିହେବ ସେ ଉପାୟ ନିଜେ ଚିନ୍ତା କରନ୍ତି। ପାଠପଢ଼ାରେ ଅମନଯୋଗୀ ପିଲାର ମନକୁ କ୍ଲାସ୍‌ରୁମ୍ ଭିତରକୁ ଫେରାଇ ଆଣିବାକୁ ଅନୁଶାସନ କରନ୍ତି। ପାଠପଢ଼ା ସରିବା ପରେ ତା' ସହ ସ୍ନେହରେ ଦୁଇପଦ କଥା ହୁଅନ୍ତି। ପଢ଼ାଇବା ଆଗରୁ ନିଜେ ପଢ଼ନ୍ତି। ଶିକ୍ଷଣୀୟ ଗପ କୁହନ୍ତି। ଶିକ୍ଷା ସହିତ ଛାତ୍ରମାନଙ୍କର ଚରିତ୍ର ନିର୍ମାଣ କରନ୍ତି। ସର୍ବୋପରି ଶିକ୍ଷାଦାନ କାର୍ଯ୍ୟକୁ ନିଜର ବୃତ୍ତି ଭାବେ ଗ୍ରହଣ କରିଥିବାରୁ ମନରେ ଗର୍ବ ଅନୁଭବ କରନ୍ତି।

କିନ୍ତୁ ବର୍ତ୍ତମାନ ଏହି ଶିକ୍ଷକୀୟ ଗୁଣଗୁଡ଼ିକର ବିଶେଷ କିଛି ଗୁରୁତ୍ୱ ନାହିଁ। ଜଣେ ଶିକ୍ଷକ ସପ୍ତାହରେ ଛଅଦିନ ସ୍କୁଲ୍‌ରେ ପାଠ ପଢ଼ାଇ ନ ଥାନ୍ତୁ କେହି କିଛି କହିବେ ନାହିଁ। ଯଦି ଦିନଟିଏ କୌଣସି ପିଲାକୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦିଆଯାଇନାହିଁ ତା' ପରଦିନ ଅଭିଭାବକ ସ୍କୁଲ୍‌କୁ ଆସି ଅଭିଯୋଗ କରିବେ।

ଶିକ୍ଷାନୀତିର ଅନୁଦିନ ପରିବର୍ତ୍ତନ ସହିତ ଶିକ୍ଷକମାନେ ବି ଏବେ କ୍ରମଶଃ ଯାନ୍ତ୍ରିକ ହେଉଛନ୍ତି ଏବଂ ସେମାନଙ୍କର ସ୍ୱାଭାବିକ ସୃଜନ ଶକ୍ତି ହରାଇ ବସୁଛନ୍ତି। ଏ ସମୟରେ ଜ୍ଞାନ ଆହରଣଠାରୁ ପରୀକ୍ଷାରେ ଅଧିକ ଲବ୍ଧାଙ୍କ ପାଇବାର ପ୍ରବଳ ଇଚ୍ଛା ଛାତ୍ର ଓ ଅଭିଭାବକ ସମସ୍ତଙ୍କ ମନକୁ କବଳିତ କରିଛି। ଏ ଦୁଇଟି ବିଲକ୍ଷଣ ସମାଜ ପାଇଁ କଦାଚିତ୍ ଶୁଭଙ୍କର ନୁହେଁ।

ଶେଷକଥାରେ ଏତିକି କୁହାଯାଇପାରେ– ସରକାରୀ ସ୍କୁଲ୍‌ରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ସରକାରୀ ସାହାଯ୍ୟ ପାଆନ୍ତୁ, ଏଥିରେ କାହାର କିଛି ଆପତ୍ତି ନାହିଁ କିନ୍ତୁ ସାହାଯ୍ୟର ମାଧ୍ୟମ ଶିକ୍ଷାୟତନ କିମ୍ବା ଶିକ୍ଷକମାନେ ନ ହୁଅନ୍ତୁ। ସ୍କୁଲ୍‌ରୁ ତଥ୍ୟ ସଂଗ୍ରହ କରି ଅନ୍ୟ ସଂସ୍ଥା ମାଧ୍ୟମରେ ସାହାଯ୍ୟଗୁଡ଼ିକୁ ସେମାନଙ୍କ ଘରେ ପହଞ୍ଚାଇ ଦିଆଯାଉ। ସ୍କୁଲ୍‌ରେ କେବଳ ପାଠପଢ଼ା ହେଉ ଏବଂ ଶିକ୍ଷକମାନେ କେବଳ ସେହି କାର୍ଯ୍ୟରେ ନିଯୁକ୍ତ ହୁଅନ୍ତୁ। ରାଜନୈତିକ ପ୍ରଭାବରୁ ମୁକ୍ତ ହୋଇ ସରକାରୀ ସ୍କୁଲ୍ ତଥା ସ୍କୁଲ୍‌ର ଶିକ୍ଷକମାନେ ସେମାନଙ୍କର ପୂର୍ବ ଗୌରବ ଫେରିପାଆନ୍ତୁ।

**ବିକାଶ ନଗର,**
**ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ: ୬୩୭୦୬୬୧୧୪୭**

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିରରେ ଗାଇଡ୍ ବ୍ୟବସ୍ଥା ହେଉ

ମହାଶୟ,

ଓଡ଼ିଶାର ପ୍ରସିଦ୍ଧ ଧର୍ମପୀଠଗୁଡ଼ିକୁ ଦୈନିକ ହଜାର ହଜାର ସଂଖ୍ୟାରେ ତୀର୍ଥଯାତ୍ରୀ ବିଭିନ୍ନ ପ୍ରକାର ଯାନବାହନ ତଥା ପଦବ୍ରଜରେ ଆସିଥାନ୍ତି। ନିଜ ନିଜର ଧର୍ମବିଶ୍ୱାସ, ଆର୍ଥିକ ଅବସ୍ଥା ଅନୁଯାୟୀ ଭୋଗରାଗ, ଦେବଦେବୀଙ୍କ ଦାନବାକ୍ସ କିମ୍ବା ହୁଣ୍ଡିରେ ଦାନ କରି ନିଜ ନିଜର ମନସ୍କାମନା ପୂରଣ କରନ୍ତି। ଏବେ କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଉଛି, ସେମାନେ ଭୂଇଁରେ ପାଦ ଦେଉ ଦେଉ ପଣ୍ଡାମାନେ ଘେରିଯାଇ ସତ, ମିଛ ଯୋଡ଼ି ତାଙ୍କୁ ବିଭିନ୍ନ ଭାବରେ ଶୋଷଣ କରୁଛନ୍ତି। ଅନେକ ସମୟରେ ଜବରଦସ୍ତ ଅର୍ଥ ଆଦାୟ କରନ୍ତି ନତୁବା ତୀର୍ଥଯାତ୍ରୀମାନଙ୍କୁ ଦୁର୍ବ୍ୟବହାର କରିଥାନ୍ତି। ଫଳରେ ସେମାନେ ଏକ ତିକ୍ତ ଅନୁଭୂତି ନେଇ ଫେରନ୍ତି। କ୍ୱଯଦି ପ୍ରଶାସନ ପକ୍ଷରୁ ଶିକ୍ଷିତ, ତାଲିମପ୍ରାପ୍ତ ଗାଇଡ୍ ବ୍ୟବସ୍ଥା କରାଯାଆନ୍ତ ତେବେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ତୀର୍ଥଯାତ୍ରୀ ଓଡ଼ିଶାର ଶୃଙ୍ଖଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ନ କରି ପ୍ରଶଂସା କରି ଖୁସି ମନରେ ବିଦାୟ ନିଅନ୍ତେ।

**–ବନମାଳୀ ବେହେରା, ସାକ୍ଷୀଗୋପାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସାଧୁକୁ କରିଲ ହନ୍ତା ପଣ୍ଡିତକୁ
କରିଲ ପାଷାଣ୍ଡ
ସୂକ୍ଷ୍ମତମ କେନ୍ଦ୍ର ତୁମେ ବିଶ୍ୱର
ବିରାଟ ମାନଦଣ୍ଡ !
(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୬ ରାଜସ୍ୱ କର୍ମଚାରୀ ନିଲମ୍ବିତ

**ନୟାଗଡ଼ ଅଫିସ,୨୫।୫**

ନୟାଗଡ଼ ଜିଲା ରଣପୁର ତହସିଲ ମୟୂରଝାଲିଆ ବେଆଇନ ଖଣିଖନନ ମାମଲାରେ ୬ ରାଜସ୍ୱ କର୍ମଚାରୀଙ୍କୁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଗୁରୁବାର ନିଲମ୍ବନ କରିଛନ୍ତି । ସେମାନେ ହେଲେ ରଣପୁର ତହସିଲର ସେକ୍ସନ ଅଫିସର ଚନ୍ଦ୍ର ଶେଖର ନନ୍ଦ, ରାଜସ୍ୱ ସୁପର ଭାଇଜର ପ୍ରମୋଦ କୁମାର ବେହେରା, ଆରଆଇ ପ୍ରଶାନ୍ତ ନାୟକ ଓ ପ୍ରଶାନ୍ତ ପ୍ରଧାନ, ଭାପୁର ତହସିଲର କନିଷ୍ଠ ରାଜସ୍ୱ ସହାୟକ ଅରୁଣ କୁମାର ସେଠୀ, ଖଣ୍ଡପଡ଼ା ତହସିଲର ସେକ୍ସନ ଅଫିସର ଏମ୍‌ଡି ସୁଲତାନ ହକ୍ ।

ସୂଚନା ଅନୁଯାୟୀ, ମୟୂରଝାଲିଆ ମୌଜାର ୧୬୮୯ ପ୍ଲଟରୁ ୪ ଏକର ମାଙ୍କଡ଼ା ପଥର ଖଣି ପାଇଁ ଚାନ୍ଦପୁର ଥାନା ଚମ୍ପାଗଡ଼ର ସୁଶାନ୍ତ କୁମାର ବରାଡ଼ଙ୍କୁ ୫ ବର୍ଷିଆ ଲିଜ୍ ଦିଆଯାଇଥିଲା । ସେହିଭଳି ଅଗ୍ରୱାଲା ଇନଫ୍ରାବିଲ୍ଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କୁ ସାଧାରଣ ମାଟି ଖନନ ଓ ପରିବହନ ନିମନ୍ତେ ୨ ଏକର ଜମିକୁ ସାମୟିକ ପରମିଟ୍ ଦିଆଯାଇଥିଲା । ସେମାନେ ଉକ୍ତ ପ୍ଲଟ ନିକଟସ୍ଥ ଅନ୍ୟାନ୍ୟ ଜାଗାରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରିବା ସହ ଗ୍ରାମ୍ୟ ଜଙ୍ଗଲ ନଷ୍ଟ କରୁଥିଲେ । ଏ ବାବଦରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) କୋଲକାତାଙ୍କ ନିକଟରେ ବଜ୍ରକୋଟର ଦିଲୀପ କୁମାର ସାମନ୍ତରାୟ ଓ ଓସ୍ତପଡ଼ାର ଦୀପକ କୁମାର ରାଉତରାୟ କେସ ନଂ- ଓଏ ୮୩/୨୦୨୨ ଅଭିଯୋଗ ଦାଖଲ କରିଥିଲେ।

**ମୟୂରଝାଲିଆ ବେଆଇନ ଖଣିଖନନ ମାମଲା**

ଅଭିଯୋଗ ପରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ନୟାଗଡ଼ ଜିଲାପାଳ, ରାଜ୍ୟ ସରକାରଙ୍କ ଖଣି ବିଭାଗର ଅଧିକାରୀ, ବୈଜ୍ଞାନିକ ପ୍ରମୁଖ ଏହାର ଯାଞ୍ଚ କରିଥିଲେ । ଅନୁମତିଠାରୁ ଅଧିକ ଖଣିଜ ଉତ୍ତୋଳନ କରାଯାଇଥିବାରୁ ଖଣି ମାଲିକଙ୍କୁ ଗତ ଜାନୁୟାରୀ ୧୦ରେ ୨କୋଟି ୮୧ ଲକ୍ଷ ୫୯ ହଜାର ୯୪୫ ଟଙ୍କା ଜରିମାନା ହୋଇଥିଲା । ଜରିମାନା ଏଡାଇବା ଆଳରେ ୨୫ ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗ ଲିଜ୍‌ଧାରୀ ଆଣିଥିଲେ ବୋଲି ଅଭିଯୋଗ ଉଠିଥିଲା । ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ବଜ୍ରକୋଟର ଦିଲୀପ କୁମାର ସାମନ୍ତରାୟ, ଓସ୍ତପଡାର ଦୀପକ କୁମାର ରାଉତରାୟ ଓ ଚମ୍ପାଗଡର ଗଣେଶ କୁମାର ମାନ୍ଧାତା ୨୫ ଲକ୍ଷ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା । ଗତ ଜାନୁୟାରୀ ୨୬ରେ ଜିଲାପାଳଙ୍କ ଉପସ୍ଥିତିରେ ଉପରୋକ୍ତ ୩ଜଣ ଲିଜ୍‌ଧାରୀ ସୁଶାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଖଣି ବନ୍ଦ କରାଇ ଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ଏପ୍ରିଲ ୧୧ରେ ଲିଜ୍‌ଧାରୀ ଚମ୍ପାଗଡ଼ର ସୁଶାନ୍ତ କୁମାର ବରାଡଙ୍କ ଅଭିଯୋଗକୁ ଭିତ୍ତି କରି ଚାନ୍ଦପୁର ଥାନାରେ ଏକ ମାମଲା(ନଂ. ୬୮/୨୦୨୩) ରୁଜୁ ହୋଇଥିଲା। ଅନ୍ୟପକ୍ଷେ ଲିଜ୍‌ଧାରୀ ଆଣିଥିବା ୨୫ ଲକ୍ଷ ଲାଞ୍ଚ ଅଭିଯୋଗକୁ ଏନ୍‌ଜିଟି ଗ୍ରହଣ ନ କରିବାରୁ ଏହି ଲାଞ୍ଚ ମାମଲାର ସତ୍ୟତା ନ ଥିବା ଜଣାପଡିଥିଲା । ୨୦୨୨ ଡିସେମ୍ବର ୬ରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଦାଖଲ କରିଥିବା ସତ୍ୟପାଠକୁ ଏନ୍‌ଜିଟି ଗ୍ରହଣ କରି ଦୁଇ ଲିଜ୍‌ଧାରୀ ସୁଶାନ୍ତ କୁମାର ବରାଡ଼ ଓ ଅଗ୍ରୱାଲା ଇନଫ୍ରାବିଲ୍ଡ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କ ବିରୋଧରେ ଓଏମ୍‌ଏମ୍‌ସି ରୁଲ ୨୦୧୬ ଧାରା ୫୧ ଅନୁସାରେ ଫୌଜଦାରି ମାମଲା ୨ମାସ ମଧ୍ୟରେ ଦାଏର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସେହିପରି ପରିବେଶ କ୍ଷତିପୂରଣ ଭରଣା ସମ୍ପର୍କରେ ହିସାବକରି ୨ ଲିଜ୍‌ଧାରୀଙ୍କଠାରୁ ୨ମାସ ମଧ୍ୟରେ କ୍ଷତିପୂରଣ ଅସୁଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ରଣପୁର ତହସିଲର ତତ୍କାଳୀନ ତହସିଲଦାର ଯୁଗଳ କିଶୋର ମିଶ୍ର ଓ ସଞ୍ଜୟ କୁମାର ସାମନ୍ତରାୟ, ଅତିରିକ୍ତ ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ୬ ରାଜସ୍ୱ ଅଧିକାରୀଙ୍କ ସମେତ ୯ଜଣଙ୍କ ବିରୋଧରେ ଦୁଇ ମାସ ମଧ୍ୟରେ ଫୌଜଦାରି ମାମଲା ରୁଜୁ କରିବାକୁ ଜିଲାପାଳ ଓ ରଣପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ରଣପୁର ତହସିଲଦାରଙ୍କ ଅଭିଯୋଗ ଅନୁଯାୟୀ ୨ ଲିଜ୍‌ଧାରୀ, ୬ ରାଜସ୍ୱ କର୍ମଚାରୀ, ରାଜସ୍ୱ ଅଫିସର ଏପରି ୧୧ ଜଣଙ୍କ ନାମରେ ୩୭୯, ୪୨୦, ୪୬୮, ୧୨ ପିପିଏସ୍ ଆକ୍ଟ, ୫୧ ଓଏମ୍‌ଏମ୍ ରୁଲରେ ୭୯/୨୩ରେ ମାମଲା ରୁଜୁ ହୋଇଥିଲା। ଇତିମଧ୍ୟରେ ୬ଜଣ ରାଜସ୍ୱ କର୍ମଚାରୀ ନିଲମ୍ବିତ ହୋଇ ସାରିଛନ୍ତି । ଏହା ପରେ ଅବସରପ୍ରାପ୍ତ ତହସିଲଦାର ଯୁଗଳ କିଶୋର ମିଶ୍ର, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଓ ଅତିରିକ୍ତ ତହସିଲଦାର ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ଦୁଇ ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ହେଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜୁନ୍ ୨୯ରୁ ଯୁକ୍ତ୨ ନାମଲେଖା

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ଜୁଲାଇ ୨୯ରୁ ଯୁକ୍ତ୨ ପାଠପଢ଼ା ଆରମ୍ଭ ହେବ। ଏଥିପାଇଁ ମେ' ୨୯ରୁ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସୂଚନାନୁସାରେ, ଛାତ୍ରୀଛାତ୍ର ମନ ପସନ୍ଦର କଲେଜରେ ନାମ ଲେଖାଇବା ପାଇଁ ସାମସ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରିବେ। www.samsodisha.gov.inରେ ଲଗ୍ ଇନ୍ କରି କମନ ଆପ୍ଲିକେଶନ ଫର୍ମ ପୂରଣ କରିବା ସହ ଜୁନ୍ ୨୦ ମଧ୍ୟରେ ଆବେଦନ କରିବାକୁ ପଡିବ। ଜୁନ୍ ୨୮ରେ ପ୍ରଥମ ସିଲେକ୍ସନ ତାଲିକା ପ୍ରକାଶ ପାଇବ। ତାଲିକାରେ ନାମ ଥିବା ଛାତ୍ରୀଛାତ୍ର ଜୁନ୍ ୨୯ରୁ ଜୁଲାଇ ୭ ମଧ୍ୟରେ ନାମ ଲେଖାଇବେ। କୌଣସି ଆବେଦନକାରୀ କଲେଜ ବଦଳାଇବାକୁ ଚାହୁଁଥିଲେ ଏହି ସମୟ ମଧ୍ୟରେ ଆବେଦନ କରିପାରିବେ। ଜୁଲାଇ ୧୩ରେ ଦ୍ୱିତୀୟ ସିଲେକ୍ସନ ତାଲିକା ପ୍ରକାଶ ପାଇବ। ଜୁଲାଇ ୧୪ରୁ ୧୭ ତାରିଖ ମଧ୍ୟରେ ଏହି ଛାତ୍ରୀଛାତ୍ର ନାମ ଲେଖାଇପାରିବେ। ଏହି ସମୟ ମଧ୍ୟରେ ଆବେଦନକାରୀ କଲେଜ ବଦଳାଇବାକୁ ଚାହୁଁଥିଲେ ଏଥିପାଇଁ ଆବେଦନ କରିପାରିବେ। ଜୁଲାଇ ୧୯ରୁ ୨୧ ମଧ୍ୟରେ ସ୍ପଟ୍ ଆଡ୍‌ମିଶନ ପ୍ରକ୍ରିୟା ଚାଲୁରହିବ। ନାମଲେଖାରୁ ବଞ୍ଚିତ ହୋଇଥିବା ଛାତ୍ରୀଛାତ୍ର ଏହି ପର୍ଯ୍ୟାୟରେ ନାମ ଲେଖାଇପାରିବେ। ଜୁଲାଇ ୨୬ ଓ ୨୭ରେ ସ୍ପଟ୍ ସିଲେକ୍ସନ୍ ତାଲିକା ପ୍ରକାଶ ପାଇବା ସହ ୨୭ ତାରିଖରେ ନାମଲେଖା ଯିବ। ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ଦିନକ ପରେ ଅର୍ଥାତ୍ ଜୁଲାଇ ୨୯ରୁ ପିଲାମାନଙ୍କର ପାଠପଢ଼ା ଆରମ୍ଭ ହେବ।

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକଲେ ସ୍ୱାମୀ

**ପାରଳାଖେମୁଣ୍ଡି/କାଶୀନଗର, ୨୫।୫(ଡି.ଏନ୍.ଏ)**

ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା କାଶୀନଗର ବ୍ଲକ ସାରା ଗ୍ରାମରେ। ଏହି ଗ୍ରାମର ଚନ୍ଦ୍ରଶେଖର କାର୍ଜି ଓ ସ୍ତ୍ରୀ ଉର୍ମିଳା କାର୍ଜି ଗୁରୁବାର ସକାଳେ ଗାଁ ନିକଟସ୍ଥ କାଜୁ ତୋଟାକୁ କାମ କରିବାକୁ ଯାଇଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ସ୍ୱାମୀ ଚନ୍ଦ୍ରଶେଖର ସ୍ତ୍ରୀ ଉର୍ମିଳାଙ୍କୁ ଟାଙ୍ଗିଆରେ ହାଣି ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଥିଲେ। ଘଟଣା ସ୍ଥଳରେ ଗଣ୍ଡିଟିକୁ ଛାଡ଼ିଦେଇ କଟାମୁଣ୍ଡକୁ ହାତରେ ଧରି ଘରକୁ ଆସିଥିଲେ। ଗାଁ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। କାଶୀନଗର ପୋଲିସ ପହଞ୍ଚି କଟାମୁଣ୍ଡ ଓ ଗଣ୍ଡି ଜବତ କରିବା ସହ ଚନ୍ଦ୍ରଶେଖରଙ୍କୁ ଗିରଫ କରିଥିଲା। ଏ ନେଇ କାଶୀନଗର ଥାନାରେ ନଂ ୬୦/୨୩ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉର୍ମିଳା ଚନ୍ଦ୍ରଶେଖରଙ୍କ ଦ୍ୱିତୀୟ ସ୍ତ୍ରୀ ଥିଲେ।

# ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ଆକ୍ରମଣର ଶିକାର: ଏଏସ୍ଆଇ ଗୁରୁତର

**ଭେଡ଼େନ, ୨୫।୫(ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଧୁବେନପାଲିରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ଏଏସ୍ଆଇ ରାମଚନ୍ଦ୍ର ଦାଶ ଆକ୍ରମଣର ଶିକାର ହୋଇଛନ୍ତି।




ଆହତ ପୋଲିସ ଏଏସଆଇ ରାମଚନ୍ଦ୍ର ଦାଶ ଓ ଅଭିଯୁକ୍ତ ବୃନ୍ଦାବନ ପଧାନ।

ଅଭିଯୁକ୍ତଙ୍କ କଟୁରି ଚୋଟରେ ତାଙ୍କର ମୁଣ୍ଡ ଓ ହାତରେ ଗଭୀର କ୍ଷତ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଅଁଳାପାଲି ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଲିଟିକ୍ରା ଛକରେ ଗତ ସୋମବାର ସନ୍ଧ୍ୟାରେ ମୋହନ ସାହୁ ଓ ବୃନ୍ଦାବନ ପଧାନ ଓରଫ ଭାଲୁ କୌଣସି କାରଣରୁ ବରଗାଁ ଗ୍ରାମର ଦୈତାରୀ ପାଣିଗ୍ରାହୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଦୈତାରୀଙ୍କ ଅଭିଯୋଗ କ୍ରମେ ପୋଲିସ ଏ ନେଇ ଥାନାରେ ଏକ ମାମଲା (ନଂ.୧୫୭/୨୩)ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଥିଲା। ତେବେ ବୃନ୍ଦାବନ ପଧାନ ଧୁବେନପାଲିରେ ଲୁଚି ରହିଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଭେଡ଼େନ ଥାନା ଅଧିକାରୀ ସଙ୍ଗୀତା ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏସ୍.ଆଇ ଦୟାନିଧି ପାତ୍ର, ଏଏସ୍ଆଇ ରାମଚନ୍ଦ୍ର ଦାଶ, ହାବିଲଦାର ଜୟରାମ ଆଚାର୍ଯ୍ୟ ସଦଳବଳ ଚଢାଉ କରିଥିଲେ। ପୋଲିସକୁ ଦେଖି ବୃନ୍ଦାବନ ହଠାତ୍ ଏକ ଧାରୁଆ କଟୁରିରେ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ଏଏସ୍ଆଇ ଦାଶ ଗୁରୁତର ଆହତ ହୋଇଥିଲେ।

ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଅନ୍ୟ ପୋଲିସ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ପୋଲିସ ଆକ୍ରମଣରେ ବ୍ୟବହୃତ କଟୁରିକୁ ଜବତ କରିଛି। ଏ ନେଇ ଭେଡ଼େନ ଥାନାରେ ଏକ ମାମଲା (ନଂ.୧୫୯/୨୩) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଜାଲ୍ ଚିଠିରେ ଟଙ୍କା ଠକି ସିଆର୍‌ସିସି ନିଲମ୍ବିତ



ବିଇଓଙ୍କ କାର୍ଯ୍ୟାଳୟରେ ଏଡିଇଓ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସିଆର୍‌ସିସି ଓ ସାମାଜିକ କର୍ମୀ।

**ରାୟଗଡ଼ା,୨୫।୫(ସ୍ୱ.ପ୍ର.)**

ଆକାଉଣ୍ଟରେ ଅଧିକ ଦରମା ଜମା ହୋଇଥିବା ନେଇ ବିଇଓ ଏବଂ ତାଙ୍କ କାର୍ଯ୍ୟାଳୟର ଟ୍ରେଜରରଙ୍କ ନାମରେ ଜାଲ୍ ଚିଠି ଓ ଦସ୍ତଖତକରି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କଠାରୁ ସିଆର୍‌ସିସି ସୁରେଶ କୁମାର ପାସ୍ଥୁରେଡ୍ଡୀ ଠକି ନେଇଥିବା ୨ଲକ୍ଷ ୨୦ ହଜାର ଟଙ୍କା ଗୁରୁବାର ଫେରାଇଛନ୍ତି। ବିଇଓ ତଥା ଏଡିଇଓ ଭଜନଲାଲ ମାଝି ଗୁରୁବାର ବିଇଓ କାର୍ଯ୍ୟାଳୟ ଚିଠି ନଂ. ୧୬୧୫/୨୩ରେ ସିଆର୍‌ସିସି ପାସ୍ଥୁରେଡ୍ଡୀଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶ ଯେ, ରାୟଗଡ଼ା ବ୍ଲକର ଝୁଞ୍ଜାମଣି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମ ମେଲେକା ୨୦୨୨ ନଭେମ୍ବରରେ ଅବସର ନେଇଥିଲେ। ଏହାପରେ ହାଟଶେଷଖାଲ କ୍ଲଷ୍ଟର ସିଆର୍‌ସିସି ଭାବେ ସୁଲଭା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ସୁରେଶ କୁମାର ପାସ୍ଥୁରେଡ୍ଡୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଙ୍କୁ ଦୁଇଟି ଚିଠି ମାଧ୍ୟମରେ ଆକାଉଣ୍ଟକୁ ଅଧିକ ଦରମା ଯାଇଥିବା କହି ଜମା କରିବାକୁ କହିଥିଲେ।। ରାୟଗଡ଼ା ବିଇଓଙ୍କ କାର୍ଯ୍ୟାଳୟ ତରଫରୁ ଏପ୍ରିଲ ୧୮ରେ ଚିଠି ନଂ. ୮୪/୨୩ରେ ସିଆର୍‌ସିସି ସୁରେଶ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଙ୍କଠାରୁ ୧ଲକ୍ଷ ୭୪ ହଜାର ଏବଂ ଏହାର ସୁଧ ବାବଦକୁ ୪୪ ହଜାର ହିସାବରେ ସର୍ବମୋଟ ୨ଲକ୍ଷ ୨୦ ହଜାର ଟଙ୍କା ଆଦାୟ କରିବାକୁ ନିର୍ଦ୍ଦେଶ ଥିଲା । ତେବେ ପରବର୍ତ୍ତୀ ସମୟରେ ରାମଙ୍କ ନାମରେ ମେ ୧୨ରେ ବିଇଓ

**ରାୟଗଡ଼ା ଶିକ୍ଷା ବିଭାଗ**

**୨ ଲକ୍ଷ ୨୦ ହଜାର ଫେରାଇଲେ ସିଆର୍‌ସିସି**

କାର୍ଯ୍ୟାଳୟ ଚିଠି ନଂ. ୨୮/୨୩ ସିଆର୍‌ସିସି ସୁରେଶ ଦେଇଥିଲେ । ଏହି ଚିଠି ପାଇବା ପରେ ସେ ମେ ୨୪ରେ ସିଆର୍‌ସିସି ସୁରେଶଙ୍କୁ ଟଙ୍କା ଦେଇଥିଲେ। ପରେ ତାଙ୍କର ସନ୍ଦେହ ହେବାରୁ ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏନେଇ ସାମାଜିକ କର୍ମୀ ବଳରାମ ପଣ୍ଡା ଜାଣିବା ପରେ ରାମଙ୍କ ପାଖକୁ ଯାଇ ତାଙ୍କ ସହ ଆଲୋଚନା କରି ଘଟଣା ବୁଝିଥିଲେ। ଏହାପରେ ସେ ବିଇଓ କାର୍ଯ୍ୟାଳୟରେ ପଚାରିବା ବେଳେ ଉକ୍ତ ଚିଠି ଦୁଇଟି ଜାଲ୍ ବୋଲି ଜଣାପଡ଼ିଥିଲା।

ବଳରାମ ପଣ୍ଡା ବିଇଓ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝିଙ୍କୁ ଜଣାଇବା ପରେ ସମସ୍ତ ସତ୍ୟାସତ୍ୟ ପଦାକୁ ଆସିଥିଲା। ବଳରାମ ରାମଙ୍କ ଗ୍ରାମରେ ପହଞ୍ଚିବା ବେଳେ ସିଆର୍‌ସିସି ସୁରେଶ ସେଠାରେ ପହଞ୍ଚି ଘଟଣାର ବୁଝାମଣାକରି ଚପାଇବାକୁ ଉଦ୍ୟମ କରିଥିଲେ। ସାମାଜିକ କର୍ମୀ ବଳରାମ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ରାମ ମେଲେକା ଏବଂ ସିଆର୍‌ସିସି ସୁରେଶଙ୍କୁ ରାୟଗଡ଼ା ବିଇଓ କାର୍ଯ୍ୟାଳୟକୁ ଆଣିଥିଲେ। ବିଇଓ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝିଙ୍କ ସମ୍ମୁଖରେ ସିଆର୍‌ସିସି ଲିଖିତ ଆକାରରେ ଦୋଷ ସ୍ୱୀକାର କରିଥିଲେ।



## ସଂକ୍ଷେପରେ

### ଆରୁହା କଳାପଥର ଖାଦାନରେ ଚଢ଼ାଉ, ହାଇୱା ଜବତ

ଧର୍ମଶାଳା,୨୫।୫(ଡି.ଏନ.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ଗୁରୁବାର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଉତ୍ତୋଳନ ବନ୍ଦ କରାଯିବା ସହ ଏକ ହାଇୱାକୁ ଜବତ କରାଯାଇଛି। ଆରୁହା ଗ୍ରାମର ମନୋଜ ସାମଲ ସଇରାତ ଲିଜ କେଶ ନଂ.୩୪/୨୧୨୨ରେ ଆରୁହା କଳାପଥର ଖାଦାନକୁ ୫ ବର୍ଷ ପାଇଁ ଲିଜ ନେଇଛନ୍ତି। ୫ ବର୍ଷ ମଧ୍ୟରେ ୭୦ ହଜାର ସିଏମ ଖନନ କରିବା ପାଇଁ ତହସିଲ ପକ୍ଷରୁ ଚୁକ୍ତି କରାଯାଇଥିଲା। ମାତ୍ର ଲିଜଧାରୀ ୮ ମାସ ମଧ୍ୟରେ ମାତ୍ରାଧିକ ଖନନ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏନେଇ ତହସିଲ ପକ୍ଷରୁ ଡ୍ରୋନ କ୍ୟାମେରା ମାଧ୍ୟମରେ ମପଚୁପ କରାଯାଇଥିଲା। ଲିଜଧାରୀ ୮ ମାସ ମଧ୍ୟରେ ୧ଲକ୍ଷ ୨୨ହଜାର ସିଏମ ଉତ୍ତୋଳନ କରିଥିବାରୁ ଖାଦାନ ବନ୍ଦ ପାଇଁ ନୋଟିସ ହେବା ସହ ତାଙ୍କୁ ୮ କୋଟି ୬୩ ଲକ୍ଷ ଟଙ୍କା ଜରିମାନା ଦେବା ପାଇଁ ତହସିଲ ପକ୍ଷରୁ ନୋଟିସ କରାଯାଇଥିଲା। ହେଲେ ଏହାକୁ ସେ ମାନୁ ନ ଥିଲେ। ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଲିଜଧାରୀ କମ୍ପ୍ରେସର ମାଧ୍ୟମରେ କଳାପଥର ବ୍ଲାଷ୍ଟିଂ କରିବା ଫଳରେ ସେମାନଙ୍କ ଘର କାନ୍ଥ ଫାଟିବା ସହ ପ୍ରଦୂଷଣ ବୃଦ୍ଧି ପାଉଛି। ତହସିଲ ପକ୍ଷରୁ ଖାଦାନରୁ ପଥର ଉତ୍ତୋଳନ ବନ୍ଦ କରିବା ପାଇଁ ନୋଟିସ କରାଯାଇଥିଲେ ମଧ୍ୟ ଲିଜଧାରୀ ଉତ୍ତୋଳନ ଜାରିରଖିଥିଲେ। ତହସିଲଦାର ସ୍ୱାଗତ ଦାସ, ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଚଢ଼ାଉ କରିବା ସମୟରେ କାର୍ଯ୍ୟରତ ଶ୍ରମିକମାନେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ଲିଜଧାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ପାଣିକୋଇଲି,୨୫।୫(ଡ.ଏନ.ଏ.): ପଥରପଦା ସରକାରୀ ଉପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଥରପଦା ଗ୍ରାମର ପୁରୁଷୋତ୍ତମ ବାରିକଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ବାରିକ ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ। ସେ ୧୯୭୦ରେ ରଣପାଳ ମାଧ୍ୟମିକ ବିଦ୍ୟାଳୟରୁ ଶିକ୍ଷକ ଜୀବନ ଆରମ୍ଭ କରି ପାଣିକୋଇଲିସ୍ଥିତ ପୁରାତନ ଅଲତିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଓ ପଥରପଦା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟକରି ୨୦୦୬ରେ ଅବସର ଗ୍ରହଣ କରିଥିଲେ। ବୁଧବାର ସକାଳୁ ପାଣିକୋଇଲି ବଜାରକୁ ଆସି ଘରକୁ ଫେରିବା ପରେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଖବର ପାଇ ଅନେକ ବ୍ୟକ୍ତି ଶେଷ ଦର୍ଶନ ପାଇଁ ଭୁବନେଶ୍ୱର ଯାଇଥିବାବେଳେ ପାଣିକୋଇଲି ପୁରୁଣା ଟୋଲ ପ୍ଲାଜାଠାରୁ ଏକ ଶୋଭାଯାତ୍ରାରେ ତାଙ୍କୁ ପଥରପଦା ବାସଭବନକୁ ଅଣାଯାଇଥିଲା। ବାରୁଣୀ ମହା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରାଜପଥ ସଂଯୋଗୀକରଣ ରାସ୍ତା ବିପର୍ଯ୍ୟସ୍ତ

**ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ମଧ୍ୟରେ ବିବାଦ**

■ ତୁରନ୍ତ ମରାମତି ପାଇଁ ଦାବି

ରସୁଲପୁର,୨୫।୫(ଡି.ଏନ.ଏ.):


ମଧୁବନ ରୋଡ୍-ଜାତୀୟ ରାଜପଥ ସଂଯୋଗୀକରଣ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଖ୍ୟ ବ୍ୟବସାୟିକ କେନ୍ଦ୍ର କୁଆଖିଆ ବଜାରଠାରେ ମଧୁବନ ରୋଡ୍-ଜାତୀୟ ରାଜପଥ ସଂଯୋଗୀକରଣ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜପଥ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗର ବିବାଦ ଯୋଗୁ ରାସ୍ତାର ଦୁରବସ୍ଥାରେ ସୁଧାର ଆସିପାରୁ ନାହିଁ। ଉଭୟ ବିଭାଗର ଉଦାସିନତା ପଣିଆ ଯୋଗୁ ରାସ୍ତା ମରାମତି କାର୍ଯ୍ୟ ସମ୍ପନ୍ନ ହୋଇପାରୁନାହିଁ। ଫଳରେ ସଂଯୋଗୀକରଣ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଯାଇଛି। ରାସ୍ତାର ଖରାପ ସ୍ଥିତି ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ମଧୁବନ ରୋଡ୍‌ରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତାଦେଇ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଯାତାୟାତ କରୁଥିବା ଆମ୍ବୁଲାନ୍ସ ସେବା ବାଧାପ୍ରାପ୍ତ ହେଉଛି। ଏଭଳି ସ୍ଥିତିରେ ସଂଯୋଗୀକରଣ ରାସ୍ତା ମରାମତିକୁ ନେଇ ଉଭୟ ବିଭାଗ ମଧ୍ୟରେ ଦୋଷ ଠେଲାଠେଲି ହେବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମତ ରଖିଛନ୍ତି। ବିଭାଗ ଦ୍ୱୟର ଭୂମିକାକୁ ସାଧାରଣରେ ନାପସନ୍ଦ କରାଯାଉଛି। ସଂଯୋଗୀକରଣ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

ସୂଚନା ମୁତାବକ, କୁଆଖିଆ-ଜେନାପୁର ପୂର୍ତ୍ତ ବିଭାଗ ରାସ୍ତା ମଧୁବନରୋଡ୍‌ଠାରେ ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି। ହେଲେ ଏହି ସଂଯୋଗୀକରଣ ରାସ୍ତାରୁ ପିଚୁ ଉଠିଗଲାଣି। ବର୍ଷାରେ ରାସ୍ତା ଧୋଇଯାଇ ଖାଲଖମା ସୃଷ୍ଟି ହୋଇଛି। ରାଜପଥ ରାସ୍ତା ପାର୍ଶ୍ୱରୁ ପିଚୁ ଧୋଇଯାଇ ବିପଦପୂର୍ଣ୍ଣ ଭାବେ ଢଳେଇ ଅଂଶ ପଦାକୁ ବାହାରିଛି। ଏଥିରେ ଗାଡ଼ିମୋଟର ପିଟି ହୋଇ ଦୁର୍ଘଟଣାର କାରଣ ସାଜୁଛି। ରାସ୍ତାରେ ଗାଡ଼ିର ଗତି ମନ୍ଥର ହୋଇଯାଉଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଯାତାୟାତ ବାଧାପ୍ରାପ୍ତ ହେଉଛି। ରାସ୍ତାପାର୍ଶ୍ୱରେ ଚାଲିଥିବା ବେପାର ବଣିଜ ମାନ୍ଦା ହେଉଛି। ବର୍ଷା ହେଲେ ଖାଲଖମାରେ ପାଣି ଜମି ରହୁଛି। ପାଣିରେ ଖାଲକୁ ଯାତ୍ରୀମାନେ ଠଉରାଇ ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ବଜାର ଅଞ୍ଚଳର ଜନସାଧାରଣ, ବ୍ୟବସାୟୀ, ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଜୁନ୍‌ରେ ମୌସୁମୀ ଆସିବା ସହ ବର୍ଷା ଋତୁ ଆରମ୍ଭ ହୋଇଯିବ। ତେଣୁ ତା' ପୂର୍ବରୁ ରାସ୍ତା ମରାମତି ନ ହେଲେ ଅସୁବିଧା ହେବ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହାକାରୀ ଯନ୍ତ୍ରୀ ନରେନ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ସଂଯୋଗୀକରଣ ରାସ୍ତା ମରାମତି କରିବା ଦାୟିତ୍ୱ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କର। ଏହି ରାସ୍ତା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନ ଓ ରାସ୍ତା ମଧ୍ୟରେ ଅବସ୍ଥିତ ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଡ୍ରେନ ପର୍ଯ୍ୟନ୍ତ ରାସ୍ତା ସଂଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଖରାପ ହୋଇଯାଇଥିବା ରାସ୍ତା ଅଂଶକୁ ରାଜପଥ କର୍ତ୍ତୃପକ୍ଷ ମରାମତି କରିବେ। ଏ ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜେ.ପି. ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ଏଭଳି ସ୍ଥିତି କେଉଁ ସ୍ଥାନରେ ସୃଷ୍ଟି ହୋଇଛି, ତା'ର ସ୍ଥିତିକୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। ତେବେ ରାଜପଥ କର୍ତ୍ତୃପକ୍ଷ ଏ ଦିଗରେ କେତେ ତ୍ୱରିତ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପକ୍ଷରୁ ଯୁବ ସମାବେଶ

ଧର୍ମଶାଳା,୨୫।୫(ଡି.ଏନ.ଏ):

ଯାଜପୁର ନେହେରୁ ଯୁବ ସଙ୍ଗଠନ ପକ୍ଷରୁ ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ପ୍ରୟାଗ ମଣ୍ଡପରେ ଯୁବସମାବେଶ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଜିଲା ସଂଯୋଜକ ବାସୁ ଦେଓ ଦାସଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିବିଓ ଏବଂ ସୁକନ୍ୟା ଅନୁଷ୍ଠାନ ସହଯୋଗ କରିଥିଲେ। ଅଜୟ କୁମାର କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂଯୋଜକ ଦେଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ସମ୍ବଳ ବ୍ୟକ୍ତି ଓ ଯୁବ ବର୍ଗଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟବକ୍ତା ଭାବେ ଗ୍ରନ୍ଥକାର ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଭାରତର ପଞ୍ଚପ୍ରାଣ ଯୁବ ବାର୍ତ୍ତାଳାପ ତଥା ଭାରତର ପଞ୍ଚପ୍ରାଣ ଏକ ଯୁବ ପରିଚର୍ଯ୍ୟା ବିଷୟରେ କହିଥିଲେ। ଶିକ୍ଷବିତ ଡ. ଇନ୍ଦୁପ୍ରଭା ସାମଲ ଯୁବ ବର୍ଗ ଦେଶର ଅମୂଲ୍ୟ ସମ୍ପତ୍ତି ଭାବରେ କାର୍ଯ୍ୟଭିମୁଖି ହେବା ଆବଶ୍ୟକ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦିକା ରଞ୍ଜିତା ବାରିକ ବିବରଣୀ ପାଠ କରିଥିବାବେଳେ ଅନୁଷ୍ଠାନର ସଦସ୍ୟା ନିରୁପମା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜ୍ୟୋତିଶଙ୍କର ସାହୁ, ବିକାଶ ବାରିକ, ସିପୁ ରଞ୍ଜନ ଦାସ, ନବଘନ ସାହୁ ଓ ନରୋତମ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାକେଶ ବେହେରା ଧନ୍ୟବାଦ ଦେଇଥିଲେ।



ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପକ୍ଷରୁ ଯୁବ ସମାବେଶରେ ଯୋଗଦେଇଥିବା ଅତିଥି।

## ବୁଢ଼ୀ ଭାଲୁଣୁଣୀ ବିଦ୍ୟାପୀଠ ୫-ଟିକୁ ହସ୍ତାନ୍ତର

**କ୍ଷେତ୍ର ପରିଦର୍ଶନ କଲେ ବୈଷୟିକ ଦଳ**

ରସୁଲପୁର,୨୫।୫(ଡି.ଏନ.ଏ.):


ବିଦ୍ୟାପୀଠ ପରିଦର୍ଶନରେ ଆସିଥିବା ବୈଷୟିକ ଦଳ ।

୪ର୍ଥ ପର୍ଯ୍ୟାୟରେ ହାଇସ୍କୁଲଗୁଡ଼ିକୁ ରୂପାନ୍ତରିକରଣ ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେଣୁ ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମର ବୁଢ଼ୀ ଭାଲୁଣୁଣୀ ବିଦ୍ୟାପୀଠ ୫-ଟିକୁ ହସ୍ତାନ୍ତର କରାଯାଇଛି। ଗୁରୁବାର ବ୍ଲକରୁ ଏକ ବୈଷୟିକ ଦଳ ବିଦ୍ୟାପୀଠ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ ବିଦ୍ୟାଳୟ ଭିତ୍ତିଭୂମି ସ୍ଥିତି ପରଖିବା ସହ ୨ଟି ସ୍ମାର୍ଟ ଶ୍ରେଣୀ ପ୍ରକୋଷ୍ଠ, ଇ-ଲାଇବ୍ରେରି, ଇ-ଲାବୋରୋଟୋରି, ବାଳିକା ଓ ବାଳକଙ୍କ ପାଇଁ ଶୌଚାଳୟ, ପାନୀୟ ଜଳର ସୁ-ବନ୍ଦୋବ, ବିଦ୍ୟାଳୟ ପାଚେରି, ବିଗିଚା ନିର୍ମାଣ, ବିଦ୍ୟାଳୟ ପରିସରସ୍ଥ ରାସ୍ତା ଆଦିର ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥିତି ପରଖିଛନ୍ତି।

ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, କନିଷ୍ଠ ଯନ୍ତ୍ରୀ ଅନିତା ବେଉରା, ସୋନାଲି ସାହୁ, ଚୁନମୁନ ନାୟକ ପ୍ରମୁଖ ବିଦ୍ୟାଳୟ ସ୍ଥଳପରିଦର୍ଶନ କରିବା ସହ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଓ ଉନ୍ନତୀକରଣ ସକାଶେ ମାପଚୁପ କରିଥିଲେ। ଶିକ୍ଷାବିତ୍ ସୁଧାଂଶୁ ରଞ୍ଜନ ଆଏଚ, ନାଏବ ସରପଞ୍ଚ କେଦାର ଦେଓ, ପ୍ରଧାନଶିକ୍ଷକ ସୁରେଶ କୁମାର ମହାପାତ୍ର, ଶିକ୍ଷକ ମହେନ୍ଦ୍ର କୁମାର ଆଏଚ, ସଞ୍ଜୀତ କୁମାର ଦେଓ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର କୁମାର ଆଏଚ, ଦେବାଶିଷ ଆଏଚ, ଗ୍ରାମବାସୀ ଗୋପାଳ ମଲିକ, ଆତୁଳ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶଥାଉକି, ରସୁଲପୁର ବ୍ଲକରେ ୪୨ଟି ହାଇସ୍କୁଲ ରହିଛି। ପର୍ଯ୍ୟାୟକ୍ରମେ ସମସ୍ତ ବିଦ୍ୟାଳୟକୁ ୫-ଟିରେ ରୂପାନ୍ତରିକରଣ କରାଯିବ ବୋଲି କୁହାଯାଇଛି। ୪ର୍ଥ ପର୍ଯ୍ୟାୟରେ ଏହି ବ୍ଲକ ଅଧୀନରୁ ୧୨ଟି ବିଦ୍ୟାଳୟକୁ ରୂପାନ୍ତରିକରଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟ ଜରିଆରେ ବିଦ୍ୟାଳୟର ଗୁଡିକର ଭୌଗଳିକ ସ୍ଥିତିରେ ପରିବର୍ତ୍ତନ, ଶୈକ୍ଷିକ ପରିବେଶ ସୃଷ୍ଟି, ବିଦ୍ୟାର୍ଥୀମାନଙ୍କୁ ମାନସିକ, ଶାରୀରିକ, ବୌଦ୍ଧିକ ଶିକ୍ଷାର ବିକାଶ ଦିଗରେ ଆବଶ୍ୟକୀୟ ଭିତ୍ତିଭୂମୀ ସୃଷ୍ଟି କରାଯିବାକୁ ପ୍ରୟାସ କରାଯାଉଛି।

## ସ୍ୱାମୀ ନିଖୋଜ ନେଇ ଥାନାରେ ଅଭିଯୋଗ

ବାଲିଚନ୍ଦ୍ରପୁର,୨୫।୫(ସ୍ୱ.ପ୍ର.):

ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ ସ୍ତ୍ରୀ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି। ଥାନା ଅଧୀନ ପତରାଜପୁର ଗ୍ରାମର ଦେବକୀ ପଣ୍ଡା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ସ୍ୱାମୀ ରମେଶ ପଣ୍ଡା ୫ ମାସ ହେବ ଚଣ୍ଡିଖୋଲଠାରେ ଥିବା ସମୁଦି ଢାବାରେ କାର୍ଯ୍ୟ କରୁଥିଲେ। ଚଳିତ ମାସ ୧୭ ତାରିଖରେ ଘରକୁ ଆସି ୧୮ ତାରିଖ ସକାଳେ କାମ କରିବା ପାଇଁ ହୋଟେଲକୁ ଯାଇଥିଲେ। ମାତ୍ର ଘରୁ ଗଲାପରେ ଖବର ନେବାରୁ ଜଣାପଡ଼ିଲା ଉକ୍ତ ଗ୍ରାମର ଟ୍ରକ ଚାଳକ ବିପନ ମହାରଣାଙ୍କ ପୁଅ ଅଜୁ ମହାରଣା ବାଲିଚନ୍ଦ୍ରପୁର ବଜାରରୁ ତାଙ୍କୁ ମଟରସାଇକେଲ ଯୋଗେ କୁଆଡ଼େ ନେଇକି ଯାଉଥିଲେ। ସେହିଦିନ ୧୧ଟା ସମୟରେ ସମୁଦି ଢାବାର ମାଲିକ ଫୋନ କଲେ ରମେଶ ଏ ପର୍ଯ୍ୟନ୍ତ ଆସିନାହାନ୍ତି। ସେବେଠାରୁ ଆଜି ପର୍ଯ୍ୟନ୍ତ ସବୁ ଆଡ଼େ ଖୋଜାଖୋଜି ପରେ ବି ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ଏ ସମ୍ପର୍କରେ ଏସ୍‌ଆଇ ଗୋବର୍ଦ୍ଧନ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏବେଏବେ ଅଭିଯୋଗ ହୋଇଛି। ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡ଼ିବ।

## କଂଗ୍ରେସର ସାଙ୍ଗଠନିକ ବୈଠକ

ସିଂହପୁର,୨୫।୫(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତରେ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ କନକଲତା ମଲିକ, ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସ ପ୍ରମୁଖ ଯୋଗଦେଇ ବୁଥ୍‌ସ୍ତରରୁ ସଂଗଠିତ ହୋଇ କାର୍ଯ୍ୟକଲେ ଦଳୀୟ ସଂଗଠନ ବୃଦ୍ଧି ପାଇବା ସହିତ ଜନସାଧାରଣଙ୍କ ସହ ଅଧିକ ଯୋଡ଼ି ହୋଇ ପାରିବା ବୋଲି ପ୍ରକାଶ କରିଥିଲେ। ପରେ ସର୍ବସମ୍ମତିକ୍ରମେ ଗୋବିନ୍ଦ ଚନ୍ଦ୍ର ନାୟକଙ୍କୁ ଘଣ୍ଟିଆଳି ପଞ୍ଚାୟତର ସଭାପତି ରୂପେ ମନୋନୀତ କରାଯାଇଥିଲା। ଏହି ବୈଠକରେ ଶରତ ଦାସ, ବିଜନ ଦାସ, ବିରଞ୍ଚି ପଣ୍ଡା, ବିଶ୍ୱମ୍ଭର ସେନାପତି, ଶୁଭଶ୍ରୀ ନାୟକ, ବନମାଳି ବେହେରା, କାହ୍ନା ସେଠୀ, ସନାତନ ବେହେରା, ସୁବାସ ଚନ୍ଦ୍ର ନାୟକ, ଅଭିରାମ ନାୟକ, ସୁରେନ୍ଦ୍ର ଜେନା, କୈଳାସ ରାଉତ ଓ ମାଧବାନନ୍ଦ ବେହେରାଙ୍କ ସମେତ ପଞ୍ଚାୟତର ଛାମୁଆ କର୍ମୀମାନେ ଯୋଗ ଦେଇଥିଲେ।


ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।

## ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

ଧର୍ମଶାଳା,୨୫।୫(ଡି.ଏନ.ଏ.):

ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକକୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ଥାନୁଆଳ ଗ୍ରାମର କାଳନ୍ଦୀ ନାୟକ (୩୫)। ଧର୍ମଶାଳା ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତ କାଳନ୍ଦୀଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି। ଅସଦା ଚରଣ ସମ୍ପର୍କରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୩୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ

ରସୁଲପୁର,୨୫।୫(ଡି.ଏନ.ଏ.):


ଭିକାରୀ ବଳଙ୍କ ଜୟନ୍ତୀରେ ଭଜନ ପରିବେଷଣ କରାଯାଉଛି ।

ଜଗତର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ଲୀଳାଖେଳା, ଗୁଣାବଳୀ, ନୀତିକାନ୍ତି, ସଂସ୍କୃତି, ପରମ୍ପରା ଉପରେ ଆଧାରିତ ଘଟଣାବଳୀଗୁଡ଼ିକ ଉପରେ ରଚିତ ସଂଗୀତରେ କଣ୍ଠଦାନ କରି ଭଜନ ସମ୍ରାଟ ଭିକାରି ବଳ ଜଗନ୍ନାଥ ପ୍ରେମୀଙ୍କ ନିକଟରେ ଅମର ହୋଇ ରହିଛନ୍ତି। ତାଙ୍କ ପକ୍ଷରୁ କଣ୍ଠଦାନ କରାଯାଇଥିବା ଭକ୍ତିଭାବପୂର୍ଣ୍ଣ ସଂଗୀତ ଚୀର ସବୁଜ ହୋଇରହିଛି। ଏବେ ବି ତାଙ୍କର ସଂଗୀତ ଦେବାଳୟଗୁଡ଼ିକରେ ଶୁଣାଗଲେ ଭକ୍ତଙ୍କ ଦେହରେ ଶ୍ରୀହରଣ ସୃଷ୍ଟି ହୁଏ ଓ ଭକ୍ତ ଭାବବିହ୍ୱଳ ହୁଅନ୍ତି ବୋଲି ଗୁରୁବାର ଭଜନ ସମ୍ରାଟ ସ୍ମୃତି ସଂସଦ ଏବଂ ଗୋଗୁଳ ବୃନ୍ଦାବନ ଗୋ-ସେବା ଅନୁଷ୍ଠାନ ପକ୍ଷରୁ କୁଆଖିଆ ବଜାରର ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଭଜନ ସମ୍ରାଟ ଭିକାରି ବଳଙ୍କ ଜୟନ୍ତୀ ଉତ୍ସବରେ ଏହି ମତପ୍ରକାଶ ପାଇଛି।

ଏହି ଅବସରରେ ଅନୁଷ୍ଠାନ ଦ୍ୱୟଙ୍କ ପକ୍ଷରୁ 'କଂସ ରାଜ୍ୟରେ ହରିସେବା ବନ୍ଦ'ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି ସଂଗୀତ ଗୁରୁ ପ୍ରମୋଦ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ମୁଖ୍ୟବକ୍ତା ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ଯୋଗାଚାର୍ଯ୍ୟ ବିଜୟ କୁମାର ଦାଶ, ଅବସରପ୍ରାପ୍ତ ଶିକ୍ଷକ ନରୋତ୍ତମ ସାହୁ, ବିଦ୍ୟାଧର ସାହାଣୀ, ହାଡ଼ବନ୍ଧୁ ବାଭି, ମାୟାଧର ଜେନା, ପ୍ରଶାନ୍ତ ରାଉତ, ହଳଧର ବାଭି ଓ ପୀତାମ୍ବର କର ପ୍ରମୁଖ ଯୋଗଦେଇ ବଳଙ୍କ ଗୁଣାବଳୀ ଓ କିର୍ତ୍ତୀମାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଘୁମୁରା ସଂଗୀତ ଶିଳ୍ପୀ ଅଇଁଠୁ ସାମଲ, କେନ୍ଦରାଗୀତ ଗାୟକ ଅଲେଖ ଚନ୍ଦ୍ର ଦାଶ, ଅତିଥି ରମାକାନ୍ତ ଜେନା ଓ ରୁଦ୍ରନାରାୟଣ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଭିକାରି ବଳ ସଂଗୀତ ମାଳା ସମାରୋହ ଅନୁଷ୍ଠିତ ହୋଇଥିଲା। ଭଜନ ପରିବେଷଣରେ କଣ୍ଠଶିଳ୍ପୀ ପଦ୍ମନାଭ ଗୁରୁ, ନରେନ୍ଦ୍ର ସାହୁ, ଚନ୍ଦ୍ରମଣି ନାୟକ, ପରି ସାହାଣୀ, କଳ୍ପନା ଦାଶ, ଲକ୍ଷ୍ମୀଧର ନାୟକ, ପ୍ରମୋଦ କୁମାର ଦାଶ ଓ କଳ୍ପତରୁ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସଂସଦର ସମ୍ପାଦକ ନରେନ୍ଦ୍ର କୁମାର ବାଭି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଭୟ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

# ଜାରକାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଦାବି

ଧର୍ମଶାଳା,୨୫।୫(ଡି.ଏନ.ଏ.):


ପୂର୍ବତନ ବିଧାୟକ ରବି ଲାବଣ୍ୟ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଜିଲାପାଳଙ୍କୁ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଦାବିପତ୍ର**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବସ୍‌ଷ୍ଟାଣ୍ଡଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନାହିଁ। ଫଳରେ ଏଠାରେ ବସ୍‌ଯାତ୍ରୀଙ୍କ ସମେତ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେଣୁ ଏଠାରେ ଦୁଇଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ସହିତ ସମସ୍ତ ଏକ୍‌ପ୍ରେସ ବସ୍ ବାଇପାସ ଦେଇ ତଳବାଟେ ଚଳାଚଳ କରିବାକୁ ସେ ଦାବି କରିଛନ୍ତି। ଜାରକାରେ ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ସହିତ ଶିକ୍ଷାନୁଷ୍ଠାନ ରହିଛି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଜାରକା ଏକ କ୍ରମବର୍ଦ୍ଧିଷ୍ଣୁ ସହରରେ ପରିଣତ ହୋଇଥିବାବେଳେ ଏହା ଏକ ପ୍ରମୁଖ ବ୍ୟବସାୟୀ କେନ୍ଦ୍ରଭାବେ ପରିଗଣିତ ହେଉଛି। ସ୍ଥାନୀୟ ଅଞ୍ଚଳବାସୀ ପ୍ରତିଦିନ ବସ୍‌ଯୋଗେ ଏଠାକୁ ଯିବା ଆସିବା କରିଥାନ୍ତି। ବସ୍‌ଷ୍ଟପଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନ ଥିବାରୁ ବସ୍ ଯାତ୍ରୀ ଖୋଲା ଆକାଶ ତଳେ ଠିଆହୋଇ ରହୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଏବଂ ଝଡ଼ତୋଫାନ ଯୋଗୁ ବସ୍‌ଯାତ୍ରୀଙ୍କୁ ହଇରାଣ ହେବାକୁ ପଡୁଛି ବୋଲି ଲାବଣ୍ୟ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ସେହିପରି ଫ୍ଲାଇଓଭର ନିକଟରେ ଲୋକାଲ ବସ୍‌ଗୁଡିକ ରହୁଥିଲେ ମଧ୍ୟ ବାରିପଦା, ବାଲେଶ୍ୱର, କେନ୍ଦୁଝର, ପୁରୀ, ରାଉରକେଲା ଆଦି ଏକ୍‌ପ୍ରେସ ବସ୍‌ଗଡ଼ିକ ଜାରକା ଛକଠାରୁ ଅଧ କି.ମି. ଦୂର କୁମାରିପାଟଠାରେ ରହୁଛନ୍ତି। ଫଳରେ ମହିଳା, ଶିଶୁ, ବୃଦ୍ଧାବୃଦ୍ଧ ଯାତ୍ରୀ ଦୀର୍ଘ ବାଟ ଚାଲିବା ସହିତ ଏଥିପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଲାବଣ୍ୟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଫ୍ଲାଇଓଭର ବସଷ୍ଟପର ଦୁଇ ପାର୍ଶ୍ୱରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବା ସହିତ ଏଠାରେ ସମସ୍ତ ଲୋକାଲ ଏବଂ ଏକ୍ସପ୍ରେସ୍ ବସ୍ ରୋକିବାକୁ ଲାବଣ୍ୟ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଦାବିପତ୍ର ଗ୍ରହଣ କରିବା ସହିତ ଏଠାରେ ଖୁବ୍‌ଶୀଘ୍ର ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବେ ବୋଲି ସେ ଆଲୋଚନା ସମୟରେ ପ୍ରକାଶ କରିଛନ୍ତି। ଏଥିସହିତ ଫ୍ଲାଇଓଭର ନିକଟରେ ସମସ୍ତ ଲୋକାଲ ଏବଂ ଏକ୍ସପ୍ରେସ ବସ ରହଣି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

**କୁମ୍ଭୀର ଆକ୍ରମଣରେ ଗାଈ ଆହତ**

ରାଜନଗର, (ଡି.ଏନ.ଏ.) : ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ନଗଡ଼ ଗାଁ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି। ଗୁରୁବାର ନଦୀ ନିକଟରେ ଚରୁଥିବା ଏକ ଗାଈକୁ କୁମ୍ଭୀର ଆକ୍ରମଣ କରି କ୍ଷତବିକ୍ଷତ କରିଛି। ଗାଁର ବାସୁଦେବ ସାମଲଙ୍କ ଗାଈ ନଦୀ କୂଳରେ ଚରୁଥିବା ବେଳେ ହଠାତ୍ ଏକ କୁମ୍ଭୀର ଗାଈର ପଛ ଗୋଡ଼କୁ ଝାମ୍ପ ମାରିଥିଲା। ଜଙ୍ଘ ଓ ତଳିପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଛି। କୁମ୍ଭୀରଟି ଝାମ୍ପ ମାରିବା ପରେ ଗାଈଟି ଛାଟି ହୋଇ କୁମ୍ଭୀର କବଳରୁ ଖସି ଆସିଛି। ଏହି ଘଟଣା ପରେ ନଗଡ଼ ଗାଁରେ ଆତଙ୍କ ଖେଳିଯାଇଛି।

## ସଂକ୍ଷେପରେ

### ଜି ୨୦ରେ କେନ୍ଦ୍ରାପଡ଼ା ନୃତ୍ୟ ଦଳକୁ କାଂସ୍ୟ ପଦକ

କେନ୍ଦ୍ରାପଡା ଅଫିସ, ୨୫।୫ : ଗୁଜରାଟର ଅହମ୍ମଦାବାଦରେ ଆନ୍ତରାଷ୍ଟ୍ରୀୟ ଜି ୨୦ ସମ୍ମିଳନୀ ଚାଲିଛି। ଏହି ସମ୍ମିଳନୀରେ ଗୁଜରାଟ ସଂସ୍କୃତି ବିଭାଗ ଆହ୍ୱାନରେ କେନ୍ଦ୍ରାପଡ଼ା ପୌରସଂସ୍ଥା ଓ ଜିଲା ପ୍ରଶାସନ ପକ୍ଷରୁ ଏକ ନୃତ୍ୟ ଦଳ ନୃତ୍ୟ ନିର୍ଦ୍ଦେଶକ ମହେଶ ପାଢ଼ୀଙ୍କ ନେତୃତ୍ୱରେ ସେଠାକୁ ଯାଇଛନ୍ତି। ସେଠାରେ ଏହି ୧୦ ଜଣିଆ ଟିମ ନୃତ୍ୟ କରି କାଂସ ପଦକ ହାସଲ କରିଛନ୍ତି। ଏ ସମ୍ପର୍କରେ ନୃତ୍ୟ ନିର୍ଦ୍ଦେଶକ ପାଢ଼ୀ ସୂଚନା ଦେଇଛନ୍ତି, କେନ୍ଦ୍ରାପଡ଼ା ଟିମ୍ ଫୋକ ଡ୍ୟାନ୍ସରେ ଭାଗ ନେଇଥିଲା। ଓଡ଼ିଶା ସମେତ ୨୮ଟି ରାଜ୍ୟ ଏଥିରେ ଭାଗ ନେଇଥିଲେ। ଏଥିରେ ୩୮୧ ଜଣ ମୋଟ ଭାଗ ନେଇଥିଲେ। ତେବେ ଉନ୍ନତ ନୃତ୍ୟ ପ୍ରଦର୍ଶନ ପାଇଁ କେନ୍ଦ୍ରାପଡ଼ା ଟିମକୁ ଏହି ପଦକ ମିଳିଛି। ନୃତ୍ୟ ଦଳକୁ କେନ୍ଦ୍ରାପଡ଼ା ପୌରସଂସ୍ଥା ଓ ଜିଲା ପ୍ରଶାସନ ଅଧିକାରୀମାନେ ପ୍ରୋତ୍ସାହିତ କରିଥିବାରୁ ଟିମ ଦଳଗତ ସଫଳତା ହାସଲ କରିଛି। ଟିମ ସଦସ୍ୟମାନେ ଗୁଜରାଟର ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣ ସହ ସାବରମତୀ ଆଶ୍ରମରେ ସୁତା କାଟି ନିଜକୁ ଧନ୍ୟ ମନେ କରିଥିବା ସେ ପ୍ରକାଶ କରିଛନ୍ତି।

### ସାଇବର ଠକେଇର ଶିକାର ହେଲେ ଯୁବକ

ଆଳି,୨୫।୫(ଡି.ଏନ.ଏ.) : ଆଜିର ଯୁବପିଢ଼ି ଇଣ୍ଟରନେଟ ଯୁଗରେ ନିଜକୁ ଅଧିକ ଚାଲାଖ ଭାବୁଥିବା ବେଳେ ଦିନକୁ ଦିନ ସାଇବର ଲୁଟେରାମାନେ ସେହି ଯୁବପିଢ଼ିଙ୍କୁ ହିଁ ଟାର୍ଗେଟ କରି ଟଙ୍କା ଠକି ନେବାରେ ସଫଳ ହେଉଛନ୍ତି। ଏଭଳି ଏକ ଠକେଇର ଶିକାର ହୋଇ ଆଳି ଥାନାର ଦ୍ୱାରସ୍ଥ ହୋଇଛନ୍ତି କଳଦିଆ ଗ୍ରାମର ଧର୍ମେନ୍ଦ୍ର ପଣ୍ଡା। ଗୁରୁବାର ଦିନ ପ୍ରାୟ ୨ଟା ୪୦ରେ ଘରେ ଥିବାବେଳେ ତାଙ୍କ ମୋବାଇଲକୁ ୩ଥର ମେସେଜ ଆସିଥିଲା। ସେ ମୋବାଇଲ ଖୋଲି ମେସେଜ ଦେଖିବାବେଳକୁ ତାଙ୍କ ଆଳି ୟୁକୋ ବ୍ୟାଙ୍କ ଶାଖାରେ ଥିବା ଏକାଉଣ୍ଟରୁ ପ୍ରଥମେ ୧୯.୯୯୯ଟଙ୍କା ଦ୍ୱିତୀୟରେ ୧୪୯୯ଟଙ୍କା ଓ ତୃତୀୟଥର ୧୦୭୭ଟଙ୍କା କଟି ଯାଇଥିଲା।ଯାହାକୁ ନେଇ ସେ ବିଚଳିତ ହୋଇ ବ୍ୟାଙ୍କ ଶାଖା ମ୍ୟାନେଜରଙ୍କୁ ଅବଗତ କରି ଏକାଉଣ୍ଟ ବ୍ଲକ କରି ଦେଇଥିଲେ। ଧର୍ମେନ୍ଦ୍ର ସମସ୍ତ ବ୍ୟାଙ୍କ ଷ୍ଟେଟମେଣ୍ଟ ସହ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

### ଶତାଧିକ ଭିନ୍ନକ୍ଷମ ମାଟ୍ରିକ ପରୀକ୍ଷାରେ ପାସ୍

କେନ୍ଦ୍ରାପଡ଼ା ଅଫିସ, ୨୫।୫ : ଚଳିତ ମାଟ୍ରିକ ପରୀକ୍ଷା ଫଳାଫଳରେ ଭିନ୍ନକ୍ଷମଙ୍କ ଉଦ୍ୟମ ସଫଳ ହୋଇଛି। କେନ୍ଦ୍ରାପଡ଼ା ଜିଲାରେ ମୋଟ ୧୦୮ ଭିନ୍ନକ୍ଷମ ପରୀକ୍ଷାର୍ଥୀ ଥିଲେ। ଏଥିମଧ୍ୟରୁ ୧୦୫ ଜଣ ପାସ୍ କରିଥିବା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାଶ ଗୁରୁବାର ସୂଚନା ଦେଇଛନ୍ତି। ଜିଲା ଅଧିକାରୀ ଦାଶ କହିଛନ୍ତି, ପାସ୍ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୨ ଗ୍ରେଡରେ ଜଣେ, ବି-୧ରେ ୫ ଜଣ, ବି-୨ରେ ୨୭ ଜଣ, ସିରେ ୨୦ ଜଣ, ଡିରେ ୨୩ ଜଣ ଓ ଇ ଗ୍ରେଡରେ ୨୯ ଜଣ ଅଛନ୍ତି। ଏମାନଙ୍କ ମଧ୍ୟରୁ ପଟ୍ଟାମୁଣ୍ଡାଇ ବ୍ଲକ ଜରିଆସ୍ଥିତ ବଳଦେବଜୀଉ ହାଇସ୍କୁଲ ଛାତ୍ରୀ ଲକ୍ଷ୍ମୀପ୍ରିୟା ସିଂହ ମୋଟ ୬୦୦ ନମ୍ବରରୁ ୪୯୩ ମାର୍କ ରଖିଛନ୍ତି। ସେହିପରି କେନ୍ଦ୍ରାପଡ଼ା ବ୍ଲକ କୁତରଙ୍ଗ ଉଚ୍ଚ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ର ରାଜକିଶୋର ସାହୁ , ଡେରାବିଶ ବ୍ଲକ ଯାଆଁରା ବାରିମୂଳର ପଞ୍ଚାୟତ ହାଇସ୍କୁଲ ଛାତ୍ର ଗୌରୀଶଙ୍କର ବେହେରା, ସୁଦର୍ଶନ ସରକାରୀ ହାଇସ୍କୁଲର ଛାତ୍ର ମଦନମୋହନ ସାହୁ , ମାର୍ଶାଘାଇ ବ୍ଲକ ବଟିରା ନୋଡାଲ ହାଇସ୍କୁଲ ଛାତ୍ରୀ ମନୀଷା ବେହେରା ଓ ରାଜକନିକା ବ୍ଲକ ଗିରିଆ ହାଇସ୍କୁଲର ଛାତ୍ରୀ ରୁପାଲୀ ବେହେରା କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ଜିଲା ବିଭାଗ ପକ୍ଷରୁ ଏହି ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲା ଅଧିକାରୀ ଦାଶ ପ୍ରକାଶ କରିଛନ୍ତି।

### ୧୩ ସ୍ମାର୍ଟ କ୍ଲାସ୍ ରୁମ୍ ନିର୍ମାଣ ହେବ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ

ରାଜନଗର, ୨୫।୫(ଡି.ଏନ.ଏ.): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ରୂପରେଖ ବଦଳିବ। ମହାବିଦ୍ୟାଳୟର ୧୩ଟି କ୍ଲାସ୍‌ରୁମକୁ ସ୍ମାର୍ଟ କ୍ଲାସ ରୁମରେ ପରିଣତ କରାଯିବ। ଏହାସହିତ ମହାବିଦ୍ୟାଳୟ ପରିସରର ଭିତିଭୂମି ବଦଳିବ। ରାଜ୍ୟ ସରକାର ରାଜନଗରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟକୁ ୨ କୋଟି ୨୫ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ଏହି ଅର୍ଥରେ ମହାବିଦ୍ୟାଳୟର ପୁନଃ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରିବାକୁ କୁହାଯାଇଛି। କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ସମୀର କୁମାର ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ମାଝି ପ୍ରମୁଖ ମହାବିଦ୍ୟାଳୟରେ ପହଞ୍ଚି ଶ୍ରେଣୀଗୃହ ଓ ପରିସର ବୁଲି ଦେଖିବା ସହ ଅଧକ୍ଷ ଅତୁଲ ବଳଙ୍କ ସହ ଆଲୋଚନା କରିଥିଲେ।

# ଅସହ୍ୟ ଗୁଳୁଗୁଳି ବେଳେ ଅଘୋଷିତ ବିଦ୍ୟୁତ୍ କାଟ

**ପଟ୍ଟାମୁଣ୍ଡାଇ,୨୫।୫(ସ୍ୱ.ପ୍ର.)**


ପଟ୍ଟାମୁଣ୍ଡାଇ ମହିଳା କଲେଜ ରାସ୍ତା ପାର୍ଶ୍ୱରେ ଥିବା ମୁକୁଳା ଟ୍ରାନ୍ସଫର୍ମର।

ଅସହ୍ୟ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସାଙ୍ଗକୁ ରୌଦ୍ରତାପ ମଧ୍ୟ କିଛି କମ ନୁହେଁ। ଏଭଳି ସମୟରେ ଅଘୋଷିତ ଭାବେ ବିଦ୍ୟୁତ୍ କାଟ କରାଯାଉଛି। ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ) କର୍ତ୍ତୃପକ୍ଷଙ୍କ ଅଘୋଷିତ ବିଜୁଳି କାଟରେ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୈନିକ ୮ରୁ ୧୦ ଥର ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଏହାଦ୍ୱାରା କୋମଳମତି ଶିଶୁ, ବରିଷ୍ଠ ନାଗରିକଙ୍କ ଜୀବନ ବ୍ୟତିବ୍ୟସ୍ତ ହୋଇ ପଡୁଥିବା ବେଳେ ପାନୀୟ ଜଳ ଠିକ୍ ମାତ୍ରରେ ପାଇପରେ ଆସୁନାହିଁ। ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ଟାଟା କମ୍ପାନୀକୁ ଦିଆଯିବା ପରେ ପୂର୍ବ ଅବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ଏନ୍‌ଜେନ ହାତରୁ ଦାୟିତ୍ୱ କାଢ଼ି ରାଜ୍ୟ ସରକାର ଟାଟା କମ୍ପାନୀକୁ ଦେବା ପରେ ପରିସ୍ଥିତି ସୁଧୁରିବା ବଦଳରେ ଅଧିକ ବିଗିଡ଼ି ଯାଇଛି। ଗୋଟିଏ ଦିନରେ ବାରମ୍ବାର ବିଦ୍ୟୁତ୍ କାଟ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଘନ ଘନ ବିଦ୍ୟୁତ୍ କାଟ ବୃଦ୍ଧାବୃଦ୍ଧଙ୍କଠାରୁ ଆରମ୍ଭ କରି କୋମଳମତୀ ଶିଶୁମାନଙ୍କ ଛଟପଟ କରୁଛି। ଅଘୋଷିତ ଓ ଅନିୟମିତ ବିଜୁଳି କାଟ୍ ପରିସ୍ଥିତିକୁ ଜଟିଳ କରିଦେଇଛି। ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ବାହାନାରେ (ଟିପିସିଓଡିଏଲ) ପକ୍ଷରୁ ବାରମ୍ବାର ବିଦ୍ୟୁତ୍ କାଟ୍ କରାଯାଇ ଲୋକଙ୍କୁ ନିର୍ଯ୍ୟାତନା ଦିଆଯାଉଛି ବୋଲି ଅଭିଯୋଗ ରହିଛି। କିଛି ଦିନ ହେଲା ଘଣ୍ଟାଘଣ୍ଟା ଧରି ବିଜୁଳି କାଟରେ ଉପଭୋକ୍ତା ନୟାନ୍ତ ହେଲେଣି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ସାମାନ୍ୟ ପବନ କି ଝିପିଝିପି ବର୍ଷା ହେଲେ, କେଉଁଠି ବିଦ୍ୟୁତ୍ ଖୁଣ୍ଟ କି ବିଦ୍ୟୁତ୍ ତାରରେ ସାମାନ୍ୟ ସମସ୍ୟା ସୃଷ୍ଟି ହେଲେ ବିଜୁଳି ଚାଲିଯାଉଛି। ଏହାକୁ ନେଇ ଗ୍ରାହକ ବିଜୁଳି କାର୍ଯ୍ୟାଳୟକୁ ଫୋନ୍ କଲେ ମଧ୍ୟ କେହି ଉଠାଉନାହାନ୍ତି। ସାମାନ୍ୟ ସମସ୍ୟା ଥିଲେ ମଧ୍ୟ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ମରାମତି ହୋଇପାରୁନାହିଁ। ବିଦ୍ୟୁତ କ୍ଷେତ୍ରରେ ଓଡ଼ିଶା ବଳକା ରାଜ୍ୟ ଭାବେ ପରିଚିତ ହୋଇଛି। ହେଲେ ବିଦ୍ୟୁତ୍ ବିଭ୍ରାଟ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ତେବେ ଦିନବେଳା ବିଦ୍ୟୁତ୍ ନ କାଟିବା ପାଇଁ ଶକ୍ତି ସଚିବଙ୍କ ନିର୍ଦ୍ଦେଶକୁ ଟାଟା (ଟିପିସିଓଡିଏଲ) କର୍ତ୍ତୃପକ୍ଷ ଗ୍ରହଣ କରୁ ନ ଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନ୍ୟପକ୍ଷରେ ଉଚ୍ଚଶକ୍ତି ସମ୍ପନ୍ନ ୧୧ କେଭି ତାର ହାତ ପାହାନ୍ତାରେ ଝୁଲିବା ଭଳି ଦୃଶ୍ୟ ମଧ୍ୟ ସାମନାକୁ ଆସିଛି। ଖାଲି ସେତିକି ନୁହେଁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବାବେଳେ ତାର ବିପଦଜନକ ଭାବେ ଓହଳି ରହିଥିବା ପଟ୍ଟାମୁଣ୍ଡାଇ ମହିଳା କଲେଜ ରାସ୍ତାରେ ଦେଖିବାକୁ ମିଳିଛି। ରାସ୍ତାପାର୍ଶ୍ୱରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଥିବା ସ୍ଥାନ ମୁକୁଳା ପଡ଼ିଛି। ହାତ ପାହାନ୍ତାରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଝୁଲି ରହିଛି। ଏଭଳି ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ ନ କଲେ ଉପଭୋକ୍ତାମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେ ନାହିଁ ବୋଲି ଆଲୋଚନା ହେଉଛି। ବିଦ୍ୟୁତ୍ କାଟ ସମ୍ପର୍କରେ ପାଟ୍ଟାମୁଣ୍ଡାଇ ଏସ୍‌ଡିଓ ସ୍ମୃତିରଞ୍ଜନ ରଥଙ୍କୁ ପଚାରିବାରେ ଆଗଭଳି ବିଜୁଳି କାଟ ହେଉନାହିଁ। ବହୁତ ସୁଧାର ଆସି ଗଲାଣି ଆଗକୁ ସବୁ ସୁଧାର ହୋଇଯିବ ବୋଲି ସେ କହିଛନ୍ତି।

## ସଂସାରଫଳ ଗୁପ୍ତକ୍ଷେତ୍ରରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

**ପଟ୍ଟାମୁଣ୍ଡାଇ,୨୫।୫(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳ ଗ୍ରାମର ଗୁପ୍ତକ୍ଷେତ୍ର ଶ୍ରୀଗୁପ୍ତେଶ୍ୱର ମହାଦେବ ପୀଠରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ବୁଧବାର ଶୀତଳ ଷଷ୍ଠୀରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମହାଦେବଙ୍କ ମହାସ୍ନାନ, ମା' ପାର୍ବତୀଙ୍କ ଷୋଡଶ ଉପଚାର ପୂଜା ପରେ ପ୍ରତିମୂର୍ତ୍ତିକୁ ବିବାହ ମଣ୍ଡପରେ ସ୍ଥାନିତ କରାଯାଇଥିଲା। ପଣ୍ଡିତ ଚିତ ରଞ୍ଜନ ପଣ୍ଡା, ଆନନ୍ଦ ଶତପଥୀଙ୍କ ଦେବଦମ୍ପତିଙ୍କ ବୈଦିକ ରୀତିରେ ବିବାହ ବନ୍ଧନରେ ଆବଦ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଜ୍ଞାଭାରତୀ ରାଉତରାୟ, ବାସନ୍ତୀ ବରାଳ, କୁସୁମ ପରିଡା ପ୍ରମୁଖ ଶ୍ରଦ୍ଧାଳୁ ପରିଚାଳନା କରିଥିଲେ।

## ମାର୍ଶାଘାଇରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ରାସ୍ତା କାମରୁ ଶିଳାନ୍ୟାସ କରୁଛନ୍ତି।

**ମାର୍ଶାଘାଇ,୨୫।୫(ଡି.ଏନ.ଏ.)**

ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଦ୍ୱାରା ଗୁରୁବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦଶିପୁର ପଞ୍ଚାୟତର ପଳାସପୁର ଓ ଦଶମୌଜିର ଆଶ୍ରମ ବାଲିକୁଦାଠାରେ ୨ଟି ରାସ୍ତାର ଶିଳାନ୍ୟାସ କରାଯାଇଛି। ପ୍ରଥମେ ମନ୍ତ୍ରୀ ନାୟକ ପଳାସପୁରଠାରେ ପ୍ରାୟ ୬କୋଟି ୨୯ଲକ୍ଷ ଟଙ୍କା ବ୍ୟୟରେ କେନ୍ଦ୍ରାପଡ଼ା କେନାଲ ବାମପାର୍ଶ୍ୱ ବନ୍ଧର ଗିରଙ୍ଗଠାରୁ ଛଡେଇଗୁଆଁ ଓ କେୟାରବାଙ୍କଠାରୁ ସ୍କୁଲ ଘେରି ପର୍ଯ୍ୟନ୍ତ ୬ କିମି ବନ୍ଧର ସୁଦୃଢ଼ୀକରଣର ଶିଳାନ୍ୟାସ କରିଥିଲେ। କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧରଣୀଧର ବେହେରା, ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ଜିଲା ବିଜୁ କୃଷକ ସେଲ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଗଙ୍ଗାଧର ପରିଡା. ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ସରପଞ୍ଚ ବିକ୍ରମ କେଶରୀ ଦାଶ, ଶର୍ମିଷ୍ଠା ନାୟକ ଓ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ତରେଇ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଦଶମୌଜିସ୍ଥିତ ଆଶ୍ରମ ବାଲିକୁଦାଠାରେ ୫୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଦଶମୌଜି ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ଉନ୍ନତିକରଣ ଏବଂ ଜଳ ନିଷ୍କାସନ ନାଳର ଖନନ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟକୁରା ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା, ମହାକାଳପଡ଼ା ବ୍ଲକ ଅଧକ୍ଷା କଳ୍ପନା ରାଉତ, ସରପଞ୍ଚ ପ୍ରଜ୍ଞା ପାରମିତା କର, ଜିଲା ପରିଷଦ ସଭ୍ୟ ସୁବୋଧ ଲେଙ୍କା, ପ୍ରଶାନ୍ତ ନାୟକ ଓ କନିଷ୍ଠ ଯନ୍ତ୍ରୀ ଶାରଦା ପ୍ରସନ୍ନ ସାହୁ ଉପସ୍ଥିତ ଥିଲେ।

## ଚୋରା ମାଟି ଚାଲାଣ କରୁଥିବା ଜେସିବି, ଟ୍ରାକ୍ଟର ଜବତ

**ଡେରାବିଶ,୨୫।୫ (ସ୍ୱ.ପ୍ର.)**


ଜବତ ଜେସିବି ଓ ମାଟି ବୋଝେଇ ଟ୍ରାକ୍ଟର

**୩ ଦିନରେ ୧ ଲକ୍ଷ ଟଙ୍କାର ଜରିମାନା ଆଦାୟ**

ଡେରାବିଶ ତହସିଲ ଅଧୀନ ବିଭିନ୍ନ ଆର୍‌ଆଇ ସର୍କଲରେ ବେଆଇନ ଭାବେ ମାଟି ଚାଲାଣ ବଢ଼ି ଚାଲିଛି। ଏହି ମାଟି ଚୋରା ଚାଲାଣକୁ ବନ୍ଦ କରିବାକୁ ଡେରାବିଶ ତହସିଲଦାର ଅକ୍ଷୟ କୁମାର ପରିଡା ୩ ଦିନରେ ବିଭିନ୍ନ ଅଞ୍ଚଳରେ ଚଢାଉ କରିଛନ୍ତି। ଚଢାଉରେ ତହସିଲଦାର ପରିଡା ୧ ଜେସିବି ଓ ୩ ଗୋଟି ଟ୍ରାକ୍ଟର ଜବତ କରିବା ସହିତ ୧ଲକ୍ଷ ଟଙ୍କାର ଜରିମାନା ଆଦାୟ କରିଥିବା ଜଣାଯାଇଛି। ମଙ୍ଗଳବାର ତହସିଲଦାର ପରିଡା ଚାଟରାଚକଡ଼ା ଆରଆଇ ସର୍କଲରେ ବେଆଇନ ମାଟି ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବରପାଇଥିଲେ। ସେ ଘଟଣାସ୍ଥଳରେ ପହଞ୍ଚି ମାଟି ତାଡୁଥିବା ଏକ ଜେସିବି ଓ ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ କରିଥିଲେ। ଏଥିସହ ମାଟି ଚୋରା ଚାଲାଣକାରୀଙ୍କଠାରୁ ୫୦ ହଜାର ଟଙ୍କାର ଜରିମାନା ଆଦାୟ କରିଥିଲେ। ସେହିପରି ବୁଧବାର ଛୋଟି ଆର୍‌ଆଇ ସର୍କଲରେ ଚଢାଉ କରି ମାଟି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଗାଡି ମାଲିକଙ୍କୁ ୪୦ ହଜାର ଟଙ୍କାର ଜରିମାନା କରିଥିଲେ। ଏତଦ୍‌ବ୍ୟତିତ ହରିଅଙ୍କ ଆର୍‌ଆଇ ସର୍କଲର ଛକନାଠାରେ ବେଆଇନ ମାଟି ଚାଲଣ ସୂଚନା ପାଇଁ ତହସିଲଦାର ପରିଡା ଘଟଣାସ୍ଥଳରେ ପହଞ୍ଚି ମାଟି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ୧୦ ହଜାର ଟଙ୍କାର ମରିମାନା ଆଦାୟ କରିଥିଲେ। ତେବେ ଆଗାମୀଦିନରେ ମଧ୍ୟ ଚୋରା ମାଟି ଚାଲାଣକାରୀଙ୍କ ଉପରେ ଏହିପରି ଯୋରଦାର ଚଢାଉ ଜାରି କରାଯିବ ବୋଲି ତହସିଲଦାର ପରିଡା ସୂଚନା ଦେଇଛନ୍ତି।

## ବିଜେଡି ନିର୍ବାଚନମଣ୍ଡଳୀ ମିଡିଆ ସଂଯୋଜକ ହେଲେ ବିଜୟ

**ରାଜନଗର, ୨୫।୫(ଡି.ଏନ.ଏ.)**

୨୦୨୪ରେ ସାଧାରଣ ନିର୍ବାଚନ ହେବ। ଏବେ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ ଓ ସମସ୍ତେ ସୋସିଆଲ ମିଡ଼ିଆରେ ଅଭ୍ୟସ୍ତ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ରାଜନଗର ନିର୍ବାଚନମଣ୍ଡଳୀରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାମ ସମ୍ପର୍କରେ ଲୋକମାନଙ୍କୁ ଜଣାଇବାକୁ ବିଜେଡି ସୋସିଆଲ ମିଡିଆକୁ ମାଧ୍ୟମ କରିବ। ରାଜନଗର ନିର୍ବାଚନମଣ୍ଡଳୀର ରାଜନଗର ବ୍ଲକ, ପଟ୍ଟାମୁଣ୍ଡାଇ ବ୍ଲକ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଓ ୬ଟି ଜୋନରେ ସୋସିଆଲ ମିଡିଆ ମାଧ୍ୟମରେ ଲୋକ ବିଶେଷ କରି ଯୁବ ଓ ଛାତ୍ରମାନଙ୍କୁ ଅଧିକରୁ ଅଧିକ ଯୋଡ଼ି ହେବାକୁ ବିଜେଡି ଗୁରୁବାର ସୋସିଆଲ ମିଡିଆ ସଂଯୋଜକ ନିଯୁକ୍ତି କରିଛି। ରାଜନଗର ନିର୍ବାଚନମଣ୍ଡଳୀର ସଂଯୋଜକ ଭାବେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ରାଜନଗର ବ୍ଲକ ସୋସିଆଲ ମିଡିଆ ସଂଯୋଜକ ଭାବେ ଗୋବର୍ଦ୍ଧନ ପ୍ରଧାନ, ୩୦ ନଂ. ଜୋନର ସୋସିଆଲ ମିଡିଆ ସଂଯୋଜକ ଭାବେ ବିଜୟ କୁମାର ଗୁପ୍ତା, ୩୧ ନଂ. ଜୋନ ସଂଯୋଜକ ଭାବେ ରୋହିତ ରାଉତ, ୩୨ ନଂ. ଜୋନ ସଂଯୋଜକ ଭାବେ ରବୀନ୍ଦ୍ର କୁମାର ସିଂ, ପଟ୍ଟାମୁଣ୍ଡାଇ ବ୍ଲକ ସଂଯୋଜକ ଭାବେ ନୟନ ଗିରି, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ସଂଯୋଜକ ଭାବେ ଦେବାଶିଷ ନାୟକ, ୧୬ ନଂ. ଜୋନର ସୋସିଆଲ ମିଡିଆ ସଂଯୋଜକ ଭାବେ ଅନିଲ ଦାସ, ୧୭ ନଂ. ଜୋନ ସଂଯୋଜକ ଭାବେ ସୂର୍ଯ୍ୟକାନ୍ତ ରାଉତ, ୧୮ ନଂ. ଜୋନ ସଂଯୋଜକ ଭାବେ ପ୍ରିୟବ୍ରତ ଓଝାଙ୍କୁ ଦାୟିତ୍ୱ ଦିଆଯାଇଛି।

## ଶ୍ରୀଗର୍ଗେଶ୍ୱର ପୀଠରେ ଦେବଦମ୍ପତିଙ୍କ ବିବାହ

**ରାଜନଗର, ୨୫।୫(ଡି.ଏନ.ଏ.)**


ପାଲିଙ୍କରେ ଶିବଙ୍କୁ ଶୋଭାଯାତ୍ରା ନିଆଯାଉଛି।

ରାଜନଗର ବ୍ଲକ ଗୋସିଗାଁସ୍ଥିତ ଶ୍ରୀଗର୍ଗେଶ୍ୱର ମହାଦେବଙ୍କ ପୀଠରେ ଶୀତଳଷଷ୍ଠୀ ଉତ୍ସବ ବୁଧବାର ରାତ୍ରୀରେ ଶେଷ ହୋଇଛି। ୫ଦିନ ଧରି ଚାଲିଥିବା ଏହି ଉତ୍ସବରେ କଳସ ଯାତ୍ରା, ସହସ୍ର କୁମ୍ଭାଭିଷେକ, ଗୀତା ଯଜ୍ଞ, ସୂର୍ଯ୍ୟପୂଜା ପରେ ବେଦମନ୍ତ୍ରରେ ଶୈବପୀଠ ଚଳ ଚଞ୍ଚଳ ହୋଇଉଠିଥିଲା। ପଟ୍ଟାମୁଣ୍ଡାଇ ବ୍ଲକର ହରିପୁର ଗ୍ରାମର ବରପିତା କଳାକାର ରାଉତଙ୍କ ଘରେ ସକାଳେ ମହାଦେବ ପହଞ୍ଚିବା ସହ ସେଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ରାଜନଗର ଗ୍ରାମର କନ୍ୟାପିତା ରବୀନ୍ଦ୍ର କୁମାର ରାଉତଙ୍କ ଘରକୁ ମା' ପାର୍ବତୀଙ୍କ ଚଳନ୍ତି ପ୍ରତୀମାକୁ ସୁସଜ୍ଜିତ ବିମାନରେ ଶୈବ ପୀଠରୁ ନିଆଯାଇ ସ୍ଥାପନ କରାଯାଇଥିଲା। କନ୍ୟାପିତାଙ୍କ ଘରୁ ବର ନିମନ୍ତ୍ରଣ ବରପିତାଙ୍କ ପାଖକୁ ଯିବା ପରେ ଶ୍ରୀଗର୍ଗେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତୀମାକୁ ପାଲିଙ୍କିରେ ବସାଯାଇ ପାରମ୍ପରିକ ବାଦ୍ୟରେ ଶୋଭାଯାତ୍ରାରେ କନ୍ୟାପିତା ରବୀନ୍ଦ୍ରଙ୍କ ଘରକୁ ନିଆଯାଇଥିଲା। ବିଳମ୍ବିତ ରାତ୍ରିରେ ବର ଓ କନ୍ୟା ବେଶରେ ଦେବଦମ୍ପତି ମନ୍ଦିର ବେଢାରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପୂଜକ ଅକ୍ଷୟ ମିଶ୍ର, ଅଭୟ କୁମାର ମିଶ୍ର, ହର କୁମାର ମିଶ୍ର, ବୀର କିଶୋର ଦାଶ, ପ୍ରମୋଦ କୁମାର ପାଣି, ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ବିବାହ ଉତ୍ସବ ବୈଦୀକ ରୀତିନୀତି ଅନୁସାରେ ସମାପନ କରିଥିଲେ। ଏହାକୁ ଦେଖିବାକୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିଥିଲେ। ଏହାକୁ ଶୀତଳ ଷଷ୍ଠୀ ପୂଜା କମିଟି ଓ ଗୋସିଗାଁ ଗ୍ରାମବାସୀ ପରିଚାଳନା କରିଥିଲେ। ଗୁରୁବାର ଦେବଦମ୍ପତିଙ୍କୁ ସୁସଜ୍ଜିତ ଯାନରେ ନଗର ପରିକ୍ରମା କରାଯାଇଛି। ପାରମ୍ପରିକ ବାଦ୍ୟ, ବାଣ ରୋଷଣିରେ ପଟ୍ଟାମୁଣ୍ଡାଇ, ମଦନପୁର, ଗୋପାଳପୁର, ଚମ୍ପାଦିଆ ପ୍ରଭୃତି ଅଞ୍ଚଳ ପରିକ୍ରମା କରାଯାଇଥିଲା।

## ମାଟ୍ରିକ୍: ଏ-୧ରେ କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ସମ୍ବର୍ଦ୍ଧନା


ମାଟ୍ରିକ୍‌ରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଜକନିକା, ୨୫।୫ (ଡି.ଏନ୍.ଏ)**

ରାଜକନିକା ବ୍ଲକର ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ତଥା ଅନ୍ୟ ପ୍ରତିଭାମାନଙ୍କୁ ବୁଧବାର ସନ୍ଧ୍ୟାରେ ରାଜକନିକାର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ଶତାବ୍ଦୀ ଭବନଠାରେ ଅଗ୍ରଣୀ ଅନୁଷ୍ଠାନ 'ଶିଷ୍ୟ' ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଷ୍ୟ ପରିବାର ସଦସ୍ୟ ତଥା ଖବରଦାତା ସୁକାନ୍ତ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୈକ୍ଷିକ ବାଗ୍ମୀତାକୁ ସମାଜ କଲ୍ୟାଣରେ ଉତ୍ସର୍ଗ କରି ନିଜକୁ ଜଣେ ଉଚିତ୍ ମଣିଷ ଭାବେ ଗଢ଼ି ତୋଳିବା ସହ ଗାରିମା ସାଉଁଟିବାକୁ ଉପସ୍ଥିତ ପ୍ରତିଭାମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ଯୋଗଦେଇ ଜୀବନର ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। 'ଶିଷ୍ୟ'ର ପ୍ରତିଷ୍ଠାତା ସମ୍ପାଦକ ସଞ୍ଜୟ ବେହୁରା ଯୋଗଦେଇ ଏଭଳି ଅନୁଷ୍ଠାନକୁ ସାର୍ବଜନୀନ କରାଯିବାକୁ ପ୍ରୟାସ କରାଯିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ୧୦ଜଣ ଏ-୧ରେ କୃତକାର୍ଯ୍ୟ ହୋଇଥିବା ପ୍ରତିଭାମାନଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ବ୍ୟତିତ ଚାରିଦେଶ ମଡେଲ ବାଳିକା ବିଦ୍ୟାଳୟ ୩ ବର୍ଷ ଧରି ମାଟ୍ରିକ୍ ପରୀକ୍ଷାରେ ଶତପ୍ରତିଶତ ସଫଳତା ଅର୍ଜନ କରିଥିବାରୁ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ରାଉତ ଏବଂ ଓଇଏସ୍ ପାଇଥିବା ସିକୋ ଗ୍ରାମର ଶିକ୍ଷୟିତ୍ରୀ ରୀମାବାଳା ନାୟକଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଳାଭର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମେଶ୍ୱର ଦାସ, ସଞ୍ଜୟ କୁମାର ସାମଲ, ଶିକ୍ଷକ ବଟକୃଷ୍ଣ ପଣ୍ଡା, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମୀର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଦିଲୀପ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଟ୍ଟାମୁଣ୍ଡାଇ ବ୍ଲକ ଦିହୁଡ଼ିପୁରରେ ମୁଗମଣ୍ଡି ଉଦ୍‌ଘାଟିତ


ପ୍ରଶାସନିକ ଅଧିକାରୀ ମୁଗ ମଣ୍ଡିକୁ ଉଦ୍‌ଖଘଶଯନ କରୁଛନ୍ତି।

**ପଟ୍ଟାମୁଣ୍ଡାଇ, ୨୫।୫(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକର ଦିହୁଡ଼ିପୁର, ବଡ଼ପଡ଼ା, ବଡ଼ ମୋହନପୁର, ଅରଡ଼ପଲ୍ଲୀ, ସାନଜରିଆ ପଞ୍ଚାୟତର କୃଷକମାନଙ୍କୁ ନେଇ ଗଠିତ ସିଦ୍ଧବଟ କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଦିହୁଡ଼ିପୁରଠାରେ ମୁଗମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ନିର୍ଦ୍ଦେଶକ ବାଣୀଭୂଷଣ ନାୟକ, ଶରତ ରାଉତ, ସୁକାନ୍ତ ରାଉତ, ଅନସୂୟା ସ୍ୱାଇଁ, ଅପରାଜିତା ମହାନ୍ତି, ବିଜୟ କୁମାର ଖଟୁଆ, ଗଣେଶ ନାୟକ, ଶାନ୍ତନୁ ଦୁଲାଲ ଜେନା, ନରହରି ମହାପାତ୍ର ଓ ନିମାଇଁ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଭୁବନେଶ୍ୱର ଆଗ୍ରୋ କ୍ଷେତ୍ର ଅଧକ୍ଷ ବିପିନ ବିହାରୀ ଦାସ, ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ସିଇଓ କଳ୍ପତରୁ ନାୟକ, ଆକାଉଣ୍ଟାଣ୍ଟ ବିକାଶନନ୍ଦ ସ୍ୱାଇଁ, ଜଗତ୍‌ସିଂହପୁର ଲିଭ ଆଣ୍ଡ ଲେଟ ଲିଭ (ଲାଲ ) ସମ୍ପାଦକ କ୍ଷେତ୍ରମୋହନ ବେହେରା, ସୁକାନ୍ତ ଜେନା, ଅଶୋକ ଅଗ୍ରୱାଲ ଓ ଦିହୁଡ଼ିପୁର ସରପଞ୍ଚ ନରେଶ ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ କୃଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରି ଚାଷୀମାନେ ମୁଗର ସରକାରୀ ନିର୍ଦ୍ଧାରିତ ଦର କିଲୋ ପିଛା ୭୭ ଟ ୫୫ ପଇସାରେ ପାଇ ପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।

# ଆସୁଛି ମୌସୁମୀ, ଚଳଚଞ୍ଚଳ ଚାଷୀକୁଳ

**ମହାକାଳପଡ଼ା,୨୫।୫ (ଡି.ଏନ୍.ଏ.)**

- କ୍ଷେତରେ ବୁଣା ବୁଣି ଆରମ୍ଭ
- ଦେଶୀ ଧାନ ପ୍ରତି ବଢୁଛି ଆଗ୍ରହ
- ଚାଷୀଙ୍କୁ ମିଳୁନି ପ୍ରୋତ୍ସାହନ


ଚାଷୀମାନେ ମୌସୁମୀ ଆସିବା ପୂର୍ବରୁ କ୍ଷେତରେ ଧାନ ବୁଣୁଛନ୍ତି।

ଚାଷୀମାନେ ମୌସୁମୀ ଆଗମନକୁ ଚାତକ ଭଳି ଅପେକ୍ଷା କରିଥାଆନ୍ତି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଜୁନ୍ ଦ୍ୱିତୀୟ ସପ୍ତାହରେ ମୌସୁମୀ ଓଡ଼ିଶାରେ ପହଞ୍ଚିବ। ଏହି ସୂଚନା ପାଇବା ପରେ ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଚାଷୀମାନେ ତରତର ହୋଇ ସାଇତି ରଖିଥିବା ଓଳିଆରୁ ବିହନ ଗାଳି କ୍ଷେତ ପ୍ରସ୍ତୁତ କରି ବିହନ ବୁଣା ବୁଣି କରୁଥିବା ଦେଖିବାକୁ ମିଳୁଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ କିଆବାରିଆ, ଗୁପ୍ତ ଗିରି, ବାର୍ହାଖିଆ, କେଣ୍ଡିଆ ଗୋଜ, ହବାଳି ପାହି, ମହୁଲିଆ, ଶଙ୍ଖ ଗୋଜ, ବାଛୁରିଆ, ମଧୁବନ ଆଦି ଅଞ୍ଚଳର ଚାଷୀମାନେ ଟଳି ଘେରା ପ୍ରସ୍ତୁତ କରି ଖରଡ଼ି ବିହନ ବୁଣାବୁଣି ଆରମ୍ଭ କରିଛନ୍ତି । ଚାଷୀଙ୍କ କହିବା କଥା ଏହି ସମୟରେ କ୍ଷେତରେ ବୁଆ ବୁଣିବାକୁ ପଡ଼ିଥାଏ । ଖରାଦିନେ କ୍ଷେତ ଶୁଖିଲା ଥିବାରୁ ଖରାଟିଆ ବୁଆ ବୁଣାବୁଣି ସାରି ଦେଉଛୁ । ଆମେ ଦେଶୀ ଧାନ ପାଣି କୋଇଲି, ରାସ ପନ୍ଦର, ଭୁଣ୍ଡି, ପାଣି ଅଁଳା, ରାଜ ମଲ୍ଲି, ବେଲନ୍ଦି, ହମିରା, କଟକ ଚାନ୍ଦି, ପାଟେଣି, ନୀଳାବତୀ, ବାସୁମତୀ ଆଦି ପୁରୁଣା ପଦ୍ଧତିରେ ଚାଷ କରି ଆସିଛୁ। ଦେଶୀ ଧାନ ଅମଳ ସ୍ୱଳ୍ପ ହୋଇଥିଲେ ମଧ୍ୟ ଶରୀର ପାଇଁ ଖୁବ୍ ଉପଯୋଗୀ। ଶଙ୍କର ଜାତୀୟ ଧାନ ଫସଲ ତୁଳନାରେ ଏହି ଧାନ ଭିଟାମିନ ଯୁକ୍ତ ଓ ସୁସ୍ୱାଦୁ ବୋଲି ସୁନାକର ସାମଲ, ସୁବାସ ରାଉତ, ମଢ଼ିଆ ସାମଲ, ମଇନ ସ୍ୱାଇଁ, ଜଗବନ୍ଧୁ ସ୍ୱାଇଁ , ଅଲେଖ ରାଉତ ପ୍ରମୁଖ ଚାଷୀ କହିଛନ୍ତି। ସରକାର ଚାଷୀମାନଙ୍କ ପାଇଁ ଉନ୍ନତ କିସମ ଓ ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଧାନ ବିହନ ଯୋଗାଇ ଦେଉଥିବା ବେଳେ କାହିଁକି ଚାଷୀମାନେ ପୁରୁଣା ପଦ୍ଧତିରେ କମ୍ ଅମଳକ୍ଷମ ଧାନ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ସେ ସଂକ୍ରାନ୍ତରେ ବିଭାଗ ମୁହଁ ଖୋଲୁନାହିଁ । ଚାଷୀମାନଙ୍କ ପାଇଁ ସରକାର ରିହାତି ଦରରେ କୀଟନାଶକ, ବିହନ, ସାର, କୃଷି ଯନ୍ତ୍ରପାତି ପ୍ରଦାନ କରୁଛନ୍ତି। ତଥାପି ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଧାନ ଚାଷ ପ୍ରତି ଚାଷୀମାନେ ମୁହଁ ମୋଡୁଛନ୍ତି। ଏଥିପାଇଁ କୃଷି ବିଭାଗ ଚାଷୀମାନଙ୍କୁ ସଚେତନତା କରିବାରେ ପଛରେ ପଡିଛି। ଏପରି କି ଉପଯୁକ୍ତ ତାଲିମ ଚାଷୀମାନେ ପାଇ ନାହାନ୍ତି । ଫଳରେ ସେମାନେ ଅଧିକ ଅମଳକ୍ଷମ ବିହନ ଚାଷ କରୁ ନାହାନ୍ତି। ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରିଣୀ ପ୍ରଣତି ମହାନ୍ତି କହିଛନ୍ତି, ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଆବଶ୍ୟକ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉଛି।

## ସଂକ୍ଷେପରେ

### ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

ଚିକିଟି,୨୫।୫(ଡି.ଏନ.ଏ.): ଚିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଝଗଡ଼ାଗ୍ରାମର ଗୁରୁବାର ସକାଳ ୯ଟା ସମୟରେ ଜଣେ ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ବୃଦ୍ଧାଜଣକ ହେଲେ ଝଗଡ଼ାଗ୍ରାମର ଖଲି ନାଇକ (୫୫)। ସୂଚନାଯୋଗ୍ୟ, ଖଲି ଗ୍ରାମ ନିକଟରେ ଥିବା ଜମିକୁ ଯାଇ ହିଡ଼ରେ ଥିବା ଲଟାବୁଦା ସଫା କରୁଥିବା ବେଳେ ହଠାତ ଟଳି ପଡିଥିଲେ। ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଦେଖିଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏହି ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଅମଲା ସଂଘର କଳା ବ୍ୟାଜ ପରିଧାନ

ରାୟଗଡ଼(ଗଜପତି),୨୫।୫: ଓଡ଼ିଶା ଅମଲା ସଂଘ ତରଫରୁ ସାରା ରାଜ୍ୟରେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରାଯାଇଥିବା ବେଳେ ଗଜପତି ଜିଲା ରାୟଗଡ଼ ବ୍ଲକର କାର୍ଯ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଓଡ଼ିଶା ଅମଲା ସଂଘର ସଭ୍ୟାସଭ୍ୟମାନେ କଳାବ୍ୟାଜ ପିନ୍ଧି ସରକାରଙ୍କ ଦ୍ୱାରା ପ୍ରଦତ୍ତ ଦରମା ବ୍ୟବସ୍ଥାକୁ ନେଇ ପ୍ରତିବାଦ କରୁଥିବା ଜଣାପଡ଼ିଛି। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ମାସରେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ପ୍ରତିବାଦରେ ଗୋରାଚାନ୍ଦ କୁଡୁମ୍ଧା, ଗଣେଶ ପଣ୍ଡା, ସୁନନ୍ଦା ମହାରଣା, ସୁବ୍ରତ ପାଣି, ଚାରୁଦତ୍ତ ପ୍ରଧାନ, ସୁଶୀଲ କର ପ୍ରମୁଖ ଉପସ୍ଥିତ ଥିଲେ।

### ଅବ୍ୟବହୃତ ସାମଗ୍ରୀ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ

ଆସିକା, ୨୫।୫(ଡି.ଏନ୍.ଏ): ଆସିକା ଏନ୍ଏସିର ଖମ୍ବେଶ୍ୱରୀପାଟଣା ଓ ବାଣୀବିହାରଠାରେ ମଙ୍ଗଳବାର ବିଭିନ୍ନ ଅବ୍ୟବହୃତ ସାମଗ୍ରୀ ସଂଗ୍ରହ କେନ୍ଦ୍ର ଆସିକା ଏନଏସି ଅଧକ୍ଷା ବିନେତା ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ମିଶନ ଶକ୍ତି ମହିଳା, ସ୍ୱଚ୍ଛସାଥୀ, ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କର ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଗଠନ ଅଭିଯାନରେ ଖୋଲାଯାଇଥିବା ଥ୍ରୀ ଆର କେନ୍ଦ୍ର ମାଧମରେ ଜନସାଧାରଣ ସେମାନଙ୍କ ଘରେ ବ୍ୟବହାର ନହୋଇ ପଡିଥିବା ପୁରୁଣା ପୋଷାକ, ବହିପତ୍ର, କାଗଜ, ଜୋତା, ଚପଲ ଆଦି ସଂଗ୍ରହ କରାଯିବ। ଏହି ସବୁ ଜିନିଷକୁ ଆବଶ୍ୟକ ଥିବା ଜନସାଧାରଣ ନେବା ନିମନ୍ତେ ବ୍ୟବସ୍ଥା ରଖାଯିବା ସହ ଏହାର ପ୍ରକ୍ରିୟାକରଣ ହୋଇ ପୁଣି ବ୍ୟବହାର ଉପଯୋଗୀ କରିବା ଲକ୍ଷ୍ୟରେ ଏହି କେନ୍ଦ୍ର ଖୋଲାଯାଇଥିବା ନିର୍ବାହୀ ଅଧିକାରୀ ବେଜ୍ ସୂଚନା ଦେଇଛନ୍ତି।

### ଦେବ ଚିତ୍ରକରଙ୍କ ପରଲୋକ

ଧରାକୋଟ,୨୫।୫(ଡି.ଏନ୍.ଏ.)- ଧରାକୋଟ ଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ତିନି ଠାକୁରଙ୍କ ମଧ୍ୟରୁ ସୁଭଦ୍ରାଙ୍କର ସେବକ ଚିତ୍ରକର ରାଜେନ୍ଦ୍ର ମହାପାତ୍ରଙ୍କ(୫୪)ର ଗୁରୁବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଗୁରୁବାର ସେ ସବୁଦିନ ପରି ସିଦ୍ଧନଇ ଗ୍ରାମର ଜଗନ୍ନାଥ ମନ୍ଦିରରେ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ କାମ ବନ୍ଦ କରି ଘରକୁ ଫେରିଥିଲେ। ତାଙ୍କୁ ପ୍ରଥମେ ଧରାକୋଟ ପରେ ଆସିକା ମେଡିକାଲକୁ ନିଆଯାଇଥିଲା। ସେଠାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଗର୍ଭବତୀଙ୍କୁ ମିଳୁନି ମାଗଣା ଅଲ୍‌ଟ୍ରାସାଉଣ୍ଡ ଟେଷ୍ଟିଂ

## ଜିଲା ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

■ ଖିଲାପୀ ଅଧିକାରୀଙ୍କୁ ବହିଷ୍କୃତ ନିର୍ଦ୍ଦେଶ
■ ବିପିଏମ୍‌ଙ୍କ ୫୦ ପ୍ରତିଶତ ଦରମା ବନ୍ଦ

**ଛତ୍ରପୁର,୨୫।୫(ଡି.ଏନ.ଏ):**

ସମସ୍ତ ଗର୍ଭବତୀଙ୍କ ଲାଗି ମାଗଣାରେ ଅଲଟ୍ରାସାଉଣ୍ଡ ଟେଷ୍ଟିଂ ସେବା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ମାତ୍ର ଗଞ୍ଜାମ ଜିଲାରେ ଗର୍ଭବତୀମାନଙ୍କୁ ମାଗଣାରେ ଅଲଟ୍ରାସାଉଣ୍ଡ ଟେଷ୍ଟିଂ ସେବା ମିଳିପାରୁନି। ଗୁରୁବାର ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ଜିଲା ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧକ୍ଷତା କରି କ୍ଷୋଭ ପ୍ରକାଶ କରିବା ସହ ଏଥିରେ ଦାୟୀ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ଖିଲାପୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ସହ ପରେ ବହିଷ୍କୃତ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ପୋଲସରା ଓ ଖଲିକୋଟ ବ୍ଲକରେ ଥିବା ବିପିଏମ୍‌ମାନଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଗର୍ଭବତୀଙ୍କୁ ମାଗଣାରେ ଅଲଟ୍ରାସାଉଣ୍ଡ ଟେଷ୍ଟିଂ ସେବା ମିଳିପାରୁନଥିବା ସମୀକ୍ଷାରୁ ଜଣାପଡିଥିଲା। ଉଭୟ ବ୍ଲକର ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ଜିଲାପାଳ ଭର୍ତ୍ସନା କରିବା ସହ ତାଗିଦ୍ କରିଥିଲେ। ଗର୍ଭବତୀଙ୍କୁ ମାଗଣାରେ ଅଲଟ୍ରାସାଉଣ୍ଡ ସେବାର ଲକ୍ଷ୍ୟ ପୂରଣ ନହେବା ପର୍ଯ୍ୟନ୍ତ ପୋଲସରା ବ୍ଲକର ବିପିଏମଙ୍କ ମାସିକ ଦରମାର ୫୦ ପ୍ରତିଶତ ବନ୍ଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।


ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ସୂଚନା ଅନୁସାରେ, ପୋଲସରା ବ୍ଲକର ୧୭୦୫ ଗର୍ଭବତୀଙ୍କୁ ମାଗଣାରେ ଅଲଟ୍ରାସାଉଣ୍ଡ ସେବା ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିରୁ ମାତ୍ର ୧୨୮ (୮ ପ୍ରତିଶତ) ସେବା ପାଇଛନ୍ତି। ସେହିପରି ଖଲିକୋଟ ବ୍ଲକରେ ୨୦୨୪ ଗର୍ଭବତୀଙ୍କ ମଧ୍ୟରୁ ୨୨୪ ଜଣ ( ୧୧ ପ୍ରତିଶତ)ଙ୍କୁ ମାଗଣାରେ ଅଲଟ୍ରାସାଉଣ୍ଡ ସେବା ମିଳିପାରିଛି। ଏଥିରେ ସର୍ବନିମ୍ନ ୫୦ ପ୍ରତିଶତ ଲକ୍ଷ୍ୟ ପୂରଣ କରିବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରରୁ ଏଣିକି ମାଗଣାରେ ଅଲଟ୍ରାସାଉଣ୍ଡ ପାଇନଥିବା ବ୍ୟକ୍ତିଙ୍କୁ ଫୋନ୍ କରି ବୁଝାଯିବ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ। ବୈଠକରୁ ଆହୁରି ଜଣାଯାଇଛି ଯେ, ଜିଲାରେ ସରକାରୀ ମେଡିକାଲ ଗୁଡିକରେ ପ୍ରସବ କରାନ ଯାଇ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଉଛି। କେବଳ ସମ୍ବେଦନଶୀଳ ଡେଲିଭେରୀ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ରେଫର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାସକ ମଧ୍ୟରେ ମାତ୍ର ୬ଟି ଓ ରଙ୍ଗେଇଲୁଣ୍ଡାରେ ୨ ଟି ସାଧାରଣ ପ୍ରସବ ହୋଇଛି। ସେହିପରି ଚିକିଟି ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ମଧ ସାଧାରଣ ଡେଲିଭେରୀର ସ୍ଥିତି ନୈରାଶ୍ୟଜନକ ରହିଥିବା ସମୀକ୍ଷା ବୈଠକରୁ ଜଣାପଡିଛି। ଛତ୍ରପୁର ଉପଖଣ୍ଡ ହସ୍ପିଟାଲ ରେ ମଧ ପ୍ରସବ ସଂଖ୍ୟା କମୁଛି। ଏଠାକୁ ଆସୁଥିବା ଗର୍ଭବତୀଙ୍କୁ ମଧ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଉଛି। ରାତିରେ କୌଣସି ବିଶେଷଜ୍ଞ ଡାକ୍ତର ରହୁନଥିବାରୁ ଏଠାରେ ଏପରି ସ୍ଥିତି ରହିଛି। ବୈଠକକୁ ଛତ୍ରପୁର ହସ୍ପିଟାଲର ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଆସିନଥିବାରୁ ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ସାଧାରଣ ଗର୍ଭବତୀଙ୍କୁ କାହିଁକି ରେଫର କରାଯାଉଛି ତାର କାରଣ ଜଣାଇବାକୁ ପଡିବ। ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ଅବଦାନ ଲାଗି ଜିଲାରେ ପ୍ରଥମ ଭାବେ ବୁଗୁଡା ବ୍ଲକ ଶିକ୍ଷା ଅଧିକାରୀ, ଦ୍ୱିତୀୟ ଭାବେ ବେଗୁନିଆପଡା ବିଇଓ ଏବଂ ତୃତୀୟ ଭାବେ ଶେରଗଡ ବିଇଓଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉମାଶଙ୍କର ମିଶ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜଗଦିଶ ପଟ୍ଟନାୟକ, ଡିପିଏମ୍ ଶ୍ୟାମସୁନ୍ଦର ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ସମେତ ସିଡିପିଓ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ, ହସ୍ପିଟାଲ ମ୍ୟାନେଜର, ବିପିଏମ୍ ପ୍ରମୁଖ ଉପସ୍ଥି ଥିଲେ।

## ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

### ମୃତଦେହ ଫେରାଇ ଆଣିବାକୁ ପ୍ରଶାସନକୁ ନିବେଦନ

ଖଲ୍ଲିକୋଟ,୨୫।୫(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ପିଟଣାପଲ୍ଲୀ ଗ୍ରାମର ଶିବ ପ୍ରଧାନଙ୍କ ଦୁବାଇରେ ମୃତ୍ୟୁ ଘଟିଛି। ପିଟଣାପଲ୍ଲୀ ଗ୍ରାମର ଶିବ ପ୍ରଧାନ କାମଧନ୍ଦା ଅନ୍ୱେଷଣରେ ୪ ମାସ ତଳେ ଦୁବାଇ ଯାଇଥିଲେ। ସେଠାରେ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ବୁଧବାର ରାତିରେ ଶୋଇଥିବା ବେଳେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ସାଥିରେ ରହୁଥିବା ଅନ୍ୟ ଓଡ଼ିଆ ଶ୍ରମିକମାନେ ଶିବଙ୍କ ଘରକୁ ଜଣାଇଥିଲେ। ଶିବଙ୍କ ବାପାଙ୍କ ୨ବର୍ଷ ତଳେ ପରଲୋକ ଘଟିଥିବା ବେଳେ ଘରେ ତାଙ୍କର ବିଧବା ମା' ଡୋମଣି ପ୍ରଧାନ ଓ ସ୍ତ୍ରୀ, ପୁଅ, ଝିଅ ରହୁଥିଲେ। ଶିବ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିବାରୁ ମୃତଦେହ ଆଣିବାକୁ ପରିବାର ପକ୍ଷେ ସକ୍ଷମ ନାହିଁ। ତେଣୁ ମୃତ ଶରୀର ଗାଁକୁ ଫେରାଇ ଆଣିବାକୁ ପ୍ରଶାସନକୁ ପରିବାର ବର୍ଗ ନିବେଦନ କରିଛନ୍ତି।

## ଆର.ଉଦୟଗିରି ପଞ୍ଚାୟତ ସମିତି ବୈଠକ

ଆର.ଉଦୟଗିରି,୨୫।୫(ଡି.ଏନ.ଏ.): ଆର.ଉଦୟଗିରି ପଞ୍ଚାୟତ ସଦଭାବନା ଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତିର ଅଧକ୍ଷ ଲକ୍ଷ୍ମୀନାରାୟଣ ଶବରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶିକ୍ଷା,ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ, କୃଷି, ଉନ୍ନତିମୂଳକ କାମ ଏବଂ ବ୍ଲକର ଅନ୍ୟ ଯୋଜନାଗୁଡିକ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଉନ୍ନୟନ କାର୍ଯ୍ୟର କାର୍ଯ୍ୟକାରିତା ନେଇ ସଭ୍ୟ ପୂର୍ଣ୍ଣଚନ୍ଦ୍ର ପ୍ରଶ୍ନ ଉଠାଇଥିଲେ। ବିଭିନ୍ନ ପଞ୍ଚାୟତରେ ହେଉଥିବା ଉନ୍ନୟନ କାର୍ଯ୍ୟ ନେଇ ସମିତି ସଭ୍ୟ ଓ ସରପଞ୍ଚଙ୍କୁ ଅବଗତ କରାଯାଉନଥିବା ମଙ୍ଗରାଜପୁର ସରପଞ୍ଚ ଶ୍ରୀଧର ପ୍ରଧାନ, ରଣ୍ଡିବା ସରପଞ୍ଚ ବାଳକୃଷ୍ଣ ବେହେଦଲାଇ ଓ ମହେନ୍ଦ୍ରଗଡ ସମତିସଭ୍ୟ ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ, ସରପଞ୍ଚ କୁମୁଦିନୀ ଗମାଙ୍ଗ ଓ ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ଦଳେଇ ଅଭିଯୋଗ କରିଥିଲେ। ନିର୍ବାଚନ ହେବାଠାରୁ ଏପର୍ଯ୍ୟନ୍ତ ହୋଇଥିବା ସମସ୍ତ ଉନ୍ନୟନମୂଳକ କାମର ତାଲିକା ମାଗିଥିଲେ ଗମାଙ୍ଗ। ମୁଁ କୌଣସି ବ୍ୟକ୍ତିଙ୍କ କାମ ପାଇଁ ଅର୍ଥ ନେଇନି, ଯଦି ପ୍ରମାଣ ଅଛି ଦେଖାଅ ବୋଲି ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର କହିଥିଲେ। ସେ ଆହୁରି କହିଥିଲେ ଯେ ବ୍ଲକକୁ ଟଙ୍କା ଆସିଲେ ଜଣାଇବା ଦାୟିତ୍ୱ ବିଡିଓଙ୍କର, ମୋର ନୁହେଁ। ପରେ ବିଭିନ୍ନ ପଞ୍ଚାୟତରେ ହୋଇଥିବା ବସୁଧା ଯୋଜନା ପ୍ରକଳ୍ପ ଠିକ୍ କାମ ହେଉନଥିବା ଜନପ୍ରତିନିଧି ଅଭିଯୋଗ କରିଥିଲେ। କୃଷି ବିଭାଗ ଦ୍ୱାରା ବ୍ଲକରେ କୃଷିମେଳା କରାଯିବାକୁ ଦାବି କରିଥିଲେ। ବ୍ଲକ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ରାସ୍ତାଗୁଡିକ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ପାଇଁ ଦାବି କରିଥିଲେ।


ପଞ୍ଚାୟତ ସମିତି ବୈଠକ।

## ଜି.ଉଦୟଗିରିଠାରେ ଶିବ ବିବାହ

**ଜି.ଉଦୟଗିରି,୨୫।୫(ଡି.ଏନ.ଏ.)**

ଜି.ଉଦୟଗିରି ସହରରେ ବୁଧବାର ଶିବ ପାର୍ବତୀ ବିବାହ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦେବ ନିମନ୍ତ୍ରଣ କାର୍ଯ୍ୟ ସରିବା ପରେ ବୁଧବାର ସନ୍ଧ୍ୟାରେ ବାଟ ବରଣ ଓ ରାତ୍ର ୯ଟାରେ ବିବାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଧବଳେଶ୍ୱର ମନ୍ଦିରରୁ ଧବଳେଶ୍ୱର ଓ ଆନନ୍ଦେଶ୍ୱର ମନ୍ଦିରରରୁ ଆନନ୍ଦେଶ୍ୱର ବିରାଟ ପଟୁଆରରେ ନଗର ପରିକ୍ରମା କରିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ସୁବାସ ଚନ୍ଦ୍ର ଦାଶ ମା' ପାର୍ବତୀଙ୍କ ବାପା ଓ ଗଣେଶ ପାଢ଼ୀ ଧବଳେଶ୍ୱରଙ୍କ ବାପା ହୋଇ ବିବାହ କାର୍ଯ୍ୟ କରିଥିବା ବେଳେ ଦଣ୍ଡପାଣି ପାଢ଼ୀ ମହାପ୍ରଭୁ ଆନନ୍ଦେଶ୍ୱରଙ୍କ ବାପା ଓ ଉମା ଶଙ୍କର ସାମନ୍ତରାୟ ମା' ପାର୍ବତୀଙ୍କ ବାପା ରୂପେ ବିବାହ କାର୍ଯ୍ୟ କରିଥିଲେ। ଗୁରୁବାର ଦେବ ଦମ୍ପତି ବିରାଟ ପଟୁଆରରେ ନଗର ପରିକ୍ରମା କରିବେ। ଶୁକ୍ରବାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି ବିପିନ ବିହାରୀ ସାହୁ, ଉପ ସଭାପତି ଅଶ୍ୱିନ ନାୟକ, ସମ୍ପାଦକ ବାବୁଲି ମହାନ୍ତି ଓ କୋଷାଧକ୍ଷ ମାନସ ରଞ୍ଜନ ଦାଶଙ୍କ ସମେତ ଉଭୟ ମନ୍ଦିର କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଶିବ ପାର୍ବତୀ ବିବାହ ଉତ୍ସବ।

## ଚାରିବର୍ଷରେ ଥରେ ବସିଛି ରୋଗୀ କଲ୍ୟାଣ ସମିତି

**କବିସୂର୍ଯ୍ୟନଗର,୨୫।୫(ଡି.ଏନ.ଏ.)**

ମିଳିଛି କାୟାକଳ୍ପ ପୁରସ୍କାର କିନ୍ତୁ ଆନ୍ତରିକ ଅଭାବରୁ ବାଦ ପଡିଛି ମୋ ହସ୍ପିଟାଲ। ନିର୍ବାଚନ ମଣ୍ଡଳୀ ହେଡ କ୍ୱାର୍ଟର କବିସୂର୍ଯ୍ୟନଗର ହେବାକୁ ଥିବା ମୋ ହସ୍ପିଟାଲ କୋଦଳା ସ୍ଥାନାନ୍ତର ହୋଇଛି। ଆବଶ୍ୟକ ଡାକ୍ତର ଓ କର୍ମଚାରୀ ଅଭାବରୁ ଆମ୍ବୁଲାନ୍ସ ଖତ ଖାଉଥିବା ବେଳେ ଏକ୍ସ-ରେ ମେଶିନ ସମୟାନୁକ୍ରମେ ସ୍ୱାସ୍ଥ୍ୟ ସେବାଠାରୁ ଦୂରେଇ ଯାଉଛି।୨୦୧୯ରେ ଥରେ ରୋଗୀ କଲ୍ୟାଣ ସମିତି ବସିଥିଲା। କିନ୍ତୁ ତା' ପରଠାରୁ ଆଜି ଯାଏ ଆର୍‌କେଏସ୍ ବୈଠକ ହୋଇନାହିଁ। ବିନା ବୈଠକରେ ଲକ୍ଷ ଲକ୍ଷ ଟଙ୍କା ବିଭିନ୍ନ ଯୋଜନାରେ ବ୍ୟୟକରି ଚାଲିଛନ୍ତି। ଅନୁଦାନ ଅର୍ଥରେ ସ୍ୱାସ୍ଥ୍ୟକେନ୍ଦ୍ର ନବକଳେବର ହେଉଥିବା ବେଳେ ଜରୁରିକାଳୀନ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନ, ସ୍ଥାନୀୟ ପ୍ରତିନିଧି, ସ୍ୱାସ୍ଥ୍ୟ ବିଭାଗ ଜାଣିଶୁଣି ଚୁପ ରହିଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୧ଟି ପଞ୍ଚାୟତ ଓ ଏନ୍ଏସି ଲୋକେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭରଶୀଳ ଥିବା ବେଳେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି କେବଳ ନାମକୁ ମାତ୍ର କାଗଜ କଲମରେ ଚାଲୁଥିବା ଅଭିଯୋଗ ହେଉଛି। ପ୍ରତି ମାସରେ ୨୦୧୯ ପୂର୍ବରୁ ରୋଗୀ କଲ୍ୟାଣ ସମିତି ବୈଠକ ବସୁଥିଲା। କିନ୍ତୁ ଏବେ ୪ ବର୍ଷରେ ଥରେ ବସିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଭୁଶୁଡ଼ି ପଡିଛି। ଏଣୁ ପ୍ରତି ମାସରେ ରୋଗୀ କଲ୍ୟାଣ ସମିତି ବୈଠକ ବସି ବିଭିନ୍ନ ସମସ୍ୟାର ସମାଧାନ ଲାଗି ସାଧାରଣରେ ଦାବି ହେଉଛି।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ତିରୋଧାନ ଦିବସ



ତିରୋଧାନ ଦିବସରେ ମଞ୍ଚାସୀନ ଅତିଥି।

ପାରଳାଖେମୁଣ୍ଡି, ୨୫।୫ (ଡି.ଏନ୍.ଏ): ପାରଳା ମହାରାଜା ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତିଙ୍କ ୫୦ତମ ତିରୋଧାନ ଦିବସ ଉତ୍କଳ ହିତୈଷିଣୀ ସମାଜ ଏବଂ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଗୁରୁବାର ପାଳିତ ହୋଇଛି। ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ସଭାପତି ଭାରତ ଭୂଷଣ ମହାନ୍ତିଙ୍କ ଅଧକ୍ଷତାରେ ଏହି ଦିବସ ପାଳିତ ହୋଇଥିଲା। ବଜାର ଛକରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ସମାଧି ପୀଠରେ ମଧ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ପ୍ରଫେସର ମେଜର ରମାରମଣ ପାଢୀ, ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିରେନ୍ଦ୍ର କୁମାର ଦାସ, ମୁଖ୍ୟ ବକ୍ତା ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମାହାପତ୍ର, ସମ୍ମାନିତ ବକ୍ତା ଭାବେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ଜିଲା ସଂସ୍କୃତିକ ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଗଜପତି ଜିଲା ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ରମାରମଣ ପାଢ଼ୀ, ଶ୍ରେଷ୍ଠ ଛାତ୍ର ମିଟୁ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଇଟାଭାଟି ଶ୍ରମିକଙ୍କ ଆତ୍ମହତ୍ୟା

**ଗୋପାଳପୁର,୨୫।୫(ଡି.ଏନ.ଏ.)**

ଗୋଳନ୍ଥରା ଥାନା ଅଧୀନ ଏକ ଇଟାଭାଟିରେ ଗୁରୁବାର ଜଣେ ଶ୍ରମିକ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବଲାଙ୍ଗୀର ଜିଲାର ଦର୍ଦ ଗ୍ରାମର ସିଦ୍ଧି ମଲିକ(୨୫)। ସିଦ୍ଧି ତାଙ୍କ ମାମୁଙ୍କ ସହ ଗତ ୧ ବର୍ଷ ହେବ ଗୋଳନ୍ଥରା ଥାନା ଅଧୀନ ଜୁଗୁଡ଼ି ଗ୍ରାମରେ ଏକ ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିଲେ। ବୁଧବାର ସିଦ୍ଧି ହଠାତ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଗୁରୁବାର ପୂର୍ବାହ୍ନରେ ଇଟାଭାଟି ନିକଟରେ ଥିବା ଆମ୍ବତୋଟାରେ ବାଉଁଶ ଗଛରେ ଗାମୁଛା ଲଗାଇ ସିଦ୍ଧି ଝୁଲିପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ପରିବାର ପକ୍ଷରୁ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ସିଦ୍ଧିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲା। ଏ ନେଇ ନଂ. ୧୩/୨୩ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

## ମନମୋହୁଛି ମାନସିକଧାରୀଙ୍କ ବେଶ, ମିନାବଜାର

### ପୁରୁଷୋତ୍ତମପୁର ଠାକୁରାଣୀ ଯାତ୍ରା

ପୁରୁଷୋତ୍ତମପୁର,୨୫।୫(ଡି.ଏନ.ଏ.)

ପୁରୁଷୋତ୍ତମପୁରର ପ୍ରସିଦ୍ଧ ଐତିହାସିକ ଠାକୁରାଣୀ ଯାତ୍ରା ଧୁମଧାମରେ ଚାଲିଛି। ଏହି ଯାତ୍ରାକୁ ୨୩ ଦିନ ବିତିଥିବା ବେଳେ ଶେଷ ହେବାକୁ ମାତ୍ର ଆଉ ୫ ଦିନ ବାକି ରହିଛି। ଏହି ଯାତ୍ରା ଶେଷ ହେବାକୁ ଯେତିକି ପାଖେଇ ଆସୁଛି ଭକ୍ତଙ୍କ ଭିଡ ମଧ ସେତିକି ମାତ୍ରାରେ ବଢିଚାଲୁଛି। ସକାଳ ସମୟରେ ଅସ୍ଥାୟୀ ମନ୍ଦିରରେ ମା' ପଞ୍ଚ ଠାକୁରାଣୀ କନକା, କାଳୁଆ, ତାରାତାରିଣୀ, କାଳୀ ଓ ଫୁଲସୁନ୍ଦରୀଙ୍କୁ ଦର୍ଶନ ଲାଗି ଭିଡ଼ ଜମୁଥିବା ବେଳେ ସନ୍ଧ୍ୟାରେ ଭକ୍ତଙ୍କ ମେଳରେ ମା' ସାହି ସାହି ବୁଲି ଦର୍ଶନ ଦେଉଛନ୍ତି। ମାନସିକଧାରୀମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ସାହି ସାହି ବୁଲିବାରେ ଲାଗିଛନ୍ତି। ସ୍ୱପ୍ନେଶ୍ୱରକାଳୀ ଯାତ୍ରା ପଡିଆରେ ଚାଲିଛି ଅପେରା ଓ ଦୋଳି, ମିନାବଜାର ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ। ଶୀତଳଷଷ୍ଠୀ ରହିଥିବାରୁ ମହାଦେବ ସ୍ୱପ୍ନେଶ୍ୱର ଓ କପିଳେଶ୍ୱର ବିବାହ ଲାଗି ବରଯାତ୍ରୀଙ୍କ ସହ ଯାଉଥିବା ବେଳେ ପଞ୍ଚ ଠାକୁରାଣୀ ବଡବଜାର ଛକ ନିକଟକୁ ଆସି ସ୍ୱୟଂ ମହାଦେବଙ୍କୁ ଦର୍ଶନ ଦେଇଥିଲେ। ଏହି ଦୁଇ ମହାଦେବ ଓ ପଞ୍ଚ ଠାକୁରାଣୀଙ୍କ ମହାମେଳଣ କରାଯାଇ ୧୦୮ ଆଳତି ହୋଇଥିଲା। ଏହାକୁ ଦେଖିବା ସହ ଆଶୀର୍ବାଦ ଭିକ୍ଷା ଲାଗି ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଭିଡଜମି ହୁଳହୁଳି ଓ ହରିବୋଲ ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇପଡିଥିଲା। ଯାତ୍ରା କମିଟିମାନଙ୍କ ପକ୍ଷରୁ ଦର୍ଶକମାନଙ୍କ ଲାଗି ବିଭିନ୍ନ ପ୍ରକାରର ସୁବିଧାମାନ ଯୋଗାଇ ଦିଆଯାଉଛି।


ମାନସିକଧାରୀଙ୍କ ବିଭିନ୍ନ ବେଶ।

## ଦାରିଙ୍ଗବାଡ଼ି ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ିହେଲା ଆଉ ଏକ ଭିୟୁ ପଏଣ୍ଟ

# ଉଚ୍ଚତମ ପାହାଡ଼ ଉପରେ ନିର୍ମାଣ ହେଲା ୱାଚ ଟାୱାର

**ଦାରିଙ୍ଗବାଡି,୨୫।୫(ଡି.ଏନ୍.ଏ):**

ଓଡିଶାର କାଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡି ସାରା ଦେଶରେ ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ରହିଛି। ସେପ୍ଟେମ୍ବର ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଦାରିଙ୍ଗବାଡି ବୁଲିବାକୁ ପସନ୍ଦ କରନ୍ତି। ଏହାକୁ ନଜରରେ ରଖି ଅଞ୍ଚଳରେ ଥିବା ହିଲଭିୟୁ ପଏଣ୍ଟ, ମିଡିୟୁାଦା ୱାଟର ଫଲ, ଲଭର୍ସ ପଏଣ୍ଟ ଆଦି କ୍ଷେତ୍ରର ବିକାଶ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ବେଳେ ହିଲଭିୟୁ ପାର୍କର ରୂପାନ୍ତରଣ କାର୍ଯ୍ୟ ଜୋରଦାର କରାଯାଉଛି। ଗତ ଡିସେମ୍ବରରେ ନୂତନ ଜଳ ପ୍ରପାତ ପାଟାବାନ୍ଧାର ଲୋକାର୍ପଣ କରାଯାଇଥିବା ବେଳେ ଗୁରୁବାର ପୁଣି ଏକ ଭିୟୁ ପଏଣ୍ଟ ଲୋକାର୍ପଣ କରାଯାଇଛି। ଗ୍ରୀନବାଡି ପଞ୍ଚାୟତରେ ଥିବା ଉଚ୍ଚତମ ପାହାଡ଼ ଉପରେ ସୁଲେଖସାରୁ ଭିୟୁ ପଏଣ୍ଟ ତଥା ୱାଚ ଟାୱାର ଲୋକାର୍ପଣ କରାଯାଇଛି। ପ୍ରାଥମିକ ଭାବେ ପାହାଡ଼ କାଟି ରାସ୍ତା ସମ୍ପ୍ରସାରଣ କରାଯାଇଥିବା ବେଳେ ପକ୍କା ରାସ୍ତା ଓ ଗାର୍ଡ ୱାଲ ଆଦି ଆଗକୁ କରାଯିବାକୁ ଯୋଜନା କରାଯାଇଥିବା ବିଡିଓ ଗଦାଧର ପାତ୍ର କହିଛନ୍ତି। ଏହି ଭିୟୁ ପଏଣ୍ଟର ଲୋକାର୍ପଣ କାର୍ଯ୍ୟକ୍ରମରେ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ଗଦାଧର ପାତ୍ର, ତହସିଲଦାର ଡ. ଅଶୋକ କୁମାର ଦାସ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


ନିର୍ମାଣ ହୋଇଥିବା ୱାଚ୍ ଟାୱାର।

# ଆଗକୁ ବର୍ଷା, ଅଧାପନ୍ତରିଆ ବନ୍ୟା ଆଶ୍ରୟସ୍ଥଳୀ

■ ୨ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ

■ ଚୁକ୍ତି ରଦ୍ଦ ସହ ଜରିମାନା ଚେତାବନୀ

ଯାଜପୁର ଅଫିସ,୨୫।୫

ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ, ବୁଢା, ଖରସ୍ରୋତା, ବିରୂପା, କାଣୀ ଆଦି ନଦୀର ବନ୍ୟା ଜଳ ତଟାଞ୍ଚଳବାସୀଙ୍କ ପାଇଁ କାଳ ହୋଇଛି। ଜିଲାରେ ଗତ ୨୫ ବର୍ଷରେ ନିୟମିତ ବ୍ୟବଧାନରେ ୬ ବଡ ବନ୍ୟା ଲୋକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବନ୍ୟା ସମୟରେ ବିପନ୍ନମାନେ ଘରଦ୍ୱାର ଛାଡି ବନ୍ଧ ହିଡରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳେ। ତେଣୁ ବନ୍ୟା ବିପନ୍ନମାନଙ୍କୁ ସୁରକ୍ଷିତ ଭାବେ ଥଇଥାନ କରିବାକୁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରି ବନ୍ୟା ଆଶ୍ରୟସ୍ଥଳୀଗୁଡିକ ନିର୍ମାଣ କରାଯାଉଛି। କିନ୍ତୁ କାର୍ଯ୍ୟାଦେଶ ପାଇଥିବା ଠିକାଦାରମାନଙ୍କ ଆନ୍ତରିକତାର ଅଭାବ ଏବଂ ଲାଭଖୋର ମନୋବୃତ୍ତି ଯୋଗୁ ବନ୍ୟା ଆଶ୍ରୟସ୍ଥଳୀଗୁଡିକ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଆଗକୁ ବର୍ଷା ମାସ ଆସୁଥିବାରୁ ବନ୍ୟା ଆଶ୍ରୟସ୍ଥଳୀ ନିତ୍ୟାନ୍ତ ଆବଶ୍ୟକତା ରହିଛି। ଏହିକ୍ରମରେ ୨ ଜଣ ପ୍ରଥମ ଶ୍ରେଣୀ ଠିକାଦାର ବନ୍ୟା ଆଶ୍ରୟସ୍ଥଳୀ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରି ପାରି ନ ଥିବାରୁ ସେମାନଙ୍କୁ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ଚୂଡ଼ାନ୍ତ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ଯାଜପୁର ଜିଲାରେ ବନ୍ୟା ବିପ୍ରାତ୍ତ ନୂଆ କଥା ନୁହେଁ। ବର୍ଷା ମାସ ଆସିଲେ ଯାଜପୁର ଜିଲା ନଦୀକୁଳିଆବାସୀ ଭୟରେ କାଳାତିପାତ କରିଥାନ୍ତି। ବନ୍ୟା ନିୟନ୍ତ୍ରଣ ପାଇଁ ସମନ୍ୱିତ ନଦୀ ପରିଚାଳନା ଯୋଜନା, ବ୍ୟାରେଜ ଆଦି ସରକାରୀ ପ୍ରତିଶ୍ରୁତିରେ ଅଟକିଛି। ଏହାବାଦ୍ ବେଆଇନ ବାଲିଖାଦାନ ସମେତ ଖଣି ଓ ଶିଳ୍ପସଂସ୍ଥାର ବର୍ଜ୍ୟବସ୍ତୁ ନଦୀଶଯ୍ୟାକୁ ପୋତି ଚାଲିଛି। ଏହାର ସମାଧାନ ପାଇଁ କେନ୍ଦୁଝର ଓ ଯାଜପୁର ଜିଲାର ଲୋକମାନେ ସଙ୍ଗଠନ ମାଧ୍ୟମରେ ଦୀର୍ଘଦିନ ହେବ ଆନ୍ଦୋଳନ ଓ ଦାବି କରି ଆସୁଛନ୍ତି। ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ଏବଂ ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢା ନଦୀର ବାମପାର୍ଶ୍ୱ, ବିରୂପା ନଦୀର ଦକ୍ଷିଣପାର୍ଶ୍ୱରେ ସମୁଦାୟ ପ୍ରାୟ ୨୧୦ କି.ମି. ବନ୍ଧ ଓ ଅପର ପାର୍ଶ୍ୱରେ ୧୮୦ କି.ମି.ବନ୍ଧ ନିର୍ମାଣ ହୋଇଛି। କିନ୍ତୁ ଏହି ନଦୀବନ୍ଧଗୁଡିକରେ ଯେଭଳି ଘାଇ ନ ହେବ ସେଥିପ୍ରତି ସ୍ଥାୟୀ ପ୍ରତିକାର ହୋଇ ପାରିଲାନାହିଁ। ୨୦୨୦ ଅଗଷ୍ଟରେ ଶେଷଥର ପାଇଁ ଏକ ବଡ ଧରଣର ବନ୍ୟା ଆସିଥିଲା। ଏହି ବନ୍ୟାରେ ଜିଲାରେ ୩୦ଟି ଛୋଟବଡ ଘାଇ ସୃଷ୍ଟି ହୋଇଥିଲା। ଏଥିରେ ପ୍ରାୟ ୧୦ଲକ୍ଷ ଲୋକ ପ୍ରଭାବିତ ହୋଇଥିଲାବେଳେ ୧୨ ଜଣ ଲୋକଙ୍କ ଜୀବନ ଯାଇଥିଲା। ସେହି ସମୟରେ ଆବଶ୍ୟକ ବନ୍ୟା ଆଶ୍ରୟସ୍ଥଳୀ ଅଭାବରୁ ଲକ୍ଷାଧିକ ଲୋକ ବନ୍ଧ ହିଡରେ ବିପଦସଙ୍କୁଳ ଅବସ୍ଥାରେ ଜୀବନ ଅତିବାହିତ କରିଥିବା ଦେଖିବାକୁ ମିଳିଥିଲା। ଏହି କ୍ରମରେ ସରକାର ବନ୍ୟା ବିପ୍ରାତ ଅଞ୍ଚଳରେ ବନ୍ୟା ଆଶ୍ରୟସ୍ଥଳୀଗୁଡିକ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହିକ୍ରମରେ ଯାଜପୁର ଜିଲା ଜୟଚଣ୍ଡୀ ହାଇସ୍କୁଲ ପରିସରରେ ୩୦୦୦ ବର୍ଗ ଫୁଟ ବିଶିଷ୍ଟ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ କେନ୍ଦ୍ରାପଡ଼ା ଜିଲା ଜୁଆନିଆ ଗ୍ରାମର ପ୍ରଥମ ଶ୍ରେଣୀ ଠିକାଦାର ହରେକୃଷ୍ଣ ଧଳଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ଏହି ପ୍ରକଳ୍ପ ୨୯।୬।୨୦୨୧ରୁ ଆରମ୍ଭ ହୋଇ ୨୮।୫।୨୦୨୨ରେ ସାରିବାକୁ ନିର୍ଦ୍ଧାରଣ ହୋଇଥିଲା। କିନ୍ତୁ ବିଡମ୍ବନା ଯେ, ନିର୍ଦ୍ଧାରିତ ସମୟର ୨୨ ମାସ ପରେ ବି ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ତେଣୁ ଆଇନ ଅନୁସାରେ ଚୁକ୍ତି ରଦ୍ଦ କରାଯାଇ କାହିଁକି ଜରିମାନା ଆଦାୟ କରା ନ ଯିବ ସେଥିପାଇଁ ଠିକାଦାର ଧଳଙ୍କୁ ଗତ ୨୦ ତାରିଖରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଅନୁରୂପ ଭାବେ ବିସିଜେ ହାଇସ୍କୁଲ ପରିସରରେ ନିର୍ମାଣ ହେବାକୁ ଥିବା ବନ୍ୟା ଆଶ୍ରୟସ୍ଥଳୀ ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ଠିକାଦାର ଧଳଙ୍କୁ ଅନ୍ୟ ଏକ କାରଣ ଦର୍ଶାଅ ନୋଟିସ କରାଯାଇଛି। ଏହାବାଦ୍ ଶ୍ରୀବନ୍ତ ହାଇସ୍କୁଲ ପରିସର ଏବଂ କେ.ସି. ହାଇସ୍କୁଲ ପରିସରରେ ନିର୍ମାଣ ହେଉଥିବା ୨ଟି ବନ୍ୟା ଆଶ୍ରୟସ୍ଥଳୀ ଅଧପନ୍ତରିଆ ଅବସ୍ଥାରେ ପଡି ରହିଛି। ଏହି ଦୁଇଟି ବନ୍ୟା ଆଶ୍ରୟ ସ୍ଥଳି ୨୯।୬।୨୦୨୧ରେ ଆରମ୍ଭ ହୋଇ ୨୮।୯।୨୦୨୨ରେ ସାରିବା କଥା। କିନ୍ତୁ ଆଜକୁ ୨୨ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଆବଶ୍ୟକ ନିର୍ମାଣ ହୋଇ ପାରିନାହିଁ। ତେଣୁ ପାଣିକୋଇଲି ଗ୍ରାମର ନିୟୋଜିତ ପ୍ରଥମ ଶ୍ରେଣୀ ଠିକାଦାର ନିରାକାର ସାମଲଙ୍କୁ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଉପରୋକ୍ତ ଠିକାଦାରମାନଙ୍କୁ ସନ୍ତୋଷଜନକ ଉତ୍ତର ରଖି ନ ପାରିଲେ ଚୁକ୍ତି ଅନୁସାରେ ଦଣ୍ଡିତ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବ୍ରହ୍ମବରଦା ଥାନାଧିକାରୀଙ୍କ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ପୀଡିତାଙ୍କ ପରିବାର।

## ମାମଲା ରଫାଦଫା ପାଇଁ ବାଧ୍ୟ କରି ଦସ୍ତଖତ ନେଇଥିଲେ ଥାନା ଅଧିକାରୀ

ପାଣିକୋଇଲି,୨୫।୫(ଡି.ଏନ.ଏ.):

ଏକ ଯୌତୁକ ନିର୍ଯାତନା ମାମଲାରେ ପୀଡ଼ିତାଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କ ପରିବାର ମାଡ଼ଖାଇବା ପରେ ବ୍ରହ୍ମବରଦା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ହେଲେ ଥାନାଧିକାରୀ ସେମାନଙ୍କୁ ମାମଲା ରଫାଦଫା କରିବାକୁ ବାଧ୍ୟ କରି ଦସ୍ତଖତ ନେଇ ଯାଇଛନ୍ତି। ଏନେଇ ଥାନାଧିକାରୀଙ୍କ ବିରୋଧରେ ଯାଜପୁର ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି ପୀଡ଼ିତ ପରିବାର।

ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭଅଁରା ଗ୍ରାମର ଅନନ୍ତ ଦାସଙ୍କ ଅଭିଯୋଗ ମୁତାବକ ତାଙ୍କ ଝିଅ ଅର୍ଚ୍ଚନା ବ୍ରହ୍ମବରଦା ଥାନା ବନ୍ଧଡିହ ଗ୍ରାମର ବନମାଳୀ ମଳିକଙ୍କ ପୁଅ ଶଙ୍କର୍ଷଣ ମଳିକକୁ ୨୦୨୦ ଜୁନ୍ ୧୮ରେ ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଦାବିରେ ଅର୍ଚ୍ଚନାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏନେଇ ଅର୍ଚ୍ଚନା ଶାଶୁ ଘର ଘର ଛାଡ଼ି ବାପ ଘରେ ଆସି ରହୁଥିଲେ। ବ୍ରହ୍ମବରଦା ଥାନାରେ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ୨୦୨୩ ଏପ୍ରିଲ ୪ରେ ସମାଧାନ ହେବା ପରେ ଅର୍ଚ୍ଚନା ପୁଣି ଶାଶୁଘରେ ରହୁଥିଲେ। ଗତ ୨୨ ତାରିଖରେ ଅର୍ଚ୍ଚନାଙ୍କୁ ଶାଶୁଘର ଲୋକେ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଖବର ପାଇ ବାପଘର ଲୋକ ଆସି ଥାନାରେ ଜଣାଇବାପରେ ଥାନାଧିକାରୀ ସେମାନଙ୍କୁ ପ୍ରଥମେ ଝିଅ ଘରକୁ ପଠାଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ବନମାଳୀ ଓ ତାଙ୍କ ପୁଅ ଶଙ୍କର୍ଷଣ ମିଶି ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏନେଇ ସେମାନେ ଥାନାଧିକାରୀଙ୍କୁ ଫୋନ ଯୋଗେ ଜଣାଇବା ପରେ ଥାନାଧିକାରୀ ପହଞ୍ଚି ସେମାନଙ୍କ ସହ ଅର୍ଚ୍ଚନାକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଗଣ୍ଡଗୋଳ କାରି ପ୍ରାୟ ୧ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। ହେଲେ ଥାନା ବାବୁ କୌଣସି କଥା ନ ଶୁଣି ରଫାଦଫା କରିବାକୁ ବାଧ୍ୟ କରି ସେମାନଙ୍କ ଠାରୁ ଦସ୍ତଖତ କରାଇ ନେଇଥିଲେ। ଗୋଟିଏ ପଟେ ଝିଅକୁ ନିର୍ଯାତନା ଓ ଅପରପକ୍ଷେ ସେମାନଙ୍କୁ ମାଡ ମାରି ଅଶ୍ଳୀଳ ଗାଳିଗୁଲଜ ନେଇ ଥାନାଧିକାରୀ କୌଣସି କଥା ଶୁଣି ନ ଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଭିନ୍ନକ୍ଷମ ଚିହ୍ନଟ, ଆଇନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ




ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରାଯାଉଛି।

ଯାଜପୁର ଟାଉନ,୨୫।୫(ଡି.ଏନ.ଏ.):

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଯାଜପୁର ଜିଲାରେ ସପ୍ତାହ ବ୍ୟାପୀ ଭିନ୍ନକ୍ଷମ ଚିହ୍ନଟ ଓ ଆଇନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ୨୨ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ଗ୍ରାମରେ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବା ସହ ସେମାନେ ଆବଶ୍ୟକ କରୁଥିବା ସହାୟତା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବେ। ଏହା ଅଭିଯାନର ମୁଖ୍ୟ ଆଭିମୁଖ୍ୟ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜ୍ୟୋତିର୍ମୟୀ ଦାସ ପ୍ରକାଶ କରିଛନ୍ତି। ଏଥିସହିତ ଭିନ୍ନକ୍ଷମଙ୍କୁ ସରକାରଙ୍କ ଯୋଜନାରେ ପ୍ରଦାନ କରାଯାଉଥିବା ବିଭିନ୍ନ ଉପକରଣ ତଥା ସହାୟତା ସମ୍ବନ୍ଧରେ ଏବଂ ସେମାନଙ୍କ ନିମିତ ଆଇନ ସମ୍ବନ୍ଧୀୟ ସଚେତନତା ଦିଗରେ ପାରା ଲିଗାଲ ସ୍ୱେଚ୍ଛାସେବୀ ଭିନ୍ନକ୍ଷମଙ୍କୁ ଅବଗତ କରାଉଛନ୍ତି। ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଜିଲାରେ କାର୍ଯ୍ୟକାରୀ ହେଉଥିବା ଏଭଳି ଅଭିଯାନ ସମସ୍ତ ଭିନ୍ନକ୍ଷମଙ୍କୁ ସେମାନଙ୍କ ଅଧିକାର ସମ୍ବନ୍ଧରେ ଆଲୋକ ଦେଖାଇବା ସହ ସରକାରଙ୍କ ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦାସ ସୂଚନା ପ୍ରଦାନ କରିଛନ୍ତି। ୨୨ ତାରିଖଠାରୁ ଏ ପର୍ଯ୍ୟନ୍ତ ଜିଲାରେ ୩୦୦ ଭିନ୍ନକ୍ଷମ ଚିହ୍ନଟ ହୋଇଥିବା ସଚିବ ଦାସ ଅବଗତ କରାଇଛନ୍ତି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ବିଭାଗ, ଜିଲା ସାମାଜିକ ସୁରକ୍ଷା ବିଭାଗ, ଜିଲା ମଙ୍ଗଳ ବିଭାଗ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆବଶ୍ୟକ ସହାୟତା ପ୍ରଦାନ କରୁଛନ୍ତି।

# ଅବକାରୀ ଚଢ଼ାଉ, ୩ ଗିରଫ

ସୋର, ୨୫।୫(ଡି.ଏନ.ଏ.): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀମଦ ଜବତ ସହ ୨ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସୋର ଅବକାରୀ ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ନଦୀଗାଁ ପଞ୍ଚାୟତ ବାଇନଣ୍ଡା ମଙ୍ଗରାଜପୁର ଗ୍ରାମରେ ଚଢ଼ାଉ କରି ରେବତୀ ଜେନାଙ୍କ ନିକଟରୁ ୫ଲିଟର ଦେଶୀମଦ, ସରସଙ୍ଗ ପଞ୍ଚାୟତ ବାସୁଦେଇପୁର ଗ୍ରାମର ମଞ୍ଜୁଲତା ମାହାନାଙ୍କ ନିକଟରୁ ୫ ଲିଟର ଦେଶୀମଦ ଏବଂ ସରସଙ୍ଗ ଗ୍ରାମର ପ୍ରତାପ ସିଂଙ୍କ ନିକଟରୁ ୨୫ ଲିଟର ଦେଶୀମଦ ଜବତ କରାଯାଇଛି। ଏହିଚଢ଼ାଉରେ ଏଏସ୍‌ଆଇ ଉର୍ମିଳା ବେହେରା, କନଷ୍ଟେବଲ ଶଶୀକାନ୍ତ ସାହୁ, ଗଣେଶ ସିଂ ଏବଂ ରଜନୀକାନ୍ତ ସାହୁ ସାମିଲ ଥିଲେ।

# ଇସ୍ତଫା ଦେଲେ ମିଶନ ଶକ୍ତି ସଭାନେତ୍ରୀ

**ଭିଡିଓ ଭାଇରାଲ ଘଟଣା**

ଚଣ୍ଡିଖୋଲ,୨୫।୫(ଡି.ଏନ.ଏ.):

ବଡ଼ଚଣା ବ୍ଲକରେ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ର ନିଯୁକ୍ତି ପାଇଁ ହୋଇଥିବା ଚୟନରେ ବ୍ୟାପକ ଅନିୟମିତତା ହୋଇଛି। ଏହି ବ୍ଲକର ବଡ଼ଚଣା–୧ ମିଶନ ଶକ୍ତିର ସଭାନେତ୍ରୀ କିଛିନା ମହାପାତ୍ର ନିଯୁକ୍ତି ନିମନ୍ତେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାର ଏକ ଭିଡିଓ ଭାଇରାଲ ହେବାପରେ ସେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଲାଞ୍ଚ କାରବାର ନେଇ ଭିଡିଓ ଭାଇରାଲ ପରେ ଯାଜପୁର ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଦିନ ତମାମ ୩ ଜଣିଆ ଟିମ ବଡ଼ଚଣା ବ୍ଲକ ପରିସରରେ ପହଞ୍ଚି ତଦନ୍ତ କରିଥିଲେ। ଜିଲାପାଳ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଗୁରୁବାର ସଭାନେତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ବଡ଼ଚଣା ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କୁ ଦେଇଛନ୍ତି। କିଛି ଦିନ ତଳେ ଏହି ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତର ଏମବିକେ ନିଯୁକ୍ତି ନେଇ ଜଣେ ବ୍ୟକ୍ତିଙ୍କଠାରୁ ସଭାନେତ୍ରୀ ମହାପାତ୍ର ୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା, ଯାହାକୁ ନେଇ ବଡ଼ଚଣାରେ ହଇଚଇ ସୃଷ୍ଟି ହୋଇଥିଲା। ଏହାକୁ ଯାଜପୁର ଜିଲାପାଳଙ୍କ ନିକଟକୁ ଆଇନଜୀବୀ ଉଦୟନାଥ ସାହୁ ପଠାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତଦନ୍ତ ସମୟରେ ଅଧିକାରୀମାନେ ସଭାନେତ୍ରୀ ମହାପାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ।

# ରାଜସ୍ୱ ବିଚାର, ସମାଧାନ ଶିବିର

ବିଞ୍ଝାରପୁର,୨୫।୫(ଡି.ଏନ.ଏ.):

ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଘାଣ୍ଟିଆଳି ପଞ୍ଚାୟତ ବଡ଼ପାଳ ରାଜସ୍ୱ ଗ୍ରାମର ରଘୁନାଥ ମଠ ପ୍ରାଙ୍ଗଣରେ ତହସିଲଦାର କୈଳାସ ଚନ୍ଦ୍ର ମହାଳିକଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ବିଚାର ଓ ସମାଧାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବଡ଼ପାଳ ରାଜସ୍ୱ ଗ୍ରାମର ଚାଷୀ ରବୀନ୍ଦ୍ର କୁମାର ଧଳ, ଶ୍ରୀନିବାସ କର, କୃଷ୍ଣଚନ୍ଦ୍ର ପଣ୍ଡା, ମୁସୁଆ ଧଳ, ଲମ୍ବୋଦର ଧଳ, ସରୋଜ ଧଳ, ବିଷ୍ଣୁ ପଣ୍ଡା ଓ ମଣ୍ଟୁ ମହାଳିକଙ୍କ ସମେତ ବହୁ ଚାଷୀ ଯୋଗଦେଇ ବଡ଼ପାଳଦେଇ ଯାଇଥିବା କେନାଲରୁ ପାଣି ଚାଷ ଜମିକୁ ପ୍ରବାହିତ ହେଉ ନ ଥିବା ଅଭିଯୋଗ କରିବାସହ ବିଭିନ୍ନ ସମସ୍ୟା ସମ୍ପର୍କରେ ତହସିଲଦାର ମହାଳିକଙ୍କୁ ଜଣାଇଥିଲେ। ତହସିଲଦାର ଚାଷୀଙ୍କ ଅଭିଯୋଗ ଶୁଣିବା ପରେ କ୍ଷେତ୍ର ପରିଦର୍ଶନ କରିଥିଲେ। ତେବେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ସେ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଶିବିରରେ ଆର୍‌ଆଇ ଅରୁଣ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।


सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in In addition, procurement is also done through GeM portal https://gem.gov.in".

ODISHA CONSTRUCTION CORPORATION LTD.
(A Government of Odisha Undertaking)
Central Workshop, Rasulgarh, Bhubaneswar - 10 (Odisha)
No. OCC/CWS/PROC/SS-03/17/2023-24 Dated: 25.05.2023

TENDER CALL NOTICE

Sealed tenders in conformity with the terms, conditions and specifications in tender documents are invited from reputed manufacturers / traders / Distributor / Dealer / Stockiest / Supplier for "Supply of Stainless Steel Flats for Kusumi Barrage Project".

For details, please visit our website www.odishaconstruction.com. The last date & time of sale of tender document and receipt of tender is 31.05.2023 at 1.00 P.M & 3.30 P.M. respectively and TECHNICAL BID and PRICE BID to be opened on same date at 04.00 P.M. i.e., 31.05.2023 (Bidders are requested to visit above website regularly for any changes, since it will not be published in news paper again).

Sd/-
SENIOR MANAGER (MECH.) - I

ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ୍-୨୩-୨୪-୨୪, ତାରିଖ ୨୪।୦୫।୨୦୨୩। କାର୍ଯ୍ୟର ନାମ:** ତା।୩୦।୦୬।୨୦୨୫ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଟାଟାନଗରକୁ ଛାଡ଼ି ଟାଟା–ବିଏମ୍‌ପିଆର୍ ଏବଂ ଓଏନ୍‌ଡି–କ୍ୟୁଏମ୍‌ଆଇ ସେକ୍ସନ ନିମନ୍ତେ ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ଟାଟାଙ୍କ ଅଧୀନରେ ସର୍ଭିସ୍ ଏବଂ ଆବାସିକ ବିଲ୍ଡିଂ ଲାଗି କୋନାଲ୍ କାର୍ଯ୍ୟ/ଯୋଗାଣ କାର୍ଯ୍ୟର ନିର୍ବାହ (୨ୟ କଲ୍)। **ଟେଣ୍ଡର ମୂଲ୍ୟ:** ₹୭୯,୯୯,୯୯୯.୩୨; **ଇଏମ୍‌ଡି:** ₹୧,୬୦,୦୦୦/–। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦। **ଖୋଲାଯିବା ତାରିଖ:** ତା।୧୫।୦୬।୨୦୨୩ରିଖ। ଟେଣ୍ଡର **http://www.ireps.gov.in** ୱେବସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ–ଟେଣ୍ଡର ଫର୍ମ ଜାରି କରାଯିବ। (ପ୍ରାଧିକରଣ– ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) (PR-202)

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-08, ତା.15.05.2023ରିଖ

**କାର୍ଯ୍ୟର ନାମ :** ଝାରସୁଗୁଡ଼ା-ସିଙ୍କିର ଏବଂ ସମ୍ବଲପୁର ସିଟି-ଜରପଦା ସେକ୍ସନରେ ଅମୃତ ଭାରତ କାର୍ଯ୍ୟ ନିମନ୍ତେ ଷ୍ଟେସନ ବିଲ୍ଡିଙ୍ଗ୍ ଏବଂ ପରିଚାଳନା କ୍ଷେତ୍ରର ବିଲ୍ଡିଙ୍ଗ୍ ଇତ୍ୟାଦିର ସଫ୍ଟ (Soft) ଉନ୍ନୟନ ସମ୍ପର୍କିତ ସଙ୍କେତ ଏବଂ ଦୂରସଂଚାର କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ):** 69,86,272.10, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 1,39,700/-।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.06.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର

PR-199/O/23-24

ପୂର୍ବ ତଟ ରେଳପଥ

ସଂ.Comml/SBP/IREPS/Catg./23/14, ତା.12.05.2023ରିଖ

**(1) ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି 'D'ବର୍ଗ (SBPY)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଋ ଦୋକାନ (ସ୍ପେଶାଲ ମାଇନର ୟୁନିଟ୍) ସଂଖ୍ୟାଲଘୁ (ମହିଳା) ବ୍ୟବସ୍ଥା। ଷ୍ଟେସନ : ସମ୍ବଲପୁର ସିଟି (SBPY)।

**(2) ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି 'D'ବର୍ଗ (SBPY)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଫଳ/ଫଳ ରସ ଷ୍ଟଲ (ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି) ବ୍ୟବସ୍ଥା। ଷ୍ଟେସନ : ସମ୍ବଲପୁର ସିଟି (SBPY)।

**(3) ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ଅତାବିରା ଷ୍ଟେସନ 'E'ବର୍ଗ (ATS)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଋ ଦୋକାନ(ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା। ଷ୍ଟେସନ : ଅତାବିରା (ATS)।

ନିଲାମ ଆରମ୍ଭ ତାରିଖ ଓ ସମୟ: ତା.26.05.2023 ରିଖ 1200 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ)।

**ନିଲାମ ବନ୍ଦ ହେବା ତାରିଖ ଓ ସମୟ:** ତା.26.05.2023 ରିଖ 1250 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ)।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର

PR-204/O/23-24

बैंक ऑफ़ इंडिया Bank of India BOI

ବ୍ୟାଙ୍କ ଅଫ୍ ଇଣ୍ଡିଆ

ଆଞ୍ଚଳିକ କାର୍ଯ୍ୟାଳୟ : ଷ୍ଟାର ହାଉସ୍, ୧/୧ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଡିମାଣ୍ଡ ନୋଟିସ୍

ସରଫେଶୀ ନିୟମ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଆପଣ ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଆପଣଙ୍କ ସ୍ଥାବର / ଅସ୍ଥାବର ସମ୍ପତ୍ତି ବନ୍ଧକ ରଖି ବ୍ୟାଙ୍କ ଅଫ୍ ଇଣ୍ଡିଆ, **ଗୋପାଳପୁର ଶାଖା**ରୁ ଋଣ ନେଇଥିଲେ। ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା କଥିତ ଋଣର ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଥିଲେ। ଆପଣ ଋଣ ପରିଶୋଧ କରିବାରେ ବିଫଳ ହେବାରୁ ଆପଣଙ୍କ ଋଣ ଆକାଉଣ୍ଟଟି ଅଚଳନ୍ତି ସମ୍ପତ୍ତି (NPA) ଶ୍ରେଣୀଭୁକ୍ତ ହୋଇଛି। ବ୍ୟାଙ୍କ ବକେୟା ଋଣ ଆଦାୟ କରିବା ପାଇଁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଯାହାକି ପ୍ରଦାନ କରାଯାଇପାରିନଥିଲା। ତେଣୁ ତାହାକୁ ଆପଣଙ୍କ ନିମନ୍ତେ କଥିତ ଆକ୍ଟର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩(୧) ଅନୁଯାୟୀ ଏଠାରେ ପ୍ରକାଶ କରାଯାଉଛି। ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା, ବନ୍ଧକ ସମ୍ପତ୍ତି, ବକେୟା ଋଣ ପରିମାଣ ଧାରା ୧୩(୨) ଅନୁଯାୟୀ ପଠାଯାଇଥିବା ଡିମାଣ୍ଡ ନୋଟିସ୍ ଏବଂ ଦାବୀ କରାଯାଇଥିବା ରାଶି ଇତ୍ୟାଦିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶାଖାର ନାମ / ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା, ଋଣ ଆକାଉଣ୍ଟ ନଂ. | ଏନ୍‌ପିଏ(NPA) ତାରିଖ | ସରଫେଶୀ ନିୟମ ଅନୁଯାୟୀ ନୋଟିସ୍ ତାରିଖ | ସରଫେଶୀ ନିୟମ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ବକେୟା ରାଶି | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଗୋପାଳପୁର ଶାଖା** **ଋଣଗ୍ରହୀତା: ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ,** ପିତା: ଶ୍ରୀ କୃଷ୍ଣ ମୋହନ ବଳିୟାରସିଂ, **ସହ-ଋଣଗ୍ରହୀତା: ଶ୍ରୀ ସୁନିଲ କୁମାର ବଳିୟାରସିଂ,** ପିତା: ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ, ଉଭୟଙ୍କ ଠିକଣା: କାଗିରିବାଡ, ବେଗୁନିଆ, ଖୋର୍ଦ୍ଧା-୭୫୨୦୬୨, **ଋଣ ଆକାଉଣ୍ଟ ନଂ.:** ୫୧୧୧୭୫୧୧୦୦୦୦୦୭୭ (ଗୃହ ଋଣ)। | ୩୦.୦୩.୨୦୨୩ | ୨୭.୦୪.୨୦୨୩ | ଟ.୧୪,୪୪,୭୭୯.୪୫ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | **ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ**ଙ୍କ ନାମରେ ଥିବା ଜମି/ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୫୯୯, ଖାତା ନଂ.୪୦୭, ଏରିଆ : ଏ୦.୧୦୦ ଡିସିମିଲି, ମୌଜା : କାଗିରିବାଡ, ଥାନା : ବେଗୁନିଆ, ଥାନା ନଂ.୭୨, ତହସିଲି/ ଏସ୍‌ଆରଓ: ବେଗୁନିଆ, ଜିଲ୍ଲା : ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ଜମି ଏବଂ ରାସ୍ତା (ଏନ୍‌ଏଚ ୫୭ ଖୋର୍ଦ୍ଧା ରୁ ନୟାଗଡ), ଦକ୍ଷିଣ- ଚିତ୍ତରଞ୍ଜନ ନାୟକ, ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ଅବଦୁଲ୍ ରସିଦ୍ ଖାନ୍। |

ଆପଣ, ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କୁ ଅବଗତ କରାଇ ଦିଆଯାଉଛି କି ଏହି ନୋଟିସ୍ ର **୬୦ ଦିନ** ମଧ୍ୟରେ ଉପରଦର୍ଶିତ ବକେୟା ରାଶି ସହିତ ପରବର୍ତ୍ତି ସୁଧ ସମ୍ପୂର୍ଣ୍ଣ ଭାବେ ପଇଠ କରନ୍ତୁ, ଅନ୍ୟଥା ନିମ୍ନ ସ୍ୱାକ୍ଷରକାରୀ କଥିତ ଆଇନ ଅନୁସାରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ। ଆପଣମାନଙ୍କୁ ଜଣାଇ ଦିଆଯାଉଛିକି ଉପରୋକ୍ତ କଥିତ ଆଇନର ଉପଧାରା (୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ଉପରଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଉପହାର, ବନ୍ଧକ କିମ୍ବା ଅନ୍ୟପ୍ରକାରେ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଆପଣଙ୍କ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୫.୦୫.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

JAWAHAR NAVODAYA VIDYALAYA
THERUBALI, RAYAGADA (ODISHA)

ADMISSION NOTIFICATION FOR CLASS-XI FOR THE SESSION 2023-24

Online applications are invited from eligible candidates for admission to class-XI (CBSE English Medium) in Jawahar Navodaya Vidyalayas against the Vacant seats for (Humanities & Science) likely to be available through Lateral Entry Test for the Session 2023-24. Last date for online application is 31.05.2023 and to know more details you may visit to the website-www.navodaya.gov.in.

Sd./- Principal

P.G. DEPARTMENT OF SOCIAL SCIENCE
FAKIR MOHAN UNIVERSITY
Vyasa Vihar, Nuapadhi, Balasore - 756089
No. FMU/R&D-250/2023/5105 Date: 24.05.2023

ADVERTISEMENT FOR RESEARCH ASSOCIATE & FIELD INVESTIGATOR

Applications are invited for Research Associate and Field Investigator for ICSSR Major Research Project at P.G. Department of Social Science, F.M. University, entitled "Disaster Management in Odisha, People's perception of the role of District Administration during severe Cyclones and its aftermath (2011-2022)". The last date for receipt of applications by E-mail is 06.06.2023 (05.00 P.M.). For details please visit our University website i.e. www.fmuniversity.nic.in.

Sd./- Prof. Anil Kumar Mohapatra
Project Director, Major Research Project, ICSSR
Department of Social Science
F.M. University, Balasore

JAWAHAR NAVODAYA VIDYALAYA
THERUBALI, DIST: RAYAGADA (ODISHA)-765018

TENDER CALL NOTICE

Sealed quotations for supply of different materials w.e.f July - 2023 to April-2024 are invited from the reputed firms dealing with the particular class of goods and have Sales/Income Tax & GST Registration certificate as the case may be. The Tender form and related information can be had from the Office of JNV, Therubali, Rayagada as per schedule given below during office hours on payment of cash of Rs.200/- per form and the tenderers can also download the form from Vidyalaya website www.navodaya.gov.in/nvs/nvs-school/Rayagada/en/home & for this the party has to enclose the cost of Tender paper of Rs.200/- with EMD payable at Rayagada. Quotation shall be opened by the PAC in the presence of tenderers or their representative. The Vidyalaya purchase Advisory Committee reserves the right to accept or reject any or all the Quotations without assigning any reason thereof.

Name of Items

1. Grocery item, 2. Vegetable & Fruits, 3. Non - Veg item, 4. Toiletry & Daily use items,, 5. Stitching of Student's uniform, 6. Hiring of Vehicle on contract basis, 7. M & R Item.

Schedule of Tender is as under

Selling of tender form from 26.05.2023 to 15.06.2023 by 1.00 P.M.

Last date of receipt of quotation 15.06.2023 upto 04:00 P.M.

Opening of quotation 16.06.2023 at 11.00 A.M.

Sd./- PRINCIPAL

See Career Appointment on every Wednesday & Saturday

# ପିଆଇଓଙ୍କୁ ୫ ହଜାର ଟଙ୍କା ଜରିମାନା

## ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ

ଜଗତ୍‌ସିଂହପୁର ଅଫିସ, ୨୫।୫

ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୁଣା ବିଜ୍ଞାନ ବିଭାଗ ବିଲ୍ଡିଂ ଭଙ୍ଗା ଯାଇ ନୂଆ ନିର୍ମାଣ ହୋଇଥିଲା। ଏହି ନୂଆ ବିଲ୍ଡିଂରେ ପୁରୁଣା ବିଲ୍ଡିଂର ବହୁ ସାମଗ୍ରୀ ଗଚ୍ଛିତ ରଖାଯାଇଥିଲା। କିନ୍ତୁ କରୋନା ସଂକ୍ରମଣ ସମୟରେ ଏହି ସାମଗ୍ରୀଗୁଡ଼ିକ ନିଲାମ ହୋଇଯାଇଥିଲା। ଏ ସଂକ୍ରାନ୍ତୀୟ ସୂଚନା ଜାଣିବା ପାଇଁ ୨୦।୯।୨୧ରେ ସ୍ଥାନୀୟ କଣ୍ଟାବଲ୍ଲଭପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମହାବିଦ୍ୟାଳୟ ଜନସୂଚନା ଅଧିକାରୀ (ପିଆଇଓ)ଙ୍କ ନିକଟରେ ଦରଖାସ୍ତ କରିଥିଲେ। କିନ୍ତୁ ତାଙ୍କୁ ଧାର୍ଯ୍ୟ ସମୟରେ ସୂଚନା ମିଳି ନ ଥିଲା । ତେଣୁ ସେ ପର୍ଯ୍ୟାୟକ୍ରମେ ଅର୍ଥାତ୍ ୨୨।୧୧।୨୧ରେ ପ୍ରଥମ ଅପିଲେଟ୍ ଓ ୨୨।୨।୨୨ରେ ଦ୍ୱିତୀୟ ଅପିଲେଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତ କରିଥିଲେ। ଏହାର ଶୁଣାଣି କରି ମହାବିଦ୍ୟାଳୟ ପିଆଇଓ ପ୍ରଶାନ୍ତ କୁମାର ବେହେରାଙ୍କ ଉପରେ ସୂଚନା ଆୟୋଗ ପକ୍ଷରୁ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଆୟୋଗଙ୍କ ନିର୍ଦ୍ଦେଶନାମା ପାଇବାର ୩୦ ଦିନ ମଧ୍ୟରେ ସରକାରୀ ଟ୍ରେଜେରୀରେ ଏହି ରାଶି ଦାଖଲ କରିବାକୁ ପଡ଼ିବ। ଖିଲାପ ହେଲେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜରିମାନା ରାଶି ଆଦାୟ କରିବାକୁ ନିର୍ଦ୍ଦେଶ ରହିଛି।

# ପାରାଦୀପରେ ହେବ ପ୍ରାଣୀ ଚିକିତ୍ସାଳୟ

- ୨ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ଏବିସି ସେଣ୍ଟର
- ବୁଲା କୁକୁରଙ୍କ ବନ୍ଧ୍ୟାକରଣ ହେବ
- ବୁଲା ଗାଈ, ଷଣ୍ଢ ପାଇଁ ହେବ ସରକାରୀ ଗୋଶାଳା



ବନ୍ଦ ଥିବା ଏବିସି ସେଣ୍ଟର।



ବିଭାଗୀୟ ଅଧିକାରୀ ସହ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଆଲୋଚନା କରୁଛନ୍ତି।

ପାରାଦୀପ, ୨୫।୫(ସ୍ୱ.ପ୍ର.)

ପାରାଦୀପର ମଧୁବନ ଏମ୍‌ସିସି (ମାଇକ୍ରୋ କମ୍ପୋଜ ସେଣ୍ଟର) ପାଖରେ ଥିବା ଏବିସି (ଆନିମଲ ବାର୍ଥ କ୍ଲୋନିଙ୍ଗ) ସେଣ୍ଟର ୪ ବର୍ଷ ପରେ କାମରେ ଲାଗିବାକୁ ଯାଉଛି। ଆଉ ୨ମାସ ମଧ୍ୟରେ ସେଠାରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ହେବ। ଏଥିସହ ବିଜୟଚନ୍ଦ୍ରପୁରଠାରେ ଏକ ସରକାରୀ ଗୋଶାଳା କରାଯିବ। ସେଠାରେ ବୁଲା ଗାଈ ଓ ଷଣ୍ଢଙ୍କୁ ରଖାଯିବ। ନୂଆବଜାର ମେରାଇନ ରାସ୍ତା ପାଖରେ ଏକ ପ୍ରାଣୀ ଚିକିତ୍ସାଳୟ ଖୋଲାଯିବ। ଏମିତି ଅନେକ ନିଷ୍ପତ୍ତି ଗୁରୁବାର ପ୍ରାଣୀଧନ ବିଭାଗ ଓ ପୌର ପରିଷଦ ପକ୍ଷରୁ ନିଆଯାଇଛି। ଏପରିକି ଏସବୁ ନୂତନ ପ୍ରକଳ୍ପ ପାଇଁ ଜାଗା ଚିହ୍ନଟ ମଧ୍ୟ ହୋଇ ସାରିଛି। ଡାକ୍ତର ନିଯୁକ୍ତି ପାଇ ସାରିଲେଣି ବୋଲି ୨ ସଂସ୍ଥା ପକ୍ଷରୁ ସୂଚନା ମିଳିଛି।

ଗୁରୁବାର ଜଗତ୍‌ସିଂହପୁର ସିଡିଭିଓ ବୀରକିଶୋର ପରିଡା, ଏଡିଭିଓ ଯଦୁନାଥ ପରିଡା, ଏସ୍‌ଡିଭିଓ ଶଶାଙ୍କ ନାୟକ, ପ୍ରାଣୀଧନ ଚିକିତ୍ସକ ନିରଞ୍ଜନ ବେହେରା ପାରାଦୀପ ଗସ୍ତ କରିଥିଲେ। ମଧୁବନ ଏମ୍‌ସିସିଠାରେ ପାରାଦୀପ ପୌର ପରିଷଦ ପକ୍ଷରୁ କରାଯାଇଥିବା ଏମ୍‌ସିସି ସେଣ୍ଟର ଦେଖିଥିଲେ। ଉକ୍ତ ଏମ୍‌ସିସି ସେଣ୍ଟର ୨୦୧୯ ଅଗଷ୍ଟ ୩୧ରେ ଲୋକାର୍ପଣ ହୋଇଥିଲା। କିନ୍ତୁ ୪ବର୍ଷ ହେଲା ଘର ବନ୍ଦ ହୋଇ ରହିଛି। ଘରର ଗ୍ରୀଲଗୁଡ଼ିକ କଳଙ୍କି ଲାଗି ଗଲାଣି। କବାଟ ଝରକା ମଧ୍ୟ ହୁଗୁଳା ହୋଇଯାଇଛି। ସେହିଘରର ଫାଟକକୁ କଳା ପଲିଥିନ ଦ୍ୱାରା ଢଙ୍କା ଯାଇଛି। ସେଠାରେ ୨ ମାସ ମଧ୍ୟରେ କୁକୁରଙ୍କ ବନ୍ଧ୍ୟାକରଣ କରାଯିବ ବୋଲି ସିଡିଭିଓ ପରିଡା କହିଥିଲେ। ପରେ ନୂଆବଜାରସ୍ଥ ବିଜ୍ଞାନ ପାର୍କ ପାଖ ପ୍ରସ୍ତାବିତ ପ୍ରାଣୀ ଚିକିତ୍ସାଳୟ ଜାଗା ଦେଖିଥିଲେ। ସେଠାରେ ଏବେ ରାଜ୍ୟ ସରକାର ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିମାଣ କରିଛନ୍ତି। ତାରି ପାଖରେ ପ୍ରାଣୀ ଚିକିତ୍ସାଳୟ ପୌର ପରିଷଦ ପକ୍ଷରୁ କରାଯିବ ବୋଲି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଥିଲେ। ସେହିପରି ବିଜୟଚନ୍ଦ୍ରପୁର ମଠ ପାଖରେ ଏକ ସଙ୍ଗଠନ ଗୋଶାଳା କରିଛନ୍ତି। ତାହା ସରକାରୀ ଜାଗାରେ ହୋଇଛି। ସେହି ଗୋଶାଳାକୁ ସରକାର ସମ୍ପ୍ରସାରଣ କରିବା ସହ ରୂପାନ୍ତରିତ କରିବେ। ସେଠାରେ ପୌରାଞ୍ଚଳରେ ବୁଲୁଥିବା ଗାଈ, ଷଣ୍ଢଙ୍କୁ ରଖାଯିବ। ଏସବୁ ପାଇଁ ଏବେ ଜଣେ ପ୍ରାଣୀଧନ ଚିକିତ୍ସକ ଓ ସହକାରୀ କର୍ମଚାରୀ ଅଛନ୍ତି। ଅଧିକ କର୍ମଚାରୀ ଆବଶ୍ୟକ ହେଲେ ଯୋଗାଇ ଦିଆଯିବ ବୋଲି ଡାକ୍ତର ପରିଡା କହିଥିଲେ।

# ବାଣ ବିସ୍ଫୋରଣ ଘଟଣା: ଜଣେ ଗୁରୁତରଙ୍କ ମୃତ୍ୟୁ

ତିର୍ତ୍ତୋଲ,୨୫।୫(ଡି.ଏନ୍.ଏ)

କନକପୁର ବାଣ ବିସ୍ଫୋରଣ ଘଟଣାରେ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣେ ଗୁରୁତରଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ବଡ଼ମ୍ବା ଅଞ୍ଚଳର ସୁଧାକର ମହାକୁଡ଼ (୬୦) ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ୧୨ ତାରିଖରେ ଶାରଳା ମନ୍ଦିରରେ ଚନ୍ଦନ ଯାତ୍ରା ଚାଲିଥିବାବେଳେ ରାତିରେ ମାନସିକ ବାଣ ଫୁଟା ଯାଇଥିଲା। ଏହି ସମୟରେ ବାଣ ଗଦାରେ ନିଆଁ ଲାଗି ୨ଜଣ ପୋଲିସ କର୍ମଚାରୀଙ୍କ ସହ ୮ ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ସୁଧାକରଙ୍କ ସମେତ ୫ ଜଣ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ।

# ଜିଲାର ପ୍ରଥମ ମୁଗମଣ୍ଡି ଉଦ୍‌ଘାଟିତ


ମୁଗମଣ୍ଡି ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ରଘୁନାଥପୁର,୨୫।୫(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଣ୍ଡୁଆସ୍ଥିତ କୃଷିଭିତ୍ତିକ ସଂସ୍ଥା ଲାଲ (ଲିଭ ଆଣ୍ଡ ଲେଟ ଲିଭ) ପରିସରରେ ମାର୍କଫେଡ୍ ପକ୍ଷରୁ ବାଣୀକ୍ଷେତ୍ର ମହିଳା କୃଷକ ଉତ୍ପାଦକ ସଂଘ ଜରିଆରେ ଚଳିତବର୍ଷ ଜଗତ୍‌ସିଂହପୁର ଜିଲାର ପ୍ରଥମ ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ମାର୍କଫେଡ ଜିଲା ପ୍ରବନ୍ଧକ ଧୀରେନ୍ଦ୍ର କୁମାର ବାରିକ, ବ୍ଲକ କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳାଇ, ବାଣୀକ୍ଷେତ୍ର ଉତ୍ପାଦକ ସଂଘ ନିର୍ଦ୍ଦେଶିକା ଶାନ୍ତିଲତା ଦ୍ୱିବେଦୀ, କାଦମ୍ବିନୀ ବେହେରା ଓ ସ୍ମିତାରାଣୀ ଖଟୁଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚଳିତବର୍ଷ ସଂଘକୁ ୨ ହଜାର କୁଇଣ୍ଟାଲ ମୁଗ କ୍ରୟ ପାଇଁ ଟାର୍ଗେଟ ରହିଥିବାବେଳେ ଉନ୍ନତମାନର ମୁଗ କେଜି ପିଛା ୭୭. ୫୫ ପଇସାରେ କିଣାଯିବା ପାଇଁ ଧାର୍ଯ୍ୟ ହୋଇଛି। ମୁଗ କ୍ରୟ କରାଯିବାର ୭ ଦିନ ମଧ୍ୟରେ ଚାଷୀ ସେମାନଙ୍କ ପ୍ରାପ୍ୟ ଟଙ୍କା ପାଇବେ। ଏ ନେଇ ଚାଷୀମାନେ ମୁଗକୁ ପରିଷ୍କାର ପରିଚ୍ଛନ୍ନ କରି ଗୁଣବତ୍ତା ଥିବା ମୁଗକୁ ମଣ୍ଡିକୁ ଆଣିବାକୁ ମାର୍କଫେଡ ପ୍ରବନ୍ଧକ ବାରିକ ପରାମର୍ଶ ଦେଇଛନ୍ତି। ମଣ୍ଡିରେ ମୁଗର ମାନ ପରୀକ୍ଷା କରାଯାଇ କ୍ରୟ କରାଯିବ ବୋଲି ସେ ସୂଚାଇ ଦେଇଥିଲେ। ଆୟୋଜିତ ସଭାରେ ବାଣୀକ୍ଷେତ୍ର ସଂଘ ନିର୍ଦ୍ଦେଶିକା କୃଷ୍ଣପ୍ରିୟା ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ୫୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଚଳିତବର୍ଷ ଜିଲାରେ ୨୧ ମୁଗମଣ୍ଡି ଖୋଲାଯିବ ବୋଲି ମୁଖ୍ୟ କୃଷୀ ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି। ଅର୍ପିତା ବରାଳ ଧନ୍ୟବାଦ ଦେଇଥିବାବେଳେ ସାଗରିକା ବେହେରା ଓ ସସ୍ମିତା ବାରିକ ଏଥିରେ ସହାୟତା କରିଥିଲେ।

# ଶାରଳା ମନ୍ଦିର ପୂଜକଙ୍କ ନାଁରେ ବଳାତ୍କାର ଅଭିଯୋଗ

ଜଗତ୍‌ସିଂହପୁର ଅଫିସ, ୨୫।୫

ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ପରିବାରରେ ଦେଖା ଦେଇଥିବା ସମସ୍ୟାର ସମାଧାନ ବାହାନାରେ ଶାରଳା ମନ୍ଦିରର ଜଣେ ପୂଜକ ବଳାତ୍କାର କରିଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୩୪୪/୨୩ରେ ମାମଲା ରୁଜୁକରି ଅଭିଯୁକ୍ତ ପୂଜକ ତଥା ତିର୍ତ୍ତୋଲ ଥାନା କନକପୁର ଗ୍ରାମର ସମିରେନ୍ଦ୍ର ରାଉଳ (କୁନୁ)ଙ୍କୁ ଥାନାରେ ଅଟକ ରଖିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଶୁଭ୍ରାଂଶୁ ପରିଡ଼ା କହିଛନ୍ତି।

ଅଭିଯୋଗ ଅନୁଯାୟୀ, ମହିଳା ଜଣକ ଗତ ୧୫ ତାରିଖରେ ତାଙ୍କ ସ୍ୱାମୀଙ୍କ ସହ ଶାରଳା ମନ୍ଦିର ଯାଇଥିଲେ। ଏହି ସମୟରେ ପୂଜକ କୁନୁ ତାଙ୍କ ସ୍ୱାମୀଙ୍କୁ ନାଲି କପଡ଼ା ଓ ଗୁଆ ଆଣିବାକୁ ପଠେଇ ଏକୁଟିଆର ସୁଯୋଗ ନେଇ ପରିବାରରେ ବହୁତ ସମସ୍ୟା ଥିବା କହିଥିଲେ। ଏହାର ସମାଧାନ ସେ କରି ଦେବେ ବୋଲି କହିଥିଲେ। ଫୋନ ନମ୍ବର ଦେଲେ କଥା ହୋଇ ପ୍ରତିକାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କୁନୁ ମହିଳାଙ୍କୁ ଏକାଧିକ ବାର ଫୋନ କରି କଥା ହୋଇଛନ୍ତି। ପୂଜା ନ କଲେ ପରିବାର ବହୁତ କ୍ଷତି ହେବ ବୋଲି ଭୟ ଦେଖାଇ ଥିଲେ। ଏହି ଅନୁଯାୟୀ, ଗତ ୨୪ ତାରିଖରେ କୁନୁ ଫୋନ କରି ସନ୍ଧ୍ୟାରେ ପୂଜା ହେବ ଏବଂ ସେ ପହଞ୍ଚିବେ ବୋଲି ସୂଚନା ଦେଇଥିଲେ। କୁନୁ ସନ୍ଧ୍ୟାରେ ପହଞ୍ଚିବା ପରେ ସମ୍ପୃକ୍ତା ମହିଳାଙ୍କ ବ୍ୟତୀତ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ବାହାରେ ରହିବାକୁ କହିଥିଲେ। କେବଳ ମହିଳା ଜଣକ ଏକୁଟିଆ କୋଠରିରେ ପୂଜାରେ ବସିବେ ବୋଲି ସେ କହିଥିଲେ। ଏହି ଅନୁଯାୟୀ, ଅନ୍ୟମାନେ ବାହାରେ ଥିବା ବେଳେ କୁନୁଙ୍କ ସହ ସମ୍ପୃକ୍ତା ମହିଳା ଏକୁଟିଆ କୋଠରୀରେ ଥିଲେ। ଏହାର ସୁଯୋଗ ନେଇ ନନା ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏଥିରେ ବିଚଳିତ ହୋଇ ପୀଡ଼ିତା ଚିତ୍କାର କରିବାରୁ ସ୍ୱାମୀ ଓ ପରିବାର ଲୋକେ ଘରେ ପଶି ତାଙ୍କୁ ଉଦ୍ଧାର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷରେ କୁନୁଙ୍କ ସ୍ତ୍ରୀଙ୍କ ଥାନାରେ ପାଲଟା ଅଭିଯୋଗ ଆଧାରରେ ନଂ.୩୪୫/୨୩ରେ ମାମଲା ରୁଜୁ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ତାଙ୍କ ସ୍ୱାମୀଙ୍କ ଏକାଧିକ ଯଜମାନ ଅଛନ୍ତି। ତେଣୁ ସ୍ୱାମୀ ଯଜମାନୀଙ୍କ କାମରେ ସେଠାକୁ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ବନ୍ଧାଯାଇ ମୋଟା ଅଙ୍କର ଅର୍ଥ ଦାବି କରାଯାଇଥିଲା।

# ୧୧ କେଭି ତାର ସଂସ୍ପର୍ଶରେ ଆସି ବୃଦ୍ଧ ମୃତ

ପାରାଦୀପ/କୁଜଙ୍ଗ,୨୫।୫(ସ୍ୱ.ପ୍ର./ଡି.ଏନ୍.ଏ.)

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ବରେଇ ଗାଁ ସୀମାନ୍ତରେ ଗୁରୁବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର କସ୍ତୁରୀ ରାଉତ (୬୦)। ଏହି ଘଟଣା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରି ଗ୍ରାମବାସୀ କଟକ–ପାରାଦୀପ ରାସ୍ତା ଅବରୋଧ କରିଥିଲେ। ସେ ପୂର୍ବାହ୍ନରେ ବିଲକୁ ଯାଉଥିବା ବେଳେ ଏକ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ତାଙ୍କ ଉପରେ ପଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ଗ୍ରାମବାସୀ ରାସ୍ତାରେ ମୃତଦେହ ରଖି ଧାରଣା ଦେଇଥିଲେ। ଖବରପାଇ ଧାରଣା ସ୍ଥଳରେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ପାରାଦୀପର ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀ, ପାରାଦୀପ ଲକ୍‌ଥାନା ଅଧିକାରୀ ଭାବଗ୍ରାହୀ ରାଉତ ଓ ବିଦ୍ୟୁତ୍ ବିତରଣ କମ୍ପାନୀର ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ମୃତକଙ୍କ ଜଣେ ପୁଅକୁ ବିଦ୍ୟୁତ୍ ବିଭାଗରେ ଚାକିରି ସହ ଶେଷକୃତ୍ୟ ନିମନ୍ତେ ୨୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ବିଭାଗୀୟ ତଦନ୍ତ ହେବ ବୋଲି କୁହାଯାଇଥିଲା। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଯାଇଛି।

### କ୍ଷତିପୂରଣ ଦାବିରେ କଟକ-ପାରାଦୀପ ରାସ୍ତା ଅବରୋଧ



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରି ପ୍ରତିବାଦ କରୁଛନ୍ତି।

# ଶୀତଳଷଷ୍ଠୀ: ଦେବ ଦମ୍ପତିଙ୍କ ବିବାହ


କୁଜଙ୍ଗରେ ଶୀତଳ ଷଷ୍ଠୀ ଉପଲକ୍ଷେ ଭକ୍ତମାନେ ଠାକୁରଙ୍କୁ ବିମାନରେ ନେଇ ଶୋଭାଯାତ୍ରାରେ ଯାଉଛନ୍ତି।

କୁଜଙ୍ଗ/ପାରାଦୀପ, ୨୫।୫(ଡି.ଏନ୍.ଏ./ସ୍ୱ.ପ୍ର.)

କୁଜଙ୍ଗସ୍ଥିତ ବାଲିଆର ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଶୀତଳ ଷଷ୍ଠୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାଦେବ କଣ୍ଟକେଶ୍ୱର ଓ ମା' ପାର୍ବତୀଙ୍କର ବିବାହ ଉତ୍ସବରେ ବର ମା' ବାପା ଭାବେ ପାନପଲ୍ଲୀ ଗ୍ରାମର ରଞ୍ଜିତା ପଲେଇ ଓ ବିଜୟ ପଲେଇ ଏବଂ କନ୍ୟା ମା' ବାପା ଭାବେ ବାଲିଆ ଗ୍ରାମର ବିଜୟାଲକ୍ଷ୍ମୀ ଆଚାର୍ଯ୍ୟ ଓ ନିର୍ମଳ ଆଚାର୍ଯ୍ୟ ଯୋଗଦେଇଥିଲେ। ବିଜୟଙ୍କ ଘରୁ ପ୍ରଭୁ କଣ୍ଟକେଶ୍ୱର ମହାଦେବଙ୍କ ସହ ବରଯାତ୍ରୀ ଶୋଭାଯାତ୍ରାରେ ବାହାରି ନିର୍ମଳଙ୍କ ଘରେ ପହଞ୍ଚି ଥିଲେ। ସେଠାରେ ବାଟବରଣି ସହ ପୂଜାର୍ଚ୍ଚନା କରାଯିବା ପରେ ବିମାନରେ ଠାକୁରଙ୍କୁ ୪ ଖଣ୍ଡ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରକୁ ନେଇଥିଲେ। ସେଠାରେ ରୀତିନୀତି ଅନୁଯାୟୀ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଲକ୍ଷ୍ମୀନାରାୟଣ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ଭରତ ଚନ୍ଦ୍ର ସ୍ୱାଇଁ, ଅଜୟ ମହାପାତ୍ର, ପବିତ୍ର ଗ୍ରହାଚାର୍ଯ୍ୟ, କୁଜଙ୍ଗ ବଣିକ ସଂଘର ପୂର୍ବତନ ସମ୍ପାଦକ କେଶବ ଚନ୍ଦ୍ର ଦାସ, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ପାରାଦୀପ ବଡ଼ପଡିଆ ଶାରଳା ମନ୍ଦିର ପରିସରରେ ବୁଧବାର ବିଳମ୍ବିତ ରାତିରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବର ପକ୍ଷରୁ ମା'ବାପା ଭାବେ ତୁଳସୀ ଓ ଶରତ ବରାଳ ଏବଂ କନ୍ୟା ପକ୍ଷରୁ ମା'ବାପା ଭାବେ ସାଗରିକା ଓ ମନୋଜ ମହାନ୍ତି ଯୋଗଦେଇଥିଲେ। ସନ୍ଧ୍ୟାରେ ନୂଆବଜାର ପାରେଶ୍ୱର ଶିବ ମନ୍ଦିର ପାଖରୁ ବିବାହ ଶୋଭାଯାତ୍ରା ବାହାରି ଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଶାରଳା ମନ୍ଦିର ଟ୍ରଷ୍ଟି ଅମରେଶ ରାଉତରାୟ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**cmpdi** A Mini Ratna Company
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in** In addition, procurement is also done through GeM portal **https://gem.gov.in**".

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
Central Workshop, Rasulgarh, Bhubaneswar - 10 (Odisha)

**No. OCC/CWS/PROC/SS-03/17/2023-24** **Dated: 25.05.2023**

**TENDER CALL NOTICE**

Sealed tenders in conformity with the terms, conditions and specifications in tender documents are invited from reputed manufacturers / traders / Distributor / Dealer / Stockiest / Supplier for "**Supply of Stainless Steel Flats for Kusumi Barrage Project**".

For details, please visit our website **www.odishaconstruction.com**. The last date & time of sale of tender document and receipt of tender is **31.05.2023** at **1.00 P.M & 3.30 P.M.** respectively and **TECHNICAL BID** and **PRICE BID** to be opened on same date at **04.00 P.M.** i.e., **31.05.2023** ***(Bidders are requested to visit above website regularly for any changes, since it will not be published in news paper again).***

Sd/-
**SENIOR MANAGER (MECH.) - I**

**JAWAHAR NAVODAYA VIDYALAYA**
**THERUBALI, RAYAGADA (ODISHA)**

**ADMISSION NOTIFICATION FOR CLASS-XI FOR THE SESSION 2023-24**

Online applications are invited from eligible candidates for admission to class-XI (CBSE English Medium) in Jawahar Navodaya Vidyalayas against the Vacant seats for (Humanities & Science) likely to be available through Lateral Entry Test for the Session 2023-24. Last date for online application is 31.05.2023 and to know more details you may visit to the website-www.navodaya.gov.in.

**Sd./- Principal**

**P.G. DEPARTMENT OF SOCIAL SCIENCE**
**FAKIR MOHAN UNIVERSITY**
Vyasa Vihar, Nuapadhi, Balasore - 756089
**No. FMU/R&D-250/2023/5105** **Date: 24.05.2023**

**ADVERTISEMENT FOR RESEARCH ASSOCIATE & FIELD INVESTIGATOR**

Applications are invited for Research Associate and Field Investigator for ICSSR Major Research Project at P.G. Department of Social Science, F.M. University, entitled "Disaster Management in Odisha, People's perception of the role of District Administration during severe Cyclones and its aftermath (2011-2022)". The last date for receipt of applications by E-mail is 06.06.2023 (05.00 P.M.). For details please visit our University website i.e. **www.fmuniversity.nic.in**.

**Sd./- Prof. Anil Kumar Mohapatra**
**Project Director, Major Research Project, ICSSR**
**Department of Social Science**
**F.M. University, Balasore**

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆରଏମ୍/ଇଏନ୍‌ଜି, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୩-୨୪-୨୪, ତାରିଖ ୨୪।୦୫।୨୦୨୩ । କାର୍ଯ୍ୟର** ନାମ: ତା୩୦।୦୬।୨୦୨୫ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଟାଟାନଗରକୁ ଛାଡ଼ି ଟାଟା–ବିଏମ୍‌ପିଆର୍ ଏବଂ ଓଏନ୍‌ଡି–କ୍ୟୁଏମ୍‌ଆଇ ସେକ୍ସନ ନିମନ୍ତେ ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ଟାଟାଙ୍କ ଅଧୀନରେ ସର୍ଭିସ୍ ଏବଂ ଆବାସିକ ବିଲ୍ଡିଂ ଲାଗି ଜୋନାଲ୍ କାର୍ଯ୍ୟ/ଯୋଗାଣ କାର୍ଯ୍ୟର ନିର୍ବାହ (୨ୟ କଲ୍) । **ଟେଣ୍ଡର ମୂଲ୍ୟ: ₹୭୯,୯୯,୯୯୯.୩୨; ଇଏମ୍‌ଡି: ₹୧,୭୦,୦୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ₹୦। ଖୋଲାଯିବା ତାରିଖ:** ତା୧୫।୦୬।୨୦୨୩ରିଖ । ଟେଣ୍ଡର **http://www.ireps.gov.in** ୱେବସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସୟଛିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) **(PR-202)**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-08, ତା.15.05.2023ରିଖ

**କାର୍ଯ୍ୟର ନାମ :** ଝାରସୁଗୁଡ଼ା-ସିକିର ଏବଂ ସମ୍ବଲପୁର ସିଟି-ଜରପଦା ସେକ୍ସନରେ ଅମୃତ ଭାରତ କାର୍ଯ୍ୟ ନିମନ୍ତେ ଷ୍ଟେସନ ବିଲ୍ଡିଂ ଏବଂ ପରିଚଳନା କ୍ଷେତ୍ରର ବିଲ୍ଡିଂ ଇତ୍ୟାଦିର ସଫ୍ଟ (Soft) ଉନ୍ନୟନ ସମ୍ପର୍କିତ ସଙ୍କେତ ଏବଂ ଦୂରସଂଚାର କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ): 69,86,272.10**, ବିଡ୍ ସିକ୍ୟୁରିଟି (ଟଙ୍କାରେ) : **1,39,700/-** ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.06.2023** ରିଖ **1100** ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ:** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଂଚାର), ସମ୍ବଲପୁର
PR-199/O/23-24

**ପୂର୍ବ ତଟ ରେଳପଥ**

ସଂ.Comml/SBP/IREPS/Catg./23/14, ତା.12.05.2023ରିଖ

**(1) ସମ୍ପତ୍ତିର ବିବରଣୀ: 05**(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି **'D'ବର୍ଗ (SBPY)**/ପ୍ଲାଟଫର୍ମ-**01** ରେଳ ଷ୍ଟେସନ ଠାରେ ଷ ଦୋକାନ (ଷ୍ଟେଶାଲ ମାଇନର ୟୁନିଟ୍) ସଂଖ୍ୟାଲଘୁ (ମହିଳା) ବ୍ୟବସ୍ଥା । ଷ୍ଟେସନ : ସମ୍ବଲପୁର ସିଟି **(SBPY)** ।

**(2) ସମ୍ପତ୍ତିର ବିବରଣୀ: 05**(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି **'D'ବର୍ଗ (SBPY)**/ପ୍ଲାଟଫର୍ମ-**01** ରେଳ ଷ୍ଟେସନ ଠାରେ ଫଳ/ଫଳ ରସ ଷ୍ଟଲ (ଷ୍ଟେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି) ବ୍ୟବସ୍ଥା । ଷ୍ଟେସନ : ସମ୍ବଲପୁର ସିଟି **(SBPY)** ।

**(3) ସମ୍ପତ୍ତିର ବିବରଣୀ: 05**(ପାଞ୍ଚ) ବର୍ଷ ନିମନ୍ତେ ଅତାବିରା ଷ୍ଟେସନ **'E'ବର୍ଗ (ATS)**/ପ୍ଲାଟଫର୍ମ-**01** ରେଳ ଷ୍ଟେସନ ଠାରେ ଷ ଦୋକାନ(ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନ : ଅତାବିରା **(ATS)** ।

ନିଲାମ ଆରମ୍ଭ ତାରିଖ ଓ ସମୟ: **ତା.26.05.2023** ରିଖ **1200** ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ) ।

**ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.26.05.2023** ରିଖ **1250** ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ) ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ସମ୍ବଲପୁର
PR-204/O/23-24

बैंक ऑफ़ इंडिया Bank of India **BOI**

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଆଞ୍ଚଳିକ କାର୍ଯ୍ୟାଳୟ : ଷ୍ଟାର ହାଉସ୍, ୧/୧ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫**

**ଡିମାଣ୍ଡ ନୋଟିସ୍**

**ସରଫେଶୀ ନିୟମ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ଆପଣ ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଆପଣଙ୍କ ସ୍ଥାବର / ଅସ୍ଥାବର ସମ୍ପତ୍ତି ବନ୍ଧକ ରଖି ବ୍ୟାଙ୍କ ଅଫ୍ ଇଣ୍ଡିଆ, **ଗୋପାଳପୁର ଶାଖା**ରୁ ଋଣ ନେଇଥିଲେ । ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା କଥିତ ଋଣର ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଥିଲେ । ଆପଣ ଋଣ ପରିଶୋଧ କରିବାରେ ବିଫଳ ହେବାରୁ ଆପଣଙ୍କ ଋଣ ଆକାଉଣ୍ଟି ଅଚଳନ୍ତି ସମ୍ପତ୍ତି (NPA) ଶ୍ରେଣୀଭୁକ୍ତ ହୋଇଛି । ବ୍ୟାଙ୍କ ବକେୟା ଋଣ ଆଦାୟ କରିବା ପାଇଁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଯାହାକି ପ୍ରଦାନ କରାଯାଇପାରିନଥିଲା । ତେଣୁ ତାହାକୁ ଆପଣଙ୍କ ନିମନ୍ତେ କଥିତ ଆକ୍ଟର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩(୧) ଅନୁଯାୟୀ ଏଠାରେ ପ୍ରକାଶ କରାଯାଉଛି । ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା, ବନ୍ଧକ ସମ୍ପତ୍ତି, ବକେୟା ଋଣ ପରିମାଣ ଧାରା ୧୩(୨) ଅନୁଯାୟୀ ପଠାଯାଇଥିବା ଡିମାଣ୍ଡ ନୋଟିସ୍ ଏବଂ ଦାବୀ କରାଯାଇଥିବା ରାଶି ଇତ୍ୟାଦିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖାର ନାମ / ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା, ଋଣ ଆକାଉଣ୍ଟ ନଂ. | ଏନ୍‌ପିଏ(NPA) ତାରିଖ | ସରଫେଶୀ ନିୟମ ଅନୁଯାୟୀ ନୋଟିସ୍ ତାରିଖ | ସରଫେଶୀ ନିୟମ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ବକେୟା ରାଶି | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଗୋପାଳପୁର ଶାଖା** ଋଣଗ୍ରହୀତା: **ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ**, ପିତା: ଶ୍ରୀ କୃଷ୍ଣ ମୋହନ ବଳିୟାରସିଂ, **ସହ-ଋଣଗ୍ରହୀତା: ଶ୍ରୀ ସୁନିଲ କୁମାର ବଳିୟାରସିଂ**, ପିତା: ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ, ଉଭୟଙ୍କ ଠିକଣା: ଜାଗିରିବାଡ, ବେଗୁନିଆ, ଖୋର୍ଦ୍ଧା-୭୫୨୦୬୨, **ଋଣ ଆକାଉଣ୍ଟ ନଂ.: ୫୧୧୧୭୫୧୧୦୦୦୦୦୭୭** (ଗୃହ ଋଣ) । | ୩୦.୦୩.୨୦୨୩ | ୨୭.୦୪.୨୦୨୩ | ଟ.୧୪,୪୪,୭୭୯.୪୫ + ସେବାବଦ୍ଧ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | **ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ**ଙ୍କ ନାମରେ ଥିବା ଜମି/ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୫୯୯, ଖାତା ନଂ.୪୦୭, ଏରିଆ : ଏ୦.୧୦୦ ଡିସିମିଲି, ମୌଜା : ଜାଗିରିବାଡ, ଥାନା : ବେଗୁନିଆ, ଥାନା ନଂ.୭୨, ତହସିଲି/ଏସ୍‌ଆରଓ : ବେଗୁନିଆ, ଜିଲ୍ଲା : ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ : ଉତ୍ତର- ସରକାରୀ ଜମି ଏବଂ ରାସ୍ତା (ଏନ୍‌ଏଚ ୫୭ ଖୋର୍ଦ୍ଧା ରୁ ନୟାଗଡ), ଦକ୍ଷିଣ- ଚିତ୍ତରଞ୍ଜନ ନାୟକ, ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ଅବଦୁଲ ରସିଦ୍ ଖାନ୍ । |

ଆପଣ, ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କୁ ଅବଗତ କରାଇ ଦିଆଯାଉଛି କି ଏହି ନୋଟିସ୍ ର **୬୦ ଦିନ** ମଧ୍ୟରେ ଉପରଦର୍ଶିତ ବକେୟା ରାଶି ସହିତ ପରବର୍ତ୍ତି ସୁଧ ସମ୍ପୂର୍ଣ୍ଣ ଭାବେ ପଇଠ କରନ୍ତୁ, ଅନ୍ୟଥା ନିମ୍ନ ସ୍ୱାକ୍ଷରକାରୀ କଥିତ ଆଇନ ଅନୁସାରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ । ଆପଣମାନଙ୍କୁ ଜଣାଇ ଦିଆଯାଉଛିକି ଉପରୋକ୍ତ କଥିତ ଆଇନର ଉପଧାରା (୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ଉପରଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଉପହାର, ବନ୍ଧକ କିମ୍ବା ଅନ୍ୟପ୍ରକାରେ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଆପଣଙ୍କ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୫.୦୫.୨୦୨୩** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

**JAWAHAR NAVODAYA VIDYALAYA**
**THERUBALI, DIST: RAYAGADA (ODISHA)-765018**

**TENDER CALL NOTICE**

Sealed quotations for supply of different materials w.e.f July - 2023 to April-2024 are invited from the reputed firms dealing with the particular class of goods and have Sales/Income Tax & GST Registration certificate as the case may be. The Tender form and related information can be had from the Office of JNV, Therubali, Rayagada as per schedule given below during office hours on payment of cash of **Rs.200/-** per form and the tenderers can also download the form from Vidyalaya website **www.navodaya.gov.in/nvs/nvs-school/Rayagada/en/home** & for this the party has to enclose the cost of Tender paper of Rs.200/- with EMD payable at Rayagada. Quotation shall be opened by the PAC in the presence of tenderers or their representative. The Vidyalaya purchase Advisory Committee reserves the right to accept or reject any or all the Quotations without assigning any reason thereof.

**Name of Items**

1. Grocery item, 2. Vegetable & Fruits, 3. Non - Veg item, 4. Toiletry & Daily use items,, 5. Stitching of Student's uniform, 6. Hiring of Vehicle on contract basis, 7. M & R Item.

**Schedule of Tender is as under**

Selling of tender form from 26.05.2023 to 15.06.2023 by 1.00 P.M.

Last date of receipt of quotation 15.06.2023 upto 04:00 P.M.

Opening of quotation 16.06.2023 at 11.00 A.M.

**Sd./- PRINCIPAL**

See Career Appointment on every Wednesday & Saturday

# ଜୁଆର ଉଠିଲେ ସମୁଦ୍ରପାଣି ଘରେ ପଶୁଛି

■ ବିପର୍ଯ୍ୟୟ ସମୟରେ କ୍ଷତିଭରଣାକୁ ଗୁରୁତ୍ୱ
■ ନିରାକରଣ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ

କେନ୍ଦ୍ରାପଡ଼ା ଅଫିସ, ୨୫।୫

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରତିବର୍ଷ ଜିଲାସ୍ତରୀୟ ପ୍ରଶାସନିକ କମିଟିର ବୈଠକ ହେଉଛି। ବୈଠକରେ ଚିରାଚରିତ ଢଙ୍ଗରେ ବିପର୍ଯ୍ୟୟ ସମୟରେ ଏହାର ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। ଏଥିରେ ବିପର୍ଯ୍ୟୟ ସମୟରେ ପ୍ରାକ୍ ପ୍ରସ୍ତୁତି, ଉଦ୍ଧାର, ଥଇଥାନ, କ୍ଷତିଭରଣା ଆଦି ସମ୍ପର୍କରେ ଆଲୋଚନା ହେଉଛି। ତେବେ ପ୍ରାକୃତିକ ବିପର୍ଯ୍ୟୟରେ କିପରି କମ କ୍ଷତି ମଧ୍ୟରେ ସୀମିତ ରହିବ, ସେପରି କୌଣସି ସ୍ୱତନ୍ତ୍ର ଯୋଜନା ଆଲୋଚନା ନ ହେବା ବହୁ ବୁଦ୍ଧିଜୀବୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ଣ୍ଣିମା ଓ ଅମାବାସ୍ୟାରେ ସମୁଦ୍ରରୁ ଉଠୁଥିବା ଜୁଆର ପାଣି ଘରେ ପଶୁଥିବା ବେଳେ ଜିଲା ପ୍ରଶାସନ ଓ ରାଜନେତା ଏହାକୁ ଅଣଦେଖା କରିବା ଆଦୌ ଉଚିତ ନୁହେଁ ବୋଲି ସେମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଜିଲା ଜନ ଅଧିକାର ମଞ୍ଚ ସଭାପତି ଭୁବନମୋହନ ଜେନା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, କୃଷକ ନେତା ଗୟାଧର ଧଳ, ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାକୁ ପ୍ରାକୃତିକ ବିପର୍ଯ୍ୟୟ ଭୟ ସର୍ବଦା ଲାଗିରହୁଛି। ଚଳିତ ମାସରେ ମହାକାଳପଡ଼ା ଲାଞ୍ଜୁଡ଼ା ପଞ୍ଚାୟତର ୩୦ ଘରକୁ ସମୁଦ୍ର ଜୁଆର ପାଣି ମାଡ଼ି ଯାଇଥିଲା। ସାମାନ୍ୟ ବର୍ଷା ପବନରେ ସମୁଦ୍ର ଉତାଳ ରହି ଜିଲାର ୪୮ କିଲୋମିଟର ତଟାଞ୍ଚଳକୁ ମାଡ଼ିଯାଉଛି। ତଟକ୍ଷୟ ଏହି ଜିଲାରେ ପ୍ରବଳ ହୋଇଥିଲେ ମଧ୍ୟ ଏହାର ନିରାକରଣ ପାଇଁ ହେନ୍ତାଳ ବଣ ସୃଷ୍ଟି ହୋଇପାରୁନାହିଁ। ସାତଭାୟା ଅଞ୍ଚଳ ସମୁଦ୍ର ଆଁରେ ନଷ୍ଟ ହୋଇଥିବା ବେଳେ ଆସନ୍ତା ୪ରୁ ୫ ବର୍ଷ ମଧ୍ୟରେ ଲାଞ୍ଜୁଡା ସମେତ ସୁନୀତି, ବାବର ଆଦି ୫ଟି ପଞ୍ଚାୟତ ସମୁଦ୍ର ଗର୍ଭକୁ ଯିବ। ଏହି ଜିଲାରେ ରାଜ୍ୟର ଦ୍ୱିତୀୟ ସର୍ବ ବୃହତ୍ତମ ଜଳପଥ ଅଛି। ତେବେ ଏହି ଜଳପଥ ପ୍ରତିବର୍ଷ ଜିଲାର ୪୫୭ଟି ଗ୍ରାମକୁ ବନ୍ୟା ବିପତ୍ତି ଆଣୁଛି। ଉପାନ୍ତ ଅଞ୍ଚଳର ନଦୀ, ନାଳ, ଜୋର ଆଦିରେ ବନ୍ଧବାଡ଼ ନ ଥିବାରୁ ଅଧିକ ପାଣି ଚାଷ ଜମି ଓ ଗ୍ରାମ ମଧ୍ୟକୁ ପଶୁଛି। ବନ୍ୟା ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ସୁବିଧା ମିଳିପାରୁନାହିଁ। କେବଳ ବନ୍ଧବାଡ଼ ମରାମତିକୁ ପ୍ରଶାସକ ଓ ରାଜନେତା ଗୁରୁତ୍ୱ ଦେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ଅଥବା ନିରାକରଣ ପାଇଁ ସ୍ୱତନ୍ତ୍ର ଯୋଜନା ନାହିଁ। କେନ୍ଦ୍ରାପଡ଼ା ଜିଲାର ୬୪ ଗ୍ରାମକୁ ସୁନାମିପ୍ରବଣ ଚିହ୍ନଟ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସୂଚନା ପାଇଁ ୨୦ଟି ସାଇରନ ଆଲର୍ଟ କେନ୍ଦ୍ର ସ୍ଥାପନ ହୋଇଛି। ତେବେ ସମସ୍ତ କେନ୍ଦ୍ରରୁ ବିଭିନ୍ନ ସମୟରେ ହୋଇଥିବା ବାତ୍ୟା ସମୟରେ ସାଇରନ ବାଜି ପାରି ନ ଥିଲା। ସେହିପରି ପର୍ଯ୍ୟାପ୍ତ ଜଳପଥ ସତ୍ତ୍ୱେ ଜିଲାରେ ମରୁଡ଼ି ପରି ପ୍ରାକୃତିକ ବିପଦ ଦେଖାଦେଉଛି। ତଟାଞ୍ଚଳରେ ଏକ ବୃହତ କେନାଲ ମାଧ୍ୟମରେ ନଦୀ ସଂଯୋଗୀକରଣ କରାଯାଇ ଏହାର ନିରାକରଣ ହୋଇପାରନ୍ତା। ଏବେ ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ବଡ଼ବଡ଼ କୋଠା, ମଲ୍ ଆଦି ନିର୍ମାଣ ହେଉଛି। ଏଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ତନଖି ହେଉନାହିଁ। ଅଂଶୁଘାତ, ସର୍ପାଘାତ ବଢୁଥିଲେ ମଧ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁନାହିଁ। କେନ୍ଦ୍ରାପଡ଼ା ଜିଲାରେ ପ୍ରକୃତିର ବରଦାନ ଭାବେ ଭିତରକନିକା ଜାତୀୟ ଉଦ୍ୟାନ ରହିଛି। ମାତ୍ର ପ୍ରତିବର୍ଷ ଏହି ଜଙ୍ଗଲରେ ଅଗ୍ନିକାଣ୍ଡ ଦେଖିବାକୁ ମିଳୁଛି। ଏହି ଜାତୀୟ ଉଦ୍ୟାନ ମଧ୍ୟରେ ଜୀବଜନ୍ତୁଠାରୁ ଅଧିକ ସଂଖ୍ୟକ ଲୋକ ବେଆଇନ ଭାବେ ବସବାସ କରୁଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ବନ୍ୟା ପ୍ରତିକାର ପାଇଁ ତଳମୁଣ୍ଡରେ ନଦୀବନ୍ଧ ସୁଦୃଢ଼ କରାଯାଉଛି। ସୁନାମିର ପ୍ରଭାବ ହ୍ରାସ ପାଇଁ ତଟାଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି କରାଯାଉଛି। ଏହାବ୍ୟତୀତ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହାର ମୁକାବିଲା କରୁଛନ୍ତି ବୋଲି ସେ କହିଛନ୍ତି।


କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟାଠାରେ ସମୁଦ୍ର କୂଳ ଖାଉଛି।

# ପାଣି ଭିତରେ ମେଟ୍ରୋ ଟ୍ରେନ୍‌ର ମଜା ନେଲେ ସାଇକୃଷ୍ଣ

ଯାଜପୁର ଅଫିସ,୨୫।୫ :

ପାଣି ଆଉ ମାଟି ତଳେ ଚାଲୁଛି ମେଟ୍ରୋ ଟ୍ରେନ। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ହେଲେ ଏହାର ମଜା ଉଠାଇଛନ୍ତି ଯାଜପୁର ଜିଲା ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟର ୩ୟ ଶ୍ରେଣୀର ଛାତ୍ର ସାଇକୃଷ୍ଣ ମଲ୍ଲିକ। କୋଲକାତା ହୁଗୁଳି ନଦୀ ତଳେ ଟନେଲରେ ମେଟ୍ରୋ ଟ୍ରେନ ଚାଲିବା ଭାରତରେ ପ୍ରଥମ। ଗତ ୧୯ ତାରିଖରେ ହାୱାଡା ମଇଦାନରୁ ଟ୍ରାଏଲ ରନରେ ଏହି ମେଟ୍ରୋ ଟ୍ରେନ ଯାତ୍ରା କରିଥିଲା। ଏଥିରେ ସାଇକୃଷ୍ଣ ଯାତ୍ରା କରି ରେକର୍ଡ ସୃଷ୍ଟି କରିଥିଲେ। ତାଙ୍କର ଏଭଳି ସାହାସ ପାଇଁ ସମସ୍ତେ ସାବାସୀ ଦେଇଥିଲେ । ବନ୍ଦେ ଭାରତ ଟ୍ରେନରେ ବସି କୋଲକାତା ଯିବା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଟ୍ରେନରେ ଯାତ୍ରା କରିବାର ସୁଯୋଗ ପାଇବା ଏବଂ ସେଠାରେ ନଦୀ ତଳେ କିପରି ମେଟ୍ରୋ ଟ୍ରେନ ଯାଉଛି, ତାହା ଦେଖିବାର ସୁଯୋଗ ପାଇବା ଭଳି ଅନେକ ଆଶା ସାଇକୃଷ୍ଣଙ୍କ କୋମଳ ମନକୁ ଆନ୍ଦୋଳିତ କରିଥିଲା। ପ୍ରଥମ ଥର ପାଇଁ ସେ ହୁଗୁଳି ନଦୀ ତଳେ ଟନେଲରେ ରେଳଯାତ୍ରା କରିବାର ସୁଯୋଗ ପାଇଥିଲା।

କୋଲକାତାରେ ଖୁବଶୀଘ୍ର ରିଭର ପାସିଂ ମେଟ୍ରୋ ଟ୍ରେନ୍ ଲୋକାର୍ପିତ ହେବାକୁ ଯାଉଛି ବୋଲି ସୂଚନା ମିଳିଛି। ହୁଗୁଳି ନଦୀର ତଳେ ଟନେଲ ଭିତର ଦେଇ ଏହା ଅତିକ୍ରମ କରିବ । ପ୍ରଥମ ପର୍ଯ୍ୟାୟରେ ଏହା ୧୬ କି.ମି. ରାସ୍ତା ଅତିକ୍ରମ କରିବାକୁ ଥିବାବେଳେ ୫୨୦ମିଟର ଦୀର୍ଘ ନଦୀଗର୍ଭ ତଳେ ଦୁଃସାଧ ଟନେଲକୁ ଅତିକ୍ରମ କରିବ। ଅବଶିଷ୍ଟ ଭାଗ ମାଟି ତଳେ ରହିଛି । ପ୍ରଥମ କରି ଏହାର ଟ୍ରାଏଲ ରନରେ ନଦୀ ତଳେ ଓଡିଶା ଓ ପଶ୍ଚିମବଙ୍ଗ ସମେତ ଜାତୀୟ ଗଣମାଧ୍ୟମ, ୱେବ ଚ୍ୟାନେଲ ଓ ୟୁଟୁବରର ପ୍ରତିନିଧିମାନେ ଯାତ୍ରା କରିବାର ସୁଯୋଗ ପାଇଥିଲେ । ଏଥିରେ ୧୪୪ଜଣ ପ୍ରତିନିଧି ଏବଂ ରେଳବିଭାଗର ଯନ୍ତ୍ରୀ, ଅଧିକାରୀ, କର୍ମଚାରୀ, ରେଳ ସୁରକ୍ଷା ବଳର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ନେଇ ଏହି ଟ୍ରେନ ଯାତ୍ରା ଆରମ୍ଭ କରିଥିଲା। ଉପରୋକ୍ତ ଅଧିକାରୀମାନେ ପ୍ରଥମେ ବନ୍ଦେ ଭାରତ ଟ୍ରେନରେ ଯାଇ କୋଲକାତାରେ ପହଞ୍ଚିଥିଲେ। ରେଳ ମନ୍ତ୍ରଣାଳୟ ଓ କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନ ତଥା ମିଳିତ ସହଯୋଗରେ ସମସ୍ତ ଆୟୋଜନ କରାଯାଇଥିଲା। ଏଥିରେ ସର୍ବକନିଷ୍ଠ ଭାବେ ସାଇକୃଷ୍ଣ ସାମିଲ ହୋଇ ଥିଲେ।


ମେଟ୍ରୋ ଟ୍ରେନ୍‌ରେ ଯାଜପୁରର ସାଇକୃଷ୍ଣ ମଲ୍ଲିକ।

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

## ଦୁର୍ବୃତ୍ତଙ୍କ ଭୟରେ ଛାଡ଼ି ଗଲେ ସ୍କୁଟି

ଆଳି,୨୫।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ଦିନକୁଦିନ ଚୋରି, ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଗତ ସପ୍ତାହରେ ଗୋବିନ୍ଦପୁରର ଡା. ବଂଶୀଧର ମହାପାତ୍ରଙ୍କ ଘରୁ ବନ୍ଧୁକ ମୁନରେ ଚୋରି ଘଟଣା ଘଟିଥିଲା। ବୁଧବାର ରାତିରେ ଜୁଆଣିଆ ପଞ୍ଚାୟତ ହଦୁଆ ଗ୍ରାମର ଅଶୋକ ସାମଲଙ୍କ ଘରେ ୩ ଜଣ ଲୁଟେରା ପଶି ପରିବାରର ଛୋଟ ଛୁଆଙ୍କୁ ମାରି ଦେବାର ଧମକ ଦେଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ଟଙ୍କା ନେଇ ଯାଇଛନ୍ତି। ମିଳିଥିବା ସୂଚନା ମୁତାବକ, ଅଶୋକ ବୁଧବାର ଭୁବନେଶ୍ୱର ଯାଇ ରାତି ୧୦ଟାରେ ଘରକୁ ଫେରିଥିଲେ। ଅଶୋକଙ୍କ ପରିବାର ଲୋକ ଖାଇପିଇ ଶୋଇଥିବା ବେଳେ ୩ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ଏକ ଠେଙ୍ଗା ସାହାଯ୍ୟରେ ଧମକ ଚମକ ଦେଇ ସେମାନଙ୍କୁ ଭୟଭିତ କରାଇ ଆଲମିରାରୁ ନଗଦ ଟଙ୍କା, ସୁନା ଅଳଙ୍କାର ନେଇ ଯାଇଥିଲେ। ଏହି ସମୟରେ ଅଶୋକଙ୍କ ପରିବାର ଲୋକ ପାଟି କରିଥିଲେ। ପଡୋଶୀ ଆସି ଯିବାରୁ ଦୁର୍ବୃତ୍ତମାନେ ଆଣିଥିବା ସ୍କୁଟି ଛାଡ଼ି ପଳାଇ ଯାଇଥିଲେ। ଖବରପାଇ ଗୋବିନ୍ଦପୁର ଫାଣ୍ଡି ପୋଲିସ ଅଶୋକଙ୍କ ଘରେ ପହଞ୍ଚି ଦୁର୍ବୃତ୍ତଙ୍କ ସ୍କୁଟି ଜବତ କରିଛି। ଦୁର୍ବୃତ୍ତମାନେ ଅଶୋକଙ୍କ ଘରେ ମଦ୍ୟପାନ କରିବା ସହ ମଦ ବୋତଲ, ପାଣି ଆଦି ପକାଇଥିବା ଦେଖିବାକୁ ମିଳିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଫାଣ୍ଡିରେ ପାଟ୍ରୋଲିଂ ଗାଡ଼ି ନ ଥିବାରୁ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବଢ଼ିଛି ବୋଲି ଅଭିଯୋଗ କରିଛନ୍ତି ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ। ସେ କହିଛନ୍ତି, ଆଳି ଥାନାଠାରୁ ଧୋୟାଞ୍ଚଳର ୧୦ଟି ପଞ୍ଚାୟତ ଅନେକ ଦୂରରେ ରହିଛି। ଏହି ଅଞ୍ଚଳକୁ ପୋଲିସ ପାଟ୍ରୋଲିଂ ଗାଡ଼ି ଆସେ ନାହିଁ। ଫାଣ୍ଡି ନିକଟରେ ଥିଲେ ମଧ୍ୟ ଗାଡି ନ ଥିବାରୁ ପାଟ୍ରୋଲିଙ୍ଗ ହୋଇପାରୁନି। ଫାଣ୍ଡିକୁ ଗାଡି ଯୋଗାଇ ଦେଲେ ନିଶ୍ଚିତ ଭାବେ ପାଟ୍ରୋଲିଙ୍ଗ ହେବ ଓ ଲୁଟେରାମାନଙ୍କ ମଧ୍ୟରେ ଭୟ ସଞ୍ଚର ହେବ।


ଆଲମିରାରୁ ଦୁର୍ବୃତ୍ତ ଟଙ୍କା, ସୁନା ଅଳଙ୍କାର ଚୋରି କରି ନେଇଛନ୍ତି, ଛାଡ଼ି ଯାଇଥିବା ସ୍କୁଟି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଦିତ୍ୟ


@ ଅନୁରାଗ


@ ପୀୟୁଷ


@ ଶୀତାଶ



@ ସୁମନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚରିତ୍ର ସନ୍ଦେହରୁ ସ୍ୱାମୀ, ଦେଢ଼ଶୁର କରିଥିଲେ ହତ୍ୟା

## କଣ୍ଡରାପାଟିଆରେ ଅଜଣା ମହିଳାଙ୍କ ମୃତଦେହ ମିଳିବା ଘଟଣା

କେନ୍ଦ୍ରାପଡ଼ା ଅଫିସ, ୨୫।୫

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ବହୁଚର୍ଚ୍ଚିତ ଅଜଣା ମହିଳାଙ୍କୁ ହତ୍ୟା ଓ ୨ ବର୍ଷର ଶିଶୁକୁ ମରଣାତ୍ମକ ଆକ୍ରମଣ ଘଟଣାର ୨ବର୍ଷ ପରେ ରହସ୍ୟ ଫିଟିଛି। ଚରିତ୍ର ସନ୍ଦେହକୁ ନେଇ ହୋଇଥିବା ଏହି ହତ୍ୟା ଘଟଣାରେ ନଂ.୯୫/ ୨୩ ରେ ମାମଲା ରୁଜୁ କରି ଜିଲା ପୋଲିସ ମାର୍ଶାଘାଇ ଥାନା ଖମଗାଁବିନ୍ଧା ଗାଁର ମୃତ ମହିଳାଙ୍କ ସ୍ୱାମୀ ପବିତ୍ର ଖୁଣ୍ଟିଆ ଓ ଦେଢ଼ଶୁର ବସନ୍ତ ଖୁଣ୍ଟିଆଙ୍କୁ ଗୁରୁବାର ଗିରଫ କରିଛି। ଏ ସମ୍ପର୍କରେ ଏଏସ୍‌ପି ହରିଶ ଚନ୍ଦ୍ର ପାଣ୍ଡେ, ଏସ୍‌ଡିପିଓ ଅଫିସ ପରିସରରେ ଖବରଦାତା ସମ୍ମିଳନୀ କରି ଘଟଣାର ରହସ୍ୟ ପ୍ରକାଶ କରିଛନ୍ତି। ଏଏସ୍‌ପି ପାଣ୍ଡେଙ୍କ ସୂଚନା ଅନୁଯାୟୀ, ମୃତ ମହିଳା ହେଉଛନ୍ତି କେନ୍ଦୁଝର ଜିଲା ସୋସୋ ଥାନା ଅମ୍ବାନାଳିଆସ୍ଥ ଡଙ୍ଗାଘାଟ ସାହିର ସୋଲିଲି ବେହେରା ଓରଫ ମୀନା (୩୦)। ମୀନା ଓ ପବିତ୍ର ବିଭିନ୍ନ ସ୍ଥାନରେ ଏକାଠି ହୋଇ ଇଟା କାମ କରନ୍ତି। ଏହି ସମୟରେ ବିବାହ କରିବା ସହିତ ସେମାନଙ୍କର ୩ ପିଲା ହୋଇଥିଲା। ପ୍ରଥମ ପିଲାଟି ମରି ଯାଇଥିବା ବେଳେ ଦ୍ୱିତୀୟ ସନ୍ତାନ ପବିତ୍ରଙ୍କ ମା' ଓ ଭଉଣୀଙ୍କ ପାଖରେ ରୁହନ୍ତି। ତେବେ ୩ୟ ପୁଅ ଜନ୍ମ ସମୟରେ ମୀନାଙ୍କ ଚରିତ୍ରକୁ ସନ୍ଦେହ କରିବା ସହ ପୁଅ ନିଜର ନୁହେଁ କହି ଉଭୟଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏପ୍ରିଲ ୨୫ ତାରିଖରେ ପବିତ୍ର ସ୍ତ୍ରୀ ମୀନାଙ୍କୁ ଭିତରକନିକା ଅଞ୍ଚଳ ବୁଲାଇ ନେବାକୁ କହି ଜମ୍ବୁ ଥାନା ଅଞ୍ଚଳର କଣ୍ଡରାପାଟିଆକୁ ନେଇଥିଲେ। ସେଠାରେ ସାଙ୍ଗରେ ଥିବା ବଡଭାଇ ବସନ୍ତଙ୍କ ସହ ମିଶି ମୀନାଙ୍କ ବେକ କାଟି ଦେବା ସହ ୨ ବର୍ଷର ଶିଶୁଙ୍କୁ ନିକଟସ୍ଥ ଏକ ବିଦ୍ୟୁତ୍ ଖୁଣ୍ଟରେ ବାଡ଼େଇ ଦେଇଥିଲେ। ଶିଶୁ ମରି ଯାଇଥିବା ଭାବି ୨ ଭାଇ ଫେରି ଆସିଥିଲେ। ହେଲେ ଶିଶୁପୁତ୍ର ବଞ୍ଚି ଯାଇ ଏବେ ଏକ ଶିଶୁକେନ୍ଦ୍ରରେ ସୁରକ୍ଷିତ ଥିବା ଜଣାପଡ଼ିଛି। ଏହି ଘଟଣାକୁ ଗୁରୁତ୍ୱ ଦେଇ ଏସ୍‌ପି ମଡକର ସନ୍ଦିପ ସମ୍ପଦଙ୍କ ନିର୍ଦ୍ଦେଶକ୍ରମେ ଅନୁସନ୍ଧାନ ଚାଲିଥିଲା। ଟିମ୍‌ରେ ପୂର୍ବତନ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ବର୍ତ୍ତମାନର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ବିଭିନ୍ନ ଥାନାର ଅଧିକାରୀ ତପନ କୁମାର ନାୟକ, ପରେଶ କୁମାର ଦାସ, ମହେଶ୍ୱର ସେଠୀ, ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଥିଲେ ବୋଲି ସମ୍ମିଳନୀରେ ଏଏସ୍‌ପି ପାଣ୍ଡେ ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ଏଏସ୍‌ପି ହରିଶ ଚନ୍ଦ୍ର ପାଣ୍ଡେ ଓ ଅନ୍ୟ ପୋଲିସ ଅଧିକାରୀ।

# ଭିନ୍ନକ୍ଷମଙ୍କ ପାଇଁ ପ୍ରେରଣାର ଉତ୍ସ ସୁକାନ୍ତ

■ ଗୋଟିଏ ହାତ, ଗୋଡ଼ ଦ୍ୱାରା ସାଇକେଲ ମରାମତି କରୁଛନ୍ତି
■ ପରିସ୍ଥିତି ଆଗରେ ହାର ମାନିନାହାନ୍ତି

ପାରାଦୀପ,୨୫।୫(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ଅଠରବାଙ୍କିବଜାରରେ ଅଛି ଏକ ସାଇକେଲ ମରାମତି ଦୋକାନ। ଏହି ଦୋକାନ ଏଇଥି ପାଇଁ ନିଆରା ଯେ, ସେଠାରେ ସାଇକେଲ ମରାମତି କରୁଥିବା ବ୍ୟକ୍ତି ଜଣକ ହେଉଛନ୍ତି ଭିନ୍ନକ୍ଷମ। କାନ୍ଧ ପାଖରୁ ଡାହାଣ ହାତ ନାହିଁ। ଗୋଟିଏ ହାତ ଓ ଗୋଡ ଦ୍ୱାରା ସେ ସାଇକେଲ, ଗ୍ୟାସ ଚୁଲା ମରାମତି କାମ କରିବା ସହ ବିଭିନ୍ନ ପାର୍ଟ୍ସ ବିକୁଛନ୍ତି। ସେ ହେଲେ ଶୁକାନ୍ତ କୁମାର ମହାପାତ୍ର(୫୫)।

ଯୁବ ସୁଲଭ ଭଳି କାମ କରୁଛନ୍ତି ଏବଂ ସେହି ରୋଜଗାରରେ ପରିବାର ପ୍ରତିପୋଷଣ କରୁଛନ୍ତି। କିପରି ଏକ ହାତ ହରାଇଲେ ପଚାରିଲେ ସୁକାନ୍ତ କୁହନ୍ତି, ପିଲାବେଳେ ଗଛରୁ ଆମ୍ବ ତୋଳିବା ବେଳେ ଅସାବଧାନତା ବଶତଃ ତଳକୁ ଖସି ପଡିଥିଲି। ସେତେବେଳେ ହାତ ଭାଙ୍ଗି ଯାଇଥିଲା। ଚିକିତ୍ସା ସମୟରେ ସେପଟିକ୍ ହୋଇଯିବାରୁ ହାତ କାଟିବାକୁ ପଡିଥିଲା। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଶାସନପଡ଼ା ଗ୍ରାମରେ। ୩ ଭାଇ ମଧ୍ୟରେ ସେ ସବାସାନ ଥିଲେ। ସପ୍ତମ ଶ୍ରେଣୀରେ ପଢ଼ିଲା ବେଳେ ଏମିତି ଦୁର୍ଘଟଣା ଘଟିଥିଲା। ଗୋଟିଏ ହାତ ହରାଇବା ଏବଂ ଆର୍ଥିକ ଅନଟନ ଯୋଗୁ ନବମ ଶ୍ରେଣୀରୁ ପାଠରେ ଡୋରି ବନ୍ଧା ହେଲା। ୧୯୮୦ରେ ପାରାଦୀପ ଆସି ଏକ ସାଇକେଲ ଦୋକାନରେ ମରାମତି କାମ ଶିଖିଥିଲି। ପରେ ନିଜେ ଅଠରବାଙ୍କି ବଜାର ରାସ୍ତା କଡ଼ରେ ସାଇକେଲ ମରାମତି କାର୍ଯ୍ୟ ଆରମ୍ଭ କରିଥିଲି। ୧୯୯୫ରେ ପାରାଦୀପ ପୌର ପରିଷଦ ଅଠରବାଙ୍କି ବଜାର ନିର୍ମାଣ କରିବା ବେଳେ ସେତେବେଳେ ଅର୍ଥ ଜମା କରି ନିଜେ ଏକ ଦୋକାନ ଘର ପାଇଛି। ଏହି ଦୋକାନ ରୋଜଗାରରୁ ପରିବାର ଚଳାଇବା ସହ ବିଜୟଚନ୍ଦ୍ରପୁରଠାରେ ଏକ ନିଜସ୍ୱ ଘର ମଧ୍ୟ ସେ କରିଛନ୍ତି। ୨୦୦୩ରେ ବିବାହ କରିଥିଲେ। ଏବେ ୨ ପୁଅଙ୍କୁ ଉଚ୍ଚ ଶିକ୍ଷା ପାଇଁ ସମସ୍ତ ପ୍ରକାର ସହାୟତା ମଧ୍ୟ କରୁଛନ୍ତି। ଗୋଟିଏ ହାତ ହରାଇ ଥିଲେ ହେଁ ସେ କେବେ ନିଜକୁ ଅସହାୟ ବୋଲି ମନେ କରିନାହାନ୍ତି। କିମ୍ବା ସରକାରୀ ଭାବେ କୌଣସି ସହାୟତା ଏ ପର୍ଯ୍ୟନ୍ତ ନେଇ ନାହାନ୍ତି। ଓଲଟି ବିଭିନ୍ନ ଧାର୍ମିକ ଅନୁଷ୍ଠାନ ପାଇଁ ସାହାଯ୍ୟ ମଧ୍ୟ କରନ୍ତି। ଏଭଳି ଦୃଢ ମନୋବଳ ସମ୍ପର୍କରେ କୁହନ୍ତି, ଏଥିପାଇଁ ମୋର ବଡ଼ଭାଇ ଶରତଙ୍କ ଅବଦାନ ରହିଛି। ସେ ମୋତେ ମେଡ଼ିକାଲରେ ଥିବା ବେଳେ କହିଥିଲେ ଅବଶିଷ୍ଟ ଜୀବନ ଏମିତି ଗୋଟିଏ ହାତରେ ଚଳିବାକୁ ପଡିବ। ସେଥିପାଇଁ ତୋ ଆଗରେ ୨ଟି ବିକଳ୍ପ। ନିଜେ ଗୋଟିଏ ହାତରେ ସ୍ୱାବଲମ୍ବୀ ନା ଅନ୍ୟର ସାହାଯ୍ୟ ଜରିଆରେ ବଞ୍ଚିବୁ। ସେତେବେଳେ ବାମ ହାତରେ କାମ କରିବା ଏବଂ ଲେଖିବା ବହୁତ କଷ୍ଟ ହୋଇଥିଲା। ସମୟ ଓ ପରିସ୍ଥିତି ସେହି ବାମ ହାତରେ ସବୁକିଛି କରିବାକୁ ବାଧ୍ୟ କରିଛି ବୋଲି ସେ କୁହନ୍ତି। ଅନ୍ୟ ଭିନ୍ନକ୍ଷମଙ୍କ ସମ୍ପର୍କରେ କୁହନ୍ତି, କେବେ ବି ନିଜକୁ ଅସହାୟ କିମ୍ବା ଅସହଜ ଭାବନ୍ତୁ ନାହିଁ। ମନୋବଳ ଦୃଢ କରି ଆଗକୁ ବଢ଼ିଲେ ନିଶ୍ଚୟ ସଫଳତା ମିଳିବ।


ସୁକାନ୍ତ ଦୋକାନରେ ସାଇକେଲ ମରାମତି କରୁଛନ୍ତି।

# ନୟାଗଡ଼ରେ ବିଧାନସଭା ପାଠାଗାର କମିଟି

ନୟାଗଡ଼ ଅଫିସ,୨୫।୫

ଗୁରୁବାର ନୟାଗଡ଼ ଗସ୍ତରେ ଆସିଥିଲେ ବିଧାନସଭା ପାଠାଗାର କମିଟିର ୧୫ ବିଧାୟକ । କମିଟିର ଚେୟାରମ୍ୟାନ୍ ପ୍ରଫୁଲ୍ଲ ସାମଲଙ୍କ ନେତୃତ୍ୱରେ ଆସିଥିବା ୧୫ ବିଧାୟକ ଜିଲାର ନୟାଗଡ଼, ଦଶପଲ୍ଲାରେ ଥିବା ପାଠାଗାରଗୁଡିକ ପରିଦର୍ଶନ କରି ସୁବିଧା ଅସୁବିଧା ପଚାରି ବୁଝିଥିଲେ । ବିଧାୟକମାନେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପାଠାଗାର, ଖେଳପଡିଆ, କ୍ଲାସ ରୁମ୍, ବଗିଚା, ମହାବିଦ୍ୟାଳୟର ସୌନ୍ଦର୍ଯ୍ୟକରଣକୁ ବୁଲି ଦେଖିଥିଲେ । ପରେ ବିଧାୟକମାନେ ନୟାଗଡ଼ ପୁରୁଣାସହରସ୍ଥ ଜିଲା ଲାଇବ୍ରେରୀକୁ ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରିଥିଲେ । ପରେ ଦାଶିଆ ଅଜା ଲାଇବ୍ରେରୀ ପରିଦର୍ଶନ କରିଥିବାବେଳେ ଦଶପଲ୍ଲାର କୁଆଁରିଆ ଡ୍ୟାମ ପରିଦର୍ଶନ କରିଥିଲେ । ବିଧାୟକମାନେ ପ୍ରଥମେ ସର୍କିଟହାଉସ୍‌ରେ ପହଞ୍ଚିଥିଲେ । ସେଠାରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା


ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଧାନସଭା ପାଠାଗାର କମିଟିର ବିଧାୟକ।

## ଅନୁଧ୍ୟାନ କଲେ ପାଠାଗାରର ସୁବିଧା ଅସୁବିଧା

ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜିଲା ପରିଷଦ ସଭ୍ୟ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦେଇଥିଲେ । ୧୫ ଜଣିଆ ବିଧାୟକ ଦଳରେ ଅସ୍କା ବିଧାୟକ ମଞ୍ଜୁଳା ସ୍ୱାଇଁ, ପ୍ରଦୀପ ଭିସାରୀ, ଆଦିତ୍ୟ ମାଢ଼ି, ମହିଧର ରଣା, ପ୍ରଶାନ୍ତ ବେହେରା, ଅଙ୍ଗଦ କଅଁର, ସୂର୍ଯ୍ୟମଣି ବୈଦ୍ୟ, ଦାଶରଥୀ ଗମାଙ୍ଗ, ଅରୁଣ କୁମାର ସାହୁ, ସତ୍ୟ ନାରାୟଣ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଥିଲେ ।

**ବିଧାୟକଙ୍କ ପାଇଁ ପାଠାଗାର ଖୋଲା:** କେବଳ ବିଧାୟକମାନେ ହିଁ ପାଠାଗାରକୁ ଆସନ୍ତୁ । ଅନ୍ୟମାନେ ପାଠାଗାରକୁ ଆସନ୍ତୁ ନାହିଁ । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏପରି ଅଲିଖିତ ନିର୍ଦ୍ଦେଶନାମା ଜାରି କରିବା ପରେ କେହି ପ୍ରତିବାଦ କରି ନ ଥିଲେ । ଏପରି କି ବିଧାନସଭାର ପାଠଗାର କମିଟି ସହ ଯାଉଥିବା ଖବରଦାତା, ଜିଲାପାଳ, ନୟାଗଡ଼ ମହାବିଦ୍ୟାଳୟର କର୍ମଚାରୀ ଅଟକି ରହିଥିଲେ । ନୟାଗଡ଼ ବିଧାୟକଙ୍କ ଏଭଳି ଟିପ୍ପଣୀ ପରେ ଜଣାପଡୁଥିଲା ପାଠାଗାର କେବଳ ବିଧାୟକଙ୍କ ପାଇଁ କରାଯାଇଛି । ଜଣେ କେବଳ ବିଧାୟକ ହୋଇପାରିଲେ ନୟାଗଡ଼ ମହାବିଦ୍ୟାଳୟର ପାଠାଗାରକୁ ବୁଲିପାରିବ । ବିଧାୟକଙ୍କ ଏପରି ନିର୍ଦ୍ଦେଶ ପରେ ଅନେକ ଅସନ୍ତୋଷ ପ୍ରକାଶ କରିଥିଲେ । ଅନ୍ୟପକ୍ଷେ ନୟାଗଡ଼ ବିଧାୟକ ଜିଲାପାଳଙ୍କୁ ଡାକିବା ପରେ ମହାବିଦ୍ୟାଳୟ କର୍ମଚାରୀ ପାଠାଗାରକୁ ଯାଇଥିବା ଦେଖିବାକୁ ମିଳିଥିଲା । ପାଠାଗାର କମିଟିରେ ଯେଉଁ ବିଧାୟକ ମାନେ ଆସିଥିଲେ ସେଥିରେ ନୟାଗଡ଼ ବିଧାୟକଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ କରାଯାଇଥିଲା । ସେ ମହାବିଦ୍ୟାଳୟରେ ହେଉଥିବା ଉନ୍ନୟନମୂଳକ କାମଗୁଡ଼ିକୁ କମିଟିର ବିଧାୟକମାନଙ୍କୁ ଦେଖାଇ ବାହାବା ନେବାକୁ ଉଦ୍ୟମ କରିଥିଲେ ।

## ସଂକ୍ଷେପରେ

### ନୂଆଗାଁ ବିଜେଡି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ

**ନୂଆଗାଁ,୨୫।୫ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବିଜେଡି କର୍ମକର୍ତ୍ତାଙ୍କୁ ନୟାଗଡ଼ ବିଜେଡି ତରଫରୁ ଦାୟିତ୍ୱ ବଣ୍ଟନ କରାଯାଇଛି। ନୂଆଗାଁ ବ୍ଲକର ବରିଷ୍ଠ ବିଜେଡି କର୍ମୀ ଦିଲୀପ କୁମାର ଦଳବେହେରା ପୂର୍ବରୁ ଜିଲା ବିଜେଡି ଉପ ସଭାପତି ଥିଲେ । ତାଙ୍କୁ ପୁନର୍ବାର ସେହି ଦାୟିତ୍ୱ ଦିଆଯାଇଛି । ସନାତନ ସାମଲଙ୍କୁ ମଧ୍ୟ ପୁନର୍ବାର ବ୍ଲକ ବିଜେଡି ସଭାପତି ପଦବୀ ଦିଆଯାଇଛି । ନୂଆଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କୁ ସାଧାରଣ ସମ୍ପାଦକ ପଦବୀ ଦିଆଯାଇଥିବା ବିଜେଡି ତରଫରୁ ସୂଚନା ପ୍ରଦାନ କରାଯାଇଛି ।

### ଦୁର୍ଗା ବଜାର ମନ୍ଦିର କମିଟି ସଦସ୍ୟଙ୍କ ପରଲୋକ

**ଦଶପଲ୍ଲା,୨୫।୫(ଡି.ଏନ୍.ଏ.):** ଦଶପଲ୍ଲା ଦୁର୍ଗା ବଜାର ମନ୍ଦିର କମିଟି ସଦସ୍ୟ ଭାଗିରଥି ପତିଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ତାଙ୍କ ୭୬ ବର୍ଷ ବୟସ ହୋଇଥିଲା। ଚାକିରୀରୁ ଅବସର ନେବା ପରେ ସେ ସାମାଜିକ କର୍ମରେ ନିଜକୁ ନିୟୋଜିତ କରିଥିଲେ । ହେଲେ ଗତ କିଛିଦିନ ହେବ ସେ ଅସୁସ୍ଥ ହୋଇ ଘରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ ବୋହୂ ସମେତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ । ତାଙ୍କ ପରଲୋକ ଖବର ପାଇ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା , ଉପସଭାପତି ଅନ୍ତର୍ଯ୍ୟାମୀ ଭୂୟାଁ, ପରିବେଶବିତ୍ ପ୍ରଶନ୍ନ କୁମାର ପଣ୍ଡାଙ୍କ ସମେତ ବଜାରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# କଣ୍ଟିଲୋରେ କାଳବୈଶାଖୀ, ଜଣେ ମୃତ

## ଶତାଧିକ ଗଛ ଭାଙ୍ଗିଲା, ବିଦ୍ୟୁତ୍ ତାର ଛିଡ଼ିଲା


କାଳବୈଶାଖୀ ପ୍ରଭାବରେ ଭାଙ୍ଗିପଡ଼ିଥିବା ଏକ ବିଦ୍ୟୁତ୍ ଖୁଣ୍ଟି।


ପ୍ରବଳ ପବନ ସହ ବର୍ଷା ହେଉଥିବାର ଦୃଶ୍ୟ।


ରାସ୍ତା ଉପରେ ଭାଙ୍ଗି ପଡ଼ିଥିବା ଗଛ।

ଖଣ୍ଡପଡ଼ା,୨୫।୫(ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ, ବଡବାଣପୁର ଓ ଆଖପାଖ ଅଞ୍ଚଳରେ ଗୁରୁବାର ଅପରାହ୍ଣ ପ୍ରାୟ ସାଢେ ୫ଟା ସମୟରେ କାଳ ବୈଶାଖୀ ତାର ତାଣ୍ଡବ ଲୀଳା ସୃଷ୍ଟି କରିଥିଲା । ଏଥିରେ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଧାନଚେଙ୍ଗଡା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମର ଶ୍ରମିକ ଲଡୁଆ ଗୋଚ୍ଛି(୪୫) । ସେ କାମ ସାରି ଘରକୁ ଫେରୁଥିଲେ । ପ୍ରବଳ ବର୍ଷା ପବନ ଓ କାଳବୈଶାଖୀ ଯୋଗୁ ସେ ଏକ ଆମ୍ବଗଛ ମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବହୁ ଆମ୍ବ ଝଡ଼ି ତଳେ ପଡିଥିଲା । ସେହି ଆମ୍ବ ଗୋଟାଉଥିବା ବେଳେ ଏକ ବଡ ଡ଼ାଳ ଭାଙ୍ଗି ତାଙ୍କ ଉପରେ ପଡିଥିଲା । ଖବରପାଇ ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଅପରାହ୍ଣରେ ପ୍ରବଳ ବେଗରେ ପବନ ସହ ବର୍ଷା ଓ କୁଆପଥର ମାଡ଼ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି । କାଳବୈଶାଖୀ ପ୍ରଭାବରେ ରାସ୍ତା ପାର୍ଶ୍ୱରେ ଥିବା ବଡ ବଡ ଗଛ ଭାଙ୍ଗି ପଡିବା ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଗଛଗୁଡିକ ରାସ୍ତା ଉପରେ ପଡ଼ିଥିବାରୁ ଯାନବାହାନ ଅଟକି ରହିଥିବା ଦେଖିବାକୁ ମିଳିଛି । ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ଗଛ ଡାଳ ଭାଙ୍ଗି ବିଦ୍ୟୁତ୍ ଖୁଣ୍ଟ ଉପରେ ପଡିବା ଯୋଗୁ ନାନା ସମସ୍ୟା ସୃଷ୍ଟି ହୋଇଛି। ତାର ଛିଡ଼ିବା ସହିତ ବହୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି । ଏହି ରିପୋର୍ଟ ଲେଖା ହେବ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବସ୍ଥାରେ ସୁଧାର ଆସିନାହିଁ । ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବାରେ ବିଳମ୍ବ ହେବ ବୋଲି କଣ୍ଟିଲୋ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ରମେଶ କୁମାର ସାହୁ କହିଛନ୍ତି । ଜେସିବ ମେଶିନ ଦ୍ୱାରା ରାସ୍ତା ଉପରୁ ଗଛ ଡାଳ ସଫା କରାଯାଇ ଯାତାୟତ ସ୍ୱାଭାବିକ କରିବାର ବ୍ୟବସ୍ଥା କରାଯାଉଛି । ଅପରପକ୍ଷେ କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଅନେକ ଚାଳ ଛପର, ଟିଣ, ଟାଇଲି ଓ ଆଜବେଷ୍ଟ ଘର, ଟିଣ ଛପର ଘର ଭାଙ୍ଗି ନଷ୍ଟ ହୋଇଥିବା ସୂଚନା ମିଳିଛି । ବିଦ୍ୟୁତ୍ ସରବରାହ ବନ୍ଦ ଯୋଗୁ କଣ୍ଟିଲୋ ବିଦ୍ୟୁତ ସେକ୍ସନ ଅଧୀନ ପ୍ରାୟ ୩୦ ଖଣ୍ଡ ମୌଜାର ଅଞ୍ଚଳବାସୀ ଅନ୍ଧାରରରେ ରହିଥିବା ଜଣାପଡିଛି । ଖଣ୍ଡପଡା, କଣ୍ଟିଲୋ, ବାଣପୁର ଓ ଖଳିସାହିର ବିଦ୍ୟୁତ୍ କର୍ମଚାରୀମାନେ ଜନସାଧାରଣଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି କାଳ ବୈଶାଖୀରେ ପ୍ରକୃତ କ୍ଷୟକ୍ଷତିର ଆକଳନ ଶୁକ୍ରବାର ଜଣାପଡିବ ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦିତ୍ୟ


@ ଅନୁରାଗ


@ ପୀୟୂଷ


@ ଶାଡିଶ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୮ ଶୈବପୀଠରେ ଦେବଦମ୍ପତିଙ୍କ ବିବାହ

ଗଣିଆ,୨୫।୫ (ଡି.ଏନ୍.ଏ.)

ଶୀତଳଷଷ୍ଠୀ ଅବସରରେ ବୁଧବାର ଗଣିଆ ବ୍ଲକର ୮ ପ୍ରମୁଖ ଶୈବପୀଠରେ ଶିବପାର୍ବତୀଙ୍କ ବିବାହ ମହାଆଡମ୍ବରରେ ସମ୍ପନ୍ନ ହୋଇଛି । ପଞ୍ଚୁପଲ୍ଲୀପ୍ରଗଣାସ୍ଥିତ ଗୁପ୍ତେଶ୍ୱର ମହାଦେବଙ୍କ ସହ ମାତା ପାର୍ବତୀଙ୍କ ବିବାହ ଉତ୍ସବ ମଧାହ୍ନରେ ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ମାତା ପାର୍ବତୀଙ୍କ ସୌଭାଗ୍ୟ ଲାଭ କରିଥିବା ଗଙ୍ଗାଧର ସାହୁ ମଙ୍ଗଳବାର ରୀତିନୀତି ଅନୁଯାୟୀ ମଙ୍ଗଳକୃତ୍ୟ ଓ ବରଧରା କାର୍ଯ୍ୟ କରିଥିଲେ । ବୁଧବାର ମଧାହ୍ନରେ ବରପିତା ଭାବେ ମଳୟ ରଞ୍ଜନ ପଟ୍ଟନାୟକ ବରଯାତ୍ରୀଙ୍କ ସହ ପ୍ରଭୁ ଗୁପ୍ତେଶ୍ୱର ମହାଦେବଙ୍କୁ ବର ବେଶରେ ସଜେଇ ଡିମିରିଛକ ଦୋଳମଣ୍ଡପଠାରୁ ବାଜା,ବାଣ ଓ ପଟୁଆରରେ ମନ୍ଦିର ପରିସର ବିବାହ ମଣ୍ଡପରେ ପହଞ୍ଚିଥିଲେ। କନ୍ୟାପିତା ପ୍ରଭୁ ଗୁପ୍ତେଶ୍ୱରଙ୍କୁ ବାଟବରଣୀ କରି ବିବାହ ମଣ୍ଡପକୁ ପାଛୋଟି ନେଇଥିଲେ। ମନ୍ଦିର ବଡୁପୂଜକ ସମାଜ ତରଫରୁ ବରଯାତ୍ରୀ ଓ ନିମନ୍ତ୍ରିତ ଅତିଥିମାନଙ୍କୁ ଥଣ୍ଡା ପାଣି,ପଣା ଓ ଭୋଜିଭାତରେ ଆପ୍ୟାୟିତ କରାଯାଇଥିଲା। ଅପରପକ୍ଷେ କୂଳ ପୁରୋହିତ କାଳିନ୍ଦୀ ମିଶ୍ରଙ୍କ ମନ୍ତ୍ରଧ୍ୱନୀ ସହ ହରିବୋଲ, ହୁଳହୁଳି,ଘଣ୍ଟ ଓ ସଂକୀର୍ତ୍ତନ ଧ୍ୱନୀରେ ପ୍ରଭୁ ଗୁପ୍ତେଶ୍ୱର ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇ ଅପରାହ୍ନ ୫ଟାରେ ଶେଷ ହୋଇଥିଲା । ସେହିପରି ବୁଧବାର ସନ୍ଧ୍ୟାରେ ବ୍ଲକର ରାଉତପଡା,ଗଣିଆ, ଜଗନ୍ନାଥପ୍ରସାଦ, ବଡମୂଳ, ଡଙ୍କାରିସାହି, ପତଣ୍ଡା ଓ ଇନ୍ଦିପଙ୍ଗା ଗ୍ରାମର ଶୈବ ପୀଠରେ ଦେବଦମ୍ପତିଙ୍କ ବିବାହ ମହାଆଡମ୍ବରରେ ଅନୁଷ୍ଠିତ ହୋଇଥିଲା ।


ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଚାଲିଛି।

# ଆଇନଜୀବୀଙ୍କୁ ଦୁର୍ବ୍ୟବହାର ନେଇ ବିବାଦ ତେଜୁଛି

- ତହସିଲଦାରଙ୍କୁ ବଦଳି କରି କରାଯାଉ ତଦନ୍ତ
- ବଦଳି ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍

ନୟାଗଡ଼ ଅଫିସ,୨୫।୫

ନୟାଗଡ଼ ଜିଲା ରଣପୁର ଖମାରସାହିର ଲିତାଞ୍ଜଳି ସାହୁ(୫୨) ନାମ୍ନୀ ଜଣେ ମହିଳା ଆଇନଜୀବୀଙ୍କୁ ରଣପୁର ତହସିଲଦାର ଦୁର୍ବ୍ୟବହାର କରିବା ଘଟଣା ବିବାଦୀୟ ହୋଇପଡିଛି । ତହସିଲଦାରଙ୍କୁ ବଦଳି କରି କାର୍ଯ୍ୟାନୁଷ୍ଠାନ ନେବାକୁ ଆଇନଜୀବୀ ସଂଘ ଅଡି ବସିଥିବାବେଳେ ରଣପୁରର କେତେଜଣ ବ୍ୟକ୍ତି ତହସିଲଦାରଙ୍କୁ ବଦଳି ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏଭଳି ସ୍ଥଳେ ତହସିଲଦାର ଦୁର୍ବ୍ୟବହାର ଘଟଣା ଧିରେ ଧିରେ ନୂଆ ମୋଡ ନେବା ଆରମ୍ଭ କରିଛି । ତେବେ ରଣପୁର ମହିଳା ଆଇଜୀବୀଙ୍କୁ ଦୁର୍ବ୍ୟବହାର ଘଟଣାରେ ନୟାଗଡ଼ ବାର ଆସୋସିଏଶନ ନିନ୍ଦା କରିଛି । ଘଟଣାର ନିରପେକ୍ଷ ତଦନ୍ତ ପାଇଁ ତହସିଲଦାରଙ୍କୁ ବଦଳି କରିବାକୁ ନୟାଗଡ଼ ବାର ଆସୋସିଏଶନର ସଭାପତି ମନୋରଞ୍ଜନ ମହାପାତ୍ର ଓ ସମ୍ପାଦକ ସ୍ୱଦେଶ ମିଶ୍ର ଦାବି କରି ପ୍ରେସ ବିବୃତ୍ତି ଦେଇଛନ୍ତି । ଅନ୍ୟପକ୍ଷେ ନୟାଗଡ଼ ବାର ଆସୋସିଏଶନର ପୂର୍ବତନ ସଭାପତି ରଣଜିତ ଦାଶ ଓ ବରିଷ୍ଠ ଆଇନଜୀବୀ ଅମୀୟ ପଟ୍ଟନାୟକ କହିଛନ୍ତି, ମହିଳା ଆଇନଜୀବୀଙ୍କ ଅଭିଯୋଗ ପରେ ଜଣେ ତହସିଲଦାରଙ୍କ ବିରୋଧରେ ରଣପୁର ଥାନାରେ ଫୌଜଦାରୀ ମାମଲା ରୁଜୁ ହୋଇଛି । ତେବେ ତହସିଲଦାରଙ୍କୁ ପୋଲିସ କାହିଁକି ଗିରଫ କରୁନାହିଁ । ମୁଖ୍ୟମନ୍ତ୍ରୀଙ୍କ ଭାଷାରେ ଆଇନକୁ ତା'ବାଟରେ ଯିବାକୁ କାହିଁକି ଦିଆଯାଉନି । ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି । ଅପରପକ୍ଷେ ରଣପୁର ତହସିଲଦାରଙ୍କୁ ବଦନାମ ଓ ନିନ୍ଦିତ କରିବାକୁ ଗୁପ୍ତମନ୍ତ୍ରଣା ହୋଇଛି । ଏହାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଆରଡିସି, ଜିଲାପାଳ, ଉପଜିଲାପାଳ, ଏସପିଙ୍କ ନିକଟରେ ରଣପୁରର କେତେଜଣ ବ୍ୟକ୍ତି ବିଚିତ୍ର କୁମାର ପାଇକରାୟଙ୍କ ନେତୃତ୍ୱରେ ଫେରାଦ୍ ହୋଇଛନ୍ତି । ଅଭିଯୋଗ ଅନୁସାରେ ରଣପୁର ତହସିଲ ଅଞ୍ଚଳରେ ବେଆଇନ ମାଙ୍କଡା ଖଣି ଖନନ ଓ ପରିବହନ ବଢ଼ି ଚାଲିଥିଲା । ଏନ୍‌ଜିଟିରେ ମାମଲା ପରେ ରଣପୁର ତହସିଲଦାର ଈପ୍‌ସିତା ସାହୁ ଚଢ଼ାଉ ଓ ଧରପଗଡକୁ ତ୍ୱରାନ୍ୱିତ କରିଛନ୍ତି । ଏଣୁ ଅନେକ ଖଣି ବ୍ୟବସାୟୀ, ଚାନ୍ଦା ନେଉଥିବା ବ୍ୟକ୍ତିଙ୍କ କ୍ଷତି ହେଉଛି । ଯେଉଁମାନେ କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ସହଯୋଗରେ ରଣପୁର ତହସିଲଦାରଙ୍କୁ ବଦଳି କରିବାକୁ ଚାପ ପ୍ରୟୋଗ କରୁଛନ୍ତି । ଏଥିପାଇଁ ତହସିଲଦାରଙ୍କୁ ନିନ୍ଦିତ ଓ ବଦନାମ କରିବାକୁ ଗୁପ୍ତମନ୍ତ୍ରଣା କରାଯାଇ ସବୁ ଯୋଜନା ମୁତାବକ ହେଉଛି । ସେହିଭଳି ରଣପୁରରେ ଏକ କମନ ସର୍ଭିସ ସେଣ୍ଟର ୪୦ ହଜାର ଟଙ୍କା ସରକାରଙ୍କୁ ନ ଦେଇ ବକେୟା ରଖିଛି । ବକେୟା ଅର୍ଥ ତୁରନ୍ତ ପଇଠ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେବା ପରେ ତାଙ୍କୁ ହଟାଇବାକୁ ଯୋଜନା କରା ଯାଇଛି । ଏକ କମନ ସର୍ଭିସ ସେଣ୍ଟର ୪୦ ହଜାର ଟଙ୍କା ବକେୟା ଘଟଣାର ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ପଦାକୁ ଆସିବ । ଏଣୁ ଅଯଥାରେ ତହସିଲଦାରଙ୍କୁ ବଦଳି ନ କରିବାକୁ ଦାବି ଉଠିଲାଣି ।

ସୂଚନାଯୋଗ୍ୟ, ଖମାରସାହିର ଲିତାଞ୍ଜଳି ସାହୁ(୫୨) ନାମ୍ନୀ ଜଣେ ମହିଳା ଆଇନଜୀବୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗ କରି ରଣପୁର ଥାନାରେ ଏତଲା ଦେବା ପରେ ତହସିଲଦାରଙ୍କ ବିରୋଧରେ ମାମଲା ହୋଇଛି । ସେହିପରି ରଣପୁର ତହସିଲଦାର ଈପ୍‌ସିତା ସାହୁ ମହିଳା ଆଇନଜୀବୀଙ୍କ ବିରୋଧରେ ରଣପୁର ଥାନାରେ ପାଲଟା ଅଭିଯୋଗ କରିବା ପରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। କିଛି ଦିନ ହେଲା ତହସିଲଦାର ଛୁଟିରେ ଥିଲେ । ଗୁରୁବାର କାର୍ଯ୍ୟରେ ଯୋଗ ଦେବା ପରେ ପୁଣି ବିବାଦ ବଢ଼ିବା ଆରମ୍ଭ କରିଛି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:...............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେବଦମ୍ପତିଙ୍କ ନଗର ପରିକ୍ରମା

**ସମ୍ବଲପୁର,୨୫।୫ (ବ୍ୟୁରୋ)**

■ ଦର୍ଶନ ପାଇଁ କନ୍ୟାଘରେ ଶ୍ରଦ୍ଧାଳୁଙ୍କ ଭିଡ଼

■ ରାଜ୍ୟ ବାହାର କଳାକାର ମନ ମୋହିଲେ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ନବ ବିବାହିତ ଦେବଦମ୍ପତି ଗଇଁଠାଳ ହୋଇ ବିଳମ୍ବିତ ରାତ୍ରିରେ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରା ସମୟରେ ଶିବପାର୍ବତୀଙ୍କ ଯୁଗଳମୂର୍ତ୍ତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ନଗର ପରିକ୍ରମାରେ ଝାଡ଼ୁଆପଡ଼ା ଆରଣ୍ୟ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତ ଚାନ୍ଦିମେଢ଼ ବେଶ୍ ଆକର୍ଷଣୀୟ ହୋଇଥିଲା। ଏହା ସହ ରାଜ୍ୟ ବାହାର ଓ ଆଞ୍ଚଳିକ କଳାକାରଙ୍କ ନୃତ୍ୟଗୀତ ମନ ମୋହିଥିଲା।

ରାତିରେ ମଙ୍ଗଳ ଆଳତି ପରେ ନନ୍ଦପଡ଼ା ବମ୍ବରାଡ ବାଲୁଙ୍କେଶ୍ୱର ବାବା, ବାଲିବନ୍ଧା ସୋମନାଥ ବାବା, ଝାଡ଼ୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା, ବୁଢ଼ାରଜା ମହାଦେବ, ବଡ଼ବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଗୁଡ଼େଶ୍ୱର ବାବା ଓ ଜଗତ୍‌ଜନନୀ ମାତା ପାର୍ବତୀ ସୁସଜ୍ଜିତ ସିଂହାସନରେ ଉପବିଷ୍ଟ ହୋଇ ନଗର ପରିକ୍ରମାରେ ବାହାରିଥିଲେ। ଯାତ୍ରାପଥରେ ମହିଳାମାନେ ଘର ସମ୍ମୁଖରେ ପୂର୍ଣ୍ଣକଳସ ସ୍ଥାପନ କରିବା ସହ ଦୀପ ଜାଳି ଦେବଦମ୍ପତିଙ୍କୁ ବନ୍ଦାଣ କରିଥିଲେ। ଶିବପାର୍ବତୀଙ୍କ ଏହି ଅପୂର୍ବ ବେଶ ଦେଖିଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଜନଶ୍ରୁତି ରହିଛି। ଅପରପକ୍ଷେ କିନ୍ନରମାନେ ଅଭିଶପ୍ତ ଜୀବନରୁ ମୁକ୍ତି ପାଇବା ପାଇଁ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶିବପାର୍ବତୀଙ୍କ ବିବାହ ଶେଷ ପରେ କନ୍ୟାଘରେ ଗୁରୁବାର ସକାଳ ୮ଟାରୁ ପ୍ରତ୍ୟେକ ବିବାହ ମଣ୍ଡପରେ ଭକ୍ତମାନେ ଦର୍ଶନ କରିଥିଲେ। ମଧ୍ୟାହ୍ନରେ ସାମୂହିକ ପ୍ରସାଦସେବନ ଓ ଗୋଧୂଳି ଲଗ୍ନରେ କନ୍ୟା ବିଦାୟ ହୋଇଥିଲା। ପଞ୍ଚ ଉପଚାର ଓ ୧୦୮ ମହା ଆଳତି କରାଯାଇଥିଲା। ଏହାପରେ ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି, ପାରମ୍ପରିକ ଲୋକବାଦ୍ୟ, ଲୋକଗୀତରେ ମଣ୍ଡପ ପରିସର ଝୁମି ଉଠିଥିଲା। ଆତସବାଜିରେ ଆଲୋକ ବିକିରଣ ମୁକ୍ତାକାଶକୁ ରଙ୍ଗିନ କରିଥିଲା। ଦେବଦେବ ମହାଦେବ, ବମ୍ ବମ୍ ଭୋଲେ, ହରହର ମହାଦେବ ଜୟ ଧ୍ୱନିରେ ଭକ୍ତମାନେ ଶିବପାର୍ବତୀଙ୍କୁ ସୁସଜ୍ଜିତ ବିମାନରେ ଉପବିଷ୍ଟ କରାଇଥିଲେ। ସମ୍ବଲପୁର ଶୀତଳଷଷ୍ଠୀ ମିଳିତ ସମନ୍ୱୟ କମିଟି, ବଡ଼ବଜାର, ଠାକୁରପଡ଼ା, ଦୁର୍ଗାପାଲି, ବୁଢ଼ାରଜା କମିଟି ଆୟୋଜିତ ଶୋଭାଯାତ୍ରାରେ ଲୋକନୃତ୍ୟ, ଲୋକବାଦ୍ୟ ଓ ସଙ୍ଗୀତ ପରିବେଷିତ ହୋଇଥିଲା। ଶୁକ୍ରବାର ଗୋଧୂଳି ଲଗ୍ନରେ ଦେବଦମ୍ପତି ମନ୍ଦିର ପ୍ରବେଶ କରିବା କାର୍ଯ୍ୟକ୍ରମ ରହିଛି।


ଦେବଦମ୍ପତିଙ୍କ ନଗର ପରିକ୍ରମା।

# ହାତୀ ଆକ୍ରମଣରେ ୱାର୍ଡମେମ୍ବରଙ୍କ ମୃତ୍ୟୁ

**କେନ୍ଦୁଝର/ଆନନ୍ଦପୁର/ତେଲକୋଇ, ୨୫।୫(ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ବିମଳା ଫରେଷ୍ଟ ସେକ୍ସନ ବନବିହାରିପୁର ନୂଆଗାଁରେ ହାତୀ ଆକ୍ରମଣରେ ଜଣେ ମହିଳା ୱାର୍ଡମେମ୍ବରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦୁତୀୟା ନାୟକଙ୍କ ସ୍ତ୍ରୀ ଦ୍ରୌପଦୀ ନାୟକ। ସେ ଆକୁଳ ପଞ୍ଚାୟତ ୧୦ ନଂ. ୱାର୍ଡର ୱାର୍ଡମେମ୍ବର ଥିଲେ।

ବୁଧବାର ରାତିରେ ଅଞ୍ଚଳରେ ଝଡ଼ ବର୍ଷା ହୋଇଥିଲା। ଗୁରୁବାର ଭୋରରୁ ଦ୍ରୌପଦୀ ଘର ପାଖ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ସେଠାରେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଧରି କଚାଡି ଦେଇଥିଲା। କିଛି ସମୟ ପରେ ଘରଲୋକ ପହଞ୍ଚି ତାଙ୍କୁ ଉଦ୍ଧାରକରି ତେଲକୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେଲକୋଇ ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ପ୍ରଥମ ପର୍ଯ୍ୟାୟରେ ୬୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ଅବଶିଷ୍ଟ ୫.୪ଲକ୍ଷ ପ୍ରଦାନ କରାଯିବ। ଲୋକଙ୍କୁ ସଚେତନ କରାଯାଉଥିଲେ ହେଁ ଶୁଣୁ ନ ଥିବାରୁ ଏଭଳି ଅଘଟଣ ଘଟୁଥିବା ସେ କହିଛନ୍ତି। ସେହିପରି ଆନନ୍ଦପୁରର ବ୍ଲକ କୋଡ଼ପଡ଼ା ପଞ୍ଚାୟତ ଗୋଳାବନ୍ଧ ଗ୍ରାମରେ ଗୁରୁବାର ହାତୀ ଆକ୍ରମଣରେ ଜଇରାମ ନାଇକ(୭୪) ଗୁରୁତର ହୋଇଛନ୍ତି। ସେ ଭୋର ସମୟରେ ଶୌଚ ହେବାକୁ ବାହାରକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଫିଙ୍ଗିଦେଇଥିଲା। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ବନବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି।


ୱାର୍ଡମେମ୍ବର ଦ୍ରୌପଦୀ ନାୟକ।

# ମା', ସାବତ ବାପାଙ୍କୁ ଆଜୀବନ କାରାଦଣ୍ଡ

**ବାଲେଶ୍ୱର ଅଫିସ, ୨୫।୫**

**ଝିଅକୁ ତଣ୍ଟି ଚିପି ହତ୍ୟା ମାମଲା**

ଏକ ନାବାଳିକା ଝିଅଙ୍କୁ ତଣ୍ଟି ଚିପି ହତ୍ୟା ମାମଲାର ଶୁଣାଣି କରି ଗୁରୁବାର ବାଲେଶ୍ୱର ସ୍ୱତନ୍ତ୍ର ଓପିଆଇଡି (ଓଡ଼ିଶା ପ୍ରୋଟେକ୍ସନ୍ ଇଣ୍ଟରେଷ୍ଟ ଅଫ୍ ଇନ୍‌ଭେଷ୍ଟର୍ସ ଡିପୋଜିଟର) କୋର୍ଟ ବିଚାରପତି ବିଶ୍ୱଜିତ୍ ଦାସ ଅଭିଯୁକ୍ତ ମା' ଓ ସାବତ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବାଲେଶ୍ୱର ଟାଉନ ଥାନା ଅଧୀନ ପୁଲବଜାର ଅଞ୍ଚଳର ବେବି ବିଞ୍ଝି ନିଜର ପ୍ରଥମ ସ୍ୱାମୀଙ୍କୁ ଛାଡ଼ି ଦ୍ୱିତୀୟ ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ୱାମୀଙ୍କର ୧୩ବର୍ଷର ଝିଅ ଜଣେ ଯୁବକଙ୍କୁ ଭଲ ପାଉଥିଲେ। ଏହାକୁ ମା' ଓ ଦ୍ୱିତୀୟ ସ୍ୱାମୀ ସେକ ଅବଦୁଲ ରହିମ୍ ବାରଣ କରିଥିଲେ। ଝିଅ ଏହାକୁ ମାନି ନ ଥିଲେ। ୨୦୨୨ ଜୁନ୍ ୨୫ ତାରିଖ ରାତିରେ ଝିଅଟି ଶୋଇଥିବା ବେଳେ ଉଭୟ ମା' ଓ ସାବତ ବାପା ମିଶି ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ୨୬ ତାରିଖ ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ୨୮ ତାରିଖରେ ମୃତ ନାବାଳିକାଙ୍କ ବାପା ସେକ କୁତୁବଉଦ୍ଦିନ ଟାଉନ ଥାନାରେ ଝିଅକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୪୭/୨୨) ରୁଜୁ କରି ତଦନ୍ତ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ହତ୍ୟା ମାମଲା ବୋଲି ଜଣାପଡ଼ିଥିଲା। ଅଟକ ଥିବା ମା' ଓ ସାବତ ବାପାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଜଜ୍ ୯ ସାକ୍ଷ୍ୟ ଓ ୧୮ ଦସ୍ତାବିଜକୁ ଭିତ୍ତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ଯୁକ୍ତ୨ ନାମଲେଖା ତାଲିମ କାର୍ଯ୍ୟକ୍ରମରେ ଅନୁପସ୍ଥିତ ୯ ଶିକ୍ଷାନୁଷ୍ଠାନକୁ ନୋଟିସ

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

ମେ' ୨୯ରୁ ଯୁକ୍ତ୨ ନାମଲେଖା ପାଇଁ ଆବେଦନ ଆରମ୍ଭ ହେଉଛି। ଏହି ଅନ୍‌ଲାଇନ୍ ନାମଲେଖା ପ୍ରକ୍ରିୟାର ସୁପରିଚାଳନା ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ତେବେ ଏଥିରେ ଯୋଗଦେଇ ନ ଥିବା ୯ଟି ଶିକ୍ଷାନୁଷ୍ଠାନକୁ ଉଚ୍ଚ ଶିକ୍ଷା ବିଭାଗ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଗତ ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ୩୦ଟି ନୋଡାଲ କଲେଜ ଓ ୭୦ଟି ସାମ୍‌ସ ରିସୋର୍ସ ସେଣ୍ଟରକୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଚିଠି କରାଯାଇଥିଲା। ମାତ୍ର ଏଥିରେ ୯୧ ଶିକ୍ଷାନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ। ୯ଟି କଲେଜର ଆଡ୍‌ମିଶନ ଇନ୍‌ଚାର୍ଜ କିମ୍ବା ଡାଟା ଏଣ୍ଟ୍ରି ଅପରେଟର ଯୋଗଦେଇ ନ ଥିଲେ। ଏହି କଲେଜଗୁଡ଼ିକ ମଧ୍ୟରେ ବାଲେଶ୍ୱର ସୋରସ୍ଥିତ ଉପେନ୍ଦ୍ରନାଥ ଡିଗ୍ରୀ କଲେଜ, ଦେବଗଡ଼ର ରେମାଳ ଡିଗ୍ରୀ କଲେଜ, ଗଜପତି କାଶୀନଗରସ୍ଥିତ ଶ୍ରୀରାମ ଡିଗ୍ରୀ କଲେଜ, ଗଞ୍ଜାମ ଭଞ୍ଜନଗରସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଡିଗ୍ରୀ କଲେଜ, ଛତ୍ରପୁରସ୍ଥିତ ସରକାରୀ ବିଜ୍ଞାନ ଡିଗ୍ରୀ କଲେଜ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍ ଡିଗ୍ରୀ କଲେଜ, ମାଲକାନଗିରି ଗୋବିନ୍ଦପାଲିସ୍ଥିତ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଅଫ୍ ଏଜୁକେଶନ ଏବଂ ସମ୍ବଲପୁର କେସାଇବାହାଲସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ରହିଛି। ତେବେ କେଉଁ କାରଣରୁ ସଂପୃକ୍ତ କଲେଜଗୁଡ଼ିକ ଏହି ଗୁରୁତ୍ୱପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଲେ ନାହିଁ ସେ ସମ୍ପର୍କରେ ଲିଖିତ ଭାବରେ ୨୯ ତାରିଖ ପୂର୍ବରୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସରକାରୀ ବସ୍‌ରୁ ଗଞ୍ଜେଇ ଜବତ

**କନ୍ଧମାଳ,୨୫।୫(ଡି.ଏନ.ଏ.)**

ଗୁରୁବାର ସନ୍ଧ୍ୟାରେ ବୌଦ୍ଧ ଜିଲାର ମନମୁଣ୍ଡା ଠାରେ ପୋଲିସ ଏକ ସରକାରୀ ବସ୍‌ରୁ ବିପୁଳ ପରିମାଣର ଗଞ୍ଜାଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବସ୍ ଡ୍ରାଇଭର, କଣ୍ଡକ୍ଟର, ହେଲପରଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଅନ୍ୟପକ୍ଷରେ ତଦନ୍ତ ଚାଲିଥିବାରୁ କେତେ ପରିମାଣର ଗଞ୍ଜେଇ ଜବତ କରାଯାଇଛି, ସେନେଇ ପୋଲିସ କୌଣସି ସୂଚନା ଦେଇନାହିଁ।

ପ୍ରକାଶ ଯେ, ପ୍ରତିଦିନ ଭଳି ଗୁରୁବାର ସନ୍ଧ୍ୟା ୭ଟାରେ ଯାତ୍ରୀମାନଙ୍କୁ ନେଇ କନ୍ଧମାଳରୁ ପୁରୀ ଅଭିମୁଖେ ଯାଉଥିବା ଏକ ସରକାରୀ ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ମନମୁଣ୍ଡା ପୋଲିସକୁ ଖବର ମିଳିଥିଲା। ଫଳରେ ପୋଲିସ ମନମୁଣ୍ଡା ଠାରେ ଉକ୍ତ ବସ୍‌କୁ ଅଟକାଇ ତନଖି କରିଥିଲା। ଯାଞ୍ଚ ସମୟରେ ଗାଡିର ଡିକି ଓ ବସ୍ ଭିତରୁ ବହୁ ପରିମାଣର ଗଞ୍ଜେଇ ଜବତ ହୋଇଛି। ବସକୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ଏହି ବସ୍ କନ୍ଧମାଳରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏକ ନିଛାଟିଆ ଖୋଲା ପଡିଆରେ ରହୁଛି। ଗଞ୍ଜେଇ ବ୍ୟବସାୟୀମାନେ ଏହାର ସୁଯୋଗ ନେଇ ବସ୍ କର୍ମଚାରୀଙ୍କ ଜାଣତରେ ଗଞ୍ଜେଇ ଚାଲାଣ କରୁଥିବାର ସନ୍ଦେହ କରାଯାଉଛି।



# ବେପାରୀଙ୍କ ଇଙ୍ଗିତରେ ବନ୍ୟପ୍ରାଣୀ ଶିକାର

**ବାରିପଦା ଅଫିସ,୨୫।୫**

■ ବେଆଇନ ବନ୍ଧୁକ କାରଖାନା ସିଲ୍ କରିବାକୁ ଦାବି

■ ବନ୍ଧୁକ ଜବତ ହେଲେ ଆର୍ମ୍ସ ଆକ୍ଟ ଲଗାଇପାରୁନି ବନ ବିଭାଗ

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଅବାଧ ଶିକାର ଯୋଗୁ ବନ୍ୟପ୍ରାଣୀ ଲୋପ ପାଇବା ଆଶଙ୍କା ପ୍ରକାଶ ପାଇଛି। ମହାବଳ ବାଘ, ଦନ୍ତାହାତୀ ସମେତ ତୃଣଭୋଜି ପ୍ରାଣୀ ଶିକାର ବଢ଼ି ଚାଲିଛି। ଶିକାରୀମାନେ ଦେଶୀ ବନ୍ଧୁକରେ ଶିକାର କରୁଥିବା ବେଳେ ବନବିଭାଗ ହାତବାନ୍ଧି ବସିଛି। ଶିକାରୀଙ୍କଠାରୁ ବନ୍ଧୁକ ଜବତ କଲେ ବନ ବିଭାଗ ଆର୍ମ୍ସ ଆକ୍ଟ ଲଗାଇ ପାରୁ ନ ଥିବାରୁ ଶିକାରୀମାନେ ସହଜରେ ଜାମିନରେ ଆସି ପୁନର୍ବାର ଶିକାରରେ ମାତୁଛନ୍ତି। ଶିମିଳିପାଳ ପାଦଦେଶରେ ରହୁଥିବା ଆଦିବାସୀ ଓ ବନବାସୀଙ୍କୁ ଅର୍ଥ ଲୋଭ ଦେଖାଇ ଅନ୍ୟ ରାଜ୍ୟର ବେପାରୀମାନେ ଶିକାର କରିବାକୁ ବାଧ କରୁଛନ୍ତି ବୋଲି ପ୍ରାଣୀପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି। ଦନ୍ତାହାତୀ, ମହାବଳ ଓ କଲରାପତରିଆ ବାଘ ସହିତ ସରୀସୃପ ପ୍ରଜାତିର ପ୍ରାଣୀଙ୍କୁ ଶିକାର କରିବା ପାଇଁ ରାଜ୍ୟ ବାହାରୁ ବେପାରୀ ଓ ଶିକାରୀମାନେ ଶିମିଳିପାଳ ଅଭୟାରଣ୍ୟକୁ ପ୍ରବେଶ କରିବାରେ ସକ୍ଷମ ହେଉଛନ୍ତି। ସେମାନେ ବନବାସୀଙ୍କ ହାତରେ ବନ୍ଧୁକ ଦେଇ ଗୁଳିଚାଳନା ଶିଖାଇବା ସହିତ ଜୀବଜନ୍ତୁ ଶିକାର କରିବା ତାଲିମ ପ୍ରଦାନ କରୁଛନ୍ତି। ଏପରି ସ୍ଥଳେ ବନ୍ଧୁକ ଆସୁଛି କେଉଁଠୁ ଓ କିଏ ପ୍ରଦାନ କରୁଛି ତାହାର କୌଣସି ତଦନ୍ତ କରାଯାଉନାହିଁ।

ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ବନ୍ଧୁକ ତିଆରି କାରଖାନା ଚାଲୁଥିବା ବେଳେ ବନବିଭାଗ କିମ୍ବା ପୋଲିସ ଏହାର ଟେର ପାଉନି। କେବଳ ୱାଇଲ୍ଡ ଲାଇଫ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଶେଷ କରୁଛି। ମାତ୍ର ବେଆଇନ ଭାବେ ବନ୍ଧୁକ ରଖିବା ଏକ ସଙ୍ଗିନ ଅପରାଧ ହୋଇଥିଲେ ମଧ୍ୟ ଆଇନ ଅନୁଯାୟୀ ଆର୍ମ୍ସ ଆକ୍ଟ ଲଗାଇବା ପାଇଁ ବନବିଭାଗକୁ ଅନୁମତି ପ୍ରଦାନ କରାଯାଇନାହିଁ। ଫଳରେ ବେପାରୀମାନେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ଶିକାରୀମାନଙ୍କୁ ଖସାଇ ଆଣିବା ପରେ ପୁନର୍ବାର ଶିକାର କାର୍ଯ୍ୟରେ ଲଗାଉଛନ୍ତି। ବନ୍ଧୁକ ରଖିବା ପାଇଁ ସରକାରୀସ୍ତରରେ ଅନୁମତି ପ୍ରଦାନ କରାଯାଉଥିବା ବେଳେ ମୋଟା ଅଙ୍କର ରାଜସ୍ୱ ଆଦାୟ କରାଯାଇଥାଏ। ମାତ୍ର ଶିକାରୀମାନଙ୍କ କ୍ଷେତ୍ରରେ ଏହି ନିୟମକୁ ଲାଗୁ କରାଯାଇନାହିଁ। ସେମାନଙ୍କ ହାତରେ ବନ୍ଧୁକ ଧରାଇ ଦେଇ ବେପାରୀମାନେ ଶିମିଳିପାଳକୁ ପ୍ରାଣୀବିହୀନ କରିବାକୁ ବସିଛନ୍ତି। ବନବିଭାଗ ପାଟ୍ରୋଲିଂ ସମୟରେ ଶିକାରୀଙ୍କୁ ଧରିବା ପରେ ମାମଲା ରୁଜୁ କରୁଛି। ଏହିସବୁ ଘଟଣାରେ ବନ ବିଭାଗ ଜବତ କରୁଥିବା ବନ୍ଧୁକକୁ ପୋଲିସ ବିଭାଗକୁ ହସ୍ତାନ୍ତର କଲେ ଶିକାରୀମାନେ ଆଇନ ଅନୁଯାୟୀ ଦଣ୍ଡିତ ହୋଇପାରନ୍ତେ ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସଂଯୁକ୍ତା ବସା କହିଛନ୍ତି।

ସେହିପରି ଶିମିଳିପାଳ ଆଖପାଖ ଅଞ୍ଚଳରେ ୮/୧୦ଟି ବନ୍ଧୁକ କାରଖାନା ରହିଛି। ବିନ୍ଧାଣିମାନେ ଘରେ ବସି ଠୁସା ବନ୍ଧୁକ ତିଆରି କରୁଥିବା ବେଳେ ସହରର ବିଭିନ୍ନ ସ୍ଥାନରେ ଦେଶୀ ବନ୍ଧୁକ ପ୍ରସ୍ତୁତ କରାଯାଉଛି। ଏପରିକି ଉଦଳା ସହରର ଏକ ଲେଦ୍‌ରେ ବନ୍ଧୁକ ତିଆରି ସରଞ୍ଜାମ ପ୍ରସ୍ତୁତ କରାଯାଉଛି ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଏଭଳି କାରଖାନାକୁ ବନ୍ଦ କରିବା ସହିତ ବନ୍ୟପ୍ରାଣୀ ବେପାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଶିମିଳିପାଳ ପ୍ରାଣୀବିହୀନ ଅଭୟାରଣ୍ୟ ହୋଇ ରହିବ ବୋଲି ସେ କହିଛନ୍ତି।


## Classified Everyday
0674-2580101, 2549949



REAL ESTATE

SALE

Gharabari land for sale near Barunei, Khurda. Only genuine buyer contact on 6371543787. D-0374

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଚ୍ଚା ଥିବା ପ୍ଲଟ୍ ମିଳୁଛି। 9692213354. D-74686

Residential plot for sale just 3.5km from KIIT Square, Bhubaneswar, immediate registration/possession. 8917362239. D-74859

4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact-9438362399. D-0410

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

Duplex sale at Bhubaneswar @ 55 lakhs only. Contact: 9777433701. D-74864

Email ମାଧ୍ୟମରେ କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

PURCHASE
ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309




On Janpath 2300 & 1450sqft. commercially approved space on 3rd floor with lift. 8598923231. D-71055

Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400




Newly open health benefits SPA special offer @799, Master Canteen. 9124527173. D-75107

Full body massage in homely atmosphere in all therapy. Mob: 8114881641. D-73432

Newly open health benefits Spa special offer @799, Jaydev Vihar, 8018429809. D-75108

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74685

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ ଲୋନ୍
Time : 10 AM to 6 PM
Ph: (0674) 2916695, 2916696


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦେଶରେ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି ଭାଜପା

**କେନ୍ଦ୍ର ଅଧ୍ୟାଦେଶକୁ ବିରୋଧ**

## ପାୱାରଙ୍କୁ ଭେଟିଲେ କେଜ୍‌ରିୱାଲ

**ମୁମ୍ବାଇ, ୨୫।୫**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁରୁବାର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କୁ ଭେଟିଛନ୍ତି। ଦିଲ୍ଲୀର ଅମଲାତନ୍ତ୍ରୀମାନଙ୍କ ଉପରେ ନିୟନ୍ତ୍ରଣ ଛଡ଼ାଇନେବା ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ ବିରୋଧ କରିବା ଲାଗି କେଜ୍‌ରିୱାଲ ତାଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ଅବସରରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ କେଜ୍‌ରିୱାଲ କହିଛନ୍ତି, ଭାଜପାର ଗେମ୍‌ପ୍ଲାନ୍ ଭାରତରେ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି। ଏହା କେବଳ ବିରୋଧୀଙ୍କ ନୁହେଁ, ବରଂ ଦେଶର ପ୍ରସଙ୍ଗ।

ଦିଲ୍ଲୀର ସର୍ଭିସେସ୍ (ସେବା) ଉପରେ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ କର୍ତ୍ତୃତ୍ୱ ରହିବ ବୋଲି ସୁପ୍ରିମକୋର୍ଟ ରାୟ ଦେବାର ସପ୍ତାହେ ପରେ କେନ୍ଦ୍ର ସରକାର ଶୁକ୍ରବାର ଗ୍ରୁପ୍-ଏ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳି ଲାଗି ଏକ ସଂସ୍ଥା ଗଠନ କରିଛନ୍ତି। ଏହା ଉପରେ ଅଣାଯାଇଥିବା ଅଧ୍ୟାଦେଶକୁ ରାଜ୍ୟ ସଭାରେ ଗୃହୀତ କରାଇ ନ ଦେବା ପାଇଁ କେଜ୍‌ରିୱାଲ ରବିବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ବୁଧବାର ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଭେଟି ସହଯୋଗ ଲୋଡ଼ିଥିଲେ। ଉଭୟଙ୍କଠାରୁ ସହାୟତାର ପ୍ରତିଶ୍ରୁତି ମିଳିବା ପରେ ସେ ଗୁରୁବାର ମୁମ୍ବାଇରେ ପାୱାରଙ୍କୁ ଭେଟିଛନ୍ତି। ଦେଶର ଅନ୍ୟତମ ସମ୍ମାନିତ ନେତା ପାୱାର ତାଙ୍କୁ ସହଯୋଗର ପ୍ରତିଶ୍ରୁତି ଦେଇଥିବା କେଜ୍‌ରିୱାଲ କହିଛନ୍ତି। ରାଜ୍ୟ ସଭାରେ କେନ୍ଦ୍ରର ଅଧ୍ୟାଦେଶକୁ ବିରୋଧ କରିବା ପାଇଁ କଂଗ୍ରେସକୁ ପାୱାର ବୁଝାଇପାରନ୍ତି ବୋଲି କୁହାଯାଉଛି। ଉଚ୍ଚ ସଦନରେ ଏଏପିର ୧୦ ସଦସ୍ୟ ଥିବାରୁ ଏହି ଯୁଦ୍ଧ ଜିତିବାକୁ ହେଲେ କଂଗ୍ରେସକୁ ସାଙ୍ଗରେ ନେଇ ଚାଲିବାକୁ ପଡ଼ିବ। ରାଜ୍ୟ ସଭାରେ କଂଗ୍ରେସର ୩୧, ଟିଏମ୍‌ସିର ୧୨, ଏନ୍‌ସିପିର ୪ ଏବଂ ଶିବସେନା ୟୁବିଟିର ୩ ସଦସ୍ୟ ଅଛନ୍ତି। ମୌସୁମୀ ଅଧିବେଶନରେ ଉକ୍ତ ବିଲ୍ ଆଗତ କରାଯାଇପାରେ। ଏହା ଉଭୟ ଗୃହରେ ଗୃହୀତ ହେବା ନେଇ ଭାଜପା ଆଶାବାଦୀ। କାରଣ ରାଜ୍ୟ ସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୧୧୯ ସଦସ୍ୟଙ୍କ ସମର୍ଥନ ଲୋଡ଼ା ଥିବାବେଳେ ଏନ୍‌ଡିଏର ୧୧୦ ସଦସ୍ୟ ଅଛନ୍ତି। ବିରୋଧୀଙ୍କ ସଦସ୍ୟ ସଂଖ୍ୟା ମଧ୍ୟ ୧୧୦। ଅର୍ଥାତ୍ ସବୁ ଦଳ ଏକାଠି ହେଲେ ଓଡ଼ିଶାର ବିଜେଡି ଏବଂ ଆନ୍ଧ୍ରପ୍ରଦେଶର ଶାସକ ୱାଇଏସ୍ଆର୍ କଂଗ୍ରେସ ପାର୍ଟିର ଭୂମିକା ବିଶେଷ ଗୁରୁତ୍ୱ ବହନ କରିବ। ତେଣୁ ସମସ୍ତ ଅଣଭାଜପା ଦଳ ଏକାଠି ହେଲେ କେନ୍ଦ୍ରର ଅଧ୍ୟାଦେଶକୁ ରୋକି ହେବ ବୋଲି କେଜ୍‌ରିୱାଲ କହିଛନ୍ତି।



ମୁମ୍ବାଇର ୱାଇ.ଭି. ଚଭନ ସେଣ୍ଟରଠାରେ ଖବରଦାତା ସମ୍ମିଳନୀରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସହ ଏନ୍‌ସିପି ମୁଖ୍ୟ ଶରଦ ପାୱାର।

# ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନକୁ ନେଇ ବଢୁଛି ରାଜନୀତି

**ଭୁବନେଶ୍ୱର, ୨୫।୫ (ବ୍ୟୁରୋ)**

- **ସଂସଦ ଭବନକୁ ନେଇ ରାଜନୀତି ନ ହେଉ: ବିଜେଡି**
- **ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଅସମ୍ମାନ କରିଛନ୍ତି: କଂଗ୍ରେସ**
- **ବିଜେଡି ନିଷ୍ପତ୍ତି ସ୍ୱାଗତଯୋଗ୍ୟ: ଧର୍ମେନ୍ଦ୍ର**

ମେ’ ୨୮ରେ ନୂଆଦିଲ୍ଲୀଠାରେ ନୂଆ ସଂସଦ ଭବନର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହେବ। ଏହାକୁ ନେଇ ରାଜନୀତି ଜୋର ଧରିଛି। ଏହି ଉଦ୍‌ଘାଟନ ଉତ୍ସବରେ ୧୯ ବିରୋଧୀ ଦଳ ଯୋଗ ନ ଦେବାକୁ ମିଳିତ ବିବୃତି ଜାରି କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆ ସଂସଦ ଭବନକୁ ଉଦ୍‌ଘାଟନ କରନ୍ତୁ ବୋଲି ସେହି ଦଳଗୁଡ଼ିକ ଦାବି କରିଛନ୍ତି। ତେବେ ବିଜେଡି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାକୁ ନିଷ୍ପତ୍ତି ନେଇଛି। ଏହାକୁ ରାଜ୍ୟ କଂଗ୍ରେସ ବିରୋଧ କରିଛି।

ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବାକୁ ନେଇ ବିବାଦ କି ରାଜନୀତି ହେବା କଥା ନୁହେଁ ବୋଲି ବିଜେଡି କହିଛି। ମୁଖ୍ୟମନ୍ତ୍ରୀ ସବୁବେଳେ ବିକାଶର ରାଜନୀତିକୁ ବିଶ୍ୱାସ କରନ୍ତି। ବିଜେଡି ଓଡ଼ିଶାର ସ୍ୱାର୍ଥ ପାଇଁ ସବୁବେଳେ ସମର୍ଥନ ଦେଇଆସିଛି। ପ୍ରସଙ୍ଗ ନେଇ ଭାଜପାକୁ ଲୋକ ସଭା ଓ ରାଜ୍ୟ ସଭାରେ ଦଳ ସମର୍ଥନ କରିଥିବା ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କହିଛନ୍ତି।

ଅନ୍ୟପକ୍ଷରେ ସମାରୋହରେ ବିଜେଡି ସାମିଲ ହେବା ସମ୍ପର୍କରେ ବିଧାୟକ ଅମର ଶତପଥୀ କହିଛନ୍ତି, ଏହା ଏକ ସାମ୍ବିଧାନିକ ଉତ୍ସବ। ଏଥିରେ ରାଜନୀତି ହେବା ଉଚିତ ନୁହେଁ। ବିଜେଡି ସମ୍ବିଧାନ ଓ ଲୋକତନ୍ତ୍ରକୁ ସମ୍ମାନ ଦେଉଛି। ସବୁବେଳେ କେନ୍ଦ୍ର ସରକାରଙ୍କୁ ଦଳ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ସବୁବେଳେ ସ୍ପଷ୍ଟ ଥାଏ। ସଂସଦ ଭବନ ଉତ୍ସବରେ ଦଳର ସମସ୍ତ ଏମ୍‌ପି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସାମ୍ବିଧାନିକ ବ୍ୟବସ୍ଥାକୁ ବିଜେଡି ସବୁବେଳେ ସମ୍ମାନ ଦିଏ ବୋଲି ଅମର କହିଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ବିଜେଡିର ଯୋଗଦାନ ନିଷ୍ପତ୍ତିକୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। କୌଣସି ଦଳ ନୁହେଁ, ଭାରତର ସ୍ୱାଧୀନତା ପାଇଁ ସମସ୍ତେ ଲଢ଼ିଛନ୍ତି। ଯେଉଁମାନେ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ସେମାନେ ଏହି ଉତ୍ସବରେ ଯୋଗଦେବେ। ବିଜେଡିର ଏହା ଏକ ଭଲ ନିଷ୍ପତ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଅନ୍ୟପକ୍ଷରେ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଜେଡିର ଯୋଗଦାନକୁ କଂଗ୍ରେସ କଡ଼ା ସମାଲୋଚନା କରିଛି। କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅସମ୍ମାନ କରିଛନ୍ତି। ରାଷ୍ଟ୍ରପତିଙ୍କୁ ଉଦ୍‌ଘାଟନୀ ଉତ୍ସବକୁ ନିମନ୍ତ୍ରଣ କରା ନ ଯିବା ନିଷ୍ପତ୍ତିକୁ ମୁଁ ଓ ମୋ ଦଳ ନିନ୍ଦା କରୁଛି। ରାଷ୍ଟ୍ରପତି ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀଙ୍କୁ ଭଉଣୀ ବୋଲି ସମ୍ବୋଧନ କରିଥିଲେ। ଏବେ ସେହି ସ୍ନେହ ଭଉଣୀ ଏବଂ ଓଡ଼ିଶା ପ୍ରତି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ଗଣତନ୍ତ୍ର, ସମ୍ବିଧାନ ଦଳୀୟ ନୁହେଁ: ଧର୍ମେନ୍ଦ୍ର

**ସମ୍ବଲପୁର, ୨୫।୫ (ବ୍ୟୁରୋ)**

ଭାରତ ଦୁନିଆର ଆଦ୍ୟ ଗଣତନ୍ତ୍ର ସ୍ଥାନ। ଏହିଠାରୁ ଗଣତନ୍ତ୍ର ଆରମ୍ଭ ହୋଇଛି। ଆଜି ଦିନରେ ଭାରତ ପ୍ରଭାବଶାଳୀ ଭାବେ ପରିଚିତ। ଗଣତନ୍ତ୍ରର ଆଲୋଚନା ସଂସଦରେ ହୋଇଥାଏ। ଏବେ ଯେଉଁ ସଂସଦ ଭବନ ରହିଛି ତାହା ବ୍ରିଟିଶମାନଙ୍କ ସମୟରେ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ନୂତନ ସଂସଦ ଭବନ ତିଆରି ହୋଇଛି। ଆସନ୍ତା ୨୮ରେ ଏହା ଲୋକାର୍ପଣ ହେବାକୁ ଯାଉଛି। ଗଣତନ୍ତ୍ର କିମ୍ବା ସମ୍ବିଧାନ ଦଳୀୟ ନୁହେଁ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନେ ଉଚିତ କରୁ ନାହାନ୍ତି। ସେମାନଙ୍କୁ ଲୋକ ସଭାରୁ ନିମନ୍ତ୍ରଣ ଯାଇଥିବ। ତେଣୁ ବିରୋଧରୁ ନିବୃତ୍ତ ରହି ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦାନ କରନ୍ତୁ ବୋଲି ଗୁରୁବାର ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଆଗୁଆ ସାଧାରଣ ନିର୍ବାଚନ ଓ

**ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ବିଷୟରେ ନୀରବ ରହିଲେ**

କର୍ଣ୍ଣାଟକ ନିର୍ବାଚନରେ ଭାଜପାର ପରାଜୟ ସମ୍ପର୍କରେ ଧର୍ମେନ୍ଦ୍ର କହିଛନ୍ତି, ସବୁ ରାଜ୍ୟର ନିର୍ବାଚନରେ ଭିନ୍ନ ଚରିତ୍ର ରହିଥାଏ। ତେବେ ଆଗାମୀ ୨୦୨୪ ନିର୍ବାଚନରେ ସମ୍ବଲପୁର ଲୋକ ସଭାରୁ ପ୍ରାର୍ଥୀ ହେବା ପ୍ରଶ୍ନରେ ସେ ହସିଦେଇ କଥାକୁ ଏଡାଇ ଯାଇଥିଲେ। ସମ୍ବଲପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହେବା ନେଇ ଧର୍ମେନ୍ଦ୍ର ହସିଦେବା ଘଟଣାରୁ ପୂର୍ବ ଆଲୋଚନାର ସତ୍ୟତା ଥିବା ଚର୍ଚ୍ଚା ହେଉଛି। ସମ୍ବଲପୁର ଲୋକ ସଭା ନିର୍ବାଚନରେ ଲଢ଼ିବା ନେଇ ୨୦୧୯ ମସିହାରେ ରେଙ୍ଗାଲିର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ପରୋକ୍ଷ ଭାବେ ଘୋଷଣା କରିଥିଲେ। ଏବେ ଏହି ଲୋକ ସଭା କ୍ଷେତ୍ରର ବିଭିନ୍ନ ବିଧାନସଭା ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହ ମିଶୁଥିବାରୁ ଏ ନେଇ ଚର୍ଚ୍ଚା ବଢୁଛି। ଅନ୍ୟପକ୍ଷରେ ଧର୍ମେନ୍ଦ୍ର ଶୀତଳଷଷ୍ଠୀ ଯାତ୍ରାର ଦେବ ଦମ୍ପତିଙ୍କ ବିବାହ ଉତ୍ସବରେ ଯୋଗଦେବା ସହ ଆଳତି ମଧ୍ୟ କରିଥିଲେ। ଶାନ୍ତିନଗର, ଜଗନ୍ନାଥ କଲୋନୀ, କୁଲତକାନି, ସିନ୍ଦୂରପଙ୍କ, ଅଇଁଠାପାଲି, ସମଲେଇ ମନ୍ଦିର, ହୀରାକୁଦ, କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ଝାଡୁଆପଡା, ନନ୍ଦପଡା, ଠାକୁରପଡା, ମୋଦିପଡାଠାରେ ଅନୁଷ୍ଠିତ ଯାତ୍ରାକୁ ଯାଇଥିଲେ। ତାଙ୍କ ସହ ବରଗଡ ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ଭାଜପା ସଭାପତି ଗିରିଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

**ଫୁର୍‌ସତ**

# ଚାକିରି ଛାଡ଼ି ରହୁଛନ୍ତି ଜଙ୍ଗଲରେ

**ସାକ୍ରାମେଣ୍ଟୋ:** ଆଜିକାଲିର ଲୋକଙ୍କୁ ଦୌଡ଼ାଦୌଡ଼ି ଜୀବନ ପସନ୍ଦ ଆସୁଛି। କାରଣ ସେମାନେ ସେପରି ପରିବେଶରେ ରହି ଶାନ୍ତ ପରିବେଶକୁ ଭୁଲି ଗଲେଣି। ସହରର ଚାଲିଚଳଣରେ ନିଜକୁ ଖାପଖୁଆଇ ରହିଆସିଲେଣି। ସେଥିପାଇଁ ସେମାନେ ପ୍ରକୃତିକୁ ଭୁଲିଗଲେଣି। ଆମେରିକାର ଜଣେ ବ୍ୟକ୍ତି ତାଙ୍କ ସହର ଜୀବନକୁ ଛାଡ଼ିଦେଇ ଜଙ୍ଗଲରେ ଯାଇ ରହୁଛନ୍ତି। ନିଜ ପାଇଁ ସେଠାରେ ଏପରି ଘର ତିଆରି କରିଛନ୍ତି, ଯାହା ଅତ୍ୟନ୍ତ ଖାସ୍। ରିପୋର୍ଟ ମୁତାବକ ଉତ୍ତର କାଲିଫର୍ନିଆର ବାସିନ୍ଦା ୩୫ ବର୍ଷୀୟ ରବର୍ଟ ବ୍ରିଟନ ଏକ ସୁପର ମାର୍କେଟରେ କ୍ୟାଶିୟର ଭାବେ କାମ କରିଥିଲେ। ତାଙ୍କ କାମ ସବୁ ଠିକ୍ ଚାଲିଥିଲା। ହେଲେ ସେ ତାଙ୍କ ପାଖରେ ପ୍ରକୃତିକୁ ଅନୁଭବ କରିପାରୁ ନ ଥିଲେ। ସେଥିପାଇଁ ସେ ୨୦୧୧ରେ ତାଙ୍କ ଚାକିରି ଛାଡ଼ି ଦେବାକୁ ନିଷ୍ପତ୍ତି ନେଲେ। ଚାକିରି ଛାଡ଼ି ନୂଆ ଆଡ୍‌ଭେଞ୍ଚର ଭାବେ ହୱାଇ ଜଙ୍ଗଲରେ ରହିବାକୁ ଲାଗିଲେ। ସେ ୨୯,୮୫୦ ଡଲାର ଅର୍ଥାତ୍ ୨୪ ଲକ୍ଷ ୭୧ ହଜାର ଟଙ୍କାରେ ୨୦୦ ସ୍କୋୟାରଫୁଟ୍ ଅଞ୍ଚଳରେ ଏକ ଜାଗା କିଣିଲେ। ସେଠାରେ ନିଜର ଟ୍ରି ହାଉସ ପ୍ରସ୍ତୁତ କଲେ, ଯାହା ମାଟିଠାରୁ ୫.୫ ଫୁଟ ଉଚ୍ଚରେ ଥିବାବେଳେ ଘରର ଉଚ୍ଚତା ୨୦ ଫୁଟ। ସେହି ଘର ଭିତରେ ସେ ତାଙ୍କ ଆବଶ୍ୟକ ଛୋଟ ଛୋଟ ସାମଗ୍ରୀ ରଖିଛନ୍ତି। ତାଙ୍କ ଘର ଛାତରୁ ଏକ ବଡ଼ ଡ୍ରମ୍‌ରେ ବର୍ଷା ପାଣି ସଂଗ୍ରହ କରି ରଖିଛନ୍ତି। ସେହି ପାଣିକୁ ସେ ଦୈନନ୍ଦିନ କାର୍ଯ୍ୟରେ ଲଗାଉଛନ୍ତି। ୨ ସୋଲାର ପ୍ୟାନେଲ ସାହାଯ୍ୟରେ ସେ ତାଙ୍କ ଟିଭି, ଲାପ୍‌ଟପ, ମୋବାଇଲ ଆଦି ଇଲେକ୍ଟ୍ରୋନିକ୍ସ ଜିନିଷ ଚଲାଉଛନ୍ତି। ଏଥିସହ ସେ ନିଜ ପାଇଁ ବିଭିନ୍ନ ପ୍ରକାର ପରିବା ଉତ୍ପାଦନ କରୁଛନ୍ତି। ସେ ଛୋଟ ଛୋଟ ଜିନିଷର ଭିଡିଓ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ତାଙ୍କର ଏହି ଭିଡିଓରେ ଜଣେ ବ୍ୟକ୍ତି ଲେଖିଛନ୍ତି, ଆପଣ ଯଦି ଜଙ୍ଗଲରେ ରହି ମୋବାଇଲ ବ୍ୟବହାର କରୁଛନ୍ତି ତେବେ ଆପଣ ସମ୍ପୂର୍ଣ୍ଣ ସହର ସଭ୍ୟତାରୁ ଦୂରରେ ନାହାନ୍ତି।





# ଅଟୋରେ ଘରକୁ ଫେରିଲେ ସାରା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ଓ ଅଭିନେତା ଭିକି କୌଶଲଙ୍କ ମୁଭି ‘ଜରା ହଟ୍‌କେ ଜରା ବଚ୍‌କେ’ ଜୁନ୍ ୨ରେ ବଡ଼ ପରଦାରେ ରିଲିଜ୍ ହେବାକୁ ଯାଉଛି। ଏହା ପୂର୍ବରୁ ଦୁହେଁ ତାଙ୍କ ଫିଲ୍ମ ପ୍ରମୋଶନ ପାଇଁ ଲାଗି ପଡ଼ିଛନ୍ତି। ବୁଧବାର ମୁମ୍ବାଇରେ ଆୟୋଜିତ ଏକ ଇଭେଣ୍ଟରେ ସାରା ସାମିଲ ହୋଇଥିଲେ। ସେଠାରେ ସେ ଗୋଲାପି ରଙ୍ଗର ପାରମ୍ପରିକ ଡ୍ରେସ୍ ପିନ୍ଧିଥିବା ନଜରକୁ ଆସିଥିଲେ। ହେଲେ ସେହି ଇଭେଣ୍ଟ ଆଟେଣ୍ଡ ପରେ ସେ ଅଟୋରେ ବସି ଯାଉଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ପଚରାଯିବାରୁ ସେ କହିଥିଲେ, ତାଙ୍କୁ ନେବାକୁ ଠିକ୍ ସମୟରେ କାର୍ ଆସି ନ ଥିଲା। ସେଥିପାଇଁ ସେ ଅଟୋରେ ବସି ଯାଇଥିଲେ। ଏଥିସହ ସେ ଆଗରୁ ଅଟୋରେ ବସି ଯାଇଥିବା କହିଥିଲେ। ଅନ୍ୟପଟେ ନିକଟରେ ତାଙ୍କୁ ମେଟ୍ରୋ ଟ୍ରେନ୍‌ରେ ଯାଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଥିଲା। ଏଥିରୁ ଜଣାପଡୁଛି ଯେ ସାରା ଅନେକ ସମୟରେ ସାଧାରଣ ଲୋକଙ୍କ ସହ ମିଶିବାକୁ ପସନ୍ଦ କରନ୍ତି। ତେବେ ସାରା ୨୦୧୮ରୁ ‘କେଦାରନାଥ’ ଜରିଆରେ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏଥିସହ ତାଙ୍କ ହାତରେ ଏବେ ଆଉ ୩ଟି ଫିଲ୍ମ ରହିଛି।



ସାରା ଅଲି ଖାନ୍

# ଲକି ଡ୍ରରୁ ମିଳିଥିବା ୮୨ ଲକ୍ଷ ଟଙ୍କାରେ ଗାଁରେ ସ୍କୁଲ କରିବେ

ୱାଶିଂଟନ: ଯଦି ଜଣେ ବ୍ୟକ୍ତିଙ୍କୁ ହଠାତ୍ ବହୁତ ଟଙ୍କା ମିଳିଯାଏ, ତେବେ ସେ କ’ଣ କରିବେ? ଏହା ସାଧାରଣ କଥା ଯେ ସେ ତାଙ୍କ ଜରୁରୀ କାମରେ ଖର୍ଚ୍ଚ କରିବେ। ନିକଟରେ ଜଣେ ବ୍ୟକ୍ତି ଲକି ଡ୍ର ମାଧ୍ୟମରେ ୮୨ ଲକ୍ଷ ଟଙ୍କା ଜିତିଲେ। ହେଲେ ସେ ସେହି ଟଙ୍କାକୁ ନିଜ ଆବଶ୍ୟକତା ଅନୁଯାୟୀ ଖର୍ଚ୍ଚ ନ କରି ଗାଁରେ ଏକ ସ୍କୁଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମ ଆମେରିକାର ମାଲି ଦେଶରେ ଏପରି ଘଟଣା ଦେଖିବାକୁ ମିଳିଛି। ନିକଟରେ ସୋଲେମନ ସନା ୧,୦୦,୦୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୮୨ ଲକ୍ଷରୁ ଅଧିକ ଟଙ୍କା ଲକି ଡ୍ରରେ ଜିତିଛନ୍ତି। ତାଙ୍କୁ ଯେତେବେଳେ ଏହି ଟଙ୍କା ବାବଦରେ ପଚରାଗଲା, ସେତେବେଳେ ସେହି ଟଙ୍କାକୁ ସେ ଗାଁ ପାଇଁ ଖର୍ଚ୍ଚ କରିବେ। ଗାଁରେ ପିଲାଙ୍କ ପାଇଁ ସ୍କୁଲ ନାହିଁ। ସେମାନଙ୍କ ପାଇଁ ସ୍କୁଲ କରିବାକୁ ସେ ଏହି ଟଙ୍କା ଖର୍ଚ୍ଚ କରିବେ ବୋଲି କହିଥିଲେ। ମାଲିରେ ପିଲାଙ୍କ ପାଇଁ ଅଧିକ କକ୍ଷ ତିଆରି ପାଇଁ ସେ ପୂର୍ଣ୍ଣ ସହଯୋଗ କରନ୍ତି। ଏଥର ସମସ୍ତ ଟଙ୍କା ସେଠାରେ ଖର୍ଚ୍ଚ କରିବାକୁ ଚାହୁଁଛନ୍ତି। ତାଙ୍କୁ ଏଥିରେ ବହୁତ ଖୁସି ମିଳିବ। ସେ ତାଙ୍କ ଦେଶର ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ଏକ ସଂଗଠନ ମଧ୍ୟ କରିଛନ୍ତି। ଏହା ତାଙ୍କର ସ୍ୱପ୍ନ ଥିଲା। ଏଥିପାଇଁ ସେ ଲଟେରି ଟିକେଟ କିଣୁଥିଲେ। ସେ ଆଶା ରଖିଥିଲେ ଯେ ପିଲାଙ୍କ ପାଇଁ ତାଙ୍କୁ ଏହି ଲକି ଡ୍ର ମାଧ୍ୟମରେ କିଛି ସାହାଯ୍ୟ ମିଳିଯିବ। ରିପୋର୍ଟ ମୁତାବକ, ୩୯ ବର୍ଷୀୟ ସନା ଜଣେ ଡ୍ୟାନ୍ସ ଟ୍ରେନର ହୋଇଥିବାବେଳେ ଉତ୍ତର କାଲିଫର୍ନିଆର ପଶ୍ଚିମ ନ୍ୟୁ ବର୍ନରୁ ଏକ ଲଟେରି ଟିକେଟ କିଣିଥିଲେ। ସେ ମାଲିରେ ପିଲାଙ୍କୁ ନୃତ୍ୟ ମଧ୍ୟ ଶିଖାନ୍ତି। ସେ ପିଲାଙ୍କୁ ଶିକ୍ଷା ଦେବା ସହିତ ସେମାନଙ୍କ ପାଇଁ ଏକ ନୃତ୍ୟ କେନ୍ଦ୍ର କରିବାକୁ ମଧ୍ୟ ସେହି ଟଙ୍କା ଖର୍ଚ୍ଚ କରିବେ ବୋଲି କହିଛନ୍ତି।




# ଭଲପାଇବା ଦର୍ଶାଇବାକୁ ମଥାରେ ସ୍ୱାମୀଙ୍କ ନାମର ଟାଟୁ

ବେଙ୍ଗାଲୁରୁ: ଲୋକେ ସେମାନଙ୍କ ପ୍ରେମକୁ ଜାହିର କରିବାକୁ ଯାଇ ବିଭିନ୍ନ ଉପାୟ ଆପଣେଇଥାନ୍ତି। ନିକଟରେ ଜଣେ ମହିଳା ଏପରି କିଛି କରିଛନ୍ତି। ତାହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ଉପହାର ଦେବାକୁ ଯାଇ ନିଜ ମଥାରେ ଏକ ଟାଟୁ କରିଛନ୍ତି। ଯେଉଁଥିରେ ସେ ତାଙ୍କ ସ୍ୱାମୀଙ୍କ ନାମ ଲେଖିଛନ୍ତି। ଏହା ପୂର୍ବରୁ ଲୋକେ ହାତ, ଶରୀରର ଅନ୍ୟ ଅଂଶରେ ଟାଟୁ କରିଥିବା ଦେଖିବାକୁ ମିଳିଛି। ହେଲେ ମଥାରେ ଏପରି ଟାଟୁ ବହୁତ କମ୍ ଦେଖିବାକୁ ମିଳେ। ଏପରି ଘଟଣା ଦେଖିବାକୁ ମିଳିଛି ବେଙ୍ଗାଲୁରୁରେ। ଭିଡିଓରେ ମହିଳା ଜଣକ ବସିଥିବାବେଳେ ଟାଟୁ ଆର୍ଟିଷ୍ଟ ତାଙ୍କ ମଥାରେ ସତୀଶ ବୋଲି ଲେଖୁଛନ୍ତି, ଯାହା ମହିଳାଙ୍କ ସ୍ୱାମୀଙ୍କ ନାମ। ମହିଳା ଜଣକ ଏହି ଭିଡିଓକୁ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ସେ କ୍ୟାପ୍‌ଶନରେ ‘ଟ୍ରୁ ଲଭ୍’ ବୋଲି ଲେଖିଛନ୍ତି। ଏଥିରେ ଲୋକେ ତାଙ୍କୁ ଅନେକ କମେଣ୍ଟ ଦେଇଛନ୍ତି। ଜଣେ ୟୁଜର ଲେଖିଛନ୍ତି, ଏପରି କରିବା ମୂର୍ଖତା। ସତ ଭଲ ପାଇବା ଦର୍ଶାଇବା ଆବଶ୍ୟକତା ନଥାଏ।



# ରଗ୍‌ବୀ ସେମିରେ କିଟ୍ ମହିଳା, ପୁରୁଷ ଦଳ

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

### ଟେନିସ୍‌ରେ ବିଜୟ ଅଭିଯାନ

**ଭୁବନେଶ୍ୱର, ୨୫।୫ (ସ୍ପୋର୍ଟସ୍ ବ୍ୟୁରୋ)**

ଉତ୍ତର ପ୍ରଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ରଗ୍‌ବୀ ବିଭାଗରେ କିଟ୍ ବିଶ୍ୱବିଦ୍ୟାଳୟର ମହିଳା ଓ ପୁରୁଷ ଦଳ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। କିଟ୍ ପୁରୁଷ ରଗ୍‌ବୀ ଦଳ ତୃତୀୟ ଲିଗ୍ ମ୍ୟାଚରେ ୪୦-୦ରେ ଶିବାଜୀ ବିଶ୍ୱ ବିଦ୍ୟାଳୟ କୋହ୍ଲାପୁରକୁ ପରାସ୍ତ କରିଥିଲା। ସମାନ ଢଙ୍ଗରେ କିଟ୍ ମହିଳା ଦଳ ୩୬-୫ରେ ଶିବାଜୀ ବିଶ୍ୱ ବିଦ୍ୟାଳୟ କୋହ୍ଲାପୁରକୁ ପରାସ୍ତ କରିଛି। କ୍ୱାର୍ଟର ଫାଇନାଲରେ କିଟ୍ ପୁରୁଷ ଦଳ ୨୨-୫ରେ କାଲିକଟ୍ ବିଶ୍ୱ ବିଦ୍ୟାଳୟକୁ ପରାସ୍ତ କରିଥିଲା। ମହିଳା ଦଳ ଏହାର କ୍ୱାର୍ଟର ଫାଇନାଲରେ ୨୦-୦ରେ କିସ୍ ବିଶ୍ୱ ବିଦ୍ୟାଳୟକୁ ପରାସ୍ତ କରିଛି।



ପ୍ରଥମ ମ୍ୟାଚ୍‌ରେ ବିଜୟୀ କିଟ୍ ମହିଳା ଟେନିସ ଦଳ।

ଶୁକ୍ରବାର ସେମି ଫାଇନାଲରେ ପୁରୁଷ ଦଳ ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟି ପଞ୍ଜାବ ଓ ମହିଳା ଦଳ ଶିବାଜୀ ବିଶ୍ୱ ବିଦ୍ୟାଳୟ କୋହ୍ଲାପୁରକୁ ଭେଟିବ।

ଟେନିସ୍‌ରେ କିଟ୍ ମହିଳା ଦଳ ୩-୦ରେ ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ମହିଳା ଫୁଟବଲ ମ୍ୟାଚରେ ୦-୨ ଗୋଲରେ ଜିଏନ୍‌ଡିୟୁ, ଅମ୍ରିତସର ନିକଟରୁ ପରାଜିତ ହୋଇଛି। ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ହକି ଦଳ ଶୁକ୍ରବାର ଏହାର ଅଭିଯାନ ଆରମ୍ଭ କରିବ। ସେହିପରି ସନ୍ତରଣରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ମଧ୍ୟ ଶୁକ୍ରବାର ଅଭିଯାନ ଆରମ୍ଭ କରିବ।

# ଆଇପିଏଲ୍ ପରେ ଭେନ୍ୟୁ ସମ୍ପର୍କରେ ନିଷ୍ପତ୍ତି

## ଏସିଆ କପ୍ କ୍ରିକେଟ

**ନୂଆଦିଲ୍ଲୀ, ୨୫।୫ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫାଇନାଲ ପରେ ଏସିଆ କପ୍ କ୍ରିକେଟର ଭେନ୍ୟୁ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଫାଇନାଲକୁ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି)ର ଉଚ୍ଚପଦାଧିକାରୀମାନଙ୍କୁ ଆମନ୍ତ୍ରିତ କରାଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଚଳିତବର୍ଷର ଏସିଆ କପ୍ ଆୟୋଜନ ଅଧିକାର ପାକିସ୍ତାନକୁ ମିଳିଛି। ମାତ୍ର ସରକାରଙ୍କ ବିନା ଅନୁମତିରେ ପଡ଼ୋଶୀ ଦେଶକୁ ଏହାର ଦଳ ନ ପଠାଇବା ଲାଗି ବିସିସିଆଇ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ବିକଳ୍ପ ପ୍ରସ୍ତାବ ସ୍ୱରୂପ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ନଜମ ସେଠୀ ଏକ 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବ ରଖିଛନ୍ତି। ତଦନୁସାରେ ପାକିସ୍ତାନ ନିଜ ମାଟିରେ ଅତି କମ୍‌ରେ ୪ଟି ଗେମ୍ ଆୟୋଜନ କରିବ। ଭାରତ ଏହାର ମ୍ୟାଚଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳିବ। ତେବେ ଆଇପିଏଲ୍ ଫାଇନାଲକୁ ସେଠୀଙ୍କୁ ଆମନ୍ତ୍ରଣ କରାଯାଇଛି କି ନା ତାହା ସ୍ପଷ୍ଟ ହୋଇନାହିଁ। ଏଣେ ଜୟ ଶାହା କହିଛନ୍ତି ବର୍ତ୍ତମାନ ସୁଦ୍ଧା ଏସିଆ କପ୍ ଆୟୋଜନ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ଆଇପିଏଲ ଫାଇନାଲ ଦେଖିବାକୁ ଶ୍ରୀଲଙ୍କା, ବାଂଲାଦେଶ ଓ ଶ୍ରୀଲଙ୍କାର ଉଚ୍ଚ ପଦାଧିକାରୀମାନେ ଆସିବେ। ସେମାନଙ୍କ ସହ ଆଲୋଚନା ପରେ ଯାହା ନିଷ୍ପତ୍ତି ନିଆଯିବ। ଏସିସି ତରଫରୁ କୌଣସି ଆନୁଷ୍ଠାନିକ ବିବୃତି ଦିଆଯାଇ ନ ଥିଲେ ମଧ୍ୟ ସେଠୀଙ୍କ 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବ ସମାଧାନର ପନ୍ଥା ବୋଲି ମନେ କରାଯାଉଛି। ଏହି ପ୍ରସ୍ତାବ ଅନୁସାରେ ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ଓ ଆଫଗାନିସ୍ତାନ ସେମାନଙ୍କର ୪ ପ୍ରିଲିମିନାରୀ ମ୍ୟାଚ ପାକିସ୍ତାନରେ ଖେଳିବେ। ପାକିସ୍ତାନ ଓ ଭାରତ ସେମାନଙ୍କ ଗେମ୍‌ଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳିବେ। ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇଟି ମ୍ୟାଚ ୟୁଏଇରେ ଖେଳାଯାଉ ବୋଲି ପିସିବି ଚାହୁଁଥିବା ବେଳେ ତାହା ଶ୍ରୀଲଙ୍କାରେ ହୋଇପାରେ। କାରଣ ସେପ୍ଟେମ୍ବର ବେଳକୁ ୟୁଏଇରେ ପାଗ ଅନୁକୂଳ ନ ଥିବ। ଏସିସି ମୁଖ୍ୟ ଜୟ ଶାହା ଆନୁଷ୍ଠାନିକ ଭାବେ ଏସିସି ବୈଠକ ଡକାଇବେ। ଏଥିରେ ଏସିଆକପ୍ ଭେନ୍ୟୁ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଭାରତ ନିରପେକ୍ଷ ଭେନ୍ୟୁରେ ଖେଳିଲେ ପିସିବିର କୌଣସି ଆପତ୍ତି ନ ଥିବା କୁହାଯାଉଛି।

# ଫ୍ରାନ୍ସ ପ୍ରଥମ ମହିଳା ଅଲିମ୍ପିକ ସଭାପତିଙ୍କ ଇସ୍ତଫା

**ପ୍ୟାରିସ, ୨୫।୫(ଏପି):** ଫ୍ରାନ୍ସର ଅଲିମ୍ପିକ କମିଟି ସଭାପତି ବ୍ରିଗିଟ୍ ହେନ୍‌ରିକ୍ସ ଗୁରୁବାର ଅପ୍ରତ୍ୟାଶିତ ଭାବେ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏହା ଫ୍ରେଞ୍ଚ କ୍ରୀଡ଼ା ଓ ଆସନ୍ତା ବର୍ଷ ପ୍ୟାରିସରେ ହେବାକୁଥିବା ଅଲିମ୍ପିକ୍ସ ପ୍ରସ୍ତୁତିକୁ ଧକ୍କା ପହଞ୍ଚାଇଛି। ହେନ୍‌ରିକ୍ସ ହେଉଛନ୍ତି ଫ୍ରେଞ୍ଚ ଜାତୀୟ ଫୁଟ୍‌ବଲ ଦଳର ଜଣେ ଖେଳାଳି। ଫ୍ରାନ୍ସରେ ପ୍ରଥମ ମହିଳା ଭାବେ ସେ ଅଲିମ୍ପିକ ସ୍ପୋର୍ଟର ନେତୃତ୍ୱ ନେଇ ଆସୁଥିଲେ। ଫ୍ରେଞ୍ଚ ଅଲିମ୍ପିକ ସର୍କଲରେ କିଛି ଦିନ ହେଲା ଅନ୍ତକନ୍ଦଳ ଲାଗି ରହିବା ପରେ ହେନରିକ୍ସ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଥିବା କୁହାଯାଉଛି। ଗୁରୁବାର ଏକ ଜେନେରାଲ ଆସେମ୍ବ୍ଲି ବୈଠକର ଆରମ୍ଭରେ ସେ ତାଙ୍କ ପଦବୀରୁ ଓହରି ଯାଇଥିଲେ ବୋଲି ଫ୍ରେଞ୍ଚ ଅଲିମ୍ପିକ କମିଟି କହିଛି। କିନ୍ତୁ ସେ ଇସ୍ତଫା ଦେବା ପଛରେ ରହିଥିବା କାରଣ ସମ୍ପର୍କରେ କମିଟି କୌଣସି ସୂଚନା ଦେଇନାହିଁ।

# ଜାପାନକୁ ୩-୧ରେ ପରାସ୍ତକଲା ଭାରତ

**ନୂଆଦିଲ୍ଲୀ, ୨୫।୫(ପି.ଟି.)**

ଜୁନିୟର ଏସିଆ କପ୍ ହକିରେ ଜାପାନକୁ ୩-୧ରେ ପରାସ୍ତ କରିଛି ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ୦-୧ରେ ପଛୁଆ ରହିବା ପରେ ଭାରତୀୟ ଖେଳାଳି ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ସହଜରେ ଜିତି ନେଇଥିଲେ। ଭାରତ ପକ୍ଷରୁ ଅରିଜିତ୍ ସିଂ ହୁଣ୍ଡାଲ(୩୬), ଶାରଦାନନ୍ଦ ତିୱାରୀ(୩୯) ଓ ଉତ୍ତମ ସିଂ ୫୬ ତମ ମିନିଟରେ ଗୋଲ ଦେଇଥିବା ବେଳେ ଜାପାନ ପକ୍ଷରୁ କୁମେଇ ୟସୁଦା ୧୯ ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ୟସୁଦା ଜାପାନ ପାଇଁ ପ୍ରଥମ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ଆପ୍ରାଣ ଉଦ୍ୟମ କରାଯାଥିଲେ ମଧ୍ୟ ଗୋଲ ସ୍କୋର ହୋଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ୦-୧ରେ ପଛୁଆ ରହିଥିବା ଭାରତ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ଅରିଜିତ ୩୬ ତମ ମିନଟରେ ଅରିଜିତ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଏହାର ୩ ମିନିଟ ପରେ ଶାରଦାନନ୍ଦ ତିୱାରୀ ଏକ ଚମତ୍କାର ଗୋଲ ଜରିଆରେ ଭାରତକୁ ଅଗ୍ରଣୀ ପ୍ରଦାନ କରିଥିଲେ। ଅନ୍ତିମ କ୍ୱାର୍ଟରରେ ମ୍ୟାଚ୍ ଶେଷ ହେବାକୁ ୪ ମିନିଟ ରହିଥିବା ବେଳେ ଉତ୍ତମ ସିଂ ଏକ ଗୋଲ୍ ମାରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍ ମେ ୨୭ ତାରିଖରେ ପାକିସ୍ତାନ ବିପକ୍ଷରେ ଓ ଅନ୍ତିମ ମ୍ୟାଚ ଥାଇଲାଣ୍ଡ ବିପକ୍ଷରେ ୨୮ ତାରିଖରେ ଖେଳିବ।


ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଗୋଟିଏ ଗ୍ରୁପ୍‌ରେ ଭାରତ, ୟୁଏଇ, ମାଳଦ୍ୱୀପ, ଚାଇନା

**ନୂଆଦିଲ୍ଲୀ, ୨୫।୫ (ପି.ଟି.):** ୨୩ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କାତାର ୨୦୨୪ କ୍ୱାଲିଫାୟର୍ସରେ ଭାରତକୁ ଗ୍ରୁପ୍ 'ଜି'ରେ ସ୍ଥାନ ମିଳିଛି। ଏହି ଗ୍ରୁପ୍‌ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ମାଳଦ୍ୱୀପ ଓ ଚାଇନା ରହିଛନ୍ତି। ଗୁରୁବାର ମାଲେସିଆର କୁଆଲାଲମ୍ପୁରସ୍ଥିତ ଏଏଫ୍‌ସି ହାଉସ୍‌ରେ ଟୁର୍ନାମେଣ୍ଟର ଅଫିସିଆଲ ଡ୍ର' ହୋଇଥିଲା। ଚାଇନାରେ ସେପ୍ଟେମ୍ବର ୬ରୁ ୧୨ ପର୍ଯ୍ୟନ୍ତ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ୪୩ଟି ଦଳକୁ ନେଇ ଡ୍ର' ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ୧୦ଟି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ରହିଥିବା ବେଳେ ଗୋଟିଏ ଗ୍ରୁପ୍ ୩ ଦଳ ବିଶିଷ୍ଟ କରାଯାଇଛି। ୧୧ଟି ଗ୍ରୁପ୍‌ର ବିଜେତା ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଦଳଗୁଡ଼ିକ ମଧ୍ୟରୁ ୪ ଶ୍ରେଷ୍ଠ ଦଳ ୨୩ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କାତାର ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିବେ। କାତାର ପୂର୍ବରୁ ଆୟୋଜକ ଦଳ ହିସାବରେ ଯୋଗ୍ୟତା ଅର୍ଜନ କରିସାରିଛି। ୧୬ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟ ୨୦୨୪ ଏପ୍ରିଲ ୧୫ରୁ ମେ' ୩ ପର୍ଯ୍ୟନ୍ତ ହେବ। ୨୩ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କାତାର ୨୦୨୪ ପ୍ୟାରିସରେ ହେବାକୁଥିବା ପୁରୁଷ ଅଲିମ୍ପିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଲାଗି ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି। ଶ୍ରେଷ୍ଠ ୩ ଦଳ ସିଧାସଳଖ ଅଲିମ୍ପିକ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟପକ୍ଷରେ ଚତୁର୍ଥ ଶ୍ରେଷ୍ଠ ଦଳ ଏଏଫ୍‌ସି- କାଫ୍ (କନ୍‌ଫେଡେରେଶନ ଅଫ୍ ଆଫ୍ରିକାନ ଫୁଟ୍‌ବଲ) ପ୍ଲେ-ଅଫ୍ ଖେଳିବ।

**ଭାରତର କ୍ୱାଲିଫାଇଙ୍ଗ କାର୍ଯ୍ୟସୂଚୀ**

ସେପ୍ଟେମ୍ବର ୬: ଭାରତ ବନାମ ମାଳଦ୍ୱୀପ
ସେପ୍ଟେମ୍ବର ୯: ଚାଇନା ବନାମ ଭାରତ
ସେପ୍ଟେମ୍ବର ୧୨: ସଂଯୁକ୍ତ ଆରବ ଏମିରେଟ୍ସ ବନାମ ଭାରତ।

# ପ୍ରଗତି ସ୍ପୋର୍ଟିଂ ସେମିରେ

## ୧୬ ବର୍ଷରୁ କମ୍ କ୍ରିକେଟ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଅସିମ ବରାଡ।

**ଭୁବନେଶ୍ୱର, ୨୫।୫ (ସ୍ପୋର୍ଟସ୍ ବ୍ୟୁରୋ)**

ପ୍ରଗତି ସ୍ପୋର୍ଟିଂ ଏଠାରେ ଚାଲିଥିବା ୨ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟରଫାଇନାଲରେ ଦଳ ଡିଏଲ୍‌ଏସ୍ ପଦ୍ଧତିରେ ୩୨ ରନରେ ଗ୍ରୀନ୍ କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ କ୍ରିକେଟ ଏକାଡେମୀ ୨୯.୪ ଓଭରରେ ୧୩୯ ରନ କରି ଅଲଆଉଟ ହୋଇଯାଇଥିଲା। ମୃତ୍ୟୁଞ୍ଜୟ ମହାପାତ୍ର ୪୯ ଓ ସୌମ୍ୟ ପାଣ୍ଡେ ୪୩ ରନ କରିଥିଲେ। ବିପକ୍ଷ ଦଳର ଇଶାନ କେ. ପାତ୍ର ୨୩ ରନ ବିନିମୟରେ ୪ ଏବଂ ଅସିମ ବରାଡ ୧୯ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଜବାବରେ ବର୍ଷା ଯୋଗୁ ଖେଳ ସ୍ଥଗିତ ରଖାଯିବା ବେଳେ ପ୍ରଗତି ସ୍ପୋର୍ଟିଂ ୨୧.୫ ଓଭରରେ ୨ ଉଇକେଟ ବିନିମୟରେ୧୨୩ ରନ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ଷଡ଼ଙ୍ଗୀ ୬୪ ଓ ଅସିମ ବରାଡ ୪୫ ରନ କରିଥିଲେ। ଗ୍ରୀନ୍ ଏକାଡେମୀ ତରଫରୁ ସୌମ୍ୟ ପାଣ୍ଡେ ପତନ ଘଟିଥିବା ୨ଟି ଉଇକେଟ ମାତ୍ର ୯ ରନ ବିନିମୟରେ ଅକ୍ତିଆର କରିଥିଲେ। ଡିଏଲ୍‌ଏସ ପଦ୍ଧତିରେ ପ୍ରଗତି ସ୍ପୋର୍ଟିଂକୁ ବିଜୟୀ ଘୋଷଣା କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଅସିମ ବରାଡଙ୍କୁ ଅତିଥି ତଥା ରଣଜୀ ଖେଳାଳି ପ୍ରତୀକ ଦାସ ପୁରସ୍କୃତ କରିଥିଲେ।

# ସିନ୍ଧୁ, ଶ୍ରୀକାନ୍ତ, ପ୍ରଣୟ କ୍ୱାର୍ଟରଫାଇନାଲରେ



ରିଟର୍ନ ଶଟ୍ ଖେଳୁଛନ୍ତି ପି.ଭି ସିନ୍ଧୁ।

## ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

**କୁଆଲାଲମ୍ପୁର, ୨୫।୫ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ, ଏଚ.ଏସ୍ ପ୍ରଣୟ ଓ କିଡାମ୍ବି ଶ୍ରୀକାନ୍ତ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଡବଲ ଅଲିମ୍ପିକ ପଦକ ବିଜେତା ୬ଷ୍ଠ ସିଡ୍ ସିନ୍ଧୁ ମହିଳା ସିଙ୍ଗଲ୍ସରେ ଜାପାନର ଆୟା ଓହୋରିଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଦେଇଥିବା ବେଳେ ପ୍ରଣୟ ୩ ଗେମ୍ ବିଶିଷ୍ଟ ପୁରୁଷ ସିଙ୍ଗଲ୍ସରେ ଚାଇନାର ଶି' ଫେଙ୍ଗ୍ ଲି'ଙ୍କୁ ପରାସ୍ତ କରିଛନ୍ତି। ଶ୍ରୀକାନ୍ତ ଇଣ୍ଡିଆ ଓପନ ଚାମ୍ପିୟନ ଏବଂ ୮ମ ସିଡ୍ ଥାଇଲାଣ୍ଡର କୁନ୍‌ଲାଭଟ ଭିଟିଡସରନଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି। ବିଶ୍ୱର ୧୩ ନମ୍ବର ସିନ୍ଧୁ ୨୮ ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଓହୋରିଙ୍କ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରି-କ୍ୱାର୍ଟରରେ ସେ ଜାପାନୀ ଖେଳାଳିଙ୍କୁ ୨୧-୧୬, ୨୧-୧୧ରେ ପରାସ୍ତ କରିଥିଲେ। ଜାପାନୀ ଖେଳାଳିଙ୍କ ବିପକ୍ଷରେ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ୧୩ଟି ଗେମ୍‌ରେ ସିନ୍ଧୁ ବିଜୟ ଲାଭ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଚାଇନାର ୟି ମାନ୍ ଝାଙ୍ଗଙ୍କୁ ଭେଟିବେ। ବିଶ୍ୱର ୯ ନମ୍ବର ପ୍ରଣୟ ବିଶ୍ୱର ୧୧ ନମ୍ବର ତଥା ଅଲ ଇଂଲଣ୍ଡ ଚାମ୍ପିୟନ ଲି'ଙ୍କ ବିପକ୍ଷରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୧୩-୨୧, ୨୧-୧୬, ୨୧-୧୧ରେ ବିଜୟୀ ହୋଇଛନ୍ତି। ଏହି ମ୍ୟାଚ ୧ଘଣ୍ଟା ୧୦ମିନିଟ ଧରି ଚାଲିଥିଲା। ପ୍ରଣୟ ପରବର୍ତ୍ତୀ ରାଉଣ୍ଡରେ ଜାପାନର କେଣ୍ଟା ନିଶିମୋତୋଙ୍କୁ ଭେଟିବେ, ଯିଏକି ୨୦୨୨ ଜାପାନ ଓପନ ଓ ସ୍ପେନ ମାଷ୍ଟର୍ସ ଜିତିଥିଲେ। ସେହିପରି ଶ୍ରୀକାନ୍ତ ୨୧-୧୯, ୨୧-୧୯ରେ ଭିଦିତଶରଣଙ୍କୁ ପରାସ୍ତ କରିଛନ୍ତି। ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା କ୍ୱାର୍ଟରଫାଇନାଲରେ ଇଣ୍ଡୋନେସିଆର କ୍ୱାଲିଫାୟର ଖ୍ରିଷ୍ଟିଆନ୍ ଆଦିନାତାଙ୍କ ସହ ମୁକାବିଲା କରିବେ। ଅନ୍ୟପକ୍ଷରେ ଲକ୍ଷ୍ୟ ସେନ୍ କିନ୍ତୁ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ହଂକଂର ଆଙ୍ଗସ ଏଙ୍ଗ କା ଲଙ୍ଗ୍‌ଙ୍କଠାରୁ ସେ ୧୪-୨୧, ୧୯-୨୧ରେ ପରାଜିତ ହୋଇଛନ୍ତି।



ଯନ୍ତର ମନ୍ତର ଠାରେ ଆନ୍ଦୋଳନର ୩୩ତମ ଦିନରେ ଜନତାଙ୍କ ସହିତ ସାକ୍ଷୀ ମଲିକ୍ ଓ ଭିନେଶ୍ ଫୋଗଟ୍।

# ଦ୍ୱିତୀୟ ଦିନରେ ଜିତିଲା ଭୁବନେଶ୍ୱର 'ଏ'

## କଳାହାଣ୍ଡି କପ୍ ସୁପରଲିଗ୍

**ଭୁବନେଶ୍ୱର, ୨୫।୫ (ସ୍ପୋର୍ଟସ୍ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଅନୁଷ୍ଠିତ ଦୁଇଦିନିଆ କଳାହାଣ୍ଡି କପ୍ ସୁପରଲିଗ୍‌ର ପ୍ରଥମ ଦିନ ଖେଳ ସମାପ୍ତ ହୋଇଛି। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା କଟକ 'ଏ', ଅବଶିଷ୍ଟ ଓଡ଼ିଶା 'ଏ' ଓ ଅବଶିଷ୍ଟ ଓଡ଼ିଶା 'ବି' ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ବିଜୟୀ ହୋଇଛି ଭୁବନେଶ୍ୱର 'ଏ'। ଭୁବନେଶ୍ୱର'ଏ' ପକ୍ଷରୁ ରୀତେଶ ପ୍ରିୟରଞ୍ଜନ ୩୫ ରନ୍ ଦେଇ ୬ ଉଇକେଟ ହାସଲ କରିଥିଲେ।

ପ୍ରଥମ ଦିନରେ ଡ୍ରିମ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଇକୋର୍ସାକୁ ୭ ଉଇକେଟରେ ପରାସ୍ତ କରିଥିଲା କଟକ ଏ'। ରେଭେନ୍ସା ଗ୍ରାଉଣ୍ଡ-୧ରେ ଅବଶିଷ୍ଟ ଓଡ଼ିଶା ବି ' ୮ ଉଇକେଟରେ ସମ୍ବଲପୁରକୁ ପରାସ୍ତ କରିଥିଲା। ସେହିପରି ଏମ୍‌ଜିଏମ ଏସ୍‌ଓଏସ୍ ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା 'ବି' ୫୦ ରନ୍‌ରେ ଢେଙ୍କାନାଳକୁ ପରାସ୍ତ କରିଥିଲା। ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ଏ' ୮ ଉଇକେଟରେ ଝାରସୁଗୁଡାକୁ ପରାସ୍ତ କରିଛି। ଝାରସୁଗୁଡା ପ୍ରଥମେ ବ୍ୟାଟିଂ କରି ୫୬.୨ ଓଭରରେ ୨୧୧ ରନ୍‌ରେ ଅଲଆଉଟ ହୋଇଥିଲା। ରୋହନ ପ୍ରସାଦ ୭୩ ରନ କରିଥିବା ବେଳେ ରୀତେଶ ପ୍ରିୟରଞ୍ଜନ ୩୫ ରନ୍ ଦେଇ ୬ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର 'ଏ' ୬୧.୨ ଓଭରରେ ୨ ଉଇକେଟ ହରାଇ ୨୧୪ ରନ୍ କରିଥିଲା। ମାନସ ନାୟକ ୯୩ ରନ୍ କରିଥିବା ବେଳେ ଦେବାଶିଷ ଅପରାଜିତ ୫୧ ରନ୍ ସଂଗ୍ରହ କରିଥିଲେ।


ରୀତେଶ ପ୍ରିୟରଞ୍ଜନ

# ବେଲ୍‌ଜିୟମକୁ ଭେଟିବ ଭାରତ

## ଆଜିଠୁ ୟୁରୋପ ଚରଣ ପ୍ରୋ ହକି ଲିଗ୍

**ଲଣ୍ଡନ, ୨୫।୫(ପି.ଟି.)**

ପ୍ରୋ ହକି ଲିଗ୍‌ର ୟୁରୋପ ଚରଣ ଶୁକ୍ରବାର ଆରମ୍ଭ ହେବ। ପ୍ରଥମ ମ୍ୟାଚରେ ଭାରତ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବ। ୧୯ ପଏଣ୍ଟ ସହିତ ଭାରତ ପ୍ରୋ ହକି ଲିଗ୍ ପଏଣ୍ଟ ଟେବୁଲରେ ଏକ ନମ୍ବର ସ୍ଥାନରେ ରହିଛି। ଭାରତ ସମୁଦାୟ ୮ ମ୍ୟାଚ୍ ଖେଳିଥିବା ବେଳେ ୫ଟିରେ ବିଜୟୀ ହୋଇଛି। ନିକଟରେ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳା ଯାଇଥିବା ଚରଣରେ ଭାରତ ନିଜର ୩ଟି ଯାକ ମ୍ୟାଚ୍ ବିଜୟୀ ହୋଇଥିଲା। ନୂତନ କୋଚ୍ କ୍ରେଗ୍ ଫୁଲଟନ୍‌ଙ୍କ ଅଧୀନରେ ଭାରତ ଖେଳିବାକୁ ଯାଉଥିବା ବେଳେ ଦଳ ସଫଳ ହେବାକୁ ପ୍ରୟାସ କରିବ। ବେଲ୍‌ଜିୟମ ଓ ଗ୍ରେଟ୍ ବ୍ରିଟେନ୍ ଏହି ସିରିଜରେ ଅଂଶଗ୍ରହଣ କରିବେ। ଆୟୋଜକ ଗ୍ରେଟ୍ ବ୍ରିଟେନ ମଧ୍ୟ ଚମତ୍କାର ଫର୍ମରେ ରହିଛି। କ୍ରିଷ୍ଟଚର୍ଚ୍ଚରେ ଖେଳା ଯାଇଥିବା ମ୍ୟାଚରେ ଦଳ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଦୁଇଟି ଲେଖାଏରେ ପରାସ୍ତ କରିଥିଲା। ୧୯ ପଏଣ୍ଟ ସହିତ ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଭାରତୀୟ ଦଳର କୋଚ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା କ୍ରେଗ୍ ଫୁଲଟନଙ୍କ ପାଇଁ ଏହା ଏକ ବୃହତ୍ ଚ୍ୟାଲେଞ୍ଜ ରହିବ। ହରମନ୍‌ପ୍ରୀତ୍ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବେଲ୍‌ଜିୟମ ବିରୋଧରେ ନିଜର ବିଜୟଧାରା ବଜାୟ ରଖିବାକୁ ପ୍ରୟାସ କରିବ। ଅନ୍ୟପକ୍ଷରେ ଗ୍ରେଟ୍ ବ୍ରିଟେନ୍ ବିପକ୍ଷରେ ଭାରତ ଶେଷ ଥର ପାଇଁ ଟୋକିଓ ଅଲିମ୍ପିକ୍ସରେ ଖେଳିଥିଲା। ଏହି ମ୍ୟାଚ୍‌କୁ ଦଳ ୩-୧ରେ ଜିତି ନେଇଥିଲା। ୨୦୧୬ ପରଠାରୁ ଭାରତ ଓ ବେଲ୍‌ଜିୟମ ମଧ୍ୟରେ ୧୯ଟି ମ୍ୟାଚ୍ ଖେଳା ଯାଇଛି। ଏଥିରୁ ୯ ଥର ବେଲ୍‌ଜିୟମ ବିଜୟୀ ହୋଇଥିବା ବେଳେ ୮ ଥର ଭାରତ ଜିତିଛି ଓ ୨ଟି ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ବିଗତ ୫-୬ ବର୍ଷ ମଧ୍ୟରେ ଉଭୟ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର ସ୍ତର ବେଶ୍ ଉପରକୁ ଉଠିଥିବା ବେଳେ ଏହାକୁ ନେଇ ଆମେ ଉତ୍ସାହିତ ଅଛୁ ବୋଲି କହିଛନ୍ତି ଅଧିନାୟକ ହରମନ୍‌ପ୍ରୀତ ସିଂ।



ହରମନ୍‌ପ୍ରୀତ୍ ସିଂ

## ଗଲ୍ଫ କୋର୍ସରେ ଓଡ଼ିଆ ଝିଅଙ୍କ କମାଲ

# କାଶିକାଙ୍କ କରିସ୍ମା

**ନିକଟରେ ଗଲ୍ଫ କୋର୍ସରୁ ଏକ ଭଲ ଖବର ଆଣିଛନ୍ତି ଜଣେ ଓଡ଼ିଆ ଝିଅ। ଯଦିଓ ସେ ରାଜ୍ୟ ବାହାରେ ରହୁଛନ୍ତି ତେବେ ଗଲ୍ଫ ପରି ଏକ ବ୍ୟୟ ବହୁଳ ଏବଂ କଷ୍ଟସାଧ ଖେଳରେ ଦକ୍ଷତା ଦେଖାଇ ପ୍ରଥମ ଓଡ଼ିଆ ଝିଅଭାବେ ବିଶ୍ୱ ଆମେଚର ଗଲ୍ଫ ର୍ୟାଙ୍କିଙ୍ଗରେ ସ୍ଥାନ ପାଇଛନ୍ତି ଦିଲ୍ଲୀରେ ରହୁଥିବା ଏହି ଉଦୀୟମାନ ଗଲ୍ଫ ପ୍ରତିଭା ଜଣକ ହେଲେ କାଶିକା ମିଶ୍ର...**

ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସହ ପାଖାପାଖି ଡଜନେ ଖେଳର ଜାତୀୟ/ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରି ଓଡ଼ିଶା ଏବେ ବିଶ୍ୱ କ୍ରୀଡ଼ା ଜଗତରେ ଚର୍ଚ୍ଚିତ। କଳିଙ୍ଗ ଷ୍ଟାଡିୟମରେ ଏକାଧିକ କ୍ରୀଡ଼ାର ହାଇପରଫର୍ମାନ୍ସ ସେଣ୍ଟର ଦେଶ ବିଦେଶର ଖେଳାଳିଙ୍କ ଦକ୍ଷତା ବଢ଼ାଇବାରେ ସହାୟକ ହୋଇପାରୁଛି। ଓଡ଼ିଆ ଖେଳାଳିଙ୍କ ଉଚ୍ଚ ପ୍ରଦର୍ଶନ ଏବେ କୌଣସି ନିର୍ଦ୍ଦିଷ୍ଟ କ୍ରୀଡ଼ାରେ ସୀମିତ ନାହିଁ, ଅଧିକାଂଶ ଖେଳରେ ସେମାନେ ପାରଙ୍ଗମ ବୋଲି ପ୍ରମାଣ କଲେଣି। ନିକଟରେ ଗଲ୍ଫ କୋର୍ସରୁ ଏକ ଭଲ ଖବର ଆଣିଛନ୍ତି ଜଣେ ଓଡ଼ିଆ ଝିଅ। ଯଦିଓ ସେ ରାଜ୍ୟ ବାହାରେ ରହୁଛନ୍ତି ତେବେ ଗଲ୍ଫପରି ଏକ ବ୍ୟୟ ବହୁଳ ଏବଂ କଷ୍ଟସାଧ ଖେଳରେ ଦକ୍ଷତା ଦେଖାଇ ସେ ପ୍ରଥମ ଓଡ଼ିଆ ଝିଅଭାବେ ବିଶ୍ୱ ଆମେଚର ଗଲ୍ଫ ର୍ୟାଙ୍କିଙ୍ଗ୍ (ଡବ୍ଲ୍ୟୁଏଜିଆର)ରେ ସ୍ଥାନ ପାଇଛନ୍ତି। ଏହି ଉଦୀୟମାନ ଗଲ୍ଫ ପ୍ରତିଭା ହେଲେ କାଶିକା ମିଶ୍ର। ଏବେ ମାତ୍ର ୧୬ ବର୍ଷ ହୋଇଥିବାରୁ କାଶିକାଙ୍କର ମନରେ ଅନେକ ସ୍ୱପ୍ନ। ସମ୍ପ୍ରତି ଦିଲ୍ଲୀରେ ରହୁଥିବା କାଶିକା ମେ' ୧୭ରୁ ୧୯ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ଆମ୍‌ୱେ ନ୍ୟୁଟ୍ରିଲାଇଟ୍ ଗଲ୍ଫ ଟୁର୍-ଆଇଟିସି କ୍ଲାସିକ ଇଭେଣ୍ଟ ଜିତିଛନ୍ତି। ଏହା ଚଳିତ ବର୍ଷ ପାମ୍ ଡିସର୍ଟ ଏବଂ ଆମେରିକାର କାଲିଫର୍ନିଆରେ ହେବାକୁଥିବା ଏଫ୍‌ସିଜି କାଲାୱେ ୱାର୍ଲ୍ଡ ବିଶ୍ୱ ଚାମ୍ପିୟନଶିପ୍ ଜୁନିୟର ଗଲ୍ଫ ଟୁର୍ନାମେଣ୍ଟର କ୍ୱାଲିଫାଇଂ ଇଭେଣ୍ଟ ଥିଲା। ଫଳରେ ସେ ଏହି ଦୁଇ ପ୍ରତିଯୋଗିତା ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଗଞ୍ଜାମ ଜିଲା ଧରାକୋଟ ହେଉଛି କାଶିକାଙ୍କ ଗାଁ। ମା'ଙ୍କ ନାମ କିରଣ ଏବଂ ବାପା ବ୍ରିଗେଡିୟର ଟି.କେ. ମିଶ୍ର। ସମ୍ପ୍ରତି ପରିବାର ସହ ସେ ଦିଲ୍ଲୀରେ ରହୁଛନ୍ତି। ଗୁରୁଗ୍ରାମର ଶ୍ରୀରାମ ସ୍କୁଲରେ ସମ୍ପ୍ରତି ଏକାଦଶ ଶ୍ରେଣୀରେ ପଢୁଥିବା କାଶିକା ପିଲାଦିନେ ଡ୍ୟାନ୍ସିଂ ଏବଂ ରାଇଡିଂରେ ରୁଚି ରଖିଥିଲେ। ମାତ୍ର ଝିଅର ଗଲ୍ଫ କଳା ସମ୍ପର୍କରେ ଜାଣି ପାରିଥିଲେ ବାପା ବ୍ରିଗେଡିୟର ମିଶ୍ର। ସେ ନିଜେ ଜଣେ ଗଲ୍ଫର ଥିବାରୁ ଝିଅକୁ ଗଲ୍ଫ କୋର୍ସକୁ ନେଇଥିଲେ। ତେଣୁ ବାପା ହେଉଛନ୍ତି କାଶିକାଙ୍କର ପ୍ରଥମ କୋଚ୍। ଅଫିସ ଯିବା ପୂର୍ବରୁ ଏବଂ ଆସିବା ପରେ ସେ ଝିଅକୁ ଗଲ୍ଫର କଳା କୌଶଳ ଶିଖାଉଥିଲେ। ଏପରିକି କୋଭିଡ୍-୧୯ ମହାମାରୀ ସମୟରେ ମଧ ସେ ଝିଅକୁ ଗଲ୍ଫ କୋର୍ସକୁ ନେବାକୁ ଭୁଲି ନ ଥିଲେ। ୨୦୧୯ରେ ୧୨ ବର୍ଷ ବୟସରୁ କାଶିକା ଗଲ୍ଫକୁ କ୍ୟାରିୟର କରିଥିଲେ। ଗଲ୍ଫର ମୌଳିକତା ସମ୍ପର୍କରେ ବାପାଙ୍କଠାରୁ ଜାଣିଯିବାପରେ ଗୁରୁଗ୍ରାମସ୍ଥିତ ଡିଏଲ୍‌ଏଫ୍ ଏକାଡେମୀରେ କୋଚ୍ ରାଜୁ ଜେମ୍ସଙ୍କଠାରୁ ସେ ପ୍ରଶିକ୍ଷଣ ନେଇଥିଲେ। ଏବେ ସେ ସେହି ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ଆନିତ୍ୟ ଚାନ୍ଦ ଏବଂ ଡି.ପି. ସିଂଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଗଲ୍ଫ ପ୍ରାକ୍ଟିସ ସହ ଫିଜିକାଲ ଷ୍ଟ୍ରେଣ୍ଥ ଟେକ୍ନିକ୍ସ ଏବଂ ଡାଏଟକୁ ମିଶାଇ ସେ ଦିନକୁ ୭ରୁ ୮ ଘଣ୍ଟା ଅଭ୍ୟାସ କରୁଛନ୍ତି। ନିଜ କ୍ୟାରିୟରକୁ ନେଇ ବେଶ୍ ସିରିୟସ ଥିବା କାଶିକା ଏହି ଖେଳରେ ବହୁ ଆଗକୁ ଯିବାର ଲକ୍ଷ୍ୟ ରଖିଛନ୍ତି। ସେ ସମ୍ପ୍ରତି ଡିଏଲ୍‌ଏଫ୍ ଏକାଡେମୀ, ଦିଲ୍ଲୀ ଗଲ୍ଫ କ୍ଲବ ଏବଂ ଆର୍ମି ଗଲ୍ଫ କୋର୍ସରେ ଖେଳୁଛନ୍ତି।

୨୦୨୨-୨୩ ସିଜନରେ କାଶିକା ମୋଟ ୧୧ଟି ଟୁର୍ ଇଭେଣ୍ଟରେ ଭାଗ ନେଇଥିଲେ। ଏହା ମଧ୍ୟରୁ ୯ଟିରେ ବିଜେତା ହୋଇଥିବାବେଳେ ୨ଟିରେ ରନରଅପ୍ ହୋଇଥିଲେ। ଏଥିରୁ ଗୋଟିଏରେ ଅର୍ଥାତ୍ ଡବ୍ଲ୍ୟୁଏଜିଆର୍ ଗୁରୁଗ୍ରାମ ମ୍ୟାଚପ୍ଲେ ଚାମ୍ପିୟନଶିପ୍‌ରେ ସେ ଭାରତର ପୂର୍ବତନ ନମ୍ବରୱାନ ଖେଳାଳି ଖୁସି ହୋଦାଙ୍କୁ ହରାଇବାର ସୌଭାଗ୍ୟ ପାଇଥିଲେ। ଆମ୍‌ୱେ ନ୍ୟୁଟ୍ରିଲାଇଟ୍ ଟୁର୍ ୱାର୍ଲ୍ଡ ଆମେଚର ଗଲ୍ଫ ର୍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ତାଙ୍କ ପାଇଁ ସବୁଠାରୁ ସ୍ମରଣୀୟ ରହିଥିଲା। କାରଣ ଏହି ଟୁର୍ନାମେଣ୍ଟ ଜିତିବା ସହ ସେ ବିଶ୍ୱ ଆମେଚର ଗଲ୍ଫ ର୍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ମଧ ପାଦ ଥାପି ଚାଲିଛନ୍ତି କାଶିକା। ସେ ଥାଇଲାଣ୍ଡରେ ଅନୁଷ୍ଠିତ ପିପିଟିଭି ଜୁନିୟର ଗଲ୍ଫ, ଆମେରିକାରେ ଆୟୋଜିତ ଏଫ୍‌ଜିସି କାଲାୱେ ବିଶ୍ୱ ଚାମ୍ପିୟନଶିପ୍ ଏବଂ ଏଫ୍‌ଜିସି କାଲାୱେ ଜୁନିୟର ଗଲ୍ଫ ଚାମ୍ପିୟନଶିପ୍, ଦକ୍ଷିଣ ଆଫ୍ରିକାରେ ଆୟୋଜିତ ଜୁନିୟର ଆଫ୍ରିକା ଚାଲେଞ୍ଜ, ଥାଇଲାଣ୍ଡର ଫୁକେଟଠାରେ ଅନୁଷ୍ଠିତ ଟିଜେଜିଟି ଜୁନିୟର ଗଲ୍ଫ ଟୁର୍ନାମେଣ୍ଟ ଆଦି ପ୍ରତିଯୋଗିତାରେ ଭାଗନେଇ ସାରିଛନ୍ତି।

ଚାକିରି ପାଇଁ ବ୍ରିଗେଡିୟର ମିଶ୍ର ବ୍ୟସ୍ତ ରହୁଥିବାରୁ ମା' କିରଣ ଝିଅ କାଶିକାଙ୍କର ସମସ୍ତ ଦାୟିତ୍ୱ ନେଇଥାନ୍ତି। ଝିଅର ଦୈନନ୍ଦିନ ଅଭ୍ୟାସ, ପ୍ରସ୍ତୁତି, ଭବିଷ୍ୟତର ଟୁର୍ନାମେଣ୍ଟ ପାଇଁ ଯୋଜନା, ଟ୍ରାଭେଲିଂ ଆଦି ସମସ୍ତ କଥା ବୁଝିଥାନ୍ତି। ଫଳରେ ନିଜ ସଫଳତାର ଶ୍ରେୟ ମଧ ମା'ଙ୍କୁ ଦେବାକୁ ଭୁଲିକନାହାନ୍ତି କାଶିକା।

**-ତପନ ସ୍ୱାଇଁ**






### ସଂକ୍ଷେପରେ...

**ନାମ:** କାଶିକା ମିଶ୍ର
**ଜନ୍ମ:** ୧୨ ଜୁଲାଇ ୨୦୦୭
**ପରିବାର:** ମା'-କିରଣ, ବାପା ବ୍ରିଗେଡିୟର ଟି.କେ. ମିଶ୍ର
**ଘର:** ଧରାକୋଟ, ଗଞ୍ଜାମ
**ବର୍ତ୍ତମାନ ବାସସ୍ଥାନ:** ନୂଆଦିଲ୍ଲୀ
**ସ୍କୁଲ:** ଶ୍ରୀରାମ ସ୍କୁଲ, ଗୁରୁଗ୍ରାମ
**କୋଚ୍:** ରାଜୁ ଜେମ୍ସ, ଆନିତ୍ୟ ଚାନ୍ଦ, ଡି.ପି. ସିଂ
**ଗଲ୍ଫ କୋର୍ସ:** ଡିଏଲ୍‌ଏଫ୍ ଏକାଡେମୀ, ଦିଲ୍ଲୀ ଗଲ୍ଫ କ୍ଲବ




**ଉତ୍ତର ପ୍ରଦେଶ ଲଙ୍ଗ୍ ଜମ୍ପର ଶାଇଲି ସିଂଙ୍କୁ ଭବିଷ୍ୟତର ଅଞ୍ଜୁ ବବି ଜର୍ଜଙ୍କ ସହ ତୁଳନା କରାଯାଉଛି ଅଞ୍ଜୁଙ୍କ ନିକଟରେ ପ୍ରଶିକ୍ଷଣ ନେଉଥିବା ଶାଇଲି ହିଁ ଭାରତର ଭବିଷ୍ୟତ ବୋଲି ନିଜେ ଅଞ୍ଜୁ ସ୍ୱୀକାର କରିଛନ୍ତି....**

# ଅଲିମ୍ପିକ୍ସ ପଦକ ଲକ୍ଷ୍ୟରେ ଶାଇଲି

ଭାରତୀୟଙ୍କ ପ୍ରଦର୍ଶନ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଏତେଟା ଆଖି ଦୃଶିଆ ନୁହେଁ। ଅତୀତରେ ମିଲ୍‌ଖା ସିଂ, ପି.ଟି. ଉଷା ଓ ଅଞ୍ଜୁ ବବି ଜର୍ଜଙ୍କ ପରି ଖେଳାଳି ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଯୁବ ପିଢିର ଅନେକ ଖେଳାଳି ସମାନ ପଥର ଯାତ୍ରୀ ଅଟନ୍ତି। ନୀରଜ ଚୋପ୍ରା ଦେଶ ପାଇଁ ଆଥଲେଟିକ୍ସରେ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ଜିତିବା ପରେ ବର୍ତ୍ତମାନ ଖେଳାଳିଙ୍କ ଠାରୁ ଦେଶବାସୀଙ୍କ ଆଶା ବୃଦ୍ଧି ପାଇବାରେ ଲାଗିଛି। ଏହି ଧାରାରେ ବର୍ତ୍ତମାନ ସାମିଲ ହୋଇଛନ୍ତି ଆଉ ଜଣେ ୧୯ ବର୍ଷୀୟ ଖେଳାଳି। ଉତ୍ତର ପ୍ରଦେଶରେ ଲଙ୍ଗ ଜମ୍ପର ଶାଇଲି ସିଂଙ୍କୁ ଭବିଷ୍ୟତର ଅଞ୍ଜୁ ବବି ଜର୍ଜ ଭାବରେ ତୁଳନା କରାଯାଉଛି। ଅଞ୍ଜୁଙ୍କ ନିକଟରେ ପ୍ରଶିକ୍ଷଣ ନେଉଥିବା ଶାଇଲି ହିଁ ଭାରତର ଭବିଷତ ବୋଲି ନିଜେ ଅଞ୍ଜୁ ସ୍ୱୀକାର କରିଛନ୍ତି। ୨୦୨୧ ମସିହାରେ ଶାଇଲି ମାତ୍ର ୧୭ ବର୍ଷ ବୟସରେ ନାଇରୋବିରେ ଅନୁଷ୍ଠିତ ଜୁନିୟର ବିଶ୍ୱ ଚାମ୍ପିୟନଶିପରେ ୬.୫୯ ମିଟରର ଜମ୍ପ ସହିତ ରୌପ୍ୟ ପଦକ ହାସଲ କରିଥିଲେ। ଏହା ସହିତ ସେ ଜୁନିୟର ସ୍ତରର ଜାତୀୟ ରେକର୍ଡ ନିଜ ନାମରେ କରିଥିଲେ। ଏହାର ଦୁଇ ବର୍ଷ ପରେ ଇଣ୍ଡିଆନ୍ ଗ୍ରାଣ୍ଡ ପ୍ରି, ବେଙ୍ଗାଲୁରୁରେ ୬.୭୬ ମିଟର ଜମ୍ପ କରିଥିଲେ। ଜାତୀୟ ରେକର୍ଡ ଠାରୁ ଏହା ମାତ୍ର ୦.୭ ମିଟର ପଛରେ ରହିଥିବା ବେଳେ ଖୁବ୍ ଶୀଘ୍ର ଶାଇଲି ଏହି ରେକର୍ଡ ଭାଙ୍ଗିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଅଞ୍ଜୁ। ୧୯ ବର୍ଷ ତଳେ ଅଞ୍ଜୁ ଏଥେନ୍ସ ଅଲିମ୍ପିକ୍ସରେ ୬.୮୩ ମିଟର ଦୂରତା ଅତିକ୍ରମ କରିଥିଲେ।

**ସଂଘର୍ଷରୁ ସଫଳତା:** ଶାଇଲିଙ୍କ ସଫଳତାର କାହାଣୀ ସଭିଙ୍କୁ ଜଣାଥିବା ବେଳେ ଏହା ପଛର ସଂଘର୍ଷ ସମ୍ପର୍କରେ କମ୍ ଲୋକ ଜାଣନ୍ତି। ସାଇଲିଙ୍କ ମା' ତାଙ୍କୁ ଏକାକୀ ବଡ଼ କରିଛନ୍ତି। ଜଣେ ଟେଲର ଭାବରେ କାମ କରି ପରିବାର ଚଳାଇବା ସହିତ ସେ ଶାଇଲିଙ୍କୁ ଆଗକୁ ନେଇଛନ୍ତି। ଏପରି ପ୍ରତିକୂଳ ପରସ୍ଥିତିରୁ ଆସି ଶାଇଲି ଯେଉଁ ସଫଳତା ହାସଲ କରିଛନ୍ତି ତାହା ପ୍ରଶଂସାଯୋଗ୍ୟ। ତେବେ ଏକ ୧୪ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟରୁ ଶାଇଲିଙ୍କ ଜୀବନରେ ଆସେ ବଡ଼ ପରିବର୍ତ୍ତନ। ଏହି ଟୁର୍ନାମେଣ୍ଟରେ ଅଞ୍ଜୁଙ୍କ ନଜର ଶାଇଲିଙ୍କ ଉପରେ ପଡ଼େ। ଉକ୍ତ ଟୁର୍ନାମେଣ୍ଟରେ ଶାଇଲି ମାତ୍ର ୪.୬୪ ମିଟର ଜମ୍ପ କରିଥିଲେ ଓ ପଞ୍ଚମରେ ରହିଥିଲେ। ଯେମିତି ଗୁଣ ଚିହ୍ନେ ଗୁଣିଆ ବୋଲି କୁହନ୍ତି ସେମିତି ନିଜ ସମୟର ଶ୍ରେଷ୍ଠ ଲଙ୍ଗ ଜମ୍ପର ଅଞ୍ଜୁ ବବି ଜର୍ଜଙ୍କ ନଜର ପଡିଥିଲା ଶାଇଲିଙ୍କ ଅନ୍ତର୍ନିହିତ ପ୍ରତିଭା ଉପରେ। ସ୍ୱାମୀ ରବର୍ଟ ବବି ଜର୍ଜଙ୍କ ସହିତ ମିଶି ସେ ଶାଇଲିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ସଫଳତା ପରେ ଅଞ୍ଜୁ ସେ ଦିନ କାହିଁକି ତାଙ୍କୁ ଚୟନ କରିଥିଲେ ଏହାକୁ ନେଇ ଶାଇଲି ଆଶ୍ଚର୍ଯ୍ୟ ପ୍ରକଟ କରିଥାନ୍ତି। ଅଞ୍ଜୁଙ୍କ ଅଧୀନରେ ଶାଇଲି ଦ୍ରୁତ ଉନ୍ନତି କରିଥିବା ବେଳେ ଆହୁରି ଅନେକ ପଥ ଅତିକ୍ରମ କରିବାକୁ ବାକି ଅଛି ବୋଲି ଅଞ୍ଜୁ ସ୍ୱୀକାର କରିଛନ୍ତି।

**ଲକ୍ଷ୍ୟ ପ୍ୟାରିସ ଅଲିମ୍ପିକ୍ସ ପଦକ:** ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ପଦକ ବିଜୟୀ ହେବା ଲକ୍ଷ୍ୟ ଉଭୟ ଅଞ୍ଜୁ ଓ ଶାଇଲି ରଖିଛନ୍ତି। ଶାଇଲି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଥିବା ବେଳେ ପଦକ ଜିତିବା ସାମାନ୍ୟ କଷ୍ଟସାଧ ରହିବ। ଅଞ୍ଜୁଙ୍କ ଅନୁସାରେ ଶାଇଲି ନିଜ ପ୍ରଦର୍ଶନରେ ସାମାନ୍ୟ ଉନ୍ନତି ଆଣିଲେ ଟପ୍-୮ରେ ସାମିଲ ହୋଇପାରିବେ। ବର୍ତ୍ତମାନ ଶାଇଲିଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ବିଶ୍ୱର ୧୩ ଆଥଲେଟଙ୍କଠାରୁ ପଛରେ ରହିଛି। ଗତବର୍ଷ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ଶାଇଲି ଆହତ କାରଣରୁ ପ୍ରଦର୍ଶନ ସାମାନ୍ୟ ପ୍ରଭାବିତ ହୋଇଛି। ଗତ ସପ୍ତାହରେ ସେ ଜାପାନରେ ଅନୁଷ୍ଠିତ ସେଇକୋ ଗୋଲ୍ଡେନ୍ ଗ୍ରାଁ ପ୍ରିରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅନେକ ଲଙ୍ଗଜମ୍ପରଙ୍କୁ ପଛରେ ପକାଇ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

**-ସରୋଜ ଜେନା**




ଅଞ୍ଜୁ ବବି ଜର୍ଜଙ୍କ ସହ ଶାଇଲି ସିଂ

# ତୃଣମୂଳ ସ୍ତରରେ ଫୁଟ୍‌ବଲର ବିକାଶ ପାଇଁ ଯୋଜନା



ପ୍ରଫୁଲ୍ଲ କୁମାର ମିଶ୍ର

**କିଛିବର୍ଷ ହେଲା, ଭାରତରେ ଆଇଏସ୍‌ଏଲ୍ ଏବଂ ଆଇ-ଲିଗ୍ ଆରମ୍ଭ ଦ୍ୱାରା ବାହାର ଦେଶର ପ୍ରଶିକ୍ଷକ ଏବଂ ଖେଳାଳି ସାମିଲ ହେଉଛନ୍ତି। ଫଳରେ ଭାରତୀୟ ଫୁଟ୍‌ବଲ୍‌ର ଢାଞ୍ଚା ବଦଳୁଛି....**

ତୃଣମୂଳ ସ୍ତରର ଫୁଟବଲ ବିକାଶ ଲାଗି ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଉଦ୍ୟମରେ ବିଭିନ୍ନ ଜିଲାରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ ବୋଲି ସ୍ଥିର କରାଯାଉଛି। ଏହା ପ୍ରକୃତରେ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ସାରା ଭାରତରେ ତୃଣମୂଳ ସ୍ତରର ଫୁଟବଲ ବିକାଶ ଲାଗି ସବୁ ରାଜ୍ୟର ଫୁଟବଲ ସଂଘଙ୍କୁ ପରାମର୍ଶ ଦେଉଛନ୍ତି। ବିଗତ ଦିନରେ ଏହି ପ୍ରକାର ଯୋଜନା କରାଯାଉଛି, ମାତ୍ର ଖେଳ ଉପଯୋଗୀ ପରିବେଶ ଏବଂ ଅର୍ଥ ଅଭାବରୁ ଫଳପ୍ରଦ ହେଉନାହିଁ। ତାହାର ସମାଧାନ ବାଟ ଖୋଜି ବାହାର କରିବା ଉଚିତ। ସାରା ପୃଥିବୀରେ କେତୋଟି ଦେଶ ଛାଡି ଦେଲେ ଫୁଟବଲ ଖେଳକୁ ବିଦେଶୀ ଦେଶଗୁଡ଼ିକର ଖେଳାଳି ଏବଂ ଦର୍ଶକମାନେ ପସନ୍ଦ କରନ୍ତି। କାରଣ ଫୁଟବଲ ଖେଳ ବିଦେଶରେ ଲୋକପ୍ରିୟ, ତାହା ସହିତ ତୃଣମୂଳସ୍ତରରେ ବିକାଶ କରିବାପାଇଁ ବୈଜ୍ଞାନିକ ପଦ୍ଧତିରେ ଉପାୟ ପ୍ରସ୍ତୁତି କରୁଛନ୍ତି। କିଛିବର୍ଷ ହେଲା, ଭାରତରେ ଆଇଏସ୍‌ଏଲ୍ ଏବଂ ଆଇ-ଲିଗ୍ ଟୁର୍ନାମେଣ୍ଟ ଆରମ୍ଭ ଦ୍ୱାରା ବାହାର ଦେଶର ପ୍ରଶିକ୍ଷକ ଏବଂ ଖେଳାଳି ସାମିଲ ହୋଇଛନ୍ତି। ଫଳରେ ଭାରତ ଫୁଟବଲ୍‌ର ଢାଞ୍ଚା ବଦଳୁଛି। ୧୯୬୧ ମସିହାରେ ଚୁନି ଗୋସ୍ୱାମୀ ଅଧିନାୟକ ଥିବା ସମୟରେ ଭାରତ ଏସିଆନ ଚାମ୍ପିୟନ ହୋଇଥିଲା। ୧୯୭୦ ମସିହା ପର୍ଯ୍ୟନ୍ତ ଭାରତର ସ୍ଥାନ ଏସିଆନ ଚାମ୍ପିୟନଶିପରେ ୧ରୁ ୩ ମଧ୍ୟରେ ରହୁଥିଲା। ପରେ ଏହି ସ୍ଥାନ ଏବେ ୬୭ ନମ୍ବରରେ ପହଞ୍ଚିଲାଣି। ଫିଫା ମାନ୍ୟତାରେ ଭାରତ ସ୍ଥାନ ୧୦୧ ରହିଛି।

ରାଜ୍ୟର ଅଗ୍ରଣୀ ଫୁଟବଲ କ୍ଲବଗୁଡ଼ିକରେ ପ୍ରାୟତଃ ରାଜ୍ୟସ୍ତରୀୟ ଫୁଟବଲ ଖେଳାଳିମାନେ ସଦସ୍ୟ ଅଛନ୍ତି। ଫାଓ ସେମାନଙ୍କ ସହିତ ଯୋଗାଯୋଗ କରିବା ଉଚିତ। ଏହା ସହିତ ଫାଓର ଅନୁବନ୍ଧିତ ଜିଲା କ୍ରୀଡ଼ା ଅନୁଷ୍ଠାନଗୁଡ଼ିକ ତୃଣମୂଳ ସ୍ତରରେ ଖେଳାଳିମାନଙ୍କ ଅଭିଭାବକଙ୍କୁ ନେଇ ଛୋଟଛୋଟ ଫୁଟବଲ କର୍ମଶାଳା ଆୟୋଜନ କରିବା ଆବଶ୍ୟକ। ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ପାଠ୍ୟକ୍ରମରେ କ୍ରୀଡାକୁ ବାଧ୍ୟତାମୂଳକ କରାଯିବାଭଳି ଓଡ଼ିଶାରେ ହାଇସ୍କୁଲ ପାଠ୍ୟକ୍ରମରେ କ୍ରୀଡ଼ାକୁ ବାଧ୍ୟତାମୂଳକ କରାଯିବା ଉଚିତ। ସରକାର ବିଭିନ୍ନ ସ୍କୁଲକୁ ଖେଳ ଉପକରଣ ପ୍ରଦାନ କରିବା ସହିତ ଖେଳ ପଡିଆ ନିର୍ମାଣ ପାଇଁ ଯୋଜନା କରିବା ଆବଶ୍ୟକ। ତୃଣମୂଳ ସ୍ତରରୁ ଫୁଟବଲ ଖେଳାଳିମାନଙ୍କୁ ଚିହ୍ନଟ କରି ବୟସ ଅନୁପାତରେ ଟୁର୍ନାମେଣ୍ଟ ହେଲେ ଫୁଟବଲ ମାହୋଲ ବଢିବ। ବର୍ତ୍ତମାନ ଦେଖାଗଲାଣି ସହରାଞ୍ଚଳରେ ଫୁଟବଲର ଚାହିଦା କମିଲାଣି, କିନ୍ତୁ ଗ୍ରାମାଞ୍ଚଳରେ ଫୁଟବଲ ଖେଳର ଚାହିଦା ଅଛି। ଏହି କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ତ୍ୱରାନ୍ୱିତ କଲେ ଫୁଟବଲ ଖେଳର ବିକାଶ ହେବ।



### ଫେଭରିଟ୍

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ
ସସ୍‌ପେନ୍ସ ଯାଏ ବଢ଼ି
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏଲିମିନେଟ
ପାରିଲାନି ଦଳ ଲଢ଼ି
ବିରାଟ ବି ଗଲା ପଡ଼ି
ଚେନ୍ନାଇ ସୁପର କିଙ୍ଗ୍ସ ଫେଭରିଟ
ଧୋନୀ କହେ ରଡ଼ି ଛାଡ଼ି।

ଫିଫା ଯୁଥ୍ ୱାର୍ଲ୍ଡକପ୍‌ରେ ଖେଳନ୍ତି
ବିଶ୍ୱର ଚବିଶି ଦେଶ
ଉଜବେକିସ୍ତାନ କୋରିଆ ଗାମ୍ବିଆ
ସ୍ଲୋଭାକିଆ ହଣ୍ଡୁରାସ
ସର୍ଜ୍ଜି କର ଇତିହାସ
ଆୟୋଜକ ଆର୍ଜେଣ୍ଟିନା ଫେଭରିଟ
ଘାନା ମୋଡ଼େ ପୁଣି ନିଶ।

ସନ୍ଧ୍ୟା ରଙ୍ଗନାଥନ ସାବିତ୍ରୀ ଭଣ୍ଡାରୀ
ଗୋଲ ଦେଇ ଇନ୍ଦୁମତୀ
ଗୋକୁଳମ୍ କେରଳ ହ୍ୟାଟ୍ରିକ ମାରିଛି
ଆଇଡବ୍ଲ୍ୟୁଏଲ୍ ଜିତି
ଫେଭରିଟ ନାରୀ ଜାତି
ଫୁଟବଲ କଥା ଶୁଣି ଭାରତର
ଯୁବକଙ୍କ ଥରେ ଛାତି।

**-ସୁବାସ ଚନ୍ଦ୍ର ପ୍ରଧାନ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମେ ୨୬/୨୦୨୩ Bhubaneswar, Friday, May 26/ 2023

# ମୁମ୍ବାଇକୁ ଭେଟିବ ଗୁଜରାଟ

ଅହମଦାବାଦ, ୨୫।୫ (ପି.ଟି.)

ଇଣ୍ଡିଆନ ପ୍ରିମିୟର୍ ଲିଗ୍ (ଆଇପିଏଲ)ର କ୍ୱାଲିଫାୟର-୨ରେ ପରସ୍ପରକୁ ଭେଟିବେ ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଓ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ। ଆକାଶ ମାଧୱାଲଙ୍କ ଯାଦୁକରୀ ସ୍ପେଲ ଜରିଆରେ ଲକ୍ଷ୍ନୌକୁ ୮୧ ରନ୍‌ରେ ପରାସ୍ତ କରି କ୍ୱାଲିଫାୟର-୨ ବା ସେମିଫାଇନାଲରେ ପ୍ରବେଶ କରିଛି ମୁମ୍ବାଇ। ଅନ୍ୟ ପକ୍ଷରେ କ୍ୱାଲିଫାୟର-୧ରେ ଚେନ୍ନାଇଠାରୁ

## ଆଜି କ୍ୱାଲିଫାୟର୍-୨

ହାରି ଗୁଜରାଟ ଏଠାରେ ପହଞ୍ଚିଛି। ଶୁକ୍ରବାର ବିଶ୍ୱର ସର୍ବବୃହତ୍ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଉଭୟ ଦଳ ପରସ୍ପର ସମ୍ମୁଖୀନ ହେବେ। ମୁମ୍ବାଇ ଯଶପ୍ରୀତ୍ ବୁମରା, ଜୋଫ୍ରା ଆର୍ଚର ଓ ତିଲକ ବର୍ମାଙ୍କ ପରି ନିର୍ଭରଯୋଗ୍ୟ ଖେଳାଳିଙ୍କ ବିନା ଯେଉଁଭଳି ପ୍ରଦର୍ଶନ କରିଛି ତାହା ସମସ୍ତଙ୍କୁ ପ୍ରଭାବିତ କରିଛି। କାମେରନ୍ ଗ୍ରୀନ୍, ସୂର୍ଯ୍ୟକୁମାର ଯାଦବ ଓ ଟିମ୍ ଡେଭିଡ୍‌ଙ୍କ ପରି ଖେଳାଳିଙ୍କ ପ୍ରଦର୍ଶନ ପ୍ରଶଂସାଯୋଗ୍ୟ ରହିଥିବା ବେଳେ ବୋଲିଂରେ ପୀୟୁଷ ଚାୱଲା, ଜାସନ୍ ବେହ୍ରେଣ୍ଡଫ୍ ଓ ଆକାଶ ମାଧୱାଲ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହି ଖେଳାଳିମାନେ ବିପକ୍ଷ ଦଳ ଉପରେ ନିଜର ଏକ ଛାପ ଛାଡିବାରେ ସଫଳ ହୋଇଛନ୍ତି। ଆକାଶ ମାଧୱାଲ ହାଇଦ୍ରାବାଦ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚ୍ ଓ ଏଲିମିନେଟର-୧ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୀୟୁଷ ଚାୱଲା ୨୧ ଉଇକେଟ ନେଇ ଦଳର ବୋଲିଂ ମେରୁଦଣ୍ଡ ରହିଥିବା ବେଳେ ଜାସନ୍ ବେହ୍ରେଣ୍ଡଫ୍ ୧୪ ଉଇକେଟ ନେଇଛନ୍ତି। ଅନ୍ୟ ପକ୍ଷରେ ଗୁଜରାଟ ଟାଇଟନ୍ସ ମଧ୍ୟ ସମାନ ଭାବରେ ଶକ୍ତିଶାଳୀ। ଲିଗ୍ ପର୍ଯ୍ୟାୟରେ ଟେବୁଲ ଟପ୍ପର ଭାବେ ଦଳ ଯୋଗ୍ୟତା ଅର୍ଜନ କରିଥିଲା। ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ନିକଟରୁ ପରାଜିତ ହୋଇ ଦଳ କ୍ୱାଲିଫାୟର-୨ ଖେଳୁଥିଲେ ହେଁ ଏହି ଦଳକୁ ହେୟଜ୍ଞାନ କରିହେବ ନାହିଁ। ଓପନର ଶୁବମନ ଗିଲ୍ ଦଳର ମୁଖ୍ୟ ଶକ୍ତି ରହିଛନ୍ତି। ଚେନ୍ନାଇ ବିପକ୍ଷରେ ସେ ଫେଲ୍ ମାରିଥିଲେ ମଧ୍ୟ ମୁମ୍ବାଇ ପାଇଁ ସେ ଘାତକ ସାବ୍ୟସ୍ତ ହୋଇପାରନ୍ତି। ୧୫ ମ୍ୟାଚ୍‌ରୁ ୫୫.୫୩ ଆଭରେଜ ସହ ସେ ୭୨୨ ରନ୍ କରିଛନ୍ତି। ଗୁଜରାଟର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ବିଜୟ ଶଙ୍କରଙ୍କଠାରୁ ସେ ୪୨୧ ରନ୍ ଆଗରେ ରହିଛନ୍ତି। ବିଗତ ୪ ମ୍ୟାଚ୍‌ରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାଟ ଚାଲି ନ ଥିବା ବେଳେ ଦଳ ତାଙ୍କଠାରୁ ବଡ ଇନିଂସ ଆଶା କରିବ। ଚଳିତ ସିଜନରେ ଉଭୟ ଦଳ ପରସ୍ପରକୁ ଥରେ ଲେଖାଏ ହରାଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ୫୫ ରନରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ମୁମ୍ବାଇ ୨୭ ରନ୍‌ରେ ଜିତିଥିଲା। ବୋଲିଂ ବିଭାଗରେ ଗୁଜରାଟ ସାମାନ୍ୟ ଶକ୍ତିଶାଳୀ ମନେହେଉଛି। ପର୍ପଲ କ୍ୟାପ୍ ହୋଲ୍ଡର ମହମ୍ମଦ ଶାମିଙ୍କ ସହିତ ରଶିଦ୍ ଖାନ୍ ଓ ନୁର ଅହମଦଙ୍କ ଭଳି ବୋଲର ଦଳ ନିକଟରେ ରହିଛନ୍ତି।





ଅଭ୍ୟାସ ସେସନ ଅବସରରେ ହାର୍ଦ୍ଦିକ ପାଣ୍ଡ୍ୟା (ବାମ) ଓ ରୋହିତ ଶର୍ମା।

# କ୍ଷମା ମାଗିଲେ ସ୍ପାନିଶ୍ ଲିଗ୍ ସଭାପତି

## ଭିନିସିୟସ ଜାତିଆଣ ଆକ୍ଷେପ ମାମଲା

ମାଡ୍ରିଡ୍, ୨୫।୫ (ପି.ଟି.)

ସ୍ପାନିସ୍ ଲିଗ୍ ଫୁଟବଲରେ ବ୍ରାଜିଲର ଫରୱାର୍ଡ ଖେଳାଳି ଭିନିସିୟସ୍ ଜୁନିୟରଙ୍କୁ ଜାତିଆଣ ଆକ୍ଷେପ ମାମଲାରେ କ୍ଷମାପ୍ରାର୍ଥନା କରିଛନ୍ତି ସ୍ପାନିଶ ଲିଗ୍ ସଭାପତି ଜାଭିଏର ଟେବାସ୍। ଭାଲେନ୍ସିଆ ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୧-୦ ପରାଜୟରେ ମଷ୍ଟାଲ୍ଲା ଷ୍ଟାଡିୟମରେ ଜାତିଆଣ ଆକ୍ଷେପ ହେବା ପରେ ଇନ୍‌ଷ୍ଟାଗ୍ରାମ ଓ ଟୁଇଟରରେ ସେ ଏହାକୁ ନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଥିଲେ। ୪ ବର୍ଷ ମଧ୍ୟରେ ୯ ଥର ତାଙ୍କୁ ଏମିତି ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡିଥିବା ନେଇ ସେ କହିଥିଲେ। ସ୍ପାନିଶ୍ ଲିଗ୍‌ରେ ଜାତିଆଣ ଆକ୍ଷେପକୁ ସମର୍ଥନ କରାଯାଉଥିବା ନେଇ ସେ ଅଭିଯୋଗ ଆଣିବା ପରେ ଏହା ଉପରେ ଟେବାସ୍ ପ୍ରତିକ୍ରିୟା ରଖିଥିଲେ। ସ୍ପାନିଶ୍ ଲିଗ୍‌କୁ ବଦନାମ କରିବାର କୌଣସି ଅଧିକାର ଭିନିସିୟସଙ୍କର ନାହିଁ। ଭିନିସିୟସ୍ ଏଭଳି ଅଭିଯୋଗ କରିଥିଲେ ହେଁ ଆଲୋଚନା ପାଇଁ ଡାକରା ମିଳିବା ପରେ ମଧ୍ୟ ଆସୁନାହାନ୍ତି ବୋଲି କହିଥିଲେ। ତେବେ ସମଗ୍ର ବିଶ୍ୱରୁ ଭିନିସିୟସଙ୍କ ପ୍ରତି ସମର୍ଥନର ସୁଅ ଛୁଟିବା ପରେ ଟେବାସ୍ କ୍ଷମା ପ୍ରାର୍ଥନା କରିଛନ୍ତି। ଟିଭି ଗୋଲବୋରେ ଏକ ସାକ୍ଷାତକାର ଅବସରରେ ସେ ନିଜ ମନ୍ତବ୍ୟକୁ ନେଇ ଦୁଃଖିତ ବୋଲି କହିଛନ୍ତି। ପୂର୍ବରୁ ଭିନିସିୟସଙ୍କ ଏଫିଗି(କଣ୍ଢେଇ ଆକୃତିର ପ୍ରତିମୂର୍ତ୍ତି)କୁ ଫାଶୀ ଦେଇଥିବା ଘଟଣାରେ ମଙ୍ଗଳବାର ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ଉକ୍ତ ୪ ଜଣଙ୍କୁ ଶନିବାର ଛଡାଯାଇଥିବା ଜଣାପଡିଛି। ରବିବାର ମ୍ୟାଚ୍ ଘଟଣାରେ ପୋଲିସ୍ ଭିଡିଓ ଫୁଟେଜ୍ ତର୍ଜମା କରିବା ପରେ ମଧ୍ୟ ୩ ଜଣଙ୍କୁ ଗିରଫ ଭିନିସିୟସଙ୍କ ଅଭିଯୋଗ ଆଧାରରେ ଫୁଟବଲ୍ କ୍ଲବ ଭାଲେନ୍ସିଆ ଉପରେ ୪୫ ହଜାର ୟୁରୋ ବା ଭାରତୀୟ ମୁଦ୍ରାରେ ୪୦ ଲକ୍ଷ ୧୬ ହଜାର ୩୫୮ ଟଙ୍କାର ଫାଇନ୍ ଲାଗୁ କରାଯାଇଥିବା ବେଳେ ୭ ଜଣଙ୍କୁ ଗିରଫ କରାଯାଇଛି। ଜାନୁୟାରୀ ମାସରେ କରିଥିଲା। ଭାଲେନ୍ସିଆ ଦଳକୁ ୪୫ ହଜାର ୟୁରୋ ଫାଇନ୍ ସହିତ ମଷ୍ଟାଲ୍ଲା ଷ୍ଟାଡିୟମର ଉତ୍ତରଦର୍ଶକ ଷ୍ଟାଣ୍ଡକୁ ସାମୟିକ ଭାବରେ ବନ୍ଦ କରି ଦିଆଯାଇଛି। ଉକ୍ତ ଷ୍ଟାଣ୍ଡରେ ଭାଲେନ୍ସିଆର ହାର୍ଡକୋର ସମର୍ଥକଙ୍କ ଉପସ୍ଥିତି ଅଧିକ ରହିଥାଏ।



ଜାଭିଏର ଟେବାସ୍

# ଅଷ୍ଟ୍ରେଲିଆ 'ଏ'ଠାରୁ ହାରିଲା ଭାରତ

ଆଡିଲେଡ୍, ୨୫।୫ (ପି.ଟି.)

ଅଷ୍ଟ୍ରେଲିଆ ସିନିୟର ମହିଳା ଦଳଠାରୁ ପରାଜିତ ହେବା ପରେ ଭ୍ରମଣକାରୀ ଭାରତୀୟ ଦଳ ଗୁରୁବାର ଅଷ୍ଟ୍ରେଲିଆ 'ଏ'ଦଳଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ଭାରତ ତରଫରୁ ସଲିମା ଟେଟେ (୪୦ତମ ମିନିଟ) ଓ ସଙ୍ଗୀତା କୁମାରୀ (୫୪ତମ) ଦୁଇଟି ଗୋଲ ଦେଇଥିବା ବେଳେ ବିଜୟୀ ଦଳ ପକ୍ଷରୁ ଆଲିସ ରୁବି ହାରିସ (୨୦ତମ ଓ ୩୫ତମ) ଦୁଇଟି ଏବଂ ଅର୍ନଟ (୧୮ତମ) ଗୋଟିଏ ଗୋଲ ଦେଇଥିଲେ। ଭାରତ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଆଉ ଏକ ମ୍ୟାଚ ଶନିବାର ଖେଳିବ। ପୂର୍ବରୁ ଭାରତ ଅଷ୍ଟ୍ରେଲିଆ ସିନିୟର ଦଳ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜ ୦-୨ରେ ପରାଜିତ ହୋଇଥିଲା। ପ୍ରଥମ ଦୁଇଟି ମ୍ୟାଚ ୨-୪ ଓ ୨-୩ରେ ପରାଜିତ ହୋଇଥିବା ବେଳେ ତୃତୀୟ ମ୍ୟାଚ ୧-୧ରେ ଡ୍ରଭାବେ ଶେଷ ହୋଇଥିଲା।




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48. PURI HIGHWAY PIPILI: 9583022013.

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 7381045357. NARSINGHPUR: 7381045357. KAMAKHYANAGAR: 7381045357. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

*Offer includes consumer offer, exchange bonus, institutional or rural offer and 2 ka 4 wheeler offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. **Accessories and features shown in the pictures may not be a part of standard equipment and may vary according to the variant. ##As certified by Test agency under Rule 115(G) of CMVR 1989. ^^1.0 L VXI AGS petrol variants. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st May, 2023.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ